(ପୃଷ୍ଠା-୧୨+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୨୭/୨୦୨୩ (୧୨+୮=୨୦ ପୃଷ୍ଠା+ଛୁଟିଦିନ) Bhubaneswar, Sunday, August 27/2023 Page 20 ₹ 7.00

୪୯ଶ ଭାଗ ୨୭୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 272 ମୂଲ୍ୟ ₹୭/-

## ୨ରେ ଲଘୁଚାପ

ଭୁବନେଶ୍ୱର,୨୬।୮ (ଅନିଲ ଦାସ)

ଆସନ୍ତା ୩୦ ତାରିଖରେ ଉତ୍ତର-ପୂର୍ବ ବାଲାଂଦେଶ ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟିହେବାର ସମ୍ଭାବନା ରହିଛି। ସେପ୍ଟେମ୍ବର ୨ ବେଳକୁ ଏହା ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପରେ ପରିଣତ ହେବ। ଏହାର ପ୍ରଭାବରେ ଉତ୍ତର ଓଡ଼ିଶାର କିଛି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷକରି ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ଢେଙ୍କାନାଳ, ଅନୁଗୋଳ ଆଦି ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ସମ୍ଭାବ୍ୟ ଲଘୁଚାପ ରାଜ୍ୟର ବର୍ଷାଭାବକୁ ଦୂରକରିବା ସମ୍ଭାବନା କ୍ଷୀଣ। ଉତ୍ତର ଓଡ଼ିଶାର କିଛି ଜିଲାରେ ବର୍ଷା ହେଲେ ମଧ୍ୟ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ଏହା ପ୍ରଭାବହୀନ ରହିବ ବୋଲି ଅନୁମାନ କରାଯାଉଛି।

ଅନ୍ୟପକ୍ଷରେ ଦୁର୍ବଳ ମୌସୁମୀ ଯୋଗୁ ରାଜ୍ୟର ୧୧ ଜିଲାରେ ପରିସ୍ଥିତି ସଙ୍ଗିନ ହୋଇଛି । ପାଣିପାଗ ବିଭାଗ ହିସାବ ଅନୁଯାୟୀ, ଜୁନ୍ ପହିଲାରୁ ଅଗଷ୍ଟ ୨୬ ଯାଏ ରାଜ୍ୟରେ ୮୫୬.୭ ମିଲିମିଟର ବର୍ଷା ହେବାକୁ ଥିବାବେଳେ ହୋଇଛି ୭୭୮.୪ ମିଲିମିଟର। ☞ପୃଷ୍ଠା-୨

### ଆଜିର ସମ୍ପାଦକୀୟ

**ମହାକାଶରେ ପ୍ରଗତି**

### ଆଜିର ମନ୍ତବ୍ୟ

“ ଲାଲ ଡାଏରିରେ ରାଜସ୍ଥାନ ସରକାରଙ୍କ କଳା କାରନାମା ଓ ଦୁର୍ନୀତି ଲୁଚି ରହିଛି। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ଇସ୍ତଫା ଦିଅନ୍ତୁ।

**-ଅମିତ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ**

# ନବୀନ ପୁଣି ନଂ.୧ ମୁଖ୍ୟମନ୍ତ୍ରୀ

## ୨୩ ବର୍ଷ ଶାସନ ପରେ ବି ସର୍ବାଗ୍ରେ

**ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୩ ବର୍ଷ କ୍ଷମତାରେ ରହିବା ପରେ ବି ଲୋକପ୍ରିୟତାର ଶୀର୍ଷରେ ରହିଛନ୍ତି। ରାଜ୍ୟର ୬୧.୩% ଲୋକ ନବୀନଙ୍କୁ ସର୍ବାଧିକ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ରୂପେ ଭୋଟ ଦେଇଥିବା ଇଣ୍ଡିଆ ଟୁଡେ ମୁଡ୍ ଅଫ୍ ଦି ନେଶନ ପକ୍ଷରୁ କରାଯାଇଥିବା ସଦ୍ୟ ସର୍ଭେରୁ ଜଣାପଡ଼ିଛି। ଏହି କ୍ଷେତ୍ରରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ୫୯.୧% ସମର୍ଥନ ସହ ଦେଶର ଦ୍ୱିତୀୟ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମାନ୍ୟତା ଲାଭ କରିଛନ୍ତି। ଅରବିନ୍ଦ କେଜ୍‌ରିୱାଲ(ଦିଲ୍ଲୀ) ୫୭.୭%, ଭୂପେନ୍ଦ୍ର ପଟେଲ (ଗୁଜରାଟ) ୫୫.୩% ଏବଂ ହିମନ୍ତ ବିଶ୍ୱଶର୍ମା (ଆସାମ) ୪୯.୨% ଭୋଟ ପାଇ ଯଥାକ୍ରମେ ତୃତୀୟ, ଚତୁର୍ଥ ଓ ପଞ୍ଚମ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଛନ୍ତି।**



ଭୁବନେଶ୍ୱର,୨୬।୮ (ଅନିଲ ଦାସ)

୫ ଥର ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିବା ପରେ ମଧ୍ୟ ନବୀନ ପଟ୍ଟନାୟକଙ୍କ ଛବି ଅମଳିନ ରହିଛି। ରାଜ୍ୟରେ ସବୁଠାରୁ ଅଧିକ ଜନପ୍ରିୟ ମୁଖ୍ୟମନ୍ତ୍ରୀ ଭାବେ ନବୀନ ପୁଣିଥରେ ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି। ଇଣ୍ଡିଆ ଟୁଡେ ମୁଡ୍ ଅଫ୍ ଦି ନେଶନ ସର୍ଭେରେ ନବୀନ ସର୍ବାଧିକ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ସ୍ଥାନ ବଜାୟ ରଖିଛନ୍ତି । ସର୍ଭେରେ ମୋଟ ୩୭୬୦ ଜଣଙ୍କଠାରୁ ମତାମତ ସଂଗ୍ରହ କରାଯାଇଥିଲା। ସେଥିରେ ନବୀନ ରାଜ୍ୟରେ ୬୧.୩ ପ୍ରତିଶତ ସମର୍ଥନ ପାଇ ୧ ନମ୍ବର ମୁଖ୍ୟମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଛନ୍ତି। ୨୦୦୦ ମସିହାରୁ ଏ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ନିରବଚ୍ଛିନ୍ନ ଭାବେ ସୁଶାସନ, ବିକାଶ, ଜନହିତକର କାର୍ଯ୍ୟ ଯୋଗାଇ ଜାତୀୟ ସ୍ତରରେ ବାରମ୍ବାର ଏକ ନମ୍ବର ହୋଇଆସୁଛନ୍ତି। ସ୍ୱାସ୍ଥ୍ୟସେବା, ଶିକ୍ଷା, କୃଷି, କ୍ରୀଡ଼ା, ଦକ୍ଷତା ବିକାଶ, ମହିଳା ସଶକ୍ତୀକରଣ ଆଦି କ୍ଷେତ୍ରରେ ଅଭୂତପୂର୍ବ ସଫଳତା ହାସଲ କରି ନବୀନ ରାଜ୍ୟବାସୀଙ୍କ ହୃଦୟ ଜିତିବାରେ ସଫଳ ହୋଇଛନ୍ତି। ମୋ ସରକାର, ୫-ଟି ରୂପାନ୍ତରଣ ଜରିଆରେ ଓଡ଼ିଶାରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବାରେ ନବୀନ ସଫଳ ହୋଇଛନ୍ତି। ତେବେ ଗତବର୍ଷ ସର୍ଭେରେ ନବୀନଙ୍କୁ ୭୮ ପ୍ରତିଶତ ସମର୍ଥନ ମିଳିଥିବା ବେଳେ ଚଳିତ ସର୍ଭେରେ ଏହା ୬୧.୩ ପ୍ରତିଶତକୁ ଖସି ଆସିଥିବା ରିପୋର୍ଟରେ କୁହାଯାଇଛି। ସେହିପରି ଇଣ୍ଡିଆ ଟୁଡେ ସର୍ଭେ ତାଲିକାର ଦ୍ୱିତୀୟ ସ୍ଥାନରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ରହିଛନ୍ତି। ତାଙ୍କୁ ୫୯. ୧ ପ୍ରତିଶତ ସମର୍ଥନ ମିଳିଛି। ତୃତୀୟ ସ୍ଥାନରେ ରହିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ। ତାଙ୍କୁ ୫୭.୭ ପ୍ରତିଶତ ଲୋକଙ୍କ ସମର୍ଥନ ରହିଛି। ସେହିପରି ଚତୁର୍ଥ ସ୍ଥାନରେ ରହିଛନ୍ତି ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ। ତାଙ୍କ କାର୍ଯ୍ୟଶୈଳୀକୁ ୫୫.୩ ପ୍ରତିଶତ ସମର୍ଥନ ମିଳିଛି। ପଞ୍ଚମ ସ୍ଥାନରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ରହିଛନ୍ତି। ତାଙ୍କ କାମରେ ୪୯.୨ ପ୍ରତିଶତ ଲୋକ ଖୁସିଥିବା ରିପୋର୍ଟରେ ଦର୍ଶାଯାଇଛି।

ସେହିପରି ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦେଶରେ ୧ ନମ୍ବର ମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ସର୍ଭେ ପକ୍ଷରୁ ସମଗ୍ର ଦେଶରୁ ୧,୩୪, ୪୮୭ ଜଣଙ୍କଠାରୁ ମତାମତ ନିଆଯାଇଥିଲା। ଦେଶର ୪୮% ଲୋକ ଯୋଗୀଙ୍କ କାର୍ଯ୍ୟଶୈଳୀକୁ ପସନ୍ଦ କରିଛନ୍ତି। ସେହିପରି ଦେଶରେ ଅରବିନ୍ଦ କେଜ୍‌ରିୱାଲ ଦ୍ୱିତୀୟ ଜନପ୍ରିୟ ମୁଖ୍ୟମନ୍ତ୍ରୀ ତାଲିକାରେ ରହିଥିବା ବେଳେ ତୃତୀୟ ସ୍ଥାନରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ୪ର୍ଥ ସ୍ଥାନରେ ରହିଛନ୍ତି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ।






ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୭ ଅଗଷ୍ଟ , ୨୦୨୩

## ସ୍ତ୍ରୀଙ୍କୁ ଛାଡ଼ି ଅଲଗା ରହିବା ଛାଡ଼ପତ୍ର ନୁହେଁ: ହାଇକୋର୍ଟ

ସ୍ତ୍ରୀଙ୍କୁ ଛାଡ଼ି ଅଲଗା ରହିବା ଛାଡ଼ପତ୍ର ପାଇଁ ଯଥେଷ୍ଟ କାରଣ ନୁହେଁ ବୋଲି ପାଟନା ହାଇକୋର୍ଟ କହିଛନ୍ତି। ଜଣେ ବ୍ୟକ୍ତି ସ୍ତ୍ରୀଙ୍କୁ ଛାଡ଼ି ଆର୍‌ଏସ୍‌ଏସ୍ ଅଫିସରେ ରହୁଥିଲେ। ତଳକୋର୍ଟ ସେମାନଙ୍କୁ ଛାଡ଼ପତ୍ର ପାଇଁ ଅନୁମତି ଦେଇଥିଲେ। ରାୟ ବିରୋଧରେ ନିଶା ଗୁପ୍ତା ନାମ୍ନୀ ମହିଳା ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟ ଏହି ମାମଲାର ବିଚାରକରି ତଳ କୋର୍ଟର ରାୟକୁ ରଦ କରିଛନ୍ତି। ଜଷ୍ଟିସ୍ ପି.ବି. ବଜନ୍ତ୍ରି ଏବଂ ଜିତେନ୍ଦ୍ର କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ରାୟ ଦେଇଛନ୍ତି।



**ସଂକ୍ଷେପରେ**

## ମଧ୍ୟପ୍ରଦେଶ କ୍ୟାବିନେଟ୍ ସମ୍ପ୍ରସାରଣ: ୩ ନୂଆ ମନ୍ତ୍ରୀ ସାମିଲ

ଭୋପାଳ,୨୬।୮

ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନକୁ ଆଉ ମାସ କେଇଟା ବାକି ଥିବାବେଳେ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଶନିବାର ତାଙ୍କ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ କରିଛନ୍ତି। ଭାଜପାର ୩ ବିଧାୟକଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିଛି। ମନ୍ତ୍ରୀ ପରିଷଦରେ ଜାତି ଓ ଅଞ୍ଚଳ ସମୀକରଣରେ ସନ୍ତୁଳନ ପାଇଁ ସମ୍ପ୍ରସାରଣ କରାଯାଇଥିବା କୁହାଯାଉଛି। ୩ ନୂଆ ମନ୍ତ୍ରୀଙ୍କ ମଧ୍ୟରୁ ରାଜେନ୍ଦ୍ର ଶୁକ୍ଳା ବ୍ରାହ୍ମଣ ହୋଇଥିବାବେଳେ ଗୌରୀଶଙ୍କର ବିସେନ୍ ଏବଂ ରାହୁଲ ଲୋଧି ଅନ୍ୟାନ୍ୟ ପଛୁଆ ବର୍ଗର। ସେମାନଙ୍କୁ ମିଶାଇ ଶିବରାଜଙ୍କ କ୍ୟାବିନେଟର ମନ୍ତ୍ରୀ ସଂଖ୍ୟା ୩୪ରେ ପହଞ୍ଚିଛି। ରାଜ୍ୟପାଳ ମଙ୍ଗୁଭାଇ ପଟେଲ ନୂଆ ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ।

## ଅଦାଲତ ଭାଷାରେ ଚାର୍ଜଶିଟ୍ ଦାଖଲ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୬।୮(ପି.ଟି.)

ତଦନ୍ତକାରୀ ସଂସ୍ଥା ଅଦାଲତି ଭାଷାରେ ଚାର୍ଜଶିଟ୍ ଦାଖଲ କରିବା ଅନିବାର୍ଯ୍ୟ ନୁହେଁ। ଏଥିପାଇଁ କ୍ରିମିନାଲ ପ୍ରୋସିଜିଓର କୋଡ୍ (ସିଆର୍‌ପିସି)ରେ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନ ଥିବା ସୁପ୍ରିମକୋର୍ଟ କହିଛନ୍ତି। ସିଆର୍‌ପିସିର ଧାରା ୨୭୨ରେ କୋର୍ଟରେ କେଉଁ ଭାଷା ବ୍ୟବହାର କରାଯିବ ତାହା ଉଲ୍ଲେଖ ରହିଛି। ହାଇକୋର୍ଟ ଭିନ୍ନ ରାଜ୍ୟର ଅନ୍ୟ ଅଦାଲତଗୁଡ଼ିକରେ କ'ଣ ଭାଷା ବ୍ୟବହାର କରାଯିବା ସେ ନେଇ ସମ୍ପୃକ୍ତ ରାଜ୍ୟ ସରକାର ନିଷ୍ପତ୍ତି ନେବେ ବୋଲି ଏଥିରେ କୁହାଯାଇଛି। ବ୍ୟାପମ ଦୁର୍ନୀତି ମାମଲାରେ ଚାର୍ଜଶିଟ୍‌ର ନକଲ ହିନ୍ଦୀ ଭାଷାରେ ଦେବା ଲାଗି ମଧ୍ୟପ୍ରଦେଶ ହାଇକୋର୍ଟ ସିବିଆଇକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ସିବିଆଇ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ଉକ୍ତ ପିଟିଶନର ଶୁଣାଣି ବେଳେ ଜଷ୍ଟିସ୍ ଅଭୟ ଏସ୍. ଓକା ଏବଂ ରାଜେଶ ବିନ୍ଦଲଙ୍କ ଖଣ୍ଡପୀଠ ଉପରୋକ୍ତ ରୁଲିଂ ଦେଇଛନ୍ତି।

## କୋଲକାତାରୁ ପାକିସ୍ତାନୀ ଗୁପ୍ତଚର ଗିରଫ

**ସମ୍ବେଦନଶୀଳ ଦସ୍ତାବିଜ୍ ଜବତ**

କୋଲକାତା,୨୬।୮

କୋଲକାତା ପୋଲିସ ଗୋଇନ୍ଦା ସୂଚନା ଆଧାରରେ ହାଓଡ଼ାସ୍ଥିତ ଏକ ଘର ଉପରେ ଚଢ଼ାଉ କରି ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ପାକିସ୍ତାନ ପାଇଁ ଗୁପ୍ତଚରଗିରି କରୁଥିବା ଅଭିଯୋଗ ହୋଇଛି। ତାଙ୍କ ନିକଟରୁ ବହୁ ସଂଖ୍ୟାରେ ସମ୍ବେଦନଶୀଳ ଦସ୍ତାବିଜ ଜବତ ହୋଇଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ ଶନିବାର କହିଛନ୍ତି। ଗିରଫ ପୂର୍ବରୁ ସ୍ୱତନ୍ତ୍ର ଟାସ୍କଫୋର୍ସ କାର୍ଯ୍ୟାଳୟରେ ତାଙ୍କୁ ଦୀର୍ଘ ସମୟ ଜେରା କରାଯାଇଥିଲା। ଅଭିଯୁକ୍ତଙ୍କ ଘର ବିହାରର ଦରଭଙ୍ଗା ଜିଲାରେ। ସେ ଦେଶର ସୁରକ୍ଷା ପ୍ରତି କ୍ଷତିକାରକ କାର୍ଯ୍ୟରେ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ତାଙ୍କ ମୋବାଇଲ ଫୋନ୍‌ରେ ଥିବା ବିଭିନ୍ନ ଫଟୋ, ଭିଡିଓ ଏବଂ ଅନ୍‌ଲାଇନ ଚାଟ୍‌ରୁ ଗୁପ୍ତ ତଥ୍ୟ ପାକିସ୍ତାନର ସନ୍ଦିଗ୍ଧ ଗୋଇନ୍ଦା ସଂସ୍ଥାକୁ ଯାଉଥିଲା ବୋଲି ଅଧିକାରୀ ଜଣକ କହିଛନ୍ତି।



ଚେନ୍ନାଇର ଏଡ୍‌ୱାର୍ଡ ଏଲିଅଟ୍ସ ବେଳାଭୂମିରେ ଲୋକମାନେ ଭ୍ରମଣ କରୁଛନ୍ତି।

# ମୁସଲମାନ ଛାତ୍ରଙ୍କୁ ମାଡ଼ ମରାଇଲେ ଶିକ୍ଷୟିତ୍ରୀ

**ମାମଲା ରୁଜୁ**

ମୁଜାଫରପୁର,୨୬।୮ (ପି.ଟି.)



ଅଭିଯୁକ୍ତ ଶିକ୍ଷୟିତ୍ରୀ ତ୍ରିପ୍ତ ତ୍ୟାଗୀ।



ଛାତ୍ରଙ୍କୁ ସହପାଠୀ ଚାପୁଡ଼ା ମାରୁଥିବାର ଭିଡ଼ିଓ।

ଉତ୍ତରପ୍ରଦେଶ ମୁଜାଫରପୁରରେ ଜଣେ ଶିକ୍ଷୟିତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସହପାଠୀମାନେ ଦ୍ୱିତୀୟ ଶ୍ରେଣୀର ଜଣେ ମୁସଲମାନ ଛାତ୍ରଙ୍କୁ ମାଡ଼ ମାରିବା ଘଟଣାର ଭିଡିଓ ଭାଇରାଲ ହୋଇଛି। ଶିକ୍ଷୟିତ୍ରୀ ଜଣକ ସାମ୍ପ୍ରଦାୟିକ ମନ୍ତବ୍ୟ ଦେବା ସହ ଛାତ୍ରମାନଙ୍କୁ ଚାପୁଡ଼ା ମାରିବା ପାଇଁ ନିର୍ଦ୍ଦେଶ ଦେଉଥିବା ଭିଡିଓରେ ଦେଖିବାକୁ ମିଳିଛି। ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ସମ୍ପୃକ୍ତ ଶିକ୍ଷୟିତ୍ରୀ ତ୍ରିପ୍ତ ତ୍ୟାଗୀଙ୍କ ବିରୋଧରେ ଶନିବାର ମୁଜାଫରନଗର ପୋଲିସ ମାମଲା ରୁଜୁ କରିଛି। ଖୁବାପୁର ଗ୍ରାମର ନେହା ପବ୍ଲିକ୍ ସ୍କୁଲ୍‌ରେ ଏହି ଘଟଣା ଘଟିଛି। ଘଟଣାକୁ ନେଇ ରାଜନୀତି ଜୋର୍ ଧରିଛି। ରାଜନେତାମାନେ ଏହାକୁ ଭାଜପାର ଘୃଣା ରାଜନୀତି କହି କଡ଼ା ସମାଲୋଚନା କରିଛନ୍ତି। ଅଭିଯୁକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଲାଗି ଏନ୍‌ସିପି-ସିଆର୍ ନେତା ଏବଂ ଶିଶୁ ଅଧିକାରୀ ସଂଗଠନ ପକ୍ଷରୁ ଦାବି କରାଯାଇଛି। ଛାତ୍ରଙ୍କ ପରିବାର ପକ୍ଷରୁ ଦିଆଯାଇଥିବା ଏତଲା ଆଧାରରେ ତ୍ୟାଗୀଙ୍କ ବିରୋଧରେ ଆଇପିସିର ଧାରା ୩୨୩ ଏବଂ ୫୦୪ରେ ମାମଲା ରୁଜୁ ହୋଇଛି। ଏହା ଜାମିନଯୋଗ୍ୟ ଦଫା ହୋଇଥିବାରୁ ଶିକ୍ଷୟିତ୍ରୀ ଗିରଫ ହୋଇ ନ ପାରନ୍ତି।

ଅନ୍ୟପକ୍ଷରେ ଅଭିଯୁକ୍ତ ଶିକ୍ଷୟିତ୍ରୀ ତ୍ୟାଗୀ କହିଛନ୍ତି, ଉତ୍ତେଜନା ସୃଷ୍ଟି ଲାଗି ଭିଡିଓକୁ ଜାଲିଆତି କରାଯାଇଛି। ପୀଡ଼ିତ ଛାତ୍ରଙ୍କ ଜଣେ ଦାଦା ଉକ୍ତ ଭିଡିଓ ଶୁଟ୍ କରିଥିଲେ ବୋଲି ଶିକ୍ଷୟିତ୍ରୀ ଅଭିଯୋଗ କରିଛନ୍ତି। ଛାତ୍ର ଜଣକ ପାଠପଢ଼ା କରି ନ ଥିବାରୁ ତାଙ୍କୁ ଦଣ୍ଡ ଦେବା ଆବଶ୍ୟକ ଥିଲା। ତେବେ ଶିକ୍ଷୟିତ୍ରୀ ଜଣେ ଭିନ୍ନକ୍ଷମ ଏବଂ ସେ ଛିଡ଼ାହୋଇ ଛାତ୍ରଙ୍କ ପାଖକୁ ଯିବାକୁ ସମର୍ଥ ନ ଥିବାରୁ ଚାପୁଡ଼ା ମାରିବା ପାଇଁ ସେ ଅନ୍ୟ ଛାତ୍ରଙ୍କୁ କହିଥିଲେ ବୋଲି ସଫେଇ ଦେଇଛନ୍ତି। ମୁଜାଫରନଗରର ମୌଳିକ ଶିକ୍ଷା ଅଧିକାରୀ ଶୁଭମ୍ ଶୁକ୍ଳା ସ୍କୁଲ୍ ପରିଚାଳନା ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ୍ ପଠାଇଛନ୍ତି। ଉକ୍ତ ସ୍କୁଲ୍‌କୁ ସରକାରୀ ସ୍ୱୀକୃତି କାହିଁକି ବାତିଲ କରା ନ ଯିବ ଅଗଷ୍ଟ ୨୮ ସୁଦ୍ଧା ଜବାବ ଦେବାକୁ କୁହାଯାଇଛି।

## ଭାଜପା ଘୃଣା ରାଜନୀତି କରୁଛି: ବିରୋଧୀ

ଶିକ୍ଷୟିତ୍ରୀ ସାମ୍ପ୍ରଦାୟିକ ମନ୍ତବ୍ୟ ଦେବା ଓ ଜଣେ ମୁସଲମାନ ଛାତ୍ର ହୋମ୍‌ୱାର୍କ କରି ନ ଥିବାରୁ ଅନ୍ୟ ପିଲାଙ୍କ ଦ୍ୱାରା ତାଙ୍କୁ ମାଡ଼ ମରାଇବା ଘଟଣା ଏବେ ରାଜନୈତିକ ରୂପ ନେଇଛି। ଧର୍ମୀୟ ପାତରଅନ୍ତର ଯୋଗୁ ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ରଙ୍କୁ ଶିକ୍ଷୟିତ୍ରୀ ଯେଭଳି ଅନ୍ୟ ପିଲାଙ୍କ ଦ୍ୱାରା ମାଡ଼ ମରାଇଲେ, ତାହା ଭାଜପା-ଆର୍‌ଏସ୍‌ଏସ୍‌ର ଘୃଣାପୂର୍ଣ୍ଣ ରାଜନୀତିର ପରିଣାମ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ଏଭଳି ଘଟଣା ସାରା ବିଶ୍ୱରେ ଆମ ଛବିକୁ ମଳିନ କରିବ। ଏହା ସମ୍ବିଧାନ ବିରୋଧୀ ବୋଲି ଖାର୍ଗେ ଏକ୍ସରେ ପୋଷ୍ଟ କରିଛନ୍ତି। ଗତ ମାସ ୩୧ରେ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍)ର ଜଣେ ଯବାନ ଧର୍ମ ନାମରେ ଟ୍ରେନ୍ ଭିତରେ ନିଜର ଉପରିସ୍ଥ ଅଧିକାରୀ ଓ ୩ ଜଣ ଯାତ୍ରୀଙ୍କୁ ଗୁଳିକରି ହତ୍ୟା କରିଥିଲେ ବୋଲି ଖାର୍ଗେ କହିଛନ୍ତି।

ଅଭିଯୁକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ କାହିଁକି ଦୁର୍ବଳ ଧାରା ଲାଗୁ କରାଗଲା ବୋଲି ଟିଏମ୍‌ସି ନେତା ଡେରେକ୍ ଓ'ବ୍ରାଏନ୍ ପ୍ରଶ୍ନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଘୃଣା କାରଖାନାର ପରିଚାଳକ ବୋଲି ଡେରେକ୍ ଅଭିଯୋଗ କରିଛନ୍ତି। ଏହା ଭାଜପା ଏବଂ ଆର୍‌ଏସ୍‌ଏସ୍‌ର ଘୃଣା ରାଜନୀତି ବୋଲି ସମାଜବାଦୀ ପାର୍ଟି କହିଛି। ସମ୍ପୃକ୍ତା ଶିକ୍ଷୟିତ୍ରୀଙ୍କୁ ତୁରନ୍ତ ବହିଷ୍କାର କରାଯିବା ସହ ତାଙ୍କୁ ଶିକ୍ଷକ ସମାଜର କଳଙ୍କ କୁହାଯାଉ ବୋଲି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଦାବି କରିଛନ୍ତି। ଅନ୍ୟପକ୍ଷରେ ରାଷ୍ଟ୍ରୀୟ ଲୋକ ଦଳ ଅଧ୍ୟକ୍ଷ ଜୟନ୍ତ ଚୌଧରୀ ପୀଡ଼ିତ ଛାତ୍ରଙ୍କ ବାପା ଇର୍ଶାଦଙ୍କ ସହ କଥା ହୋଇ ତାଙ୍କୁ ସୁନିଶ୍ଚିତ ନ୍ୟାୟ ମିଳିବ ବୋଲି ଆଶ୍ୱାସନା ଦେଇଛନ୍ତି। ଅନ୍ୟ ପିଲାଙ୍କ ଦ୍ୱାରା ଶିକ୍ଷୟିତ୍ରୀ ଜଣେ ମୁସଲମାନ ଛାତ୍ରଙ୍କୁ ମାଡ଼ ମରାଇବା ଘଟଣା ଲଜ୍ଜାଜନକ ବୋଲି ପିଲିଭିଟ୍ ଭାଜପା ଏମ୍‌ପି ବରୁଣ ଗାନ୍ଧୀ କହିଛନ୍ତି।

## ବର୍ଷୀୟାନ ବଲିଉଡ୍ ଗୀତିକାର ଦେବ କୋହଲିଙ୍କ ପରଲୋକ



ମୁମ୍ବାଇ,୨୬।୮

ବଲିଉଡ୍ ଚଳଚ୍ଚିତ୍ର ଜଗତର ବର୍ଷୀୟାନ ଗୀତିକାର ଦେବ କୋହଲିଙ୍କର ଶନିବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କୁ ୮୦ ବର୍ଷ ହୋଇଥିଲା। ମୈନେ ପ୍ୟାର କିୟା, ବାଜିଗର, ଜୁଡ୍‌ୱା-୨, ମୁସାଫିର, ଶୁଟ୍ ଆଉଟ୍ ଆଟ୍ ଲୋଖଣ୍ଡୱାଲା ଭଳି ଶତାଧିକ ଚଳଚ୍ଚିତ୍ର ପାଇଁ ସେ ଗୀତ ରଚନା କରିଥିଲେ। ସେ ସଙ୍ଗୀତ ନିର୍ଦ୍ଦେଶକ ଅନୁ ମଲିକ, ରାମଲକ୍ଷ୍ମଣ, ଆନନ୍ଦ ରାଜ ଆନନ୍ଦ, ଆନନ୍ଦ ମିଲିନ୍ଦଙ୍କ ସହ କାମ କରିଛନ୍ତି। କୋହଲି କିଛି ମାସ ହେବ ଅସୁସ୍ଥ ଥିଲେ। ସେ ମୁମ୍ବାଇର କୋକିଲାବେନ୍ ହସ୍ପିଟାଲରେ ଭର୍ତ୍ତି ହୋଇ ୧୦ ଦିନ ପୂର୍ବରୁ ଘରକୁ ଫେରିଥିଲେ। ପାକିସ୍ତାନର ରାୱଲପିଣ୍ଡିରେ ଏକ ଶିଖ୍ ପରିବାରରେ ଜନ୍ମିତ କୋହଲି ଦେଶ ବିଭାଜନ ବେଳେ ଡେରାଡୁନ୍ ଚାଲିଆସିଥିଲେ। ତାଙ୍କ ପରଲୋକରେ ଚଳଚ୍ଚିତ୍ର ଜଗତରେ ଶୋକର ଛାୟା ଖେଳିଯାଇଛି।

## ପ୍ଲାଷ୍ଟିକ୍ କପ୍ ଭଳି ପେପର କପ୍ ମଧ୍ୟ କ୍ଷତିକାରକ

ନୂଆଦିଲ୍ଲୀ,୨୬।୮

ପ୍ଲାଷ୍ଟିକର ବହୁଳ ବ୍ୟବହାର ପରିବେଶ ଉପରେ କୁପ୍ରଭାବ ପକାଉଥିବାରୁ ଏହାର ବିକଳ୍ପ ଭାବେ ପେପର, ପତ୍ର ଏବଂ ପରିବେଶ ଅନୁକୂଳ ଜିନିଷର ବ୍ୟବହାର ଉପରେ ଜୋର୍ ଦିଆଯାଉଛି। ତେବେ ପେପର କପ୍‌ରେ ମଧ୍ୟ ପ୍ଲାଷ୍ଟିକ କପ୍ ଭଳି ବିଷାକ୍ତ ପଦାର୍ଥ ରହିଛି ବୋଲି ଜଣାପଡିଛି। ସୁଇଡେନ୍‌ର ଗୋଟେନବର୍ଗ ବିଶ୍ୱବିଦ୍ୟାଳୟ ଗବେଷକମାନେ ଏନେଇ ଏକ ସର୍ଭେ କରିଛନ୍ତି। ଗୋଟେନବର୍ଗ ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗ ପ୍ରଫେସର ବେଥାନିଏ କାର୍ନେ ଆଲମ୍ରୋଥ ତାଙ୍କ ରିପୋର୍ଟରେ କହିଛନ୍ତି, ପେପର୍ କପ୍‌ର ବ୍ୟବହାର ପରିବେଶ ଉପରେ କି ପ୍ରଭାବ ପକାଉଛି ସେନେଇ ଏକ ଅଧ୍ୟୟନ କରାଯାଇଥିଲା। ସେଥିପାଇଁ ଆମେ ଉଭୟ ପ୍ଲାଷ୍ଟିକ ଓ ପେପର୍ କପ୍ ନେଇ ତାକୁ ସପ୍ତାହ ଧରି ପାଣିରେ ବୁଡ଼ାଇ ରଖିଲୁ। ଏଥିରୁ ଜଣାପଡ଼ିଥିଲା, ଏହି କପ୍ ଗୁଡ଼ିକର ବିଷାକ୍ତ ପଦାର୍ଥ ପ୍ରଜାପତି ଓ ଅନ୍ୟାନ୍ୟ ସୂକ୍ଷ୍ମ କୀଟର ଲାର୍ଭାକୁ ଶୀଘ୍ର ନଷ୍ଟ କରୁଛି। ଖାଦ୍ୟ ପଦାର୍ଥର ପ୍ୟାକିଂ ଲାଗି ବ୍ୟବହାର କରାଯାଉଥିବା ପେପର୍ ଗୁଡ଼ିକୁ ଉପଯୁକ୍ତ କୋଟିଂ ଦେବା ଉଚିତ। ଫଳରେ ଏହା ପେପରରେ ଥିବା ବିଷାକ୍ତ ପଦାର୍ଥକୁ ଖାଦ୍ୟରେ ମିଶିବାକୁ ଦେବନି। ଆଜିକାଲି ପ୍ଲାଷ୍ଟିକ ପଦାର୍ଥଗୁଡ଼ିକ ବାୟୋପ୍ଲାଷ୍ଟିକରୁ ତିଆରି ହେଉଛି ଯାହା ପରିବେଶ ପାଇଁ ଅନୁକୂଳ। କାରଣ ବାୟୋପ୍ଲାଷ୍ଟିକଗୁଡ଼ିକ ନବୀକରଣଯୋଗ୍ୟ ବସ୍ତୁରୁ ପ୍ରସ୍ତୁତ ହେଉଛି। ତେବେ ବାୟୋପ୍ଲାଷ୍ଟିକରେ ମଧ୍ୟ ବିଷାକ୍ତ କେମିକାଲ୍ ରହୁଛି ବୋଲି ଜର୍ଣ୍ଣାଲ ଏନଭାଇରନ୍‌ମେଣ୍ଟାଲ ପଲ୍ୟୁସନରେ ପ୍ରକାଶିତ ହୋଇଛି। ବାୟୋପ୍ଲାଷ୍ଟିକଗୁଡ଼ିକ ଯେତେବେଳେ ପାଣିରେ ଏବଂ ମାଟିରେ ମିଶିଥାନ୍ତି ତାହା ଶୀଘ୍ର ନଷ୍ଟ ହୋଇ ନ ଥାନ୍ତି। ସେହିପରି ପ୍ଲାଷ୍ଟିକ ଭଳି ଏହାର ବ୍ୟବହାର ମଧ୍ୟ ଉଭୟ ପଶୁ ଓ ମନୁଷ୍ୟଙ୍କ ଲାଗି କ୍ଷତିକାରକ ହୋଇଥାଏ।

## ନାସାର ୬ ମାସିଆ ମିଶନ

**୪ ଦେଶର ମହାକାଶ ବିଜ୍ଞାନୀ ସାମିଲ**

କେପ୍ କାନାଭେରାଲ,୨୬।୮



୪ ଦେଶରୁ ୪ଜଣ ମହାକାଶ ବିଜ୍ଞାନୀ ଅନ୍ତର୍ଜାତୀୟ ମହାକାଶ ଷ୍ଟେଶନ ଅଭିମୁଖେ ଶନିବାର ଯାତ୍ରା କରିଛନ୍ତି। ରବିବାର ସେମାନେ ଗବେଷଣାକେନ୍ଦ୍ରରେ ପହଞ୍ଚିବା ସହ ଗତ ମାର୍ଚ୍ଚରୁ ସେଠାରେ ରହି ଆସୁଥିବା ଅନ୍ୟ ମହାକାଶ ବିଜ୍ଞାନୀଙ୍କ ସ୍ଥାନ ନେବେ। ଏହି ୪ ଜଣିଆ ମହାକାଶ ବିଜ୍ଞାନୀଙ୍କ ଦଳରେ ନାସା ସମେତ ଡେନ୍‌ମାର୍କ, ଜାପାନ ଏବଂ ରୁଷିଆର ବୈଜ୍ଞାନିକ ଅଛନ୍ତି। ଆମେରିକା ଦ୍ୱାରା ଆରମ୍ଭ ହୋଇଥିବା ଏହି ମିଶନରେ ପ୍ରଥମ ଥର ଲାଗି ୪ ଦେଶର ମହାକାଶ ବିଜ୍ଞାନୀ ଏକାଠି ଯାତ୍ରା କରିଛନ୍ତି। ଏହି ମିଶନରେ ୟୁରୋପୀୟ ମହାକାଶ ସଂସ୍ଥାର ଆଣ୍ଡେରସ୍ ମୋଗେନସନ୍, ଜାପାନର ସତୋଶୀ ଫୁରୁକାୱା ଏବଂ ରୁଷିଆର କୋନଷ୍ଟାନଟିନ୍ ବୋରିସଭ୍ ସାମିଲ ଅଛନ୍ତି। ମହାକାଶ ବିଷୟରେ ଅଧିକ ଗବେଷଣା କରିବାକୁ ହେଲେ ଆମକୁ ଏକାଠି କାମ କରିବାକୁ ପଡ଼ିବ ବୋଲି ୟୁରୋପୀୟନ ମହାକାଶ ସଂସ୍ଥାର ମହାନିର୍ଦ୍ଦେଶକ ଜେସେଫ୍ ଆସବାଚେର୍ କହିଛନ୍ତି। ସେହିପରି ନାସାର ଆଉ ଜଣେ ମହାକାଶ ବିଜ୍ଞାନୀ ଦୁଇ ରୁଷିଆ ବିଜ୍ଞାନୀଙ୍କ ସହ ମିଶି ସେପ୍ଟେମ୍ବରରେ କାଜାଖସ୍ତାନ୍ ମହାକାଶ ବିଜ୍ଞାନ କେନ୍ଦ୍ରରୁ ଯାତ୍ରା ଆରମ୍ଭ କରିବେ।

## ସେପ୍ଟେମ୍ବର ୨ରେ ଇସ୍ରୋର ସୂର୍ଯ୍ୟ ଅଭିଯାନ

ବେଙ୍ଗାଲୁରୁ,୨୬।୮



ଚନ୍ଦ୍ରୟାନ-୩ ସଫଳ ହେବା ପରେ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ସୂର୍ଯ୍ୟ ଅଭିଯାନ ଆରମ୍ଭ ଲାଗି ଜୋର୍‌ଦାର ପ୍ରସ୍ତୁତି ଆରମ୍ଭ କରିଦେଇଛି। ସୂର୍ଯ୍ୟଙ୍କ ଉପରେ ଅଧ୍ୟୟନ ପାଇଁ ସେପ୍ଟେମ୍ବର ୨ରେ ଆଦିତ୍ୟ-ଏଲ୍୧କୁ ଲଞ୍ଚ କରିବା ଲାଗି ଯୋଜନା ହୋଇଛି। ଏହି ମହାକାଶ ଯାନ ପୃଥିବୀଠାରୁ ୧୫ ଲକ୍ଷ କିଲୋମିଟର ଦୂରରେ ଥିବା ଏଲ୍୧ (ସୂର୍ଯ୍ୟ-ପୃଥିବୀର ଲାଗ୍ରାନ୍‌ଜିଆନ୍ ପଏଣ୍ଟ)ରୁ ସୋଲାର କରୋନା ଏବଂ ସୋଲାର ୱିଣ୍ଡ୍‌ର ଅନୁଧ୍ୟାନ କରିବ। ସୂର୍ଯ୍ୟଙ୍କ ଉପରେ ଅନୁଧ୍ୟାନ କରିବାରେ ଏହା ଭାରତର ପ୍ରଥମ ସ୍ପେସ୍ ମିଶନ ହେବ। ଏଲ୍୧ ଚତୁଃପାର୍ଶ୍ୱରେ ଥିବା କକ୍ଷରୁ ଆଦିତ୍ୟ-ଏଲ୍୧ ସୂର୍ଯ୍ୟଙ୍କ ଉପରେ ଅଧ୍ୟୟନ ଚଳାଇବ। ସୂର୍ଯ୍ୟଙ୍କ ଫଟୋସ୍ପିୟର, କ୍ରୋମୋସ୍ପିୟର ଏବଂ ବାହ୍ୟ ସ୍ତର କରୋନାର ଅନୁଧ୍ୟାନ ଲାଗି ଉକ୍ତ ମହାକାଶ ଯାନରେ ବିଭିନ୍ନ ୱେଭ୍ ବ୍ରାଣ୍ଡ୍‌ର ୭ଟି ପ୍ଲେଲୋଡ୍ ରହିବ। ଆଦିତ୍ୟ-ଏଲ୍୧ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ହୋଇଛି। ଏହାର ଭିଜିବଲ୍ ଏମିଶନ ଲାଇନ କରୋନାଗ୍ରାଫ୍ ପ୍ଲେଲୋଡ୍ ପ୍ରସ୍ତୁତ କରିବାରେ ବେଙ୍ଗାଲୁରୁର ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଷ୍ଟ୍ରୋଫିଜିକ୍ସ(ଆଇଆଇଏ) ମୁଖ୍ୟ ଅନୁଷ୍ଠାନ। ସେହିପରି ପୁଣେର ଇଣ୍ଟରୟୁନିଭର୍ସିଟି ସେଣ୍ଟର ଫର୍ ଆଷ୍ଟ୍ରୋନୋମି ଆଣ୍ଡ ଆଷ୍ଟ୍ରୋଫିଜିକ୍ସ ମିଶନ ପାଇଁ ସୋଲାର ଅଲ୍‌ଟ୍ରାଭାଓଲେଟ୍ ଇମେଜର ପ୍ଲେଲୋଡ୍ ବିକଶିତ କରିଛି।

## ନୁହରେ ପୁଣି ୧୪୪ ଧାରା ଜାରି

ଚଣ୍ଡିଗଡ଼,୨୬।୮

ଆସନ୍ତା ୨୮ ତାରିଖରେ ହରିୟାଣାର ନୁହ ଜିଲାରେ ପୁଣି ଏକ ଧାର୍ମିକ ଅନୁଷ୍ଠାନ ପକ୍ଷରୁ ଶୋଭାଯାତ୍ରା କରିବାକୁ ସ୍ଥିର ହୋଇଥିଲା। ତେବେ ପ୍ରଶାସନ ଏଥିପାଇଁ ଅନୁମତି ଦେଇନାହିଁ। ଶୋଭାଯାତ୍ରା କରାଯିବା ଘୋଷଣା ପରେ ନୁହରେ ପୁଣି ହିଂସାକାଣ୍ଡ ଘଟିଛି। ଏହାକୁ ଦୃଷ୍ଟିରେ ରଖି ନୁହ ଜିଲାରେ ପୁନର୍ବାର ଇଣ୍ଟରନେଟ୍ ଓ ମୋବାଇଲ୍ ସେବା ବନ୍ଦ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହା ୨୯ ତାରିଖ ରାତି ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି କୁହାଯାଇଛି। ଶୋଭାଯାତ୍ରାବେଳେ ପୁନର୍ବାର ହିଂସାକାଣ୍ଡ ଘଟିବା ଆଶଙ୍କା କରି ସରକାରଙ୍କ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଜୁଲାଇ ମାସରେ ଘଟିଥିବା ହିଂସାକାଣ୍ଡ ଦୃଷ୍ଟିରୁ ପ୍ରଶାସନ ଅଧିକ ସଜାଗ ରହିବାକୁ ସ୍ଥିର କରିଥିଲେ। ଶନିବାର ରାତିରୁ ମୋବାଇଲ୍ ଓ ଇଣ୍ଟରନେଟ୍ ସେବା ବନ୍ଦ ରହିବା ନେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଗୃହ) ଟିଭିଏସ୍‌ଏନ୍ ପ୍ରସାଦ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷେ ଜିଲା ପ୍ରଶାସନ ପକ୍ଷରୁ ସାରା ଜିଲାରେ ୧୪୪ ଧାରା ଲାଗୁ କରାଯାଇଛି। ଏହା ୨୬ଠାରୁ ୨୯ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି କୁହାଯାଇଛି।

ସୂଚନାଯୋଗ୍ୟ, ଜୁଲାଇ ମାସରେ ହୋଇଥିବା ହିଂସାକାଣ୍ଡ ଦୃଷ୍ଟିରୁ ପୂର୍ବରୁ ମଧ୍ୟ ରାଜ୍ୟ ସରକାର ଏଭଳି ମୋବାଇଲ୍,ଇଣ୍ଟରନେଟ, ଏସ୍‌ଏମ୍‌ଏସ୍ ସେବାକୁ ବନ୍ଦ କରିଥିଲେ। ନୁହରେ ଘଟିଥିବା ଏହି ସାମ୍ପ୍ରଦାୟିକା ଦଙ୍ଗାରେ ଦୁଇ ହୋମ୍‌ଗାର୍ଡଙ୍କ ସମେତ ଛଅ ଜଣ ଲୋକ ମୃତ୍ୟୁବରଣ କରିଥିଲେ। ତେଣୁ ପ୍ରଶାସନ ଚଳିତ ଥର ଆଗୁଆ ସତର୍କ ହେବା ସହ ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି।

## ସେବି ସିଦ୍ଧାନ୍ତରେ ପହଞ୍ଚି ନ ପାରିବା ଚିନ୍ତାର ବିଷୟ: କଂଗ୍ରେସ

**ଆଦାନୀ-ହିଣ୍ଡେନ୍‌ବର୍ଗ ବିବାଦ**

ନୂଆଦିଲ୍ଲୀ,୨୬।୮

ଆଦାନୀ ଗ୍ରୁପ୍ ଦ୍ୱାରା ମନିଲଣ୍ଡରିଂର ସତ୍ୟତା ଖୋଜି ପାଇବାରେ ଭାରତର ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ଅସମର୍ଥ ହେବା ଗଭୀର ଚିନ୍ତାଜନକ ବୋଲି କଂଗ୍ରେସ ଅଭିଯୋଗ କରିଛି। ସୁପ୍ରିମକୋର୍ଟରେ ଷ୍ଟକ୍ ବଜାର ନିୟନ୍ତ୍ରକ ଦାଖଲ କରିଥିବା ଷ୍ଟାଟସ୍ ରିପୋର୍ଟରେ ଏହା ସ୍ୱୀକାର କରିଥିବା କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରିୟ ବ୍ୟବସାୟିକ ଗ୍ରୁପ୍‌କୁ ସହାୟତା କରିବା ଲାଗି ସରକାର କିପରି ନିୟମାବଳୀ ଓ ପ୍ରକ୍ରିୟାର ଉଲ୍ଲଂଘନ କରିଛନ୍ତି, ତାହା କେବଳ ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ କରିପାରିବ ବୋଲି କଂଗ୍ରେସ କହିଛି। ସେବି ତଦନ୍ତ କରିଥିବା ଏ ସମ୍ପର୍କିତ ୨୪ଟି ମାମଲାରୁ ଦୁଇଟି ଅନ୍ତରୀଣ ସ୍ଥିତିରେ ରହିଛି। ପ୍ରତିଭୂତି ଠିକା (ନିୟନ୍ତ୍ରଣ) ନିୟମାବଳୀର ଧାରା ୧୯ଏ ଅନୁଯାୟୀ ସର୍ବନିମ୍ନ ପବ୍ଲିକ୍ ଶେୟାର ହୋଲ୍ଡିଂ ଆବଶ୍ୟକତାକୁ ଆଦାନୀ ଗ୍ରୁପ୍ ଉଲ୍ଲଂଘନ କରିଥିଲା କି ନାହିଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହୋଇଥିବାବେଳେ ତାହାର ତଦନ୍ତ ଚୂଡ଼ାନ୍ତ ହୋଇପାରି ନାହିଁ। ରାଉଣ୍ଡ-ଟ୍ରିପିଙ୍ଗ ଓ ମନିଲଣ୍ଡରିଂରେ ଆଦାନୀ ଗ୍ରୁପ୍ ବିଦେଶୀ ଟିକସ ଫାଙ୍କି ଅସାଧୁ ସଂସ୍ଥାର ଉପଯୋଗ କରୁଥିଲା କି ନାହିଁ, ତାହା ଖୋଜି ପାଇବାରେ ସେବି ବିଫଳ ହୋଇଛି। ବାହ୍ୟ ଏଜେନ୍ସି ଓ ସଂସ୍ଥାର ତଥ୍ୟକୁ ଅପେକ୍ଷା କରାଯାଇଥିବାରୁ ଷ୍ଟାଟସ୍ ରିପୋର୍ଟ ଦାଖଲରେ ବିଳମ୍ବ ହେଉଥିବା ସେବି କହିଛି। ବିଦେଶୀ ପାଣ୍ଠିର ବିକଳ୍ପ ହିତାଧିକାରୀ ମାଲିକାନା ସମ୍ପର୍କିତ ଆବଶ୍ୟକ ରିପୋର୍ଟିଂକୁ କୋହଳ କରିବା ଏବଂ ଏହାକୁ ସମ୍ପୂର୍ଣ୍ଣ ଉଠାଇଦେବା ଲାଗି ସେବିର ନିଷ୍ପତ୍ତି ଯୋଗୁ ଦେଶକୁ ବଡ଼ ମୂଲ୍ୟ ଦେବାକୁ ପଡୁଥିବା ଜୟରାମ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଗତ ଜାନୁୟାରୀ ଶେଷ ଭାଗରେ ଆମେରିକାର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଗୌତମ ଆଦାନୀଙ୍କ ବ୍ୟବସାୟ ସାମ୍ରାଜ୍ୟ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିଥିଲା। ଆଦାନୀ ଗ୍ରୁପ୍ ଷ୍ଟକ୍ ଜାଲିଆତି ଓ ଟିକସ ଫାଙ୍କି ସମେତ ବିଭିନ୍ନ ଅସାଧୁ କାର୍ଯ୍ୟରେ ସମ୍ପୃକ୍ତ ଥିବା ଶର୍ଟ ସେଲର ସଂସ୍ଥା ୨ ବର୍ଷର ତଦନ୍ତରୁ ଜାଣିବାକୁ ପାଇଥିବା ରିପୋର୍ଟରେ ଦର୍ଶାଇଥିଲା।



**ମିକାଏଲ ୟମେରଙ୍କ ଅବସର**

ସ୍ୱିଡିଶ ଟେନିସ ଖେଳାଳି ମିକାଏଲ୍ ୟମେର୍ ଅଚାନକ ଟେନିସରୁ ଅବସର ଘୋଷଣା କରିଛନ୍ତି।

୧୦

୦୮

**ସୁଶାନ୍ତଙ୍କ ଫ୍ଲାଟ୍ କିଣିଲେ ଅଦା ଶର୍ମା**

ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ପୂର୍ବରୁ ସେ ରହୁଥିବା ମୁମ୍ବାଇସ୍ଥିତ ଫ୍ଲାଟ୍‌କୁ ଅଭିନେତ୍ରୀ ଅଦା ଶର୍ମା କିଣିଛନ୍ତି।



# ମହାକାଶ ଯିବ ମହିଳା ରୋବୋ

**ଚନ୍ଦ୍ରୟାନ-୩ର ସଫଳତା ପରେ ମହାକାଶ ମିଶନ ପାଇଁ ପ୍ରସ୍ତୁତି ଚଳାଇଛି ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)। ଅକ୍ଟୋବର ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ଗଗନୟାନ ମିଶନର ଟ୍ରାଏଲ୍ ହେବ। ଏଥିରେ ସ୍ପେସ୍‌କୁ ଏକ ଫିମେଲ ରୋବୋ 'ବ୍ୟୋମମିତ୍ର'କୁ ପଠାଯିବ। ଏହି ମିଶନ ସଫଳ ହେଲେ ମହାକାଶକୁ ମାନବ ପ୍ରେରଣ ଦିଗରେ ସହାୟକ ହେବ ବୋଲି ଆଶା କରାଯାଉଛି।**

## ଗଗନୟାନରେ ବ୍ୟୋମମିତ୍ର

ନୂଆଦିଲ୍ଲୀ,୨୬।୮

ଭାରତ ଏହାର ଗଗନୟାନ ମିଶନରେ ମହାକାଶକୁ ଏକ ଫିମେଲ୍ ରୋବୋ 'ବ୍ୟୋମମିତ୍ର' ପଠାଇବ। କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଶନିବାର ଏହା ଘୋଷଣା କରିଛନ୍ତି। ମହାକାଶକୁ ମାନବ ପଠାଇବା ପାଇଁ ଗଗନୟାନ ପ୍ରକଳ୍ପ ଆରମ୍ଭ ହୋଇଥିଲା। ତେବେ କୋଭିଡ୍ ମହାମାରୀ ଯୋଗୁ ଏହି ପ୍ରକଳ୍ପ ବିଳମ୍ବିତ ହୋଇଛି। ଏବେ ଅକ୍ଟୋବର ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ଏହାର ପ୍ରଥମ ପରୀକ୍ଷାମୂଳକ ମିଶନ ପାଇଁ ଯୋଜନା



ଫିମେଲ୍ ରୋବୋର ପ୍ରତୀକାତ୍ମକ ଚିତ୍ର।

ହୋଇଛି। ମହାକାଶଯାତ୍ରୀମାନଙ୍କୁ ସ୍ପେସ୍‌କୁ ପଠାଇବା ଯେତିକି ଗୁରୁତ୍ୱପୂର୍ଣ୍ଣ ସେମାନଙ୍କୁ ଫେରାଇ ଆଣିବା ସେହିଭଳି ଗୁରୁତ୍ୱପୂର୍ଣ୍ଣ ବୋଲି ଜିତେନ୍ଦ୍ର କହିଛନ୍ତି। ସେ ଆହୁରି କହିଛନ୍ତି, ଗଗନୟାନର ଦ୍ୱିତୀୟ ମିଶନରେ ଫିମେଲ୍ ରୋବୋକୁ ମହାକାଶକୁ ପଠାଯିବ। ଉକ୍ତ ରୋବୋ ସମସ୍ତ ମାନବ କାର୍ଯ୍ୟକଳାପ କରିବ। ଯଦି ସବୁ ଠିକ୍‌ଠାକ୍ ଚାଲେ ତେବେ ଗଗନୟାନ କାର୍ଯ୍ୟକ୍ରମ ପାଇଁ ଆମେ ଆଗେଇବୁ। ଏଥିପାଇଁ ଅର୍ବିଟାଲ ମଡ୍ୟୁଲ୍ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ପରୀକ୍ଷାମୂଳକ ଅଭିଯାନ ପାଇଁ ସେଗୁଡ଼ିକୁ କମିଶନ କରାଯାଇଛି ଏବଂ ଲଞ୍ଚ୍‌ପ୍ୟାଡ୍ ବଢ଼ାଇବା କାର୍ଯ୍ୟ ଜାରି ରହିଥିବା ମନ୍ତ୍ରୀ କହିଛନ୍ତି। ଇସ୍ରୋ ଚୂଡ଼ାନ୍ତ ମାନବ ମିଶନ ପୂର୍ବରୁ ଦୁଇଥର ମାନବ ସଦୃଶ ବ୍ୟୋମମିତ୍ରଙ୍କୁ ନେଇ ମିଶନ କରିବାକୁ ଯୋଜନା କରିଛି। ଏହା ୨୦୨୪ କିମ୍ବା ୨୦୨୫ରେ ହେବ। ଗଗନୟାନ ମିଶନ ସଫଳ ହେଲେ ମହାକାଶକୁ ମାନବ ପଠାଇବାରେ ଭାରତ ବିଶ୍ୱର ଚତୁର୍ଥ ଦେଶ ହେବ। ପୂର୍ବରୁ ଆମେରିକା, ରୁଷିଆ ଏବଂ ଚାଇନା ହ୍ୟୁମ୍ୟାନ୍ ସ୍ପେସ୍‌ଫ୍ଲାଇଟ୍ ମିଶନରେ ସଫଳ ହୋଇଛନ୍ତି।

## ଅଗଷ୍ଟ ୨୩ ଜାତୀୟ ମହାକାଶ ଦିବସ

### ଚନ୍ଦ୍ରୟାନ-୩ର ଅବତରଣ ସ୍ଥାନ ନାଁ ଶିବଶକ୍ତି: ମୋଦି

ବେଙ୍ଗାଲୁରୁ,୨୬।୮

ଚନ୍ଦ୍ରପୃଷ୍ଠରେ ଚନ୍ଦ୍ରୟାନ-୩ର ଲ୍ୟାଣ୍ଡର ବିକ୍ରମ ଅବତରଣ କରିଥିବା ସ୍ଥାନର ନାଁ 'ଶିବଶକ୍ତି' ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଘୋଷଣା କରିଛନ୍ତି। ସେହିପରି ଚନ୍ଦ୍ରୟାନ-୨ ଲ୍ୟାଣ୍ଡର ଯେଉଁଠି ଖସିପଡ଼ିଥିଲା, ତାହାର ନାଁ ତ୍ରିରଙ୍ଗା ରହିବ। ପ୍ରଧାନମନ୍ତ୍ରୀ ଗ୍ରୀସ୍ ଗସ୍ତରୁ ଫେରି ଶନିବାର ସକାଳେ ଇସ୍ରୋର ଟେଲିମେଟ୍ରି ଟ୍ରାକିଂ ଆଣ୍ଡ କମାଣ୍ଡ ନେଟ୍‌ୱାର୍କ(ଇଷ୍ଟ୍ରାକ୍)ରେ ପହଞ୍ଚିବା ପରେ ଉପରୋକ୍ତ ଘୋଷଣା କରିଛନ୍ତି। ସେହିପରି ଚନ୍ଦ୍ରୟାନ-୩ର ସଫଳ ଅବତରଣ ଦିନକୁ ମନେରଖିବା ଲାଗି ଅଗଷ୍ଟ ୨୩କୁ ଜାତୀୟ ମହାକାଶ ଦିବସ ଭାବେ ପାଳନ କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଇସ୍ରୋ ଅଧ୍ୟକ୍ଷ ଏସ୍. ସୋମନାଥ କହିଥିଲେ, ରୋଭର ପ୍ରଜ୍ଞାନ ଶନିବାର ସକାଳେ ଚନ୍ଦ୍ରପୃଷ୍ଠରେ ୧୨ ମିଟର ଗତି କରିବା ସହ ସେଠାରୁ ଅନେକ ଫଟୋ ଶେୟାର କରିଛି। ଖୁବ୍‌ଶୀଘ୍ର ପ୍ରଜ୍ଞାନ ବିକ୍ରମର ଫଟୋ ପଠାଇବ ବୋଲି ସେ କହିଛନ୍ତି। ଆମ ଲ୍ୟାଣ୍ଡର ଚନ୍ଦ୍ରପୃଷ୍ଠରେ 'ଅଙ୍ଗଦ' ଭଳି ଦୃଢ଼ ଭାବେ ପାଦ ପକାଇଥିବା ପ୍ରଧାନମନ୍ତ୍ରୀ କହିଥିଲେ। ବେଙ୍ଗାଲୁରୁରେ ମୋଦି ଇସ୍ରୋ ବୈଜ୍ଞାନିକମାନଙ୍କୁ ଭେଟିଥିଲେ। ସାରା ବିଶ୍ୱ ଭାରତର ବୈଜ୍ଞାନିକ ଭାବନା, ପ୍ରଯୁକ୍ତି ଏବଂ ମନୋଭାବକୁ ସ୍ୱୀକୃତି ଦେଇଛି। ଚନ୍ଦ୍ରୟାନ-୩ର ସଫଳତା କେବଳ ଭାରତର ସଫଳତା ନୁହେଁ, ଏହା ସମଗ୍ର ମାନବ ଜାତିର ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ମାଲକାନଗିରିରୁ ଇସ୍ରୋ ବୈଜ୍ଞାନିକ

### ଚନ୍ଦ୍ରୟାନ-୩ ପ୍ରକଳ୍ପରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଥିଲେ ଜୟନ୍ତ

ମାଲକାନଗିରି,୨୬।୮

(ନୃସିଂହ ଚରଣ ମହାନ୍ତି)- ମାଲକାନଗିରି ଜିଲା ପୋଟେରୁର ଯୁବ ବୈଜ୍ଞାନିକ ଜୟନ୍ତ କୁମାର ହାଲ୍‌ଦାର କେରଳ ଥିରୁଭାନନ୍ତପୁରମ୍ ବିକ୍ରମ ସାରାଭାଇ ସ୍ପେସ୍ ସେଣ୍ଟର ମେକାନିଜମ୍ ବିଭାଗରେ ବରିଷ୍ଠ ବୈଜ୍ଞାନିକ ଭାବେ କାମ କରୁଛନ୍ତି। ଚନ୍ଦ୍ରୟାନ- ୩ ପ୍ରକଳ୍ପରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ବରିଷ୍ଠ ମେକାନିକ୍ ବୈଜ୍ଞାନିକ ଭାବେ ଯୋଗଦେଇ ଚନ୍ଦ୍ରୟାନ-୩ ପ୍ରକଳ୍ପର ରକେଟ ପେଲୋଡ୍ ଫେରିଙ୍ଗ ଡିଭିଜନର ଦାୟିତ୍ୱରେ ଥିଲେ ଜୟନ୍ତ ଓ ତାଙ୍କ ଟିମ୍। ମାଲକାନଗିରି ଜିଲାରେ ତାଙ୍କ ବାପା ସ୍ୱର୍ଗତ ଜୟଦେବ ହାଲ୍‌ଦାର ଶିକ୍ଷକତା କରୁଥିଲେ । ଜୟନ୍ତ ପୋଟେରୁ ସରକାରୀ ବିଦ୍ୟାଳୟରେ ପଞ୍ଚମ ପର୍ଯ୍ୟନ୍ତ ପଢ଼ିଥିଲେ। ପରେ ଷଷ୍ଠରୁ କୋରାପୁଟ ଜବାହର ନବୋଦୟ ବିଦ୍ୟାଳୟରେ ପାଠପଢି ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପେସ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି(ଆଇଆଇଏସ୍‌ଟି) ଅନୁଷ୍ଠାନରେ ବିଟେକ ଏରୋସ୍ପେସ୍ ଇଞ୍ଜିନିୟରିଂ କରିବା ଲାଗି ସୁଯୋଗ ପାଇଥିଲେ। ୨୦୧୨ରେ ଏରୋସ୍ପେସ୍ ଇଞ୍ଜିନିୟରିଂରେ ଉତ୍ତୀର୍ଣ୍ଣ



ଯୁବ ବୈଜ୍ଞାନିକ ଜୟନ୍ତ କୁମାର ହାଲ୍‌ଦାର

ହେବା ପରେ ଇସ୍ରୋରେ ଯୁବ ବୈଜ୍ଞାନିକ ଭାବେ କାମ କରୁଥିଲେ। ପ୍ରଥମେ ୨୦୧୨ରୁ ୨୦୧୮ ଯାଏ ଶ୍ରୀହରିକୋଟା ଉତ୍‌କ୍ଷେପଣ କେନ୍ଦ୍ର କ୍ରାୟୋଜେନିକ ପ୍ରୋପେଲର ବିଭାଗରେ କାମ କରୁଥିଲେ।






## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାଉ ଖାଇବ ନା
ମାଛି ହୁରୁଡ଼େଇବ।**

ଜଣେ ବ୍ୟକ୍ତି ଏକ ସମୟରେ ଦୁଇଟି କାର୍ଯ୍ୟ କରିପାରନ୍ତି ନାହିଁ। ପ୍ରତ୍ୟେକ କାର୍ଯ୍ୟର ସଫଳ ରୂପାୟନ ପାଇଁ ତାକୁ ସେତିକି ନିଷ୍ଠା ଓ ଦାୟିତ୍ୱ ସହ ସମୟ ଦେବାକୁ ପଡ଼ିଥାଏ। ତେଣୁ ଦୁଇଟି କାର୍ଯ୍ୟ ଏକା ସାଙ୍ଗରେ କରିବା ନିହାତି କଷ୍ଟସାଧ୍ୟ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଜଗିଥିବ ଭଗିଆ,
ମାରି ନେ ଭଗିଆ।।**

ଆଜିର ସ୍ୱାର୍ଥସର୍ବସ୍ୱ ଦୁନିଆରେ ସମସ୍ତେ ନିଜ ନିଜ ସ୍ୱାର୍ଥ ପୂରଣ ପାଇଁ ସଦା ଚେଷ୍ଟିତ। 'ଦୀପ ତେଜିଲେ ହାତ ଚିକ୍କଣ' ନ୍ୟାୟରେ ଯେ ଜଗିବା ଦାୟିତ୍ୱ ନେବ ତା'ର ମଧ୍ୟ ଲାଭ ହେବ ବୋଲି ଏଠାରେ ଦର୍ଶାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଶ୍ରୀକ୍ଷେତ୍ରରେ ଝୁଲଣ ଯାତ୍ରା

## ଝୁଲଣ କୁଞ୍ଜରେ ବିରାଜିତ ମଦନମୋହନ, ଭୂଦେବୀ ଓ ଶ୍ରୀଦେବୀ

ପୁରୀ,୨୬।୮(ଅଜିତ ମହାନ୍ତି)

ଶ୍ରାବଣ ମାସ ଶୁକ୍ଳପକ୍ଷ ଦଶମୀ ତିଥି ଶନିବାରଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହୋଇଯାଇଛି ମହାପ୍ରଭୁଙ୍କ ବର୍ଷାକାଳୀନ ରାସ ତଥା ପବିତ୍ର ଝୁଲଣ। ଶ୍ରୀକ୍ଷେତ୍ରର ପ୍ରସିଦ୍ଧ ଝୁଲଣ ଯାତ୍ରା ଶ୍ରୀମନ୍ଦିର ସହ ଶ୍ରୀକ୍ଷେତ୍ରରେ ଥିବା ବିଭିନ୍ନ ମଠରେ ଆରମ୍ଭ ହୋଇଛି। ଶ୍ରୀମନ୍ଦିର ମୁକ୍ତିମଣ୍ଡପଠାରେ ସୁସଜ୍ଜିତ ଝୁଲଣ କୁଞ୍ଜରେ ଶ୍ରୀଦେବୀ, ଭୂଦେବୀ ଏବଂ ଶ୍ରୀମଦନମୋହନ ଉପବେସନ କରି କୁଞ୍ଜରେ ଝୁଲିଛନ୍ତି। ସେହିପରି ବିଭିନ୍ନ ମଠବାଡ଼ିରେ ଝୁଲଣ କୁଞ୍ଜରେ ବସି ରାଧାକୃଷ୍ଣ ଝୁଲୁଛନ୍ତି। ଭାଦ୍ରବ କୃଷ୍ଣ ପ୍ରତିପଦା ତଥା ୭ ଦିନ ଧରି ଝୁଲଣ ଯାତ୍ରା ଅନୁଷ୍ଠିତ ହୋଇଥାଏ। ପରମ୍ପରା ମୁତାବକ ଶ୍ରୀମନ୍ଦିରରେ ସନ୍ଧ୍ୟା ଆଳତି ପରେ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପ୍ରାପ୍ତ ହୋଇ ପ୍ରଭୁ ମଦନମୋହନ, ଭୂଦେବୀ ଓ ଶ୍ରୀଦେବୀ ମୁକ୍ତିମଣ୍ଡପଠାରେ ସଜ୍ଜିତ ହୋଇଥିବା ଝୁଲଣ କୁଞ୍ଜରେ ବିରାଜମାନ କରିଥାନ୍ତି। ଝୁଲଣ ଯାତ୍ରା ପାଇଁ ମୁକ୍ତିମଣ୍ଡପଠାରେ ଆକର୍ଷଣୀୟ ଭାବେ ନିର୍ମାଣ କରାଯାଇଥିବା ଝୁଲଣକୁଞ୍ଜରେ ପ୍ରଭୁ ମଦନମୋହନ, ଶ୍ରୀଦେବୀ ଏବଂ ଭୂଦେବୀ ଉପବେସନ କରିବା ସହ କୁଞ୍ଜରେ ଝୁଲିଥାନ୍ତି। କେବଳ ଶ୍ରୀମନ୍ଦିର ନୁହେଁ, ଶ୍ରୀମନ୍ଦିର ସହ ଜଡ଼ିତଥିବା ମଠ ମନ୍ଦିରରେ ମଧ୍ୟ ଏହି ଝୁଲଣ ପର୍ବ ଆରମ୍ଭ ହୋଇଛି।

ଝୁଲଣ ମହୋତ୍ସବ ଅବସରରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ହୋଇଥିଲା। ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ପରେ ତିନିବାଡ଼ରେ ସର୍ବାଙ୍ଗ ଲାଗି ଓ ବେଶ ହୋଇଥିଲେ। ମହାଜନମାନେ ସିଂହାସନରୁ ଶ୍ରୀଦେବୀ ଭୂଦେବୀଙ୍କୁ ଏବଂ ଦକ୍ଷୀଘରୁ ମଦନମୋହନଙ୍କୁ ଆଣି ଖଟ ଶେଯରେ ବିଜେ କରାଇଥିଲେ। ପୂଜାପଣ୍ଡା ସାମନ୍ତ ମାଣ୍ଡୁଅ ଭୋଗ ଅର୍ପଣ କରିବାପରେ ତିନିବାଡ଼ରେ ସନ୍ଧ୍ୟା ଆଳତି ହୋଇଥିଲା। ଏହାପରେ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ପାଇ ତିନି ମୂର୍ତ୍ତି ଝୁଲଣ ମଣ୍ଡପ ଦୋଳିକୁ ବିଜେ କରିଥିଲେ। ପରେ ବିଡ଼ିଆ ପାନ ମଣହି କରାଯିବା ପରେ ମନ୍ଦିରରେ ସନ୍ଧ୍ୟାଧୂପ ସମ୍ପନ୍ନ ହୋଇଥିଲା। ଏହାପରେ ଝୁଲଣ ମଣ୍ଡପଠାରେ ଠାକୁରଙ୍କୁ ପଞ୍ଚ ଉପଚାରରେ ପୂଜା ଓ ଭୋଗ କରାଯାଇଥିଲା। ମନ୍ଦିର ଭିତରେ ଚନ୍ଦନ ଲାଗି ସରିବା ପରେ ଝୁଲଣ କୁଞ୍ଜରେ ବିରାଜିତ ମଦନମୋହନଙ୍କୁ ଦକ୍ଷିଣଘର ଓ ଦୁଇ ଠାକୁରାଣୀଙ୍କୁ ଗର୍ଭଗୃହକୁ ବିଜେ କରାଇଥିଲେ। ଏହି କୁଞ୍ଜରେ କେବଳ ଦେବାଦେବୀ ନୁହନ୍ତି ସଖୀ, ପଶୁ, ପକ୍ଷୀ ତଥା ବିଭିନ୍ନ ଗଛଲତା ସହ ସୁବାସିତ ଫୁଲ ଓ ଫଳମୂଳକୁ ମଧ୍ୟ ସ୍ଥାନ ଦିଆଯାଏ, ଯାହାକୁ ଦେଖିବା ପାଇଁ ଭକ୍ତଙ୍କ ଭିଡ଼ ଜମିଥାଏ। ସେହିପରି ବିଭିନ୍ନ ମଠରେ, ସ୍ୱତନ୍ତ୍ର ଶୈଳୀରେ ଚାଳି ତିଆରି ହୋଇ ପଛପାର୍ଶ୍ୱରେ ଝୁଲଣ କୁଞ୍ଜ ତିଆରି ହୋଇଛି। ମେଢଫୁଲ, ଜରି ଜମ୍ଫୁରା ଓ ସୋଲର ଆକର୍ଷଣୀୟ କାରୁକାର୍ଯ୍ୟରେ ଝୁଲଣ କୁଞ୍ଜ ତିଆରି ହୋଇଛି। ପୁରାଣରେ ବର୍ଣ୍ଣନା ଅନୁଯାୟୀ, ଦ୍ୱାପର ଯୁଗରେ ପ୍ରଭୁ ଶ୍ରୀକୃଷ୍ଣ ଓ ରାଧାରାଣୀ ଝୁଲଣ କୁଞ୍ଜର ରାସଲୀଳାକୁ ସ୍ମରଣ କରି ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିର ସହ ବିଭିନ୍ନ ମଠରେ, ଏହି ପରମ୍ପରା ପ୍ରଚଳିତ ହୋଇ ଆସୁଛି। ତେବେ ଗଜପତି ମହାରାଜା ଦିବ୍ୟସିଂହ ଦେବ(ଦ୍ୱିତୀୟ)ଙ୍କ ସମୟରେ ଝୁଲଣ ଯାତ୍ରା ଶ୍ରୀମନ୍ଦିରରେ ଆରମ୍ଭ ହୋଇଥିବା ସୂଚନା ମିଳେ। ଝୁଲଣ କୁଞ୍ଜରେ ଠାକୁରଙ୍କ ଦର୍ଶନ କରିବା ପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଗହଳି ପରିଲକ୍ଷିତ ହୁଏ। ସେହିପରି ବିଭିନ୍ନ ମଠ, ମନ୍ଦିରରେ ଝୁଲଣ ଯାତ ହେବା ସହ ଭକ୍ତିମୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।



ପୁରୀର ରାଧେଶ୍ୟାମ ମଠରେ ଝୁଲଣ କୁଞ୍ଜରେ ବିରାଜିତ ରାଧାକୃଷ୍ଣ ।

# ବରିଷ୍ଠ କଂଗ୍ରେସ ନେତ୍ରୀ ସନ୍ଧ୍ୟା ମହାପାତ୍ରଙ୍କ ପରଲୋକ

ନୟାଗଡ଼ (ଲୋକନାଥ ମିଶ୍ର)/ ଭୁବନେଶ୍ୱର (ଅନିଲ ଦାସ) ୨୬।୮



ନୟାଗଡ଼ ସହର ପିଡବ୍ଲ୍ୟୁଡି ଗଳିର ବରିଷ୍ଠ କଂଗ୍ରେସ ନେତ୍ରୀ ସନ୍ଧ୍ୟା ମହାପାତ୍ରଙ୍କ ଭୁବନେଶ୍ୱର ବାସଭବନରେ ଶନିବାର ପରଲୋକ ହୋଇଯାଇଛି। ତାଙ୍କୁ ୭୧ ବର୍ଷ ହୋଇଥିଲା। ସେ ପ୍ରଦେଶ ମହିଳା କଂଗ୍ରେସ ଉପସଭାନେତ୍ରୀ, ପ୍ରଦେଶ ଶୃଙ୍ଖଳା କମିଟି ଅଧ୍ୟକ୍ଷା, ନୟାଗଡ଼ ଜିଲା ମହିଳା କଂଗ୍ରେସର ପ୍ରଥମ ସଭାନେତ୍ରୀ ଭାବେ କାମ କରି ବେଶ ଲୋକପ୍ରିୟ ହୋଇପାରିଥିଲେ। ଏଥିସହ ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟର ପରିଚାଳନା କମିଟିର ଅଧ୍ୟକ୍ଷ ଭାବେ କାମ କରି ନାରୀଶିକ୍ଷାର ପ୍ରଚାର ପ୍ରସାରରେ ଲାଗି ପଡିଥିଲେ। ୨୦୦୯ରେ ନୟାଗଡ଼ ବିଧାନସଭା ଆସନରେ କଂଗ୍ରେସର ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ପରାସ୍ତ ହୋଇଥିଲେ। ତାଙ୍କ ବିୟୋଗ ପରେ ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନରେ ଏକ ଶୋକସଭାର ଆୟୋଜନ କରାଯାଇଛି। ପିସିସି ସଭାପତି ଶରତ ପଟ୍ଟନାୟକ ଏଥିରେ ଯୋଗଦେଇ କହିଛନ୍ତି, ସନ୍ଧ୍ୟାଦେବୀ ଦଳରେ ଦୀର୍ଘଦିନ ଧରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି ସୁଚାରୁରୂପେ କାର୍ଯ୍ୟ କରିଛନ୍ତି। ତାଙ୍କ ବିୟୋଗ କଂଗ୍ରେସ ଦଳ ପାଇଁ ଅପୂରଣୀୟ କ୍ଷତି। ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସେ ସମବେଦନା ଜଣାଇଛନ୍ତି। ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ଗଣେଶ୍ୱର ବେହେରା, ବିଧାୟକ ସନ୍ତୋଷ ସିଂ ସାଲୁଜା, ପିସିସି ଉପସଭାପତି ଶିବାନନ୍ଦ ରାୟ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ରଶ୍ମି ମହାପାତ୍ର, ବିଭୂତି ମିଶ୍ର, ପ୍ରକାଶ ମିଶ୍ର, ଜ୍ଞାନ ପଟ୍ଟନାୟକ, ତରୁଣ ମିଶ୍ର, ମାନସ ଆଚାର୍ଯ୍ୟଙ୍କ ସମେତ ବହୁ କଂଗ୍ରେସ ନେତୃବୃନ୍ଦ ସ୍ୱର୍ଗତ ସନ୍ଧ୍ୟା ଦେବୀଙ୍କ ପରଲୋକରେ ସ୍ମୃତିଚାରଣ କରିଛନ୍ତି ।

## ମାଙ୍କଡ଼ ଗୋଡ଼ାଇବାରୁ ପୋଖରୀକୁ ଡେଇଁପଡ଼ିଲେ

# ଝିଅ ମୃତ, ମା' ଉଦ୍ଧାର

ରାସୋଳ, ୨୬।୮(ସରୋଜ ମିଶ୍ର)

ଗାଧୋଇବାକୁ ଯାଉଥିବାବେଳେ ଆକ୍ରମଣ କରିବାକୁ ଗୋଡ଼ାଇଲେ ମାଙ୍କଡ଼ ପଲ। ଜୀବନ ବଞ୍ଚାଇବା ଲାଗି ଆଗପଛ ବିଚାର ନ କରି ପୋଖରୀକୁ ଡେଇଁ ପଡ଼ିଲେ ମା' ଏବଂ ଝିଅ। ଏଥିରେ ଝିଅଙ୍କ ମୃତ୍ୟୁ ଘଟିଥିବାବେଳେ ମା'ଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି ପାଖପଡ଼ୋଶୀ। ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ରାସୋଳ ଥାନା ଅଧୀନ କଳିଙ୍ଗାପାଳ ଗ୍ରାମରେ ଶନିବାର ସକାଳେ ଘଟିଛି ଏଭଳି ଏକ ଦୁଃଖଦ ଘଟଣା। ମୃତା ନାବାଳିକା ହେଲେ ସୁମିତ୍ରା ସର (୧୩)।

କଳିଙ୍ଗାପାଳ ଗ୍ରାମ ସରସାହିର ବଳରାମ ସରଙ୍କ ସ୍ତ୍ରୀ ଉର୍ମିଳା ଏବଂ ବଡ଼ ଝିଅ ସୁମିତ୍ରା ସକାଳେ ଘର ନିକଟ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ଏକ ମାଙ୍କଡ଼ ପଲ ହାବୁଡ଼ରେ ପଡ଼ିଯାଇଥିଲେ। ପଲରୁ କେତେକ ମାଙ୍କଡ଼ ମା'ଝିଅଙ୍କୁ କାମୁଡ଼ିବାକୁ ଗୋଡ଼ାଇବାରୁ ଉଭୟେ ଭୟଭୀତ ହୋଇ ପୋଖରୀ ଭିତରକୁ ଡେଇଁ ପଡ଼ିଥିଲେ। ଚିତ୍କାର ଶୁଣି ଆଖପାଖରେ ଥିବା ଲୋକେ ପହଞ୍ଚି ଉର୍ମିଳାଙ୍କୁ ଉଦ୍ଧାର କରିଥିବାବେଳେ ସୁମିତ୍ରା ଗଭୀର ପାଣିରେ ବୁଡ଼ିଯାଇଥିଲେ। ତାଙ୍କୁ ଉଦ୍ଧାର କରି ହିନ୍ଦୋଳ ମେଡିକାଲକୁ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ରାସୋଳ ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଅନ୍ୟପଟେ ଏହି ଘଟଣାରେ ମୃତ ନାବାଳିକାଙ୍କ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଦାୟୀ କରିଛନ୍ତି। ସୂଚନା ଦେବା ସତ୍ତ୍ୱେ ବିଳମ୍ବରେ ପହଞ୍ଚିବାରୁ ନାବାଳିକାଙ୍କ ଜୀବନ ବଞ୍ଚାଯାଇ ପାରିଲାନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ବଳରାମ ଜଣେ ସାଇକେଲ ମେକାନିକ୍। ୩ ଝିଅଙ୍କ ମଧ୍ୟରୁ ବଡ଼ ଝିଅ ସୁମିତ୍ରା ଗାଁ ପାଖ ଅରବିନ୍ଦ ଶିକ୍ଷାକେନ୍ଦ୍ରରେ ୮ମ ଶ୍ରେଣୀରେ ପଢୁଥିଲେ। ମେଧାବୀ ସୁମିତ୍ରାଙ୍କ ଏଭଳି ଅକାଳ ବିୟୋଗ ଶିକ୍ଷାନୁଷ୍ଠାନ ସମେତ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।



ମୃତ ସୁମିତ୍ରା ସର

# ଗୋଲ୍ଡେନ ବାବାଙ୍କ ୧.୫୩ କୋଟି ସମ୍ପତ୍ତି ବାଜ୍ୟାପ୍ତି

ଭୁବନେଶ୍ୱର,୨୬।୮ (ସୂର୍ଯ୍ୟକାନ୍ତ ବେହେରା)

ବିଭିନ୍ନ ଠକେଇ ମାମଲାରେ ଫେରାର ଥିବା ଗୋଲ୍ଡେନ ବାବା ଓରଫ ଜ୍ୟୋତିରଞ୍ଜନ ବେଉରାଙ୍କ ୧.୫୩ କୋଟି ସମ୍ପତ୍ତି ଆଟାଚ୍ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ଏହାପୂର୍ବରୁ ବାବାଙ୍କ ୪ଟି ଦାମୀ କାର୍ ଓ ୨ରୁ ଅଧିକ ବିଳାସମୟ ଘର ଜବତ କରିସାରିଛି। ଅନ୍ୟପକ୍ଷରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପାଇଁ ମଧ୍ୟ ଗୋଲ୍ଡେନ ବାବା ୱାଣ୍ଟେଡ ଅଛନ୍ତି। ଓଡିଶାର ବ୍ୟବସାୟୀମାନଙ୍କୁ ଲୋନ୍ ଦେବା ନାଁରେ ୫.୫୦ କୋଟି ଟଙ୍କା ଠକେଇ କରିଥିବା ନେଇ ତାଙ୍କ ନାମରେ ଅଭିଯୋଗ ରହିଛି। ଏହି

**ଋଣ କରାଇଦେବା ନାଁରେ ବ୍ୟବସାୟୀଙ୍କଠାରୁ ୫.୫୦କୋଟି ଟଙ୍କା ଠକେଇ ମାମଲା**

ଠକେଇ ଘଟଣାରେ ଇଡି ବାବାଙ୍କ ବିରୋଧରେ ବେଆଇନ ଅର୍ଥ କାରବାର ଦିଗକୁ ନେଇ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ଜ୍ୟୋତି ଟ୍ରେଡିଙ୍ଗ ଆଣ୍ଡ୍ କୋ.ର ମାଲିକ ଗୋଲ୍ଡେନ ବାବାଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ୧୯ରୁ ଊର୍ଦ୍ଧ୍ୱ ମାମଲା ରହିଛି। ଏଥିମଧ୍ୟରୁ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର, ଶହୀଦନଗର ଆଦି ଥାନାରେ ୮ରୁ ଊର୍ଦ୍ଧ୍ୱ ଠକେଇ ମାମଲା ରହିଛି। ଏମ୍‌ଏସ୍ ନ୍ୟାଶନାଲ ଏଣ୍ଟରପ୍ରାଇଜେସ ନାମକ ଏକ ଖଣି କମ୍ପାନୀକୁ ୧୨.୪ କୋଟି ଟଙ୍କା ଠକେଇ ମାମଲାରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ୨୦୧୮ ଡିସେମ୍ବର ୩୧ରେ ଗୋଲ୍ଡେନ ବାବାଙ୍କୁ ଗିରଫ କରି ଜେଲ ପଠାଇଥିଲା। ପରେ ସେ ବେଲରେ ଆସି ଫେରାର ହୋଇଯାଇଥିଲେ। ଏହାପରେ ଇଓଡବ୍ଲ୍ୟୁରେ ବାବାଙ୍କ ନାମରେ ବହୁ ଠକେଇ ଅଭିଯୋଗ ହୋଇଥିଲା। ଏନେଇ ଇଓଡବ୍ଲ୍ୟୁ ଏକ ମାମଲା (ନଂ.୦୨/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ଗୋଲ୍ଡେନ ବାବାଙ୍କୁ ଖୋଜାଖୋଜି କରି ପାଇ ନ ଥିଲା। ପରେ ବେଆଇନ ଅର୍ଥ କାରବାର ଦିଗକୁ ନେଇ ଇଡି ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏପରିକି ଇଡି ତାଙ୍କ ଆକାଉଣ୍ଟରୁ ପ୍ରାୟ ୫୧ ଲକ୍ଷ ଟଙ୍କା ମଧ୍ୟ ଫ୍ରିଜ କରିବା ସହ ତାଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଥିଲା।



ଜ୍ୟୋତିରଞ୍ଜନ ବେଉରା

# ସ୍ୱାଭିମାନ ଅଞ୍ଚଳରେ ଆଉ ୧୦ ପଞ୍ଚାୟତ ସାମିଲ




ଧନ୍ୟବାଦ ଜ୍ଞାପନ ସଭାରେ ବିଧାୟକ ଓ ଅନ୍ୟମାନେ ।

ଚିତ୍ରକୋଣ୍ଡା,୨୬।୮ (କ୍ଷୀରୋଦ ବେହେରା)

## ମାଲକାନଗିରି ଜିଲା

**■ ୩ ସେତୁ ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ**
**■ ଧନ୍ୟବାଦ ଜଣାଇଲେ ସ୍ୱାଭିମାନ ଅଞ୍ଚଳବାସୀ**

ମାଲକାନଗିରି ଜିଲାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ ସେତୁ ମଞ୍ଜୁର କରିବା ସହ ସ୍ୱାଭିମାନ ଅଞ୍ଚଳରେ ଆଉ ୧୦ ପଞ୍ଚାୟତକୁ ସାମିଲ କରିଛନ୍ତି । ଫଳରେ ୧୯ ପଞ୍ଚାୟତକୁ ନେଇ ସ୍ୱାଭିମାନ ଅଞ୍ଚଳ ହୋଇଛି। ଏ ନେଇ ଶନିବାର ଚିତ୍ରକୋଣ୍ଡା ବ୍ଲକ ଶିବ ମନ୍ଦିରଠାରେ ସ୍ୱାଭିମାନ ଅଞ୍ଚଳବାସୀଙ୍କ ପକ୍ଷରୁ ଏକ ଧନ୍ୟବାଦ ସଭା ଆୟୋଜନ କରାଯାଇଥିଲା। ଏଥିରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲୁ ଓ ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ରାଜେଶ୍ୱରୀ ଖିଲ ଯୋଗଦେଇଥିଲେ। ଏଥିରେ ସ୍ୱାଭିମାନ ଅଞ୍ଚଳର ବହୁ ଜନସାଧାରଣ ଉପସ୍ଥିତ ଥିଲେ। ଆଗରୁ ସ୍ୱାଭିମାନ ଅଞ୍ଚଳରେ ଚିତ୍ରକୋଣ୍ଡା ବ୍ଲକର ୯ ପଞ୍ଚାୟତ ବଡପଡା, ପାପରମେଟେଲା, ରାଲେଗାଡା, ଧୂଳିପୁଟ, ଯୋଡ଼ାମ୍ବ, ପଣସପୁଟ, ଯନ୍ତ୍ରୀ, ଅଣ୍ଡିରାପାଲି ଓ ଗାଜୁଲୁମାମୁଡି ଥିବାବେଳେ ବର୍ତ୍ତମାନ ଆଉ ୧୦ ପଞ୍ଚାୟତକୁ ସାମିଲ କରାଯାଇଛି। ସେଗୁଡିକ ହେଲା ବଡପଦର, ଚିତ୍ରକୋଣ୍ଡା, ଦୋରାଗୁଡା, ନୂଆଗୁଡା, ଗୁଣ୍ଠାୱାଡା, କପାଟୁଟି, ଟନେଲକ୍ୟାମ୍ପ, କୁରୁମାନୁର ଓ ପାପୁଲୁର ଏବଂ କୋରୁକୋଣ୍ଡା ବ୍ଲକର ନାକାମାମୁଡି। ଫଳରେ ମୋଟ ୧୯ ପଞ୍ଚାୟତ ସ୍ୱାଭିମାନ ଅଞ୍ଚଳ ଭାବେ ନାମିତ ହୋଇଛି। ଏଥିସହିତ ମୁଖ୍ୟମନ୍ତ୍ରୀ ସ୍ୱାଭିମାନ ଅଞ୍ଚଳକୁ ୩ ସେତୁ ନିମନ୍ତେ ଅର୍ଥ ମଞ୍ଜୁର କରିଥିବାରୁ ଆୟୋଜିତ ସଭାରେ ସ୍ୱାଭିମାନ ଅଞ୍ଚଳର ୧୯ ପଞ୍ଚାୟତ ତରଫରୁ ତାଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି । ମଞ୍ଜୁର ହୋଇଥିବା ୩ଟି ସେତୁ ମଧ୍ୟରେ ଖଲିଆଗଡ ନାଳ ଉପରେ ଯନ୍ତ୍ରୀଠାରୁ ଧାକଡପଦର ରାସ୍ତା ପର୍ଯ୍ୟନ୍ତ ୧୧୧ ମିଟର ଦୈର୍ଘ୍ୟ ବିଶିଷ୍ଟ ଗୋଟିଏ ସେତୁ ନିର୍ମାଣ କରାଯିବ। ଏଥିପାଇଁ ୨୦ କୋଟି ଟଙ୍କା ଖର୍ଚ୍ଚ ହେବ। ପଣସପୁଟ ଓ ଯନ୍ତ୍ରୀ ପଞ୍ଚାୟତ ଲୋକମାନେ ଏହାଦ୍ୱାରା ଉପକୃତ ହେବେ। କମୁଡାଗୁଡା ନଦୀ ଉପରେ ଘନବେଢାଠାରୁ କୋଡଗନ୍ଧି ରାସ୍ତା ପର୍ଯ୍ୟନ୍ତ ସେତୁ ନିର୍ମାଣ କରାଯିବ। ମାଛକୁଣ୍ଡ ନଦୀ ଉପରେ ବିଶୋଇଗୁଡାଠାରୁ ଯନ୍ତ୍ରୀ ପର୍ଯ୍ୟନ୍ତ ୩୭୨ ମିଟର ସେତୁ ନିର୍ମାଣ କରାଯିବ, ଯାହାର ବ୍ୟୟ ଅଟକଳ ରହିଛି ୫୪ କୋଟି ଟଙ୍କା।

ଗୁରୁପ୍ରିୟା ସେତୁ ନିର୍ମାଣ ପରଠାରୁ ସାଭିମାନ ଅଞ୍ଚଳବାସୀଙ୍କ ପାଇଁ ଗମନାଗମନ, ବିଦ୍ୟୁତ୍, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଟେଲି ଯୋଗାଯୋଗ ଆଦି ବିଭିନ୍ନ ମୌଳିକ ସେବା ସୁବିଧାରେ ଉପଲବ୍ଧ ହେଉଛି। ଏଥିସହ ସ୍ୱାଭିମାନ ଅଞ୍ଚଳର ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ସେହି ଯୋଜନା ମଧ୍ୟ ଆରମ୍ଭ କରିଛନ୍ତି। ଏହି ପ୍ରକ୍ରିୟାକୁ ଆହୁରି ଆଗକୁ ନେଇ ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ଚିତ୍ରକୋଣ୍ଡା ବ୍ଲକର ୩ଟି ବୃହତ୍ ସେତୁ ନିର୍ମାଣ ପାଇଁ ନିଷ୍ପତ୍ତି ନେବା ସହ ୧୦୧ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହାଦ୍ୱାରା ସ୍ୱାଭିମାନ ଅଞ୍ଚଳର ୩୫ ହଜାର ଲୋକ ଉପକୃତ ହେବେ। ଗମନାଗମନ ସୁବିଧା ସହିତ ସାମାଜିକ ସୁବିଧାସୁଯୋଗ ଓ ଆର୍ଥିକ ଅଭିବୃଦ୍ଧିରେ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ମାର୍ଚ୍ଚ ୨୯ରେ ମାଲକାନଗିରି ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ମାଲକାନଗିରି ଜିଲାରେ ୩ ନୂତନ ସେତୁ ନିର୍ମାଣ ପାଇଁ ୧୦୧ କୋଟି ଟଙ୍କା ମଞ୍ଜୁର କରିଥିବା ସୂଚନା ମିଳିଛି ।

## ପ୍ରଥମ ପୃଷ୍ଠାରୁ...

### ୨ରେ ଲଘୁଚାପ...

ରାଜ୍ୟର ୧୧ ଜିଲାରେ ବର୍ଷା ନିଅଣ୍ଟିଆ ହୋଇଛି। ନବରଙ୍ଗପୁର ଜିଲାରେ ଏହି ସମୟ ମଧ୍ୟରେ ୩୯ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ କେନ୍ଦ୍ରାପଡ଼ା ୩୪, ଗଞ୍ଜାମ ୩୧, କଳାହାଣ୍ଡି ୩୪, ରାୟଗଡ଼ା ୨୨, ପୁରୀ ୨୨, ଯାଜପୁର ୨୪, ଜଗତ୍‌ସିଂହପୁର ୨୪, କଟକ ୨୧, କୋରାପୁଟ ୨୦ ଏବଂ ଖୋର୍ଦ୍ଧା ଜିଲାରେ ସ୍ୱାଭାବିକଠାରୁ ୨୩ ପ୍ରତିଶତ କମ୍ ବର୍ଷା ହୋଇଛି। ମୌସୁମୀ ଦୁର୍ବଳ ଥିବାରୁ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଳ୍ପ କେତେକ ସ୍ଥାନରେ ହାଲୁକା ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗୋପାଳପୁରରେ ୩୫.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ପାରଳାଖେମୁଣ୍ଡି ୩୩.୬, ରାୟଗଡ଼ା ୨୫.୪, ନବରଙ୍ଗପୁର ୨୫.୬, ପୁରୀ ୧୬.୪, କୋରାପୁଟରେ ୧୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗଞ୍ଜାମ, ଗଜପତି, କଳାହାଣ୍ଡି, ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି, କୋରାପୁଟ ଆଦି ଜିଲାରେ ଘଡ଼ଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ, କିନ୍ତୁ ଅଷ୍ଟମ ଚନ୍ଦ୍ର ହେତୁ ଆତ୍ମୀୟସ୍ୱଜନଙ୍କ ପାଇଁ ଚିନ୍ତା ବଢ଼ିପାରେ। ତଥାପି ସମସ୍ୟା ଥିଲେ ମଧ୍ୟ ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ। ଇଚ୍ଛା ବିରୋଧରେ କୌଣସି କାମ କରି ପଶ୍ଚାତ୍ତାପ କରିବାକୁ ପଡ଼ିପାରେ। ଆବଶ୍ୟକତାନୁସାରେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି।

**ବୃଷ** ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କଲେ ଉପକୃତ ହେବେ। ସ୍ୱଗୃହୀ ରବି ଓ ବୁଧ ହେତୁ ପରିବାର ମଧ୍ୟରେ ସମସ୍ୟାର ଗୁରୁତ୍ୱ ଉପଲବ୍ଧି କରି ବିହିତ ପଦକ୍ଷେପ ନେବା ଭଲ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆପଣଙ୍କୁ ସାହାଯ୍ୟ କରିବେ। କର୍ମକ୍ଷେତ୍ରରେ ଥିବା ସମୟରେ ଭୁଲ୍ ଖବର ପାଇ ସାମୟିକ ବିବ୍ରତ ହୋଇପାରନ୍ତି।

**ମିଥୁନ** ତୃତୀୟସ୍ଥ ବୁଧାଦିତ୍ୟ ହେତୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ସମସ୍ୟା ଲାଗି ରହିବା କାରଣରୁ ବ୍ୟବସାୟକୁ ସଙ୍କୁଚିତ କରି ନେଇ ପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇ ପରିସ୍ଥିତିକୁ ଲାଘବ କରିବେ। କଳା, ସାହିତ୍ୟ, ସଂସ୍କୃତି, କ୍ରୀଡ଼ା, ଚଳଚ୍ଚିତ୍ରାଦିରେ ଉନ୍ନତି କରିବାର ସୂଚନା ରହିଛି।

**କର୍କଟ** ଭାଗ୍ୟସ୍ଥାନ ପ୍ରତି ମଙ୍ଗଳଙ୍କ ଦୃଷ୍ଟି କାରଣରୁ ସଫଳତାରେ ଆନନ୍ଦ ଅନୁଭବ କରିବେ। କର୍ମକ୍ଷେତ୍ରରେ ତର୍କ ଓ ବିବାଦକୁ କେନ୍ଦ୍ର କରି ଟଣାଓଟରା ଦେଖାଦେଇପାରେ। ଆପଣ ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ, କିନ୍ତୁ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ।

**ସିଂହ** ଚନ୍ଦ୍ରଙ୍କ ଶୁଭଦୃଷ୍ଟିଜନିତ ନିଜ ପରିସରରେ ରହୁଥିବା ବ୍ୟକ୍ତିମାନଙ୍କ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ। ସ୍ଥଗିତ କାମ ପାଇଁ ହଠାତ୍ ଆଶା କରିଥିବା କୌଣସି ଖବର ପାଇ ଖୁସି ହେବେ। ଛୋଟ ଛୋଟ ଘଟଣାକୁ ଅସାଧାରଣ ମନେ କରି ବ୍ୟସ୍ତ ହୁଅନ୍ତୁ ନାହିଁ। କୋର୍ଟକାର୍ଯ୍ୟ ଅନୁକୂଳ ହୋଇପାରେ।

**କନ୍ୟା** ପାପଗ୍ରହଯୁକ୍ତ ବୃହସ୍ପତି ହେତୁ ଆପଣଙ୍କ ସରଳତାର ସୁଯୋଗ ନେଇ କେହି କ୍ଷତି ସାଧନ କରିପାରେ। ଅନ୍ୟକୁ ଦେଇଥିବା ଟଙ୍କା ଫେରି ପାଇବା ପାଇଁ ବିବାଦ ଭିତରକୁ ଟାଣି ହେବାକୁ ପଡ଼ିବ। ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ। ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ।

**ତୁଳା** ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବା ସାଙ୍ଗକୁ ଘରେ ବନ୍ଧୁମିଳନ ସହିତ ଖୁସିର ଆସର ଜମିପାରେ। ମଙ୍ଗଳଙ୍କ ଦ୍ୱାଦଶାବସ୍ଥାନ ଜନିତ ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇ ନ ପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ଗୁରୁତର ନ ହେଲେ ମଧ୍ୟ ବିଶେଷ ଭଲ ରହି ନ ପାରେ।

**ବିଛା** ଦୁଃସ୍ଥାନସ୍ଥ କେତୁ ପ୍ରଭାବରେ ଅତୀତ ଦିନର କେତେକ କଥା ମନକୁ ଆଲୋଡ଼ିତ କରିପାରେ। ନିଜର ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥବାଦୀ ହୋଇପଡ଼ିବା କାରଣକୁ ନେଇ ବ୍ୟସ୍ତତା ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚ ବର୍ଗଙ୍କଠାରୁ ସମାଲୋଚିତ ହେବେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ଧନୁ** କର୍ମସ୍ଥ ମଙ୍ଗଳଜନିତ ନୂତନ କାମରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇପାରିବ ନାହିଁ। ଏହା ସାଙ୍ଗକୁ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ଅଭାବ ପୂର୍ଣ୍ଣତା ସକାଶେ ଧାର ଉଧାର କରିବାକୁ ପଡ଼ିପାରେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବା କାରଣରୁ ଏକପ୍ରକାର ଆଶ୍ୱସ୍ତି ଲାଭ କରିବେ।

**ମକର** ଚତୁର୍ଥଭାବ ପାପଗ୍ରସ୍ତ ହେତୁ ପାରିବାରିକ କ୍ଷେତ୍ରରେ ସମସ୍ୟା ବଢ଼ିପାରେ। ଏହା ସାଙ୍ଗକୁ ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ବିଶୃଙ୍ଖଳିତ ସ୍ୱଭାବ ଯୋଗୁ ବିଚଳିତ ହେବେ। ବନ୍ଧୁମାନଙ୍କ କଥାରେ ବିଶ୍ୱାସୀ ହୋଇ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। କେତେକ କ୍ଷେତ୍ରରେ ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି।

**କୁମ୍ଭ** ତୃତୀୟ ଭାବର ଅଶୁଭତ୍ୱ କାରଣରୁ ବନ୍ଧୁବାନ୍ଧବଙ୍କ ସମ୍ପର୍କରେ ଅହେତୁକ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଆଜି ଆୟ ତୁଳନାରେ ବ୍ୟୟ ବଢ଼ିବ। ପ୍ରତ୍ୟେକ କ୍ଷେତ୍ରରେ ଆଶା ଓ ବିଶ୍ୱାସ ନେଇ ଆଗକୁ ମାଡ଼ିଚାଲନ୍ତୁ, ଅବଶ୍ୟ ଉପକୃତ ହେବେ। ସାହାଯ୍ୟ କରିବାକୁ କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିପାରନ୍ତି।

**ମୀନ** ଚନ୍ଦ୍ର କ୍ଷେତ୍ରସ୍ଥ ଶୁକ୍ରଜନିତ ପଡ଼ୋଶୀଙ୍କ ସହ ସମ୍ପର୍କକୁ କେନ୍ଦ୍ରକରି ପାରିବାରିକ କ୍ଷେତ୍ରରେ ଅଶାନ୍ତି ସୃଷ୍ଟି ହେବ। ଦୀର୍ଘ ଦିନରୁ ସ୍ନାୟବିକ ଦୁର୍ବଳତା ଅନୁଭବ କରି ଚିନ୍ତିତ ରହିବେ। ପୂର୍ବ ଆଲୋଚନା ଅନୁଯାୟୀ ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ଆକସ୍ମିକ ଭାବରେ ଦୂରଯାତ୍ରାର ମସୁଧା କରିପାରନ୍ତି।

ଆଜି ଶ୍ରାବଣ ଶୁଦ୍ଧ ଶୁକ୍ଳପକ୍ଷ ସର୍ବସମ୍ମତ ପୁତ୍ରଦା ଏକାଦଶୀ ରବିବାର, ରବିନାରାୟଣ ବ୍ରତ, ଅଗଷ୍ଟ ୨୭ ତାରିଖ, ବିଶ୍ୱ ପାକଶାଳା ଉଦ୍ୟାନ ଦିବସ, ଅଗଷ୍ଟ ୨୭ ତାରିଖ, ରାଶି ନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୩୩ ଗତେ ଘ.୦୯।୪୩ ମଧ୍ୟେ, ଘ.୦୧।୨୧ ଗତେ ଘ.୦୧।୫୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୪।୨୯ ଗତେ ଘ.୦୬।୦୨ ମଧ୍ୟେ ରାହୁକାଳ ।




# ‘ମାମଲା ଦୁର୍ବଳ କରିବାକୁ ସମୟ ଗଡ଼ାଅ’

**ଅଭିଯୁକ୍ତ-ଭିଜିଲାନ୍ସ ବିଭାଗ କର୍ମଚାରୀଙ୍କ ଅଡିଓ ଭାଇରାଲ**

**ମହିଳା କର୍ମଚାରୀ ବାଲେଶ୍ୱର ମୁଖ୍ୟାଳୟକୁ ବଦଳି**

**କେନ୍ଦୁଝର,୨୬।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)**

ବିଚାରପତି ବଦଳିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। କେସ୍‌କୁ ଦୁର୍ବଳ କରିବା ପାଇଁ ଚେଷ୍ଟା କରିବା ଏବଂ ପିପିଙ୍କୁ କିଛି ଦେଇ ସମୟ ବଢ଼ାଇବାକୁ ପଡ଼ିବ। ଏହି ବାର୍ତ୍ତାଳାପ କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ପବ୍ଲିକ ପ୍ରସିକ୍ୟୁଟରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀ ଓ ବିଭାଗ ହାତରେ ଧରାପଡ଼ିଥିବା ଜଣେ ଅଭିଯୁକ୍ତଙ୍କ ମଧ୍ୟରେ ହୋଇଛି। ଯାହାର ଅଡିଓ କ୍ଲିପ୍ ଏବେ ଭାଇରାଲ ହେବାରେ ଲାଗିଛି। ମହିଳା କର୍ମଚାରୀ କେସ୍‌କୁ କୋହଳ କରିବା ପାଇଁ ତଥ୍ୟ ଯୋଗାଇବା ଏବଂ ସେ ବାବଦକୁ ଲାଞ୍ଚ ମାଗୁଥିବା ଭାଇରାଲ ଅଡିଓରୁ ସ୍ପଷ୍ଟ ଭାବେ ଜଣାପଡ଼ିଛି। ଅଡିଓ କେବେ ରେକର୍ଡ ହୋଇଛି, ଅଭିଯୁକ୍ତ କିଏ ଏବଂ କିପରି ଅଡିଓ ଭାଇରାଲ ହେଲା ସେ ନେଇ ଠିକ୍ ଭାବେ ଜଣାପଡ଼ି ନ ଥିଲେ ହେଁ ମହିଳା କର୍ମଚାରୀଙ୍କ ଜଣଙ୍କ ଭିଜିଲାନ୍ସ ମହିଳା କନଷ୍ଟେବଳ ସାଗରିକା ବାରିକ। ଘଟଣା ପରେ ତାଙ୍କୁ ବାଲେଶ୍ୱର ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି।

ପ୍ରକାଶ ଯେ, ମହିଳା କର୍ମଚାରୀ ସାଗରିକାଙ୍କ ସହ ଅଭିଯୁକ୍ତଙ୍କ ବିଭିନ୍ନ ସମୟର କଥାବର୍ତ୍ତାର ଅନେକ ଅଡିଓ ଭାଇରାଲ ହୋଇଛି। ସବୁଥିରେ କର୍ମଚାରୀ ଜଣଙ୍କ କିପରି ସାକ୍ଷୀମାନଙ୍କୁ ପ୍ରଭାବିତ କରିବେ ସେନେଇ ଅଭଯୁକ୍ତଙ୍କୁ ଉପାୟ ବତାଇଛନ୍ତି। ଅନ୍ୟ ଏକ କ୍ଲିପ୍‌ରେ ସେ କହିଛନ୍ତି ଯେ, ପିପି ରାଗି କି ସାକ୍ଷୀ ପକାଇବାକୁ କହୁଛନ୍ତି। ଏଣୁ ପିପିଙ୍କୁ କିଛି ଦେବାକୁ ପଡ଼ିବ। ଅନ୍ୟ ଏକ ଅଡିଓରେ ହାତୁଡ଼ିରେ ପିଟିବା ଅପେକ୍ଷା ବାଡିରେ ପିଟିବା ଭଲ ଭଳି କେସ୍‌କୁ ଧୀରେ ଧୀରେ ଆଗକୁ ଗଡ଼ାଇଲେ ଦୁର୍ବଳ ହୋଇଯିବ ବୋଲି କହୁଛନ୍ତି। ଏ ନେଇ କେନ୍ଦୁଝର ଭିଜିଲାନ୍ସ ଏସ୍‌ପି ନରହରି ନାଏକ କହିଛନ୍ତି, ଘଟଣାରେ ମହିଳା କନଷ୍ଟେବଳଙ୍କୁ ବାଲେଶ୍ୱର ଭିଜିଲାନ୍ସ ମୁଖ୍ୟାଳୟକୁ ବଦଳି କରାଯାଇଛି। ତଦନ୍ତ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଭିଜିଲାନ୍ସ କୋର୍ଟର ପିପି ଦେବଦତ୍ତ ବିଶ୍ୱାଳ କହିଛନ୍ତି, ସେ ଏ ସମ୍ପର୍କରେ ଅବଗତ ନୁହନ୍ତି। ଯଦି କେହି ତାଙ୍କ ନାମ ଧରିଥିବେ, ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଘଟଣା ପରେ ଲାଞ୍ଚ କାରବାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଥିବା ବିଭାଗର କାର୍ଯ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଘଟଣାର ଠିକ୍ ତଦନ୍ତ ହେଲେ ସବୁକିଛି ଜଣାପଡ଼ିବ ବୋଲି ମତପ୍ରକାଶ ପାଉଛି।

# ଏସ୍‌ଏଚ୍‌ଜିକୁ ବିନା ସୁଧରେ ୧୦ଲକ୍ଷ ଋଣ ମିଳିବ

**■ ୫-ଟି ସଚିବଙ୍କ ଗଞ୍ଜାମ ଜିଲା ଗସ୍ତର ଦ୍ୱିତୀୟ ଦିନ**

**■ ୩ ସୁଦ୍ଧା ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଖୁସି ଖବର ଦେବେ**



ଭଞ୍ଜନଗର ସଭାସ୍ଥଳରେ ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କୁ ସ୍ୱାଗତ କରାଯାଉଛି ।

**ଭଞ୍ଜନଗର,୨୬।୮ (ବାବୁଲା ପ୍ରଧାନ)**

୫-ଟି ସଚିବ ଭି.କେ.ପାଣ୍ଡିଆନ ୩ ଦିନିଆ ଗଞ୍ଜାମ ଜିଲା ଗସ୍ତରେ ଥିବା ବେଳେ ଶନିବାର ଦ୍ୱିତୀୟ ଦିନରେ ଭଞ୍ଜନଗର, ସୋରଡ଼ା, ଆସିକା, ପୋଲସରା, ଖଲ୍ଲିକୋଟରେ ଜନ ସାଧାରଣଙ୍କ ଅଭିଯୋଗ ଶୁଣିଛନ୍ତି। କଲେଜ ଛାତ୍ରୀଛାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାମାନଙ୍କ ସହ ବିଭିନ୍ନ ଆଲୋଚନା କରିବା ସହ ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିଛନ୍ତି।

୫-ଟି ସଚିବ ପୂର୍ବାହ୍ନରେ ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ସଭାରେ ଉଦ୍‌ବୋଧନ ଦେଇ କହିଥିଲେ, ଚଳିତବର୍ଷ ରାଜ୍ୟ ସରକାର ଫସଲ ବୀମା ପ୍ରିମିୟମ ଛାଡ଼ କରିଛନ୍ତି। ଏହାଦ୍ୱାରା ଗଞ୍ଜାମ ଜିଲାର ୧ଲକ୍ଷ ୨୫ ହଜାର ଚାଷୀ ଲାଭବାନ ହୋଇଛନ୍ତି। ଚାଷୀଙ୍କୁ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ଦିଆଯାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ୨୦୦୧ରେ ରାଜ୍ୟରେ ମିଶନ ଶକ୍ତି କାର୍ଯ୍ୟକ୍ରମ ଆରମ୍ଭ କଲେ। ବର୍ତ୍ତମାନ ୭୦ଲକ୍ଷ ମହିଳା ମିଶନ ଶକ୍ତି କାର୍ଯ୍ୟକ୍ରମରେ ସାମିଲ ଅଛନ୍ତି। ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି)ଗୁଡ଼ିକୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ କରାଯାଉଛି। ଗଞ୍ଜାମ ଜିଲାରେ ମହିଳାମାନେ ସାଢ଼େ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇପାରୁଛନ୍ତି। ବଳକା ଦେଢ଼ଲକ୍ଷ ବ୍ୟାଙ୍କରେ ରହିଯାଉଛି । ମା’ମାନେ ୫ଲକ୍ଷ ଟଙ୍କା ପୂରା ଋଣ ନେଲେ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ବିନା ସୁଧରେ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦେବା ବ୍ୟବସ୍ଥା କରିବେ। ଗତବର୍ଷ ରାଜ୍ୟରେ ଏସ୍‌ଏଚ୍‌ଜିକୁ ୧୧ହଜାର ୩ଶହ କୋଟି ଟଙ୍କା ଋଣ ଦିଆଯାଇଥିବା ବେଳେ ସେଥିମଧ୍ୟରୁ ଗଞ୍ଜାମ ଜିଲାରେ ୧୧୧୩ କୋଟିଟଙ୍କା ଋଣ ଦିଆଯାଇଛି। ଧର୍ମାନୁଷ୍ଠାନଗୁଡିକର ଉନ୍ନତି ପାଇଁ ପଦକ୍ଷେପ ନିଆଯାଉଛି । ମୁଖ୍ୟମନ୍ତ୍ରୀ ଆସନ୍ତା ୩ ତାରିଖ ସୁଦ୍ଧା ରାଜ୍ୟବାସୀଙ୍କୁ ଏକ ଖୁସି ଖବର ଦେବେ ବୋଲି ୫-ଟି ସଚିବ ସଭାରେ ଘୋଷଣା କରିଥିଲେ। ହାଇସ୍କୁଲ ଭଳି କଲେଜଗୁଡ଼ିକୁ ରୂପାନ୍ତରଣ କରାଯାଉଛି। ୧୫ଦିନ ମଧ୍ୟରେ କାମ ଆରମ୍ଭ ହୋଇ ୬ ମାସ ମଧ୍ୟରେ ସରିବ। ଛାତ୍ରୀଛାତ୍ରମାନେ ସ୍ମାର୍ଟ ଶ୍ରେଣୀ କକ୍ଷରେ ବସି ପାଠ ପଢ଼ିବେ। ଇ-ଲାଇବ୍ରେରୀ, କମନ୍ ରୁମ୍ ଆଦି ସୁବିଧା ପାଇବେ। ମୁଖ୍ୟମନ୍ତ୍ରୀ ଆଗାମୀ ଦିନରେ କଲେଜ ଅଧ୍ୟାପକ ଏବଂ ଅନ୍ୟମାନଙ୍କ କଥା ମଧ୍ୟ ବିଚାରକୁ ନେବେ ବୋଲି ସଚିବ କହିଥିଲେ। ସ୍ମାର୍ଟ କଲେଜ କାର୍ଯ୍ୟ ଚାଲିବା ସମୟରେ ଏହା ସାମାଜିକ କାର୍ଯ୍ୟକ୍ରମ ମନେକରି ସମସ୍ତେ ସହଯୋଗର ହାତ ବଢ଼ାଇବାକୁ ସେ ଆହ୍ୱାନ ଦେଇଥିଲେ। ଭଞ୍ଜନଗର, ଜଗନ୍ନାଥପ୍ରସାଦ ସମେତ ଅନ୍ୟ ଅଞ୍ଚଳର ପିଇବା ପାଣି ପାଇଁ ୧୫ ଶହ କୋଟି ଟଙ୍କା ଖର୍ଚ୍ଚ ହେଉଛି । ଢୋଲପିଟାଠାରେ ୨୬ କୋଟି ଟଙ୍କା ବ୍ୟୟରେ ଜଳସେଚନ ବ୍ୟବସ୍ଥା ଚାଲିଛି । ବଡ଼ନଦୀ ଉପରେ ରାଇପଲ୍ଲୀ ରାସ୍ତାରେ ୧୪ କୋଟି ଟଙ୍କା ବ୍ୟୟରେ ନୂତନ ସେତୁ ନିର୍ମାଣ ହେଉଛି । ନୂଆଁଗା କେନାଲ ସିଷ୍ଟମ ମଧ୍ୟ ହେଉଛି । ମାସକ ମଧ୍ୟରେ ଭଞ୍ଜନଗର ଇନଡ଼ୋର ଷ୍ଟାଡିୟମ କାର୍ଯ୍ୟ ସରିବ। ଆଜି ଦିନରେ ମିଳିଥିବା ପ୍ରତ୍ୟେକ ଦରଖାସ୍ତ ଉପରେ ଏକ ମାସ ମଧ୍ୟରେ ଉତ୍ତର ମିଳିବ। ମଧୁବାବୁ ପେନସନ ଯୋଜନାରେ ଗତ ୧୫ ଦିନ ମଧ୍ୟରେ ସମସ୍ତଙ୍କୁ ଭତ୍ତା ପ୍ରଦାନ କରାଯାଇଛି । ଆଉ କେହି ରହିଯାଇଥିଲେ ସେମାନଙ୍କୁ ମଧ୍ୟ ଭତ୍ତା ପ୍ରଦାନ କରାଯିବ ବୋଲି କହିଥିଲେ। ୫-ଟି ସଚିବଙ୍କୁ ଭଞ୍ଜନଗର ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନଙ୍କ ନେତୃତ୍ୱରେ ସ୍ୱାଗତ କରାଯାଇଥିଲା। ଅନ୍ୟପକ୍ଷରେ ଭାଜପା ନେତା ଅଯୋଧ୍ୟାନାଥ ମହାପାତ୍ରଙ୍କ ନେତୃତ୍ୱରେ କେତେଜଣ କର୍ମୀ ସଭାସ୍ଥଳଠାରୁ ୨ କି.ମି. ଦୂର ଶିରିଡ଼ି ସାଇମନ୍ଦିର ସମ୍ମୁଖରେ ନିରବ ପ୍ରତିବାଦ କରିଥିଲେ। ସଚିବଙ୍କ ଗସ୍ତ ପୂର୍ବରୁ ପୋଲିସ ଘୁମୁସର ଜିଲା ଦାବି ନେଇ ଆନ୍ଦୋଳନ କରୁଥିବା କେତେଜଣ ଲୋକଙ୍କୁ ଥାନାକୁ ନେଇ ଅଟକ ରଖିଥିଲା। ପରେ ସେମାନଙ୍କୁ ଛାଡ଼ି ଦିଆଯାଇଛି।

## ସାପ କାମୁଡ଼ାରେ ବୃଦ୍ଧାଙ୍କ ମୃତ୍ୟୁ

**ରାଇରଙ୍ଗପୁର,୨୬।୮ (ମାନସ ମହାନ୍ତି)**

ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଅନ୍ତର୍ଗତ ଧାତକିଡିହୀ ଗ୍ରାମରେ ସାପ କାମୁଡ଼ାରେ ଶୁକ୍ରବାର ରାତିରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ଗ୍ରାମର ମାଇନ ମାରାଣ୍ଡି (୬୫)। ସେ ରାତିରେ ଘରେ ଶୋଇଥିବା ବେଳେ ରାତି ୧୧ ଘଟିକା ସମୟରେ ଏକ ବିଷାକ୍ତ ସାପ କାମୁଡ଼ିଥିଲା। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ମାଇନଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଶନିବାର ରାଇରଙ୍ଗପୁର ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୫/୨୩)ରେ ରୁଜୁ ହୋଇଛି।







## ଗାଈ ପାଟିରେ ଫୁଟିଲା ବୋମା

**ଜମି ନିକଟରେ ବାର୍‌ହା ଶିକାର ପାଇଁ ଥିଲା**

**ବ୍ରହ୍ମପୁର,୨୬।୮ (ସୁବାସ ଚନ୍ଦ୍ର ପାଢ଼ୀ):** ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ଫୁଲଟା ଗ୍ରାମର ଏକ ଜମି ନିକଟରେ ବାର୍‌ହା ଶିକାର ପାଇଁ ରହିଥିବା ବୋମା ଗାଈ ପାଟିରେ ଫୁଟିଛି। ବୋମାଟି ପଲିଥିନରେ ଗୁଡାହୋଇ ଥିଲା। ଖାଦ୍ୟ ଭାବି ଗାଈ ଏହାକୁ ଖାଇ ଦେବାରୁ ଫୁଟି ଯାଇଛି। ଗାଈଟି ଗୁରୁତର ହୋଇ ଛଟପଟ ହେଉଥିବା ଦେଖି ସ୍ଥାନୀୟ ଲୋକେ ପ୍ରାଣୀପ୍ରେମୀ ମନୋଜ କୁମାର ତରାଇଙ୍କୁ ଜଣାଇଥିଲେ। ସେ ଏ ନେଇ ପ୍ରାଣୀ ବିଭାଗକୁ ଜଣାଇ ଆମ୍ବୁଲାନ୍ସ ପଠାଇବାକୁ କହିଥିଲେ। ହେଲେ ଘଟଣାଟି ଗ୍ରାମାଞ୍ଚଳରେ ହୋଇଥିବାରୁ ସେଠାକୁ ଆମ୍ବୁଲାନ୍ସ ଯାଇପାରିବ ନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। ମନୋଜ ଅନ୍ୟଜଣେ ପ୍ରାଣୀପ୍ରେମୀ ଲଲାଟେନ୍ଦୁ ଚୌଧୁରୀଙ୍କୁ ଜଣାଇବାରୁ ସେ ଏ ସମ୍ପର୍କରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଆମ୍ବୁଲାନ୍ସ ପହଞ୍ଚି ଗାଈକୁ ଉଦ୍ଧାର କରି ପ୍ରାଣୀ ଡାକ୍ତରଖାନାକୁ ନେଇଛି। ସୂଚନାଯୋଗ୍ୟ, ଗତ ଜୁନ ୧୮ ତାରିଖରେ କୁକୁଡ଼ାଖଣ୍ଡି ଥାନା ଅନ୍ତର୍ଗତ ଆମ୍ବଗଡ଼ ଗ୍ରାମରେ ଅନୁରୂପ ଭାବେ ଏଭଳି ଏକ ଘଟଣା ଘଟିଥିଲା।

ଏ ପୃଥିବୀର ଉର୍ଦ୍ଧ୍ୱରେ ଯେଉଁ ସବୁ ସ୍ୱର୍ଗ ରହିଛି- ସେଗୁଡ଼ିକ ନିଶ୍ଚୟ ମହାନ୍ ଏବଂ ବିସ୍ମୟକର। କିନ୍ତୁ ତୁମ ନିଜ ଭିତରେ ଲୁଚିଥିବା ସ୍ୱର୍ଗ ହେଉଛି ଅଧିକ ମହାନ୍ ଓ ବିସ୍ମୟଜନକ। ସେହିସବୁ ସ୍ୱର୍ଗର ନନ୍ଦନକାନନ ଦିବ୍ୟ ଉଦ୍ୟାନରକ୍ଷକମାନଙ୍କ କାର୍ଯ୍ୟ ଲାଗି ଅପେକ୍ଷାରତ। -ଶ୍ରୀଅରବିନ୍ଦ

# ମହାକାଶରେ ପ୍ରଗତି



ଆକାର ପଟେଲ

୫୦ ବର୍ଷ ପୂର୍ବେ ଶେଷ ମହାକାଶଚାରୀମାନେ ଚନ୍ଦ୍ରରେ ଅବତରଣ କରିଥିଲେ। ସେହି ଆମେରିକୀୟମାନଙ୍କ ସାଙ୍ଗିଆ ହେଲା କର୍ନାନ, ଇଭାନ୍ସ ଏବଂ ସ୍ମିଟ୍। ଆମ ପାଇଁ ଏମାନେ ଆର୍ମଷ୍ଟ୍ରଙ୍ଗ୍ ନାମ ପରି ଏତେ ପରିଚିତ ନୁହନ୍ତି। କାରଣ ୧୯୬୯ରେ ପ୍ରଥମେ ଚନ୍ଦ୍ରରେ ଅବତରଣ ପରେ ସ୍ପେସ୍ ରେସ୍ ଶେଷ ହୋଇଗଲା ବୋଲି ଧରି ନିଆଯାଇଥିଲା। ସ୍ପେସ୍ ପ୍ରୋଗ୍ରାମ ବା ମହାକାଶ କାର୍ଯ୍ୟକ୍ରମ ଅତ୍ୟନ୍ତ ବ୍ୟୟବହୁଳ ଓ ଏଥିପ୍ରତି ଜନସାଧାରଣଙ୍କ ଆଗ୍ରହ କମିବାରୁ ୧୯୬୯ ପରେ ଆମେରିକା ଏବଂ ରୁଷିଆର କାର୍ଯ୍ୟକ୍ରମଗୁଡ଼ିକର ତୀବ୍ରତା, କ୍ଷମତା ହ୍ରାସ ପାଇଥିଲା। ତେବେ ଆର୍ମଷ୍ଟ୍ରଙ୍ଗ୍‌ଙ୍କ ସଫଳତା ପରେ ମଙ୍ଗଳକୁ ମାନବ ପଠାଇବା ଲାଗି ଯୋଜନା କରାଯାଇଥିଲା। କିନ୍ତୁ ତାହା କେବେ ବି କାର୍ଯ୍ୟକାରୀ କରାଯାଇ ନ ଥିଲା। ଏହି ଯୋଜନା ପ୍ରସ୍ତୁତ କରିଥିଲେ ନାଜି ରକେଟ ବୈଜ୍ଞାନିକ ଭୋନ୍ ବ୍ରାଉନ। ଆମେରିକୀୟମାନଙ୍କ ଦ୍ୱାରା ସେ ଧରାପଡ଼ିଥିଲେ ଓ ତାଙ୍କୁ ଆମେରିକା ଅଣାଯାଇଥିଲା। ପରେ ବ୍ରାଉନ୍‌ଙ୍କ ଦ୍ୱାରା ଚନ୍ଦ୍ରକୁ ଯିବା ପାଇଁ ଆପୋଲୋ ମିଶନ ଶେଷ ହୋଇଥିଲା। ଆମେରିକୀୟମାନଙ୍କୁ ଚନ୍ଦ୍ରକୁ ନେଇଯାଇଥିବା ବିଶାଳ ରକେଟ ଷ୍ଟାଟର୍ନ-୫କୁ ଭାଙ୍ଗି ଟୁକୁଡ଼ା କରିଦିଆଯାଇଥିଲା। ପରେ କମ୍ ଖର୍ଚ୍ଚରେ ନିର୍ମିତ ମଧ୍ୟମ ଆକାରର ସ୍ପେସ୍ ସଟଲକୁ ପୁନଃ ବ୍ୟବହାର କରାଯାଇ ମହାକାଶଚାରୀଙ୍କୁ ପୃଥିବୀର ନିମ୍ନ କକ୍ଷପଥକୁ ନିଆଗଲା। ୧୯୮୧ ରୁ ୨୦୧୧ ପର୍ଯ୍ୟନ୍ତ ଏହା ୩୦ ବର୍ଷ ପାଇଁ ଚାଲିଲା। ପରେ ଏକ ଦଶନ୍ଧି ଧରି ଆମେରିକା ତା' ମହାକାଶଚାରୀଙ୍କୁ ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନକୁ ପଠାଇବା କ୍ଷମତା ହରାଇଥିଲା। ତେବେ କୋଭିଡ୍ ମହାମାରୀ ସମୟରେ ଘରୋଇ କମ୍ପାନୀ ସ୍ପେସ୍ ଏକ୍ସ ଏହି କ୍ଷମତା ହାସଲ କଲା ପର୍ଯ୍ୟନ୍ତ ଆମେରିକା ସେଥିରେ ଆଉ ମନ ବଳାଇ ନ ଥିଲା। ସେପର୍ଯ୍ୟନ୍ତ ଏକ ଦଶନ୍ଧି ଧରି ନାସା ଏବଂ ୟୁରୋପୀୟ ମହାକାଶଚାରୀମାନେ ରୁଷିଆର ରକେଟରେ ମହାକାଶକୁ ଯାଉଥିଲେ। ଏବେ ସ୍ପେସ୍ ଏକ୍ସ ଓ ଚାଇନା ଦ୍ୱାରା ପୃଥିବୀର ସବୁଠୁ ସକ୍ରିୟ ମହାକାଶ କାର୍ଯ୍ୟକ୍ରମ ଚାଲିଛି। ୨୦୨୨ରେ ସ୍ପେସ୍ ଏକ୍ସ ୬୧ଟି ମହାକାଶ ଯାନ ମହାକାଶକୁ ପଠାଇଥିଲା। ଚାଇନା ମଧ୍ୟ ପାଖାପାଖି ସମାନ ସଂଖ୍ୟକ ଯାନ ପଠାଇଥିଲା। ତୁଳନାତ୍ମକ ଭାବେ ୨୦୨୨ରେ ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ) ମାତ୍ର ୪ଟି ମହାକାଶ ଯାନ ସଫଳତାର ସହ ପଠାଇଥିଲା। ସେଥି ମଧ୍ୟରେ ଥିଲା ୩ଟି ପିଏସ୍ଏଲ୍‌ଭି ଏବଂ ଗୋଟିଏ ଜିଏସ୍ଏଲ୍‌ଭି, ଯାହାର ନାମ ବଦଳାଯାଇ ରଖାଯାଇଛି ଏଲ୍‌ଭିଏମ୍। ଏହି ସଂଖ୍ୟାକୁ ନେଇ ନିରାଶ ହେବା ଉଚିତ ନୁହେଁ, କାରଣ ଏଥିପାଇଁ ଆମର ବଜେଟ ବହୁତ କମ୍।

ଭାରତର ଚନ୍ଦ୍ର ଅଭିଯାନର ଅଭୁତପୂର୍ବ ସଫଳତା ପରେ ପରବର୍ତ୍ତୀ ପଦକ୍ଷେପ ହେଉଛି ମଣିଷକୁ କକ୍ଷପଥରେ ସ୍ଥାପନ କରିବା। ୧୯୮୦ ଦଶକରେ ସୋଭିଏତ୍ ରକେଟ ସାହାଯ୍ୟରେ ଭାରତ ଏହା ହାସଲ କରିଥିଲା। କକ୍ଷପଥରେ ପୃଥିବୀକୁ ପରିକ୍ରମା କରିବାରେ ଏକମାତ୍ର ଭାରତୀୟ ହେଉଛନ୍ତି ମହାକାଶଚାରୀ ରାକେଶ ଶର୍ମା ଏବଂ ଏହା ୪୦ ବର୍ଷ ପୂର୍ବେ ଏପ୍ରିଲ ୧୯୮୪ରେ ସଫଳ ହୋଇଥିଲା। ଯଦି ସବୁ କିଛି ଠିକ୍ ଚାଲେ ତେବେ ଭାରତ ଆସନ୍ତା ୨ ବର୍ଷ ମଧ୍ୟରେ ଗଗନାୟନ ମହାକାଶଯାନରେ ଭାରତୀୟଙ୍କୁ କକ୍ଷକୁ ପଠାଇବାକୁ ଆଶାକରୁଛି। ସୁରକ୍ଷିତ ଭାବେ କକ୍ଷପଥକୁ ଏକ ରକେଟ ପଠାଇବାର ସବୁଠାରୁ କଠିନ ଦିଗକୁ ଭାରତ ହାସଲ କରିସାରିଛି। ସମ୍ପ୍ରତି ଆମେ ଦେଖିଛୁ ଭାରତ କକ୍ଷପଥ ବେଗକୁ ମନ୍ଥର ଏବଂ ନିୟନ୍ତ୍ରିଣ କରିବା ପରେ ନିଜର ଶକ୍ତି ବଳରେ ଏକ ମହାକାଶ ଯାନକୁ ଅବତରଣ କରିବା କ୍ଷମତା ହାସଲ କରିଛି। ଯେତେବେଳେ ମହାକାଶ ଯାନରେ ମଣିଷ ପଠାଇବା କ୍ଷମତା ହାସଲ କରିବୁ, ସେତେବେଳେ ରୁଷିଆ, ଆମେରିକା, ଚାଇନା ଏବଂ ସ୍ପେସ୍ ଏକ୍ସ ପରକୁ ଆମେ ପଞ୍ଚମ ରାଷ୍ଟ୍ର ହୋଇଯିବୁ। ସେଠାରେ ପହଞ୍ଚିବା ପରେ ସମ୍ଭବତଃ ଆମେ ଆଉ ଅଧିକ ପାଇଁ ଆଗେଇବୁ। କକ୍ଷପଥକୁ ପ୍ରଥମ ବ୍ୟକ୍ତି ଯିବା, ମହାକାଶରେ ପ୍ରଥମ ବ୍ୟକ୍ତି ଚାଲିବା ଓ ଚନ୍ଦ୍ରରେ ଅବତରଣ ୫୦ ବର୍ଷ ପୂର୍ବେ ଘଟିଥିଲା। କିଛି ଲୋକ ମଧ୍ୟ ସ୍ପେସ୍ ଷ୍ଟେଶନରେ କକ୍ଷପଥରେ ୧ ବର୍ଷ ବିତାଇଛନ୍ତି। ପରବର୍ତ୍ତୀ ୨ ଦଶନ୍ଧି ମଧ୍ୟରେ ହାସଲ ହେବାକୁ ଥିବା ଏକମାତ୍ର 'ପ୍ରଥମ' କାର୍ଯ୍ୟ ହେଉଛି ମଙ୍ଗଳ ଗ୍ରହରେ ମାନବ ଅବତରଣ। ତେଣୁ ସ୍ପେସ୍ ରେସ୍‌ରେ ପ୍ରଥମ ହେବା ମୂଳ ଲକ୍ଷ୍ୟ ନୁହେଁ। ଆମ ଗ୍ରହରୁ ଏକ ମହାକାଶଯାନ ସୌରଜଗତ ଛାଡି ଯେତେବେଳେ ଅନ୍ୟଟିରେ ପ୍ରବେଶ କରେ ସେତେବେଳେ ଏହା ଏକ ରାଷ୍ଟ୍ରର ନୁହେଁ ବରଂ ଏକ ଗ୍ରହର ବାର୍ତ୍ତାବହ ପାଲଟିଯିବ। ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ (ଆଇଏସ୍ଏସ୍) ଏହାକୁ ସ୍ୱୀକୃତି ଦେଇଛି। ଆଇଏସ୍ଏସ୍ ଆମେରିକା, ଜାପାନ, ରୁଷିଆ, କାନାଡା ଏବଂ ୟୁରୋପୀୟ ୟୁନିୟନର ଏକ ମିଳିତ ପ୍ରୟାସ। ବର୍ତ୍ତମାନ ସେଠାରେ ଥିବା ମହାକାଶଚାରୀ ନାମ ଯଥା ରୁବିଓ, ପ୍ରୋକୋପିଏଭ, ପେଟେଲିନ, ବୋଓ୍ୱେନ, ହୋବର୍ଗ, ଆଲନେୟାଡି ଏବଂ ଫେଡିୟାଭ ବିବିଧତାରେ ଏକତାକୁ ପ୍ରତିଫଳିତ କରେ। ଅଗଷ୍ଟ ୨୬ରେ ଅନ୍ୟ ଚାରିଜଣଙ୍କୁ ଆଇଏସ୍ଏସ୍‌କୁ ପଠାଇବା କାର୍ଯ୍ୟକ୍ରମ ରହିଛି ଏବଂ ସେମାନଙ୍କର ନାମ ହେଲା ଫୁରୁକାୱା, ବୋରିସୋଭ, ମୋଗବେଲି ଏବଂ ମୋଗେନସେନ। ଉଲ୍ଲେଖନୀୟ ଯେ, ୟୁକ୍ରେନ୍‌କୁ ନେଇ ସୃଷ୍ଟି ହୋଇଥିବା ଶତ୍ରୁତା ଏବଂ ୟୁଏଇ ଓ ଆମେରିକା ତାକୁ ରୁଷିଆ ବିରୋଧରେ ଅସ୍ତ୍ର ଯୋଗାଉଥିବାବେଳେ ମିଳିତ ମହାକାଶ କାର୍ଯ୍ୟକ୍ରମ ଜାରି ରହିଛି। ଏହା କରିବାର କାରଣ ହେଉଛି, ମହାକାଶରେ ସଫଳତା ଏବଂ ପ୍ରଗତି ଦେଶଠାରୁ କିଛି ଅଧିକ। ଚାଇନା ଆଇଏସ୍ଏସ୍ ଗୋଷ୍ଠୀର ସଦସ୍ୟ ନୁହେଁ, କିନ୍ତୁ ଏହା ନିଜସ୍ୱ ସ୍ପେସ୍ ଷ୍ଟେଶନ ନିର୍ମାଣ କରିଛି ଏବଂ ଏହାକୁ ପ୍ରତିବର୍ଷ ବଢାଇଚାଲିଛି।

ମହାକାଶ ବିଜ୍ଞାନ ଆମକୁ ଏକ ଜାତି ଏବଂ ଗ୍ରହ ଭାବରେ ଏକତ୍ର କରିବାକୁ ଚାହେଁ। ପୃଥିବୀ ପରିକ୍ରମା କରିଥିବା ସମସ୍ତ ମହାକାଶଚାରୀଙ୍କୁ ସ୍ଥାୟୀ ଭାବେ ବଦଳାଯାଇଛି। ସେମାନେ ଆମ ଗ୍ରହକୁ ଯେପରି ଦେଖନ୍ତି ତାହା ଆମେ ଅବଶିଷ୍ଟ କରିପାରିବେ ନାହିଁ। ନୀଳ ବାୟୁମଣ୍ଡଳ କେତେ ପତଳା ଓ କେତେ ଅସୁରକ୍ଷିତ ତାହା ସେମାନେ ଦେଖନ୍ତି। ସେମାନେ ଦେଖନ୍ତି କୃତ୍ରିମ ସୀମା ଓ ଜାତିବିନା ପୃଥିବୀର ଭୌତିକ ରୂପକୁ ଏକ ଏକୀକୃତ ସମୁଦାୟ ଭାବେ। ସେଥିପାଇଁ ମହାକାଶରେ ସମସ୍ତ ପ୍ରଗତିରେ ଆମେ ଉତ୍ସାହିତ ହେବା ଉଚିତ। ଏହା ଆମ ଗ୍ରହ ଏବଂ ଆମ ସମସ୍ତଙ୍କ ସକାଶେ ଏକ ଉତ୍ତମ ଭବିଷ୍ୟତ ପାଇଁ ଆଶାବାଦୀ ହେବାକୁ ଆମକୁ ଉତ୍ସାହିତ କରିବା ଦରକାର।

Email:aakar.patel@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | | 2 | | 9 | | 5 | |
| | 2 | | | | 1 | | | |
| | | 8 | | | 7 | 6 | | |
| | | | | | | | | |
| | 5 | 1 | 8 | | 3 | | | |
| | | | | 6 | | | 4 | 9 |
| 4 | | | 7 | | | | | |
| | | 7 | | | | | | 3 |
| 1 | | | | | | 8 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 1 | 8 | 2 | 9 | 3 | 4 | 7 | 5 |
| 2 | 4 | 9 | 5 | 8 | 7 | 3 | 6 | 1 |
| 5 | 3 | 7 | 4 | 6 | 1 | 2 | 8 | 9 |
| 3 | 8 | 6 | 1 | 4 | 9 | 5 | 2 | 7 |
| 9 | 5 | 4 | 6 | 7 | 2 | 8 | 1 | 3 |
| 7 | 2 | 1 | 3 | 5 | 8 | 9 | 4 | 6 |
| 8 | 7 | 3 | 9 | 2 | 6 | 1 | 5 | 4 |
| 1 | 6 | 5 | 8 | 3 | 4 | 7 | 9 | 2 |
| 4 | 9 | 2 | 7 | 1 | 5 | 6 | 3 | 8 |

ଗତ କାଲିର ଉତ୍ତର

# ଜନଜାତି ସଂସ୍କୃତି ଓ ନାରୀ ସଶକ୍ତୀକରଣ



ଡ. ପ୍ରଫୁଲ୍ଲ କୁମାର ସାହୁ

ଭାରତୀୟ ସମାଜ ଜୀବନର ଏକ ପ୍ରଧାନ ଅଙ୍ଗ ହେଉଛି ଆଦିବାସୀ ସଂସ୍କୃତି। ପ୍ରକୃତିର ମନୋଜ୍ଞ ପରିବେଶରେ ଜୀବନ ଧାରଣ କରି ଏକ ସୁଦୀର୍ଘ ସାଂସ୍କୃତିକ ପରମ୍ପରା ସୃଷ୍ଟି କରିଥିବା ଆଦିବାସୀମାନେ ହିଁ ଏ ଦେଶର ମୂଳ ବାସିନ୍ଦା ବା ଆଦିମ ଅଧିବାସୀ। ଜନଜାତି ମଣିଷ ପ୍ରକୃତିର ସନ୍ତାନ। ପ୍ରକୃତି ଏମାନଙ୍କ ଜୀବନ ଓ ଜୀବିକାର ଆଧାର। ବଣ ଝରଣା ପରି ଏମାନଙ୍କ ମନ ସ୍ୱଚ୍ଛ ଓ ପ୍ରବାହଧର୍ମୀ। ଅରଣ୍ୟ ପରି ଜାଙ୍ଗଲିକ ଏମାନଙ୍କ ଜୀବନଚର୍ଯ୍ୟା। ଆପଣା ଐତିହ୍ୟପୂର୍ଣ୍ଣ ରୀତିନୀତି, ଚାଲିଚଳନ, ବେଶପୋଷାକ, ଖାଦ୍ୟପେୟ, ସଂସ୍କାର ଓ ଧର୍ମ ବିଶ୍ୱାସକୁ ଜାବୁଡ଼ି ଧରି ଏମାନେ ଗୋଷ୍ଠୀବଦ୍ଧ ଜୀବନ ବଞ୍ଚନ୍ତି। ଜୀବନରେ ଦୁଃଖ ଆସେ, ଯନ୍ତ୍ରଣା ଆସେ, ହେଲେ ସେଥିରେ ଆଦୌ କାତର ହୁଏନି ପାର୍ବତ୍ୟ ମଣିଷ। ମହୁଲ ଫୁଲର ମହକ ଓ ସଲପର ମାଦକତା ଭିତରେ ସେମାନେ ଅନୁଭବ କରନ୍ତି ପ୍ରାଚୁର୍ଯ୍ୟମୟ ଜୀବନର ଉଲ୍ଲାସ। ସଭ୍ୟତାର ମାପକାଠିରେ ସେମାନେ ହୋଇପାରନ୍ତି ଅନୁନ୍ନତ, ମାତ୍ର ସେମାନଙ୍କ ସାଂସ୍କୃତିକ ପରମ୍ପରା ଯେମିତି ବୈଚିତ୍ର୍ୟମୟ, ସାମାଜିକ ଜୀବନବୋଧ ସେମିତି ସୌହାର୍ଦ୍ଦପୂର୍ଣ୍ଣ। ବିଶେଷକରି ଜନଜାତି ସଂସ୍କୃତିରେ ନାରୀର ସ୍ଥିତି, ସୁରକ୍ଷା ଓ ସ୍ୱାଧୀନତା ପ୍ରସଙ୍ଗ ଆସିଲେ ଖୁବ୍ ଉଚ୍ଚାଙ୍ଗ ମନେହୁଏ ସେମାନଙ୍କ ସାଂସ୍କୃତିକ ପରମ୍ପରା ଓ ସାମାଜିକ ବିଚାରଧାରା।

ଆଦିବାସୀ ଲଳନା ପାହାଡ଼ ଦେଶର ଶ୍ରୀ ଓ ଶୋଭା। ସେମାନେ ପ୍ରକୃତି ପରି ସୁନ୍ଦର ଓ ମାଟି ମା'ପରି ମମତାମୟୀ। ସେମାନଙ୍କ ଚାଲିରେ ଥାଏ କବିତାର ଛନ୍ଦ ଓ କଥାରେ ସଙ୍ଗୀତର ମାଧୁରିମା। ପାହାଡ଼ି କନ୍ୟା ଯେତିକି ସୁନ୍ଦର ସେତିକି ବେପରୁଆ। ପ୍ରକୃତି କନ୍ୟା ନିଜସ୍ୱ ସୌନ୍ଦର୍ଯ୍ୟ ଓ ଲାଳିତ୍ୟରେ ସ୍ୱୟଂ ସମ୍ପୂର୍ଣ୍ଣ ହେଲେ ବି ଅଳଙ୍କାର ପ୍ରତି ଥାଏ ସେମାନଙ୍କର ବିଶେଷ ଆକର୍ଷଣ। ବେଶଭୂଷା ସେମାନଙ୍କର ସରଳ ଓ ନିରାଡ଼ମ୍ବର। ମୋଟା ସୂତାର ଶାଢ଼ି ଏମାନଙ୍କ ପରିଧାନ। ଦେହର ଆଭରଣ ପ୍ରତି ବେପରୁଆ। ଜଡ଼ାତେଲ ଲଗେଇ ଖୋଷା ବାନ୍ଧନ୍ତି ଏବଂ ସେଥିରେ ଖୋସନ୍ତି ଧୋବ ଫରଫର ଫୁଲପେନ୍ଥା।

ଆଦିବାସୀ ସମାଜରେ ନାରୀ ଓ ପୁରୁଷ ବିଭିନ୍ନ ନୁହନ୍ତି, ବରଂ ମନୁଷ୍ୟ ଭାବରେ ସମାନ। ଏହି ବିଚାରବୋଧ ଯୋଗୁ ଜନଜାତି ସମାଜରେ ଦେଖିବାକୁ ମିଳେନି ଲିଙ୍ଗ ନିରୂପଣ ଓ କନ୍ୟାଭ୍ରୂଣ ହତ୍ୟା ଭଳି ଘୃଣ୍ୟ ବ୍ୟବସ୍ଥା। ପରିବାରକୁ କନ୍ୟା ସନ୍ତାନଟିଏ ଆସିଲେ ତାକୁ ସେମାନେ ବୋଝ ବୋଲି ଭାବନ୍ତିନି କି ଲିଙ୍ଗଗତ ବୈଷମ୍ୟର ଶିକାର ହୋଇ କନ୍ୟାସନ୍ତାନକୁ ଭୋଗିବାକୁ ପଡ଼େନି ମାନସିକ ନିର୍ଯାତନା। ବଣ ଝରଣାର ଅମାନିଆ ଗତି ପରି ସ୍ୱଚ୍ଛନ୍ଦ ଓ ସାବଲୀଳ ଭାବରେ ସେ ଅତିବାହିତ କରେ ତା'ର ଶୈଶବ ଓ କୈଶୋର। ଆଦିବାସୀ ଝିଅ (ଧାଙ୍ଗଡ଼ୀ) ପ୍ରକୃତି କୋଳର ମୁକ୍ତନାରୀ। ଜ୍ୟୋତ୍ସ୍ନା ଭଳି ନିର୍ମଳ, ପବନ ଭଳି ଉଦାର, ଝରଣା ଭଳି ଚଞ୍ଚଳ ଓ ବଣର ପକ୍ଷୀପରି ସେ ମୁକ୍ତ ଏବଂ ସ୍ୱାଧୀନ। ତା'ର ଇଚ୍ଛା ଉପରେ ନଥାଏ କାହାରି ଲଗାମ। ଦେହ ଉପରେ ଯୌବନର ରଙ୍ଗ ବୋଳି ହୋଇଗଲେ ମନରେ ଲାଗିଯାଏ କଳ୍ପନାର ଡେଣା। ଧାଙ୍ଗଡ଼ୀ ଜୀବନରେ ଆରମ୍ଭ ହୁଏ ଯୌବନର ଉପାସନା। ନୃତ୍ୟ ଗୀତ ପ୍ରତି ଆଦିବାସୀ ଯୁବତୀର ଦୁର୍ବାର ଆକର୍ଷଣ। ନୃତ୍ୟଗୀତ ତା' ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଧାଙ୍ଗଡ଼ା ଓ ଧାଙ୍ଗିଡ଼ୀ ଏକାଠି ମିଶି ଗୋଜିଆ ପର୍ବତର ସରୁ ଚଟାଣ ଉପରେ ଛାଡ଼ି ଦିଅନ୍ତି ଗୀତର ଲହରୀ। ପୁଷ୍ ପୂନେଇଁ ଓ ଚଇତି ପରବ ବେଳେ ଧାଙ୍ଗଡ଼ା ବସାରୁ ଭାସିଆସେ ଗୀତ ଓ ବାଜାର ଧୁନ୍। ସେ ଧୁନ୍‌ରେ ଥାଏ ଧାଙ୍ଗଡ଼ୀମାନଙ୍କ ପ୍ରତି ଆଦର, ସ୍ନେହ ଓ ମଧୁର ସମ୍ବୋଧନ। ସେଥିରେ ଫାଟି ପଡ଼େ ଧାଙ୍ଗଡ଼ୀ ମନର ସରାଗ। ଆଖିରେ ଆଖିଏ ସ୍ୱପ୍ନ ନେଇ ସେ ଧାଙ୍ଗଡ଼ା ବସା ଆଡ଼କୁ ଧାଏଁ ତୋଫା ଜହ୍ନ ଆଲୁଅରେ। ଧାଙ୍ଗଡ଼ା ସହ ବାହୁରେ ବାହୁ ଛନ୍ଦି, ହୃଦୟରେ ହୃଦୟ ଯୋଡ଼ି ଝୁଲି ଝୁଲି ନାଚେ ଡୁଙ୍ଗଡୁଙ୍ଗାର ତାଳେ ତାଳେ। ଏଥିରେ ଯୋଗ ଦିଅନ୍ତି ଗାଁସାରା ଲୋକେ। ବୁଢ଼ାମାନେ ସାଜନ୍ତି ଦେଖଣାହାରି। ଥରେ ନାଚଗୀତ ଆରମ୍ଭ ହୋଇଗଲେ ରାତି ପାହିଯାଏ, ହେଲେ ଥକି ପଡ଼େନି ଧାଙ୍ଗଡ଼ୀର ପାଦ। ମନ ଭିତରେ ଚେଇଁ ଉଠେ ଉଦ୍ଦାମ ପାଶବିକତା। ତାକୁ ସେ ନିଜ ଭିତରେ ବିଲୀନ ହେବାକୁ ନଦେଇ ହୁଏତ ସ୍ୱୀକାର କରିନିଏ ବଣର ଝୋଲା କୂଳରେ କିମ୍ବା ଢେଉଢେଉକା ପାହାଡର ଡଙ୍ଗର ଉପରେ।



ଧାଙ୍ଗଡ଼ା ଧାଙ୍ଗଡ଼ୀମାନଙ୍କ ପ୍ରାଣରେ ଏହି ଅଦମ୍ୟ ବାସନା, ସତେ ଯେମିତି ପ୍ରକୃତି ଓ ପୁରୁଷର ସ୍ୱାଭାବିକ ଜୀବନ ପ୍ରକ୍ରିୟା। ସେଥିରେ ନଥାଏ କୃତ୍ରିମତା ବା ପ୍ରବଞ୍ଚନା। ଏହା କେବଳ ଆନନ୍ଦର ଉଦ୍‌ବୋଧନ ନୁହେଁ, ଅମୃତର ଅନ୍ୱେଷଣ। ବିବାହ ନ ସରିବାଯାଏ ଆକଟ କରେନି ସମାଜ। ପରମ୍ପରାର ପଥର ପାଚେରି ଭିତରେ ଥାଇ ଧାଙ୍ଗଡ଼ା ଧାଙ୍ଗଡ଼ୀ ଅନୁଭବ କରନ୍ତି ମିଳନର ଆନନ୍ଦ, ପ୍ରେମର ସାର୍ଥକତା। ସେ ପ୍ରେମରେ କିନ୍ତୁ ନଥାଏ ସାମାନ୍ୟତମ ଆବିଳତା। ଧାଙ୍ଗଡ଼ା ଏଠି ଧାଙ୍ଗଡ଼ୀର ମନ ଜିଣେ ନାନା ଉପାୟରେ। ସେ ଗୀତ ଗାଏ, ବାଜା ବଜାଏ ଓ ମିଠା ମିଠା କଥା କହେ ଧାଙ୍ଗଡ଼ୀର ମନ ମୋହିବା ପାଇଁ। ସବୁ ସତ୍ତ୍ୱେ ବି ଧାଙ୍ଗଡ଼ୀର ମନ ଜିଣି ନ ପାରିଲେ ସେ ଫେରିଯାଏ, ହେଲେ ଆଦିବାସୀ ସମାଜରେ କେବେ ଘଟେନି ବଳାତ୍କାର ଭଳି ଅସାମାଜିକ ଘଟଣା। ପ୍ରେମ ଏଠି ଅବାଧ। ମାତ୍ର ସେ ପ୍ରେମରେ ଦେହର ଦାବି ଅପେକ୍ଷା ହୃଦୟର ଆହ୍ୱାନ ବେଶି। ସେଥିପାଇଁ ସକାଳର ଶାଳପତ୍ରରେ ବିନ୍ଦୁଏ ବର୍ଷାଜଳ ପରି ସର୍ବଦା ଚିକ୍ ଚିକ୍ କରୁଥାଏ ଆଦିବାସୀ ଯୁବତୀର ନିର୍ଭେଜାଲ ମନ ଓ ଶୁଦ୍ଧ ସତୀତ୍ୱ।

ଆଦିବାସୀ ନାରୀ ଜୀବନରେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଅନୁଷ୍ଠାନ ହେଉଛି ବିବାହ। ସେମାନଙ୍କ ସମାଜରେ ଝିକାଟଣା ବିବାହ, ପ୍ରେମ ବିବାହ ଓ ପ୍ରାୟୋଜିତ ବିବାହ ଆଦି ନାନା ପ୍ରକାର ବିବାହ ପ୍ରଚଳିତ ଥିଲେ ବି ପ୍ରେମ ବିବାହକୁ ଅଧିକ ପସନ୍ଦକରେ ଆଦିବାସୀ ଯୁବତୀ। ନାଚଗୀତ ମାଧ୍ୟମରେ ଏମାନେ ବ୍ୟକ୍ତ କରନ୍ତି ମନର ଭାବ। ବିଭିନ୍ନ ପର୍ବପର୍ବାଣି ଅବସରରେ ଆୟୋଜିତ ନାଚଗୀତରେ ମନ ଆକର୍ଷିତ ହେଲେ ପରସ୍ପରକୁ ବିବାହ କରନ୍ତି ଏବଂ ଏହି ଉଦୁଉଦିଆ (ପ୍ରେମ ବିବାହ)କୁ ସ୍ୱୀକୃତି ଦିଏ ସମାଜ। ସେମାନଙ୍କ ବାହାଘରରେ ଯୌତୁକ ପ୍ରଥା ନାହିଁ, ବରଂ ଏଠି ବରପକ୍ଷକୁ ଦେବାକୁ ହୁଏ କନ୍ୟାସୁନା। ବିଧବା ନାରୀକୁ ଅଶୁଭ ସଂକେତ ବୋଲି କେବେ ବିବେଚନା କରେନି ଆଦିବାସୀ ସମାଜ। ଏଠି ବିଧବା ବିବାହ ଏକ ସାଧାରଣ କଥା। ଛାଡ଼ପତ୍ର ବ୍ୟବସ୍ଥାଟି ମଧ୍ୟ ଖୁବ୍ ସହଜ। ସ୍ୱାମୀ ସ୍ତ୍ରୀ ଯେ କେହି ଚାହିଁଲେ ଅପରକୁ ପରିତ୍ୟାଗ କରି ଦ୍ୱିତୀୟ ବିବାହ କରିପାରେ ନିଜ ମନଇଚ୍ଛାରେ। ହେଲେବି ଆଦିବାସୀ ସମାଜରେ ଛାଡ଼ପତ୍ର ସଂଖ୍ୟା ଖୁବ୍ ନଗଣ୍ୟ।

ପୁରୁଷର ଉପାର୍ଜନ ଉପରେ ନିର୍ଭର କରି ଦିନ କାଟେନି ଆଦିବାସୀ ରମଣୀ। ସେ କେତେବେଳେ ଘରେ ରନ୍ଧାବଢ଼ା କରେ ତ କେତେବେଳେ ଖରାବର୍ଷାକୁ ଖାତିର ନ କରି ଲାଗିଥାଏ ଚାଷ କାମରେ। କେବେ ତା' ମୁଣ୍ଡରେ ପାଣି ମାଠିଆ ତ' କେବେ ଜାଳକାଠର ବୋଝ। କଠିନ ପରିଶ୍ରମ କରି ବଞ୍ଚିବାରେ ଥାଏ ସେମାନଙ୍କର ଆନନ୍ଦ। ତେଣୁ ବିବାହ ବେଳେ ସେମାନେ କେବେ ଖୋଜନ୍ତିନି ବରର ଆର୍ଥିକ ସ୍ୱଚ୍ଛଳତା। ଆଦିବାସୀ ସ୍ତ୍ରୀ ଜୀବନର ବନ୍ଧୁର ପଥରେ ପୁରୁଷର ସହଯାତ୍ରିଣୀ, ସହକର୍ମିଣୀ ଓ ସାହାଯ୍ୟକାରିଣୀ। ସେ ପସରା ମୁଣ୍ଡାଏ ସିନା ଦାୟିତ୍ୱ ମୁଣ୍ଡାଏ ନାହିଁ। ସେ ମୁଣ୍ଡ ଝାଳ ତୁଣ୍ଡରେ ମାରି ରୋଜଗାର କଲେ ବି ପରିବାର ଭିତରେ ଜାହିର କରେନି ମୁରବିପଣିଆ। ଆପଣା ପୁରୁଷ ହିଁ ଆଦିବାସୀ ନାରୀ ଜୀବନର ସର୍ବସ୍ୱ। ସେଥିପାଇଁ ପୁରୁଷ ପ୍ରତି ନିଜର ଆନୁଗତ୍ୟରେ ଥାଏ ତା'ର ପରିତୃପ୍ତି। ଏହି ମାନସିକତା ଯୋଗୁ ନିଜର ସାମର୍ଥ୍ୟ ଓ ସ୍ୱାତନ୍ତ୍ର୍ୟ ସତ୍ତ୍ୱେ କୌଣସି କ୍ଷେତ୍ରରେ ସ୍ୱାମୀକୁ କେବେ ଅବହେଳା ଓ ଅବମାନନା କରିବାକୁ ଚାହେଁନି ଆଦିବାସୀ ନାରୀ। ଏହି ଦୃଷ୍ଟିରୁ ଆଦିବାସୀ ସମାଜ ପୁରୁଷପ୍ରଧାନ ହେଲେ ବି ନାରୀର ସମ୍ମାନ ପ୍ରତି ଏଠି ଆଦୌ ଊଣା ନୁହେଁ ପୁରୁଷର ପ୍ରତିବଦ୍ଧତା। ନାରୀକୁ ସମ୍ମାନ ଓ ସୁରକ୍ଷା ସେଠାରେ ସ୍ଲୋଗାନ ନୁହେଁ, ବରଂ ଏକ ସାଂସ୍କୃତିକ ଅଙ୍ଗୀକାରବଦ୍ଧତା, ଏକ ସାମାଜିକ ଦାୟିତ୍ୱବୋଧ। ସେଥିପାଇଁ ଆଦିବାସୀ ନାରୀ ସ୍ୱାଧୀନ, ସଶକ୍ତ ଓ ସୁରକ୍ଷିତ।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪

# ଚନ୍ଦ୍ରଯାନର ନାୟକ

## ବ୍ୟକ୍ତିତ୍ୱ



ଏସ୍. ୟୁନିକ୍ରିଷ୍ଣନ୍ ନାୟାର

ପୃଥିବୀର ଏକମାତ୍ର ପ୍ରାକୃତିକ ଉପଗ୍ରହ ଚନ୍ଦ୍ର ବା ଜହ୍ନ। ପୃଥିବୀକୁ ମାଆ ବୋଲି ଧରାଯାଇଥିବାରୁ ତା'ର ଭାଇ ଜହ୍ନକୁ ପୃଥିବୀବାସୀ ମାମୁ ବୋଲି ସମ୍ବୋଧନ କରିଥାଆନ୍ତି। ସନ୍ଧ୍ୟା ଆକାଶକୁ ଆଲୋକିତ କରୁଥିବା ଏହି ଜହ୍ନକୁ ଦେଖାଇ ମା'ମାନେ ପିଲାକୁ କାଖରେ ଧରି ଖୁଆଇବାକୁ ଯାଇ କହିଥାଆନ୍ତି-ହେଇ ଦେଖ ଜହ୍ନ, ତୋ ମାମୁ। ବହୁ ଦୂରରେ ଥିବା ଜହ୍ନମାମୁକୁ ଦେଖି ପିଲାମାନେ ଖାଇଦେଇଥାଆନ୍ତି। ସାହିତ୍ୟିକ ଜହ୍ନକୁ ନେଇ ଢେର ବର୍ଣ୍ଣନା କରିଛନ୍ତି। ହେଲେ ବିଜ୍ଞାନୀମାନେ କାଳ୍ପନିକ ରାଇଜରେ ବିଚରଣ ନ କରି ତା'ର ବାସ୍ତବ ପୃଷ୍ଠଭୂମିରେ ପାଦ ଥାପିଛନ୍ତି। ଆମେରିକା, ରୁଷିଆ ଓ ଚାଇନା ଚନ୍ଦ୍ରରେ ସେମାନଙ୍କ ଯାନ ପହଞ୍ଚାଇଥିବା ବେଳେ ଏବେ ଭାରତ ସେହି କ୍ଲବରେ ସାମିଲ ହୋଇ ଆଉ ପାଦେ ଆଗେଇଯାଇଛି। ୨୩ ଅଗଷ୍ଟ ୨୦୨୩ ସନ୍ଧ୍ୟା ୬ଟା ୪ ମିନିଟ୍‌ରେ ଚନ୍ଦ୍ରୟାନ-୩ ଚନ୍ଦ୍ରର ଦକ୍ଷିଣ ମେରୁରେ ତା'ର ଲ୍ୟାଣ୍ଡର 'ବିକ୍ରମ'କୁ କୋମଳ ଅବତରଣ କରାଇବା ପରେ ଭାରତ ଐତିହାସିକ ସଫଳତା ହାସଲ କରିଛି। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପୂର୍ବରୁ ଘୋଷଣା କରିଥିବା ସମୟ ଅନୁଯାୟୀ ଏହା ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା। ସେହି ଆକାଂକ୍ଷିତ ଦିନ ଉପସ୍ଥିତ ହେବା ପରେ ସନ୍ଧ୍ୟା ୫ଟା ୪୦ ମିନିଟ୍‌ରେ ଲ୍ୟାଣ୍ଡର 'ବିକ୍ରମ' ଜହ୍ନଠାରୁ ୩୦ କିଲୋମିଟର ଦୂରରେ ଥିଲା। ଏହା ପରେ ଧୀର ଗତିରେ ଓହ୍ଲାଇ ୨୩ ମିନିଟ୍ ପରେ ଯେତେବେଳେ ଚନ୍ଦ୍ରପୃଷ୍ଠରେ ପହଞ୍ଚିବାକୁ ଯାଉଥିଲା ସେତେବେଳେ ଇସ୍ରୋ ବୈଜ୍ଞାନିକଙ୍କ ସମେତ ଦେଶବାସୀ ଖୁସିରେ ଆତ୍ମହରା ହୋଇଯାଇଥିଲେ। ମୁନ୍ ମିଶନ ପଛରେ ଥିବା ଇଞ୍ଜିନିୟର ଓ ବୈଜ୍ଞାନିକଙ୍କୁ ସବୁ ଶ୍ରେୟ ଯାଇଥିବା ବେଳେ ନିର୍ଦ୍ଦିଷ୍ଟ କିଛି ବ୍ୟକ୍ତିଙ୍କ ଅକ୍ଳାନ୍ତ ଉଦ୍ୟମ ଓ ପ୍ରତିବଦ୍ଧତା ବିଷୟରେ ଏବେ ଚର୍ଚ୍ଚା ହେଉଛି। ସେମାନେ ହେଲେ ଇସ୍ରୋ ଅଧ୍ୟକ୍ଷ ଏସ୍. ସୋମନାଥ, ବିକ୍ରମ ସରାଭାଇ ସ୍ପେସ୍ ସେଣ୍ଟର (ଭିଏସ୍ଏସ୍‌ସି) ନିର୍ଦ୍ଦେଶକ ଏସ୍. ୟୁନିକ୍ରିଷ୍ଣନ ନାୟାର, ଚନ୍ଦ୍ରୟାନ-୩ ପ୍ରୋଜେକ୍ଟ ଡାଇରେକ୍ଟର ପି. ଭେରାମୁଥୁଭେଲ, ୟୁ ଆର୍ ରାଓ ସାଟେଲାଇଟ୍ ସେଣ୍ଟର(ୟୁଆର୍ଏସ୍‌ସି) ନିର୍ଦ୍ଦେଶକ ଏମ୍. ଶଙ୍କରନ୍, ଲିକ୍ୟୁଡ୍ ପ୍ରପଲଶନ୍ ସିଷ୍ଟମ୍ସ ସେଣ୍ଟର ନିର୍ଦ୍ଦେଶକ ଭି. ନାରାୟଣନ୍, ସତୀଶ ଧାୱନ ସ୍ପେସ୍ ସେଣ୍ଟର (ଏସ୍‌ଡିଏସ୍‌ସି) ନିର୍ଦ୍ଦେଶକ ଏ.ରାଜାରାଜନ୍, ଚନ୍ଦ୍ରୟାନ-୩ ଲଞ୍ଚର ମିଶନ ଡାରେକ୍ଟର ଏସ୍. ମୋହନା କୁମାର ଏବଂ ଇସ୍ରୋ ଟେଲିମେଟ୍ରି, ଟ୍ରାକିଂ ଆଣ୍ଡ କମାଣ୍ଡ ନେଟ୍‌ୱର୍କ ସେଣ୍ଟର (ଆଇଏସ୍‌ଟିଆର୍ଏସି) ନିର୍ଦ୍ଦେଶକ ବି. ଏନ୍.ରାମକ୍ରିଷ୍ଣ। ତେବେ ଏଠାରେ ନମ୍ବର-୨ରେ ଥିବା ଏସ୍. ୟୁନିକ୍ରିଷ୍ଣନ ନାୟାର ହିସାବ କରି କହିଥିଲେ ଯେ ଏଥର ଭାରତ କଦାପି ଲକ୍ଷ୍ୟଚ୍ୟୁତ ହେବ ନାହିଁ ଓ ଠିକ୍ ୬ଟା ୪ ମିନିଟ୍‌ରେ ନିଶ୍ଚିୟ ବିକ୍ରମ ଚନ୍ଦ୍ରର ଦକ୍ଷିଣ ମେରୁରେ ବିନା ବାଧାରେ ପହଞ୍ଚିବ। ସମ୍ଭବତଃ ସେଥିପାଇଁ ୟୁନିକ୍ରିଷ୍ଣନ୍‌ଙ୍କୁ ନେଇ ଏବେ ଅଧିକ ଚର୍ଚ୍ଚା ହେଉଛି।

ୟୁନିକ୍ରିଷ୍ଣନ୍ କେରଳରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ମାତା ରାଜମ୍ମା ଓ ପିତା ଶ୍ରୀଧରନ୍ ନାୟାର କୋଟାୟାମ୍ ସର୍ଭେ ଅଫିସ୍‌ରେ କାର୍ଯ୍ୟ କରୁଥିଲେ। ୟୁନିକ୍ରିଷ୍ଣନ୍ କେରଳ ବିଶ୍ୱବିଦ୍ୟାଳୟ ଅଧୀନ ମାର୍ ଆଥିନାସିୟୁସ୍ କଲେଜ ଅଫ୍ ଇଞ୍ଜିନିୟରିଂରୁ ମେକାନିକାଲ ଇଞ୍ଜିନିୟରିଂରେ ବି.ଟେକ୍ କରିଥିଲେ। ବେଙ୍ଗାଲୁରୁସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ (ଆଇଆଇଏସ୍)ରୁ ଏରୋସ୍ପେସ୍ ଇଞ୍ଜିନିୟରିଂରେ ଏମ୍‌ଇ ଡିଗ୍ରୀ ହାସଲ କରିବା ପରେ ସେ ଆଇଆଇଟି ମାଡ୍ରାସରୁ ମେକାନିକାଲ ଇଞ୍ଜିନିୟରିଂରେ ପିଏଚ୍.ଡି. କରିଥିଲେ। ୧୯୮୫ରେ ସେ ଭିଏସ୍ଏସ୍‌ସିରେ ଯୋଗ ଦେଇଥିଲେ। ଭାରତୀୟ ଏରୋସ୍ପେସ୍ ଇଞ୍ଜିନିୟର ଭାବେ ସେ ଅନେକ ପରୀକ୍ଷଣ କରିଛନ୍ତି। ଭେହିକିଲ୍ ଡିଜାଇନ୍ କ୍ଷେତ୍ରରେ ତାଙ୍କର ବେଶ୍ ଦକ୍ଷତା ଥିବାରୁ ପିଏସ୍ଏଲ୍‌ଭି, ଜିଏସ୍ଏଲ୍‌ଭି ଓ ଏଲ୍‌ଭିଏମ୍୩ର ଏରୋସ୍ପେସ୍ ସିଷ୍ଟମ ଓ ପ୍ରସ୍ତୁତିରେ ତାଙ୍କ ସମ୍ପୃକ୍ତ ରହିଆସିଛି। ମହାକାଶକୁ ମାନବ ମହାକାଶଚାରୀ ପ୍ରେରଣ କରିବା ଲାଗି ଭାରତର ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ 'ଗଗନାୟନ' ଲାଗି କାର୍ଯ୍ୟ କରୁଥିବା ଟିମ୍‌ର ନେତୃତ୍ୱ ୟୁନିକ୍ରିଷ୍ଣନ୍ ନେଉଛନ୍ତି।

ଭିଏସ୍ଏସ୍‌ସି ନିର୍ଦ୍ଦେଶକ ରହିବା ସହ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସ୍ପେସ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ନିର୍ଦ୍ଦେଶକ ଭାବେ ୟୁନିକ୍ରିଷ୍ଣନ୍ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ଏତେ କାର୍ଯ୍ୟ ସହିତ ସେ ଜଣେ ମାଲୟାଲମ୍ ଭାଷାରେ କ୍ଷୁଦ୍ର ଗଳ୍ପ ଲେଖି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ବ୍ୟକ୍ତିଗତ ଜୀବନ କହିଲେ ଭିଏସ୍ଏସ୍‌ସିରେ କମ୍ପ୍ୟୁଟର ଇଞ୍ଜିନିୟର ଭାବେ କାର୍ଯ୍ୟ କରିଥିବା ଜୟା ଜି ନାୟାର ହେଉଛନ୍ତି ତାଙ୍କ ସହଧର୍ମିଣୀ। ସେମାନଙ୍କର ଦୁଇ ଝିଅ ଅଛନ୍ତି।

- ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ମଧ୍ୟପ୍ରଦେଶ ଖାର୍ଗୋନ ଜିଲାର ୪୩ ବର୍ଷୀୟ ସଚିନ ଶର୍ମା ଜଣେ ବନ୍ୟପ୍ରାଣୀ ସଂରକ୍ଷକ। ସେ ମଧ୍ୟ ଟୋନି ନାମରେ ଜଣାଶୁଣା। ସେ ମୋଟର ୱାଇଣ୍ଡିଂ କାମ କରିବା ସହ ୨୨ ବର୍ଷ ହେଲା ବନ୍ୟପ୍ରାଣୀ ସଂରକ୍ଷଣରେ ଲାଗିଛନ୍ତି। ଇତିମଧ୍ୟରେ ସେ ୧୫ ହଜାରରୁ ଅଧିକ ବନ୍ୟଜନ୍ତୁଙ୍କୁ ଉଦ୍ଧାର କରିସାରିଲେଣି। କେବଳ ଏତିକି ନୁହେଁ, ସେ ଉଦ୍ଧାର କରୁଥିବା ପ୍ରାଣୀମାନଙ୍କୁ ସୁରକ୍ଷିତ ବାସସ୍ଥାନରେ ଆଶ୍ରୟ ଦେଇଛନ୍ତି। ଏଥିରେ ଜଙ୍ଗଲ ବିଭାଗ ମଧ୍ୟ ତାଙ୍କୁ ଆବଶ୍ୟକ ସହାୟତା ପ୍ରଦାନ କରୁଛି। ବନ୍ୟପ୍ରାଣୀଙ୍କୁ ଉଦ୍ଧାର କରିବା ପାଇଁ ସେ କୌଣସି ପାରିଶ୍ରମିକ ନେଇ ନ ଥାନ୍ତି। ଜିଲାର ବଡ଼ବାହର ଗୁରୁ ନାନକ ମାର୍ଗରେ ରହୁଥିବା ଟୋନି ମୁଖ୍ୟତଃ ସେ ସାପ ଧରିବାରେ ପାରଙ୍ଗମ। ସେ ସାପ ପ୍ରଜାତିର କୋବ୍ରା, କ୍ରାଇଟ, ଢମଣା, ରସେଲ ଭାଇପର, ସ୍କେଲ୍ଡ ଭାଇପର ସହିତ ଅନେକ ବିଷାକ୍ତ ସାପ ଏବଂ ପାଇଥନ ମଧ୍ୟ ଉଦ୍ଧାର କରିଛନ୍ତି। ଏହା ବ୍ୟତୀତ ସେ ଭାଲୁ, ନୀଳଗାଇ, ଶୃଗାଳ, କୁମ୍ଭୀର, ବଣୁଆ ଘୁଷୁରି, ଭାଲୁ, ବିଛା ସମେତ ଅନ୍ୟ ବଣୁଆ ପ୍ରାଣୀଙ୍କୁ ମଧ୍ୟ ଉଦ୍ଧାର କରିଛନ୍ତି। ସେ ଚିତାବାଘ ଏବଂ ବାଘ ଉଦ୍ଧାରକାରୀ ଦଳରେ ମଧ୍ୟ କାର୍ଯ୍ୟ କରିଛନ୍ତି। ସେ ୯ଟି କୁମ୍ଭୀରକୁ ଉଦ୍ଧାର କରି ପୁନର୍ବାର ସେମାନଙ୍କ ପ୍ରାକୃତିକ ବାସସ୍ଥାନରେ ଛାଡି ଦେଇଛନ୍ତି। ସେ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଯୁବବର୍ଗଙ୍କୁ ଉଦ୍ଧାର କୌଶଳ ତାଲିମ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୭ ଅଗଷ୍ଟ ୧୯୯୮

- ଶ୍ରୀଲଙ୍କାର କିଲିନୋଚି ଅଞ୍ଚଳରେ ଜବାନ ଓ ଏଲ୍‌ଟିଟିଇ ଗେରିଲାଙ୍କ ମଧ୍ୟରେ ଘମାଘୋଟ ସଂଘର୍ଷ ଘଟି ୧୬ ତାମିଲ ଗେରିଲା ନିହତ।
- କଙ୍ଗୋର ଦକ୍ଷିଣାଞ୍ଚଳ କିଭୁ ପ୍ରଦେଶରେ ଟୁଟ୍‌ସୀ ବିଦ୍ରୋହୀଙ୍କ ଆକ୍ରମଣରେ ୩୭ଜଣ ଶରଣାର୍ଥୀ ନିହତ।
- ଆସାମର ବୋଙ୍ଗାଇଗାଓଁ ଜିଲାର ଆଇ ନଦୀରେ ଏକ ଡଙ୍ଗା ବୁଡ଼ିଯିବା ଫଳରେ ଏଥିରେ ଯାତ୍ରା କରୁଥିବା ୧୫ ଜଣ ଯାତ୍ରୀଙ୍କ ମୃତ୍ୟୁ।

## ଚିରନ୍ତନୀ

ହେ ଶୂନ୍ୟ ହେ ମହା ଶୂନ୍ୟ !
ଆବରି ବିରାଟ ଏହି ବିଶ୍ୱ
କୋଟି ଗ୍ରହ ଉପଗ୍ରହ
ଖେଳାଉଛ ଯେହ୍ନୁ ଦଶଦିଶ।
(ଶୂନ୍ୟ ଚିନ୍ତା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ବର୍ଷା, ବନ୍ୟା ବିପ୍ୱାତ

ମହାଶୟ,

ସାରା ବିଶ୍ୱରେ ବନ୍ୟା ଓ ବର୍ଷାବିପ୍ୱାତ ଯୋଗୁ ଯେତିକି ପ୍ରାଣହାନି ଘଟେ, ସେଥିରୁ ଏକ ପଞ୍ଚମାଂଶ ଭାରତରେ ଘଟିଥାଏ। କେନ୍ଦ୍ର ଜଳ କମିଶନଙ୍କ ତଥ୍ୟ ଅନୁଯାୟୀ ୧୯୫୩ରୁ ୨୦୧୭ (୬୪ ବର୍ଷ) ମଧ୍ୟରେ ଭାରତରେ ବନ୍ୟା ଓ ବର୍ଷା ବିପ୍ୱାତ ଜନିତ ମୃତ୍ୟୁସଂଖ୍ୟା ୧,୦୭.୪୮୭। ଅର୍ଥାତ୍ ଦେଶରେ ବନ୍ୟା ଓ ବର୍ଷା ବିପ୍ୱାତ ଭଳି ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ବାର୍ଷିକ ହାରାହାରି ୧୬୦୦ ଜୀବନ ଯାଉଛି ଓ ବାର୍ଷିକ ହାରାହାରି ୩ କୋଟି ୨୦ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଜୀବନ ହରାଉଥିବା ଗାଇଗୋରୁଙ୍କ ସଂଖ୍ୟା ବାର୍ଷିକ ହାରାହାରି ୯୨ ହଜାର। ବର୍ଷା ଓ ବନ୍ୟାରେ ଧନ-ସମ୍ପତ୍ତି କ୍ଷୟକ୍ଷତିର ପରିମାଣ ମଧ୍ୟ କିଛି କମ୍ ନୁହେଁ। ତଥ୍ୟ ଅନୁଯାୟୀ ବନ୍ୟା ଓ ବର୍ଷା ଯୋଗୁ ବାର୍ଷିକ ହାରାହାରି ୭ ନିୟୁତ ହେକ୍ଟର ଜମିରେ ଚାଷ ପ୍ରଭାବିତ ହୋଇଥାଏ। ଅଧିକ ବନ୍ୟା ପ୍ରବଣ ରାଜ୍ୟଗୁଡ଼ିକ ତାଲିକାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ଯଥାକ୍ରମେ ପଶ୍ଚିମବଙ୍ଗ ଓ ଓଡ଼ିଶା ରହିଛନ୍ତି। ଦେଶରେ ବନ୍ୟାର ଚାରିଟି ପ୍ରମୁଖ କାରଣ ସ୍ୱଳ୍ପ ସମୟରେ ପ୍ରବଳ ବୃଷ୍ଟିପାତ, ଦୁର୍ବଳ ଜଳ ନିଷ୍କାସନ ବ୍ୟବସ୍ଥା, ଜଳଭଣ୍ଡାରଗୁଡ଼ିକରେ ବନ୍ୟା ପାଣି ନିୟନ୍ତ୍ରଣ ସଂକ୍ରାନ୍ତ ଯୋଜନାରେ ତ୍ରୁଟି ବିଚ୍ୟୁତି ଏବଂ ବନ୍ୟା ନିୟନ୍ତ୍ରଣ ପାଇଁ ଉଦ୍ଦିଷ୍ଟ ବ୍ୟବସ୍ଥାର ସଠିକ୍ କାର୍ଯ୍ୟକାରିତାରେ ବିଫଳତା। ଆଗାମୀ ସମୟରେ ବର୍ଷା ଓ ବନ୍ୟା ବିପ୍ୱାତ ପ୍ରତି ସତର୍କ ରହିବା ଆବଶ୍ୟକତା ରହିଛି।

- ଯୁଧିଷ୍ଠିର ମହାରଣା, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



କଂଗ୍ରେସ ନେତା ରାହୁଲ ଗାନ୍ଧୀ ଲଦାଖରୁ ଫେରି ଶନିବାର ଶ୍ରୀନଗରଠାରେ ପହଞ୍ଚିବା ପରେ ତାଙ୍କ ମା' ସୋନିଆ ଗାନ୍ଧୀଙ୍କୁ ଭେଟୁଛନ୍ତି।

# ଲାଲ୍ ଡାଏରୀକୁ କାହିଁକି ଭୟ

## ଗେହଲଟଙ୍କୁ ଶାହାଙ୍କ ପ୍ରଶ୍ନ

ଜୟପୁର,୨୬।୮



ଅମିତ ଶାହା



ଅଶୋକ ଗେହଲଟ

ରାଜସ୍ଥାନର ଗଙ୍ଗାପୁରରେ ଶନିବାର ଏକ କୃଷକ ସମ୍ମିଳନୀରେ ଯୋଗ ଦେଇ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ରାଜ୍ୟମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ସରକାରଙ୍କୁ କଡ଼ା ସମାଲୋଚନା କରଛନ୍ତି। ସେ କହିଛନ୍ତି ଆଜିକାଲି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଗେହଲଟ ଲାଲ ଡାଏରୀକୁ ବହୁତ ଭୟ କରୁଛନ୍ତି। କିନ୍ତୁ କାହିଁକି? ପ୍ରକୃତପକ୍ଷେ ତାଙ୍କର କଳା କାର୍ଯ୍ୟଗୁଡ଼ିକ ଲାଲ ଡାଏରୀରେ ଲୁଚି ରହିଛି। ସେଥିରେ କୋଟି କୋଟି ଟଙ୍କା ଦୁର୍ନୀତିର ବିବରଣୀ ଅଛି। ଯଦି ତାଙ୍କର ସାହସ ଅଛି, ତେବେ ସେ ତୁରନ୍ତ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରନ୍ତୁ। ସତ ସାମ୍ନାକୁ ଆସିବ । ତେବେ ଗଙ୍ଗାପୁର କାର୍ଯ୍ୟକ୍ରମ ଆରମ୍ଭରେ କିଛି କଂଗ୍ରେସ କର୍ମୀ ତାଙ୍କ ବିରୋଧରେ ସ୍ଲୋଗାନ ଦେଉଥିବାର ଦେଖାଯାଇଥିଲା। ଏ ନେଇ ଶାହା ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କରି କହିଥିଲେ, ଗେହଲଟ ଏଭଳି କରିବା ଲାଗି କିଛି ଲୋକଙ୍କୁ ପଠାଇଛନ୍ତି। ଆଉ ଉପସ୍ଥିତ ଲୋକଙ୍କୁ ଶାହା ନିବେଦନ କରି କହିଥିଲେ, ସେମାନଙ୍କୁ ସ୍ଲୋଗାନ ଦେବାକୁ ଦିଅ। କେହି ସେଠାକୁ ଯିବା ଉଚିତ ନୁହେଁ। କିଛି ସମୟ ପାଇଁ ଏଭଳି କରି ସେମାନେ କ୍ଲାନ୍ତ ହୋଇ ଫେରିଯିବେ। ଏଥିସହ ଶାହା କେନ୍ଦ୍ର ସରକାରଙ୍କ ସଫଳତା ସମ୍ପର୍କରେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମର ମହାକାଶ ମିଶନକୁ ନୂତନ ଗତି ଏବଂ ଶକ୍ତି ଦେଇଛନ୍ତି । ଆଜି ଚନ୍ଦ୍ରର ଦକ୍ଷିଣ ଭାଗରେ ପହଞ୍ଚିବାରେ ଭାରତ ପ୍ରଥମ ଦେଶ ହୋଇପାରିଛି। ଦେଶବାସୀଙ୍କ ପାଇଁ ଏହା ଗର୍ବର ବିଷୟ।

# ନୀତୀଶଙ୍କ ଭଳି ୧୦୦ ମୁଖ୍ୟମନ୍ତ୍ରୀ ଆସିଲେ ବି ପାରିବେନି: ପ୍ରଶାନ୍ତ କିଶୋର

ପାଟନା,୨୬।୮



ପ୍ରଶାନ୍ତ କିଶୋର

ବିହାରରେ ଶିକ୍ଷକ ନିଯୁକ୍ତି ପରୀକ୍ଷା ଅନୁଷ୍ଠିତ ହେବାକୁ ଯାଉଛି। ବହୁ ସଂଖ୍ୟକ ପ୍ରାର୍ଥୀ ଏହି ନିଯୁକ୍ତି ପରୀକ୍ଷାରେ ଯୋଗଦେବା ପାଇଁ ନିଜ ନିଜ କେନ୍ଦ୍ରରେ ପହଞ୍ଚିଛନ୍ତି। ମହାମେଣ୍ଟ ସରକାର ଏହି ପରୀକ୍ଷାକୁ ନେଇ ବହୁତ ଉତ୍ସାହିତ ଏବଂ ଚାକିରୀ ସମ୍ବନ୍ଧରେ ଆମ ସରକାର ଦେଇଥିବା ପ୍ରତିଶ୍ରୁତି ବର୍ତ୍ତମାନ ପୂରଣ ହେଉଛି ବୋଲି ଦାବି କରିସାରିଛନ୍ତି। କିନ୍ତୁ, ନିର୍ବାଚନ ରଣନୀତିଜ୍ଞ ପ୍ରଶାନ୍ତ କିଶୋର(ପିକେ) ଏହି ଦାବି ଉପରେ ମହାମେଣ୍ଟର ନେତାଙ୍କୁ ଟାର୍ଗେଟ କରିଛନ୍ତି। ବିହାରରେ ସରକାରୀ ଚାକିରି ପ୍ରସଙ୍ଗରେ କଟାକ୍ଷ କରି ମହାମେଣ୍ଟ ସରକାରଙ୍କ ଉଦ୍ଦେଶ୍ୟରେ ସେ କହିଛନ୍ତି, କେବଳ ଖାଲି ପଦବୀ ସୃଷ୍ଟି ହୋଇଛି, କାହାକୁ ଚାକିରି ମିଳିନାହିଁ। ପ୍ରଥମେ ପରୀକ୍ଷା ହେଉ। ପରୀକ୍ଷାରେ ପେପର ଲିକ ହେବା ଉଚିତ ନୁହେଁ। ଏନେଇ କୋର୍ଟରେ କୌଣସି ମାମଲା ଦାଖଲ ହେବା ଠିକ ନୁହେଁ। ଥରେ ନିଯୁକ୍ତି ପରୀକ୍ଷା ସରିବା ପରେ, ଆପଣ ପ୍ରଚାର କରିବେ। ବିହାର ସରକାର ଦାବି କରୁଛନ୍ତି ଯେ,ଦୁଇ ଲକ୍ଷ ପଦବୀ ଖାଲି କରିଛନ୍ତି କିନ୍ତୁ କାହାକୁ ଚାକିରି ମିଳିନାହିଁ। ଆପଣ କେତେ ଲୋକଙ୍କୁ ଚାକିରି ଦେଇଛନ୍ତି ତାହା କେବଳ କୁହନ୍ତୁ। ବର୍ତ୍ତମାନ ନୀତୀଶ କୁମାରଙ୍କ ସମୟ ସମାପ୍ତ ହୋଇଛି, ତାଙ୍କୁ ଉତ୍ତର ଦେବାକୁ ପଡିବ ଚାକିରି କେଉଁଠାରେ ଅଛି। କ୍ଷମତାରେ ରହିବାକୁ ଏଭଳି ଲୋକମାନେ କିଛି କହିବାକୁ ପ୍ରସ୍ତୁତ। ନୀତୀଶ କୁମାରଙ୍କ ପରି ୧୦୦ ଜଣ ମୁଖ୍ୟମନ୍ତ୍ରୀ ଆସିଲେ ମଧ୍ୟ ସେମାନେ ୧୦ ଲକ୍ଷ ଚାକିରି ଯୋଗାଇ ପାରିବେ ନାହିଁ। ଏନେଇ ଜେଡିୟୁ ମୁଖପାତ୍ର ନୀରଜ କୁମାର କହିଛନ୍ତି, ପ୍ରଶାନ୍ତ କିଶୋର ମନ୍ତବ୍ୟର କୌଣସି ଅର୍ଥ ନାହିଁ। ବିହାରର ଲୋକମାନେ ତାଙ୍କୁ ଗୁରୁତ୍ୱ ଦିଅନ୍ତି ନାହିଁ। ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱରେ ମହାମେଣ୍ଟ ସରକାର ରୋଜଗାର ବିଷୟରେ ଅତ୍ୟନ୍ତ ସଚେତନ ଏବଂ ଜନସାଧାରଣଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ସବୁ ପୂରଣ ହେବ। ଶିକ୍ଷକ ନିଯୁକ୍ତି ପରୀକ୍ଷା ଏହି ପର୍ଯ୍ୟାୟର ଏକ ଅଂଶ ବୋଲି ସେ କହିଛନ୍ତି।

# ପାୱାର ଗେରିଲା ରଣନୀତି ଆପଣାଉଛନ୍ତି: ସଞ୍ଜୟ

ମୁମ୍ବାଇ,୨୬।୮



ସଞ୍ଜୟ ରାଉତ

ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ ଶନିବାର କହିଛନ୍ତି ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନସିପି) ମୁଖ୍ୟ ଶରଦ ପାୱାର ତାଙ୍କ ଦଳ ଛାଡୁଥିବା ଲୋକଙ୍କ ସହ ଗେରିଲା ଯୁଦ୍ଧ କୌଶଳ ବ୍ୟବହାର କରୁଛନ୍ତି। ତାଙ୍କ ଦଳ ଭାରତୀୟ ଜନତା ପାର୍ଟି (ଭାଜପା) ସହିତ ଯୁଦ୍ଧକ୍ଷେତ୍ରରେ ଯୁଦ୍ଧ କରୁଛି । ଦଳ ଛାଡିଥିବା ଲୋକଙ୍କ ସହ ଲଢ଼ିବା ପାଇଁ ଶରଦ ପାୱାର ଏବଂ ତାଙ୍କ ସହଯୋଗୀମାନେ ଗେରିଲା ଯୁଦ୍ଧ ରଣନୀତି ବାଛିଛନ୍ତି। ଶରଦ ପାୱାର କେବେ ବି ଭାଜପା ସହ ମେଣ୍ଟ କରିବେ ନାହିଁ। ସେ ମହା ବିକାଶ ଆଘାଡି ଏବଂ ବିରୋଧୀ ମେଣ୍ଟ'ଇଣ୍ଡିଆ'ର ଜଣେ ଗୁରୁତ୍ୱପୂର୍ଣ୍ଣ ନେତା। ଏହାର ଅର୍ଥ ନୁହେଁ ଯେ ସେ ଦୁଇଟି ପଥର ଉପରେ ଠିଆ ହୋଇଛନ୍ତି। ଶରଦଙ୍କ ସମ୍ପର୍କରେ କାହାର ମନରେ କୌଣସି ଦ୍ୱନ୍ଦ୍ୱ ନାହିଁ। ଉଭୟ ଶିବସେନା ଏବଂ ଏନ୍‌ସିପି ବିଭାଜନର ସମ୍ମୁଖୀନ ହୋଇଛନ୍ତି। ମାତ୍ର ଉଭୟ ଦଳର ମୂଳ ସଦସ୍ୟ ଅନ୍ୟ କେଉଁ ଦଳକୁ ଯାଇ ନାହାନ୍ତି। ସୂଚନାଯୋଗ୍ୟ, ଅଜିତ ପାୱାର ଏବଂ ଆଠ ଜଣ ଏନ୍‌ସିପି ବିଧାୟକ ଗତ ଜୁଲାଇ ୨ରେ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ସରକାରରେ ଯୋଗ ଦେଇ ଶରଦ ପାୱାରଙ୍କ ପ୍ରତିଷ୍ଠିତ ଏନ୍‌ସିପିରେ ବିଭାଜନ ସୃଷ୍ଟି କରିଥିଲେ।

# ବିଧାୟକ ପଦ ହାତେଇବାକୁ ଭାଜପା କର୍ମୀଙ୍କ ଶପଥ

ସାକ୍ଷୀଗୋପାଳ,୨୬।୮
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ପୁରୀ ସତ୍ୟବାଦୀ ବ୍ଲକ ଛକ ନିକଟ ଏକ ମଣ୍ଡପରେ ଭାଜପାର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀର ସମସ୍ୟା ଓ ସାଧାରଣ ନିର୍ବାଚନ ନିମନ୍ତେ ରାଜନୈତିକ ରଣନୀତି ଉପରେ ଆଲୋଚନା କରାଯାଇଥିଲା। ରାଜ୍ୟରେ ଚାଲିଥିବା ବିଜେଡିର ମନମୁଖୀ ଶାସନରେ ସାଧାରଣ ଲୋକ ଅତିଷ୍ଠ ହୋଇଗଲେଣି। ବର୍ତ୍ତମାନ ସମୟ ପରିବର୍ତ୍ତନର ଆସିଛି। ଏହି ଏକାଚାଟିଆ ଶାସନକୁ ହଟାଇବାର ସମୟ ଆସିଛି। ସେଥିପାଇଁ ଭାଜପା ତୃଣମୂଳରୁ ଚେଷ୍ଟା ଚଳାଇଛି। ଯେଭଳି ସତ୍ୟବାଦୀ ନିର୍ବାଚନମଣ୍ଡଳୀରେ ବିଧାୟକ ପଦବୀ ହାସଲ କରିବା ସହ ରାଜ୍ୟରେ ଭାଜପା ସରକାର ଗଢିବାରେ ସହାୟକ ହେବ ସେଥିପାଇଁ ନେତା ଓ କର୍ମୀମାନେ ଶପଥ ନେଇଥିଲେ। ସତ୍ୟବାଦୀର ଭାଜପା ଯୁବନେତା ଓମ୍ ପ୍ରକାଶ ମିଶ୍ରଙ୍କ ଆହ୍ୱାନକ୍ରମେ ସତ୍ୟବାଦୀ ବ୍ଲକରେ ଦୀର୍ଘଦିନ ଧରି ଚାଲିଥିବା, ଅରାଜକତା ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ଆଗାମୀ ଦିନରେ ବ୍ଲକ ଘେରାଉ ପାଇଁ ଉକ୍ତ ବୈଠକରେ ସ୍ଥିର ହୋଇଛି। ବୁଥ୍‌ଠାରୁ ଆରମ୍ଭ କରି ବ୍ଲକ ପର୍ଯ୍ୟନ୍ତ କର୍ମୀଙ୍କୁ ସଜାଗ ରଖିବା ସହ ପ୍ରତ୍ୟେକ ସ୍ତରରେ କରାଯାଉଥିବା ଦୁର୍ନୀତିକୁ ବିରୋଧ କରାଯିବ ବୋଲି କୁହାଯାଇଛି। ବୈଠକରେ ଭାଜପା ମୁଖପାତ୍ର ରମାରଞ୍ଜନ ବଳିୟାରସିଂ, ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ୩୨ ନଂ. ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ୩୩ ନଂ. ସଭ୍ୟ ରତିକାନ୍ତ ମିଶ୍ର, ତିନି ମଣ୍ଡଳ ସଭାପତି କମଳାକାନ୍ତ ମିଶ୍ର, ନିର୍ବାଚନମଣ୍ଡଳୀ ସଂଯୋଜକ ରଞ୍ଜନ ବରାଳ, ବରିଷ୍ଠ ନେତା ତ୍ରିଲୋଚନ ରଥ, ଭାଜପା ସମର୍ଥିତ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟଙ୍କ ଶହ ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ। ଜୟପୁର ପଞ୍ଚାୟତ ସମିତି ସଭ୍ୟ ଦୀପକ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବୈଠକରେ ଯୋଗଦେଇଥିବା ଭାଜପା ନେତା ଓ କର୍ମୀ।

# ରାଜ୍ୟରେ ଚାଲିଛି ଜଙ୍ଗଲୀ ଶାସନ : ଶରତ

ଭୁବନେଶ୍ୱର,୨୬।୮(ଅନିଲଦାସ)

ରାଜ୍ୟରେ ଜଙ୍ଗଲୀ ଶାସନ ଚାଲିଛି। ନିର୍ବାଚିତ ପ୍ରତିନିଧିମାନଙ୍କୁ ଅପମାନିତ କରାଯାଉଛି। ଏଭଳି କାର୍ଯ୍ୟକୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ନିନ୍ଦା କରିବା ସହିତ ଦୃଢ଼ ଭାବରେ ବିରୋଧ କରିଛନ୍ତି।

ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଶରତ କହିଛନ୍ତି, ଗଣତାନ୍ତ୍ରିକ ରାଷ୍ଟ୍ରରେ ଆମ ସମ୍ବିଧାନରେ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ମଧ୍ୟରେ କିଏ କେଉଁ କାମ କରିବ ଏହାର ସମ୍ପୂର୍ଣ୍ଣ ବ୍ୟାଖ୍ୟା କରାଯାଇଛି। ପ୍ରତ୍ୟେକେ ସୀମାରେଖା ମଧ୍ୟରେ ରହି କାର୍ଯ୍ୟ କରିବା ଆବଶ୍ୟକ। କିନ୍ତୁ ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ, ଯେଉଁଠାରେ ଲୋକଙ୍କ ଦ୍ୱାରା ନିର୍ବାଚିତ ଏମ୍‌ପି ଓ ବିଧାୟକଙ୍କ ଭୂମିକାକୁ ସମ୍ପୂର୍ଣ୍ଣ ନ୍ୟୂନ କରିଦିଆଯାଉଛି। ଏଭଳି ସମ୍ବିଧାନ ବିରୋଧୀ କାର୍ଯ୍ୟକୁ ଖୋଦ୍ ମୁଖ୍ୟମନ୍ତ୍ରୀ ପ୍ରୋତ୍ସାହିତ କରୁଛନ୍ତି ବୋଲି ପିସିସି ସଭାପତି କହିଛନ୍ତି। ରାଜ୍ୟରେ ଏଭଳି ଅଧଃପତନ ପାଇଁ ବିଜୁ ଜନତା ଦଳର ନେତୃବର୍ଗଙ୍କ ଦୀର୍ଘ ନୀରବତା ହିଁ ଦାୟୀ। କିନ୍ତୁ କଂଗ୍ରେସ ଏଭଳି ପରିସ୍ଥିତିକୁ ବରଦାସ୍ତ କରିବ ନାହିଁ। ସରକାରୀ ଅଧିକାରୀମାନେ ନିଜ ସୀମା ଭିତରେ ରହି କାମ କରନ୍ତୁ। ସୀମା ଉଲ୍ଲଂଘନ କଲେ କଂଗ୍ରେସ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବ। ଓଡ଼ିଶାର ଜନସାଧାରଣ ବିଚାର କରିବାର ସମୟ ଆସିଛି। ଯେଉଁ ବିଜୁ ଜନତା ଦଳର ନେତୃବୃନ୍ଦଙ୍କୁ ନିଜ ଅଞ୍ଚଳରୁ ନିର୍ବାଚିତ କରି ପଠାଇଥିଲେ, ସେମାନେ ରାଜ୍ୟରେ ଏଭଳି ସ୍ଥିତିକୁ ଦେଖି କାହିଁକି ପ୍ରତିବାଦ କରୁନାହାନ୍ତି। କଲେଜର ଛାତ୍ରୀଛାତ୍ରଙ୍କୁ ସଭାକୁ କାହିଁକି ବୁହାହୋଇ ଅଣାଯାଉଛି। ୨୦୦୯ରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ଯେ ଛାତ୍ରୀଛାତ୍ରଙ୍କୁ କୌଣସି ରାଜନୈତିକ କାର୍ଯ୍ୟକ୍ରମକୁ ଅଣାଯିବ ନାହିଁ। କିନ୍ତୁ ଏବେ କଲେଜର ପ୍ରିନ୍ସିପାଲମାନେ ଚିଠି ଲେଖି ଛାତ୍ରୀଛାତ୍ରଙ୍କୁ ଭୟଭୀତ କରାଇ ସଭାକୁ ଆଣୁଛନ୍ତି। ଏ ନିଷ୍ପତ୍ତି କିଏ ନେଉଛନ୍ତି ବୋଲି ଶରତ ପ୍ରଶ୍ନ କରିଛନ୍ତି। ରାଜ୍ୟରେ ମହିଳା ନିର୍ଯାତନା ଭାରତବର୍ଷର ଶୀର୍ଷରେ ରହିଛି । ରାଜ୍ୟରେ ପ୍ରତିଦିନ ୭ ଜଣ ମହିଳା ଉତ୍ପୀଡ଼ନ, ଅତ୍ୟାଚାରର ଶିକାର ହେଉଛନ୍ତି। ହଜାର ହଜାର ମହିଳା ପ୍ରତିବର୍ଷ ରାଜ୍ୟ ବାହାରକୁ ଚାଲାଣ ହେଉଛନ୍ତି। ଗତବର୍ଷ ତୁଳନାରେ ୩୭.୧ ପ୍ରତିଶତ ମହିଳା ଅପହରଣ ବୃଦ୍ଧି ଘଟିଛି। କଟକ ଜିଲା ମାହାଙ୍ଗାର ଗୋକର୍ଣ୍ଣ ହାଇସ୍କୁଲରେ ଦଶମଶ୍ରେଣୀ ଛାତ୍ରୀଙ୍କୁ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଘନିଷ୍ଠ ସହଯୋଗୀ ତଥା ପୂର୍ବତନ ବ୍ଲକ ଚେୟାରମ୍ୟାନ ଶରତ ନାୟକ ଝିଅର ବାପା ସହିତ ମିଶି ଝିଅକୁ ମାରିଦେଲେ। ଝିଅର ପୋଷ୍ଟମର୍ଟମ କରିବା ପରିବର୍ତ୍ତେ ମାହାଙ୍ଗା ଏସ୍‌ଡିପିଓ ଏବଂ ଆଇଆଇସିଙ୍କ ସହାୟତାରେ ଶବକୁ ପୋଡ଼ି ଦିଆଗଲା । ଆଇଆଇସି ଏବଂ ଏସ୍‌ଡିପିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ । ଅନୁଗୋଳ ଜିଲାର ମହିଳା ହୋମ୍‌ଗାର୍ଡ ସୌରିଦ୍ରୀ ସାହୁ ଡିଆଇଜି ବ୍ରିଜେଶ ରାୟଙ୍କ ସ୍ତ୍ରୀଙ୍କ ଦ୍ୱାରା ବାରମ୍ବାର ନିର୍ଯାତନାର ଶିକାର ହେଉଥିଲେ। ମାନସିକ ସ୍ତରରେ ଅତ୍ୟନ୍ତ ଆଘାତପ୍ରାପ୍ତ ହେତୁ ଆତ୍ମହତ୍ୟା କରିବା ପାଇଁ ଉଦ୍ୟମ କରି ନିଜର ଦୁଇ ଗୋଡ଼ ସବୁଦିନ ପାଇଁ ହରାଇ ବସିଛନ୍ତି। ଏ ପର୍ଯ୍ୟନ୍ତ ଡିଆଇଜିଙ୍କ ସ୍ତ୍ରୀଙ୍କ ବିରୋଧରେ ଏଫ୍‌ଆଇଆର ରୁଜୁ ହେଲାନାହିଁ । ଏହା କ'ଣ ଆଇନର ଶାସନ ବୋଲି ଶରତ ପ୍ରଶ୍ନ କରିଛନ୍ତି।

କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ଜଣେ ସଚିବ ଜଣେ ଲୋକ ପ୍ରତିନିଧିଙ୍କୁ ଅପମାନିତ କରିପାରିବ ନାହିଁ କିମ୍ବା ତାଙ୍କ ବିରୋଧରେ କୌଣସି ଟିପ୍ପଣୀ କରିପାରିବ ନାହିଁ। ଏହା ରୁଲ୍ ବୁକ୍ ୪୭ର ଖୋଲାଖୋଲି ଉଲ୍ଲଂଘନ। ବିଜେଡି ବିଧାୟକମାନେ କାହିଁକି ଏ ସମସ୍ତ ଘଟଣା ଉପରେ ଚୁପ୍ ରହିଛନ୍ତି ବୋଲି ସେ କହିଛନ୍ତି।

ଏ ରାଜ୍ୟର ଅଧିକାରୀମାନେ ସଭାସ୍ଥଳକୁ ଗୁଣ୍ଡା ନେଇ ଯିବା ଅତ୍ୟନ୍ତ ଲଜ୍ଜାଜନକ ବିଷୟ ବୋଲି ପୂର୍ବତନ ମନ୍ତ୍ରୀ ତଥା ଇସ୍ତାହାର କମିଟିର ଅଧ୍ୟକ୍ଷ ପଞ୍ଚାନନ କାନୁନ୍‌ଗୋ କହିଛନ୍ତି। ପ୍ରଦେଶ କଂଗ୍ରେସ ମହିଳା ସଭାନେତ୍ରୀ ବନ୍ଦିତା ପରିଡ଼ା ରାଜ୍ୟରେ ନାରୀ ନିର୍ଯାତନା ଯେଉଁ ବେଗରେ ବଢ଼ି ଚାଲିଛି ତାହାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ଏ ରାଜ୍ୟରେ ମହିଳାମାନେ ଆଦୌ ସୁରକ୍ଷିତ ନୁହନ୍ତି ବୋଲି କହିଥିଲେ। ପ୍ରଦେଶ କଂଗ୍ରେସ ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଗଣେଶ୍ୱର ବେହେରା,ମୁଖପାତ୍ର ରଶ୍ମି ମହାପାତ୍ର ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ
ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ
ଭାରତ ସରକାର

**ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ**
**ବର୍ଷ ୨୦୨୩-୨୪ ପାଇଁ ଅନୁସୂଚିତ ଜାତିର ଛାତ୍ରଛାତ୍ରୀଙ୍କ ନିମନ୍ତେ ମାଟ୍ରିକୋତ୍ତର ଛାତ୍ରବୃତ୍ତି ଯୋଜନା**
ଅଧୀନରେ ଉଚ୍ଚ ଶିକ୍ଷାରେ ଅଧ୍ୟୟନ କରିବା ସକାଶେ
**ଅନୁସୂଚିତ ଜାତିର ୬୯ ଲକ୍ଷ ଛାତ୍ରଛାତ୍ରୀଙ୍କ ଲାଗି ଛାତ୍ରବୃତ୍ତି**
ସମ୍ପର୍କରେ ଘୋଷଣା କରୁଛନ୍ତି

**ଯୋଗ୍ୟତା**
- ପିତାମାତା/ଅଭିଭାବକଙ୍କ ବାର୍ଷିକ ଆୟ ୨.୫୦ ଲକ୍ଷ ଟଙ୍କାରୁ ଅଧିକ ହୋଇ ନ ଥିବ
- ସ୍ୱୀକୃତିପ୍ରାପ୍ତ ମହାବିଦ୍ୟାଳୟ/ବିଦ୍ୟାଳୟ ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରଛାତ୍ରୀ

**ପରିସର**
- ଏକାଦଶ ଶ୍ରେଣୀ ପରବର୍ତ୍ତୀ ସମସ୍ତ ସ୍ୱୀକୃତିପ୍ରାପ୍ତ ପାଠ୍ୟକ୍ରମ
- ଦରଖାସ୍ତଗୁଡ଼ିକୁ ରାଜ୍ୟ ସରକାର/କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କ ଦ୍ୱାରା ଗ୍ରହଣ ତଥା ଯାଞ୍ଚ କରାଯାଇଥାଏ
- ସବୁଠାରୁ ଗରିବ ପରିବାରଙ୍କୁ ପ୍ରାଥମିକତା

**ହକ୍‌ଦାରିତା**
- ବାଧ୍ୟତାମୂଳକ ଅଣ–ଫେରସ୍ତଯୋଗ୍ୟ ଦେୟ (ଟ୍ୟୁଶନ ଫି' ସମେତ)
- ଶିକ୍ଷାଗତ ଭତ୍ତାର ପରିମାଣ ବାର୍ଷିକ ₹୨୫୦୦ ରୁ ଟ.୧୩୫୦୦ ପର୍ଯ୍ୟନ୍ତ
- ଦିବ୍ୟାଙ୍ଗ (ଭିନ୍ନକ୍ଷମ) ଛାତ୍ରଛାତ୍ରୀଙ୍କ ପାଇଁ ୧୦% ଅତିରିକ୍ତ ଭତ୍ତା

- ଛାତ୍ରଛାତ୍ରୀମାନେ ସେମାନଙ୍କ ରାଜ୍ୟର ସ୍କଲାରଶିପ୍ ପୋର୍ଟାଲରେ ଆବେଦନ କରିବେ
- ଛାତ୍ରଛାତ୍ରୀମାନଙ୍କ ନିକଟରେ ଏକ ବୈଧ ମୋବାଇଲ ନମ୍ବର, ଆଧାର ନମ୍ବର (ୟୁଆଇଡି), ଆଧାର ସଂଯୁକ୍ତ ବ୍ୟାଙ୍କ ଖାତା, ଆୟ ପ୍ରମାଣପତ୍ର ଏବଂ ଜାତିଗତ ପ୍ରମାଣପତ୍ର ରହିଥିବା ଆବଶ୍ୟକ ।

- ଯୋଜନାର ମାର୍ଗଦର୍ଶିକା ଏବଂ ସବିଶେଷ ଯୋଗ୍ୟତା ମାନଦଣ୍ଡ ନିମ୍ନଲିଖିତ ୱେବ୍‌ସାଇଟ୍‌ରେ ଉପଲବ୍ଧ
http://socialjustice.gov.in/schemes/25

cbc 38101/13/0018/2324

## ସଂକ୍ଷେପରେ

## ଜାଲ୍ ସାର୍ଟିଫିକେଟରେ ଅଧ୍ୟାପକ ଚାକିରି : ୫୦ ଲକ୍ଷ ରିକଭରି ନୋଟିସ

ବଲାଙ୍ଗୀର, ୨୬।୮ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପାଟଣାଗଡ ଥାନା ଅନ୍ତର୍ଗତ ଯୋଗୀମୁଣ୍ଡାସ୍ଥିତ ରାଜେନ୍ଦ୍ର ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଯୁକ୍ତ୨ କଲେଜ)ର ଦୁଇଜଣ ଅଧ୍ୟାପକ ବାଲିପଟା ଗ୍ରାମର ନରେନ୍ଦ୍ର ନାଗ ଏବଂ ବନାଇମୁଣ୍ଡା ଗ୍ରାମର ଲିଙ୍ଗରାଜ ମେହେର ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିଥିଲେ। ଏନେଇ କଲେଜ ଅଧ୍ୟକ୍ଷ ଅଶୋକ କୁମାର ତ୍ରିପାଠୀ ଜାଣିବା ପରେ ପାଟଣାଗଡ ଥାନାରେ ୨୦୨୨ରେ ଲିଖିତ ଅଭିଯୋଗ କରିଥିଲେ। ଘଟଣା ପ୍ରଘଟ ହେବା ପରେ ଦୁଇ ଅଧ୍ୟାପକ ଚାକିରିରୁ ଇସ୍ତଫା ଦେଇଥିବା ଜଣାଇଥିଲେ। ୧୯୯୯ ମସିହାରୁ ଏହି କଲେଜରେ ରାଜନୀତି ବିଜ୍ଞାନ ଅଧ୍ୟାପକ ଭାବେ ନରେନ୍ଦ୍ର ଏବଂ ଓଡିଆ ଅଧ୍ୟାପକ ଭାବେ ଲିଙ୍ଗରାଜ ଚାକିରି ଆରମ୍ଭ କରିଥିଲେ। ଘଟଣା ସମ୍ପର୍କରେ ଜଣାପଡିବା ପରେ ଦୁଇ ଅଧ୍ୟାପକଙ୍କ ବିରୋଧରେ ପାଟଣାଗଡ ଥାନାରେ ମାମଲା (୧୦୦/୨୨) ରୁଜୁ ହୋଇଥିଲା। କଲେଜ ଅଧ୍ୟକ୍ଷ ଏନେଇ ଉଚ୍ଚଶିକ୍ଷା ବିଭାଗକୁ ମଧ୍ୟ ଜଣାଇଥିଲେ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଦୁଇ ନକଲି ଅଧ୍ୟାପକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ ଦରମା ବାବଦରେ ନେଇଥିବା ଟଙ୍କା ରିକଭରି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କଲେଜ ଅଧ୍ୟକ୍ଷ ତ୍ରିପାଠୀ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ମୁତାବକ ଦୁଇ ଅଭିଯୁକ୍ତ ଅଧ୍ୟାପକଙ୍କୁ ରିକଭରି ଟଙ୍କା ସରକାରୀ ତହବିଲରେ ଜମା କରିବାକୁ ନୋଟିସ ଜାରି କରିଥିବା ଜଣାପଡିଛି। ଦୁଇ ଅଧ୍ୟାପକଙ୍କୁ ଜଣ ପିଛା ୫୦ ଲକ୍ଷ ଟଙ୍କା ଲେଖାଏ ରିକଭରି ଜମା କରିବାକୁ ନୋଟିସ ଦିଆଯିବା ପରେ ଏବେ ନକଲି ସାର୍ଟିଫିକେଟରେ ଚାକିରି ପ୍ରସଙ୍ଗ ପୁଣି ଥରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଦୁଇ ଅଧ୍ୟାପକ ଜାଲ୍ ମାର୍କଶିଟ୍ ଦେଇ ଚାକିରି ହାତେଇଥିବା ଜଣାପଡିଥିଲା।

## ମାଲବାହୀ ଟ୍ରେନ୍ ଧକ୍କାରେ ଟ୍ରାକ୍ଟର ଚୂରମାର

କଳିଙ୍ଗନଗର, ୨୬।୮ (ଶୁଭାଶିଷ ରାଉତ)

ଯାଜପୁର ଜିଲା ସୁକିନ୍ଦା-କେନ୍ଦୁଝର ରେଲୱେ ଲାଇନର ଗୋଡ଼ିଗୋଠ ଡଙ୍କାଗାଡ଼ିଆଠାରେ ମାଲ୍‌ବାହୀ ଟ୍ରେନ୍ ଧକ୍କାରେ ଏକ ଟ୍ରାକ୍ଟର ଭାଙ୍ଗିରୁଜି ଚୁରମାର ହୋଇଯାଇଛି। ଟ୍ରାକ୍ଟର ଡ୍ରାଇଭର ଫେରାର ହୋଇ ଯାଇଛନ୍ତି। ଯାଜପୁର ରୋଡ୍ ରେଳବାଇ ପୋଲିସ ପହଞ୍ଚି ଖଣ୍ଡ ବିଖଣ୍ଡିତ ଟ୍ରାକ୍ଟରକୁ ଧାରଣାରୁ ହଟାଇବା ପରେ ରେଳ ଚଳାଚଳ ସ୍ୱାଭାବିକ ହୋଇଛି। ଡଙ୍କାଗାଡିଆ ଗାଁର ଜଣେ ଡ୍ରାଇଭର ଶୁକ୍ରବାର ରାତିରେ ଉକ୍ତ ଟ୍ରେନ୍ ଲାଇନ ଦେଇ ଟ୍ରାକ୍ଟର ନେଇ ଯାଉଥିଲେ। ଏହି ସମୟରେ ଏକ ମାଲବାହୀ ଟ୍ରେନ ଆସୁଥିବା ଦେଖି ସେ ଟ୍ରାକ୍ଟରରୁ ଡେଇଁ ପଡ଼ିଥିଲେ। ସମ୍ପୃକ୍ତ ଡ୍ରାଇଭର ଓ ଟ୍ରାକ୍ଟର ମାଲିକଙ୍କ ପରିଚୟ ମିଳି ପାରିନାହିଁ। ରେଳବାଇ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ସାତକୋଶିଆରୁ ବିସ୍ଥାପନ ସ୍ଥଗିତ

## ଆତଙ୍କିତ ଅଭୟାରଣ୍ୟବାସୀ ଆଶ୍ୱସ୍ତ

ଅନୁଗୋଳ, ୨୬।୮ (ଅମିତ ସାମଲ)

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ବସବାସ କରୁଥିବା ପରିବାର ବିସ୍ଥାପିତ ହେବେନାହିଁ। ବିସ୍ଥାପନ ପ୍ରକ୍ରିୟାରେ ଅନେକ ତ୍ରୁଟିବିଚ୍ୟୁତି ରହିଥିବାରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସାମୟିକ ଭାବେ ଏହାକୁ ସ୍ଥଗିତ ରଖାଯାଇଛି। ଏହା ଜଣାପଡ଼ିବା ପରେ ବିସ୍ଥାପିତ ହେବାକୁ ଥିବା ପୁରୁଣାକୋଟ, ଟିକରପଡ଼ା ଓ ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ୨୨ ଗ୍ରାମର ବାସିନ୍ଦା ସାମୟିକ ଭାବେ ଆଶ୍ୱସ୍ତ ହୋଇଛନ୍ତି। ଏଥିଲାଗି ସେମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବରିଷ୍ଠ ବିଜେଡି ନେତା ନଳିନୀକାନ୍ତ ପ୍ରଧାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଅଭିଯୋଗ ଅନୁଯାୟୀ, ବନ୍ୟପ୍ରାଣୀ ଏବଂ ଅଭୟାରଣ୍ୟ ସୁରକ୍ଷା ଆଳରେ ସାତକୋଶିଆରେ ବର୍ଷ ବର୍ଷ ଧରି ବସବାସ କରିଆସୁଥିବା ଆଦିବାସୀ ପରିବାରକୁ ବିସ୍ଥାପନ କରାଯିବାକୁ ଯୋଜନା କରାଯାଇଥିଲା। ପ୍ରଶାସନ ଏବଂ ବନ ବିଭାଗର ଏଭଳି ନିଷ୍ପତ୍ତିକୁ ୨ ବର୍ଷ ହେଲା ସମ୍ପୃକ୍ତ ଅଞ୍ଚଳବାସୀ ବିରୋଧ କରିଆସୁଥିଲେ। ବିନା ଗ୍ରାମସଭାରେ ବିସ୍ଥାପନ କରାଯାଉଥିବା ଏବଂ ପ୍ରଶାସନିକ ଅଧିକାରୀମାନେ ଚକ୍ରାନ୍ତ କରି ବିଷମଞ୍ଜି ବୁଣୁଥିବା ଅଭୟାରଣ୍ୟବାସୀ ଅଭିଯୋଗ କରିଥିଲେ। ଆଦିବାସୀଙ୍କୁ ପ୍ରଲୋଭିତ କରି ୨୦ ଲକ୍ଷ ଟଙ୍କାର ପ୍ୟାକେଜ ଘୋଷଣା, ଖାଲି ପଡ଼ିଥିବା ଘରକୁ କବ୍‌ଜା କରାଯିବା, ବାସହୀନ ପରିବାରକୁ ଗାଁ ଛାଡ଼ି ଚାଲିଯିବାକୁ କହିବା, ସପକ୍ଷବାଦୀ-ବିପକ୍ଷବାଦୀ ଗୋଷ୍ଠୀ ସୃଷ୍ଟି କରି ବିସ୍ଥାପନ ପ୍ରକ୍ରିୟା ଜାରି ରଖିବା, ବିନା ଆଲୋଚନାରେ ମୁଷ୍ଟିମେୟ ଲୋକଙ୍କଠାରୁ ଦରଖାସ୍ତ ଗ୍ରହଣ ଆଦିକୁ ନେଇ ଅସନ୍ତୋଷ ତୀବ୍ର ହୋଇଥିଲା। ଅଞ୍ଚଳବାସୀ ଏକାଧିକ ଥର ଆନ୍ଦୋଳନକୁ ଓହ୍ଲାଇଥିଲେ। ଏ ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ କମିଶନକୁ ଲିଖିତ ଭାବେ ଜଣାଇବା ସହ ଆଇନର ଆଶ୍ରୟ ନେଇଥିଲେ। ସମସ୍ୟା ନେଇ ସେମାନେ ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ପୂର୍ତ୍ତ ସଚିବ ନଳିନୀକାନ୍ତ ପ୍ରଧାନଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଏ ସଂକ୍ରାନ୍ତ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ବିସ୍ଥାପନ ପ୍ରକ୍ରିୟା ଆଇନ ଅନୁଯାୟୀ ହେଉ ନ ଥିବା ଏବଂ ଏଥିରେ ଭୁଲ ରହିଥିବା ଜଣାପଡ଼ିଥିଲା। ଏହାପରେ ପ୍ରଧାନ ଏ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କରାଇଥିଲେ। ସହସ୍ରାଧିକ ଆଦିବାସୀ ପରିବାରର ମୌଳିକ ଅଧିକାରକୁ ସୁରକ୍ଷା ଦେବାକୁ ଯାଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ବିସ୍ଥାପନ ପ୍ରକ୍ରିୟା ବନ୍ଦ ରଖାଯାଇଥିବା ଜଣାପଡ଼ିଛି।

ଏ ନେଇ ବନ ବିଭାଗର ଜଣେ ବରିଷ୍ଠ ଅଧିକାରୀ ନାମଗୋପନ ରଖି କହିଛନ୍ତି, ବିସ୍ଥାପନ ସାମୟିକ ସମୟ ପାଇଁ ସ୍ଥଗିତ ରହିଛି। ଉପରୁ ନିର୍ଦ୍ଦେଶ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।



ସାତକୋଶିଆ ଅଭୟାରଣ୍ୟ ପ୍ରବେଶ ପଥ।

## ଖୋଲୁଛି ଜାଲ୍‌ନୋଟ କାରବାର ଗୁମର

### ଜଣେ ମହିଳାଙ୍କ ସମେତ ୨ ଗିରଫ

ନୀଳଗିରି, ୨୬।୮ (ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଜାଲ୍ ନୋଟ କାରବାର ଚାଲିଥିବା ନେଇ ପୋଲିସ ସୂଚନା ପାଇ ତନାଘନା ଚଳାଇଥିଲା। ଗତ ୨୨ତାରିଖରେ ସନ୍ତରାଗଡ଼ିଆ ଅଞ୍ଚଳର ଜଣେ ବ୍ୟକ୍ତି ଜାଲ ନୋଟ୍ କାରବାର ଘଟଣାରେ ଧରାପଡିବା ପରେ ଏହାର ଗୁମର ଖୋଲିବାରେ ଲାଗିଛି। ଏହାର ମୁଖ୍ୟଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଏକ ଟିମ୍ ଗଠନ କରାଯାଇ ଜାଲ ବିଛାଯାଇଥିଲା। ଏହି କାରବାରରେ ସମ୍ପୃକ୍ତ ଜଣେ ମହିଳାଙ୍କ ସମେତ ୨ଜଣଙ୍କୁ ଗିରଫ କରାଯାଇଥିବା ଶୁକ୍ରବାର ନୀଳଗିରି ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସାଗରିକା ନାଥ ସୂଚନା ଦେଇଛନ୍ତି।

ନୀଳଗିରି ଥାନା ଅଧୀନ ସନ୍ତରାଗଡ଼ିଆ ବଜାର ନିକଟସ୍ଥ ଘୁଡାଡ଼ିଆଁ ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାୟକ ସନ୍ତରାଗଡିଆ ବଜାରରେ ମଦ କାଉଣ୍ଟରରୁ ୩ହଜାର ଟଙ୍କାର ମଦ କିଣି ଦୋକାନୀଙ୍କୁ ୬ଖଣ୍ଡ ୫ଶହ ଟଙ୍କିଆ ନୋଟ୍ ଦେଇଥିଲେ। ଦୋକାନୀ ଦୋକାନ ବନ୍ଦ କରିବା ପାଇଁ ଟଙ୍କା ଗଣିବା ବେଳେ ଉକ୍ତ ଟଙ୍କାଗୁଡ଼ିକ ଜାଲ୍ ଥିବା ସନ୍ଦେହ କରି ଥାନାରେ ଅଭିଯୋଗ କରିଥିଲେ। ଏହାପୂର୍ବରୁ ସେ ଅନ୍ୟ ଖୁଚୁରା ଦୋକାନରେ ମଧ୍ୟ ଜାଲ୍ ନୋଟ ଦେଇ ବିଭିନ୍ନ ସାମଗ୍ରୀ କିଣିଥିଲେ। ଅଭିଯୋଗ ପାଇ ପୋଲିସ ପୂର୍ଣ୍ଣଚନ୍ଦ୍ରଙ୍କୁ ଉଠାଇ ଆଣିଥିଲା। ନୀଳଗିରି ପୋଲିସ ପକ୍ଷରୁ ଏକ ଟିମ୍ ଗଠନ କରାଯାଇ ପୂର୍ଣ୍ଣଚନ୍ଦ୍ରଙ୍କୁ ପଚରାଉଚୁରା କରାଯାଇଥିଲା। ଉକ୍ତ ଘଟଣାରେ ଖଇରା ଅଞ୍ଚଳ ସହାରପୁର ଗ୍ରାମର ବୀଣାପାଣି ମୁଖି (୫୦)ଙ୍କ ସମେତ ଯାଜପୁର ଜିଲାର ଜଣେ ପୁରୁଷ ସଂପୃକ୍ତ ଥିବା ପୂର୍ଣ୍ଣଚନ୍ଦ୍ର ପୋଲିସ ଆଗରେ ମାନିଥିଲେ। ତେବେ ବୀଣାପାଣିଙ୍କୁ ପୋଲିସ ସୋରସ୍ଥିତ ଭଡ଼ାଘରୁ ଗିରଫ କରିବା ପରେ ମୁଖ୍ୟ ଆସାମୀଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ଏହି ଦୁଇ ଅଭିଯୁକ୍ତଙ୍କଠାରୁ ୩୮ଖଣ୍ଡ ୫ଶହ ଟଙ୍କିଆ, ୪୫ଖଣ୍ଡ ୨ଶହ ଟଙ୍କିଆ, ୪୭ଖଣ୍ଡ ଶହେ ଟଙ୍କିଆ ଜାଲ୍ ନୋଟ ଓ ଦୁଇଟି ମୋବାଇଲ୍ ଜବତ କରାଯାଇଥିଲା। ଏନେଇ ନୀଳଗିରି ଥାନାରେ ମାମଲା (ନଂ. ୨୭୬ / ୨୩) ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଜିଲା ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ ଓ ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣ ଉପସ୍ଥିତ ଥିଲେ।


ଜବତ ଜାଲ ନୋଟ୍ ସହ ୨ ଗିରଫ।

## ପୋଲିସ ସ୍କୁଟିରେ ଗଞ୍ଜେଇ ଚାଲାଣ


ସୋନପୁର ଏସ୍‌ଡିପିଓ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ।


ଜବତ ସ୍କୁଟି ।

ସୋନପୁର, ୨୬।୮ (ମୃତ୍ୟୁଞ୍ଜୟ ଶତପଥୀ)

■ ଗଞ୍ଜେଇ, ସ୍କୁଟି ଜବତ : ଯୁବକ ଗିରଫ

■ ଏଏସ୍‌ଆଇଙ୍କ ସମ୍ପୃକ୍ତି ନେଇ ତଦନ୍ତ ଚାଲିଛି : ଏସ୍‌ଡିପିଓ

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନାରେ କାର୍ଯ୍ୟରତ ମହିଳା ଏଏସ୍‌ଆଇ ସ୍ମିତାରାଣୀ ଦାଶଙ୍କ ସ୍କୁଟିରେ ଗଞ୍ଜେଇ ଚୋରାଚାଲାଣ ହେଉଥିଲା। ସୁବଳୟା ଥାନା ଟେଭାପଦର ଗ୍ରାମର ସଂଗ୍ରାମ କୁମାର କର୍ଡିଆ(୨୭) ପୋଲିସ ଅଧିକାରୀଙ୍କ ସ୍କୁଟିରେ ଗଞ୍ଜେଇ ଚାଲାଣ କରୁଥିଲେ। ସୋନପୁର ଟାଉନ ପୋଲିସର ପ୍ରାରମ୍ଭିକ ତଦନ୍ତରୁ ଏହା ସ୍ପଷ୍ଟ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ସୋନପୁର ଥାନା ଏସ୍‌ଆଇ ସସ୍ମିତା ଭୂତିଆଙ୍କ ନେତୃତ୍ୱରେ ସହରରେ ପୋଲିସ ପାଟ୍ରୋଲିଂ ଚାଲିଥିଲା। ଟେଭାପଦର ଗ୍ରାମର ସଂଗ୍ରାମ ଏକ ସ୍କୁଟି(ନଂ.ଓଡି ୧୭ ଏକ୍ସ-୯୭୭୧)ରେ ଜରିବ୍ୟାଗ୍ ଭର୍ତ୍ତି ଗଞ୍ଜେଇ ଚାଲାଣ କରୁଥିଲେ। ସନ୍ଦେହରେ ପୋଲିସ ଟିମ୍ ତାଙ୍କ ପିଛା କରିଥିଲା। ବୁଢ଼ାରାଜା ଛକରେ ସଂଗ୍ରାମଙ୍କୁ ଅଟକ ରଖି ତନଖି କରିବା ପରେ ଜରିବ୍ୟାଗ୍‌ରୁ ୧୨ କିଲୋ ୬୦୦ ଗ୍ରାମ୍ ଗଞ୍ଜେଇ ଠାବ ହୋଇଥିଲା। ପୋଲିସ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଗଞ୍ଜେଇ ଓ ସ୍କୁଟିକୁ ଜବତ କରିଛି। ଏ ନେଇ ସୋନପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ବୌଦ୍ଧ ଜିଲାରୁ ଗଞ୍ଜେଇ କିଣି ସୁବଳୟାକୁ ନେଉଥିଲେ। ସେଠାରୁ ଜିଲା ବାହାରକୁ ଚାଲାଣ କରିବାର ଯୋଜନା ଥିବା ପୋଲିସ ତଦନ୍ତ ସମୟରେ ସେ ସ୍ୱୀକାର କରିଛନ୍ତି। ଅଭିଯୁକ୍ତ ସଂଗ୍ରାମଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଏସ୍‌ଆଇ ଲମ୍ବୋଦର ଡାଙ୍ଗ ମାମଲାର ତଦନ୍ତ କରୁଛନ୍ତି। ଏ ସମ୍ପର୍କରେ ସୋନପୁର ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୋନପୁର ଏସ୍‌ଡିପିଓ ରାଜକିଶୋର ମିଶ୍ର ସୂଚନା ଦେଇଛନ୍ତି। ସେହିପରି ଗଞ୍ଜେଇ ଚୋରାଚାଲାଣରେ ମହିଳା ଏଏସ୍‌ଆଇଙ୍କ ସ୍କୁଟି ବ୍ୟବହାର ହୋଇଥିବାରୁ ପୋଲିସ ବଦନାମ ହୋଇଛି। ପୋଲିସ ଅଧିକାରୀଙ୍କ ନାମରେ ଥିବା ସ୍କୁଟି ଗଞ୍ଜେଇ ଚାଲାଣକାରୀ ବ୍ୟବହାର କରୁଥିବାରୁ ପୋଲିସ ଓ ଗଞ୍ଜେଇ ବ୍ୟବସାୟୀଙ୍କ ସମ୍ପର୍କକୁ ନେଇ ଚର୍ଚ୍ଚା ଚାଲିଛି। ତେବେ ପୋଲିସ ଏଏସ୍‌ଆଇଙ୍କ ସମ୍ପୃକ୍ତିକୁ ନେଇ ତଦନ୍ତ ଚାଲିଥିବା ଏସ୍‌ଡିପିଓ ମିଶ୍ର କହିଛନ୍ତି । ସୋନପୁର ଆଇଆଇସି ପଦ୍ମାସିନୀ ମେହେର ଉପସ୍ଥିତ ଥିଲେ।

## ଫୁଲଟା ଗ୍ରାମରୁ ବଜ୍ରକାପ୍ତା ଉଦ୍ଧାର

ବ୍ରହ୍ମପୁର, ୨୬।୮ (ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ବନ ବିଭାଗ ପକ୍ଷରୁ ସହର ଉପକଣ୍ଠସ୍ଥ ଫୁଲଟା ଗ୍ରାମରୁ ଶନିବାର ସନ୍ଧ୍ୟାରେ ଏକ ବଜ୍ରକାପ୍ତା ଉଦ୍ଧାର କରାଯାଇଛି। ଗ୍ରାମର ଉମାକାନ୍ତ ସାସମଲଙ୍କ ବାରିପଟେ ଏକ ବଜ୍ରକାପ୍ତା ବୁଲୁଥିଲା। ଉମାକାନ୍ତ ଏହା ଦେଖି ପରିବାର ଲୋକଙ୍କ ସହାୟତାରେ ବଜ୍ରକାପ୍ତାଟିକୁ ଉଦ୍ଧାର କରି ବନ ବିଭାଗକୁ ଖବର ଦେଇଥିଲେ। ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସୋନି ଖୋଖରଙ୍କ ନିର୍ଦ୍ଦେଶକ୍ରମେ ବନାଞ୍ଚଳ ଅଧିକାରୀ ମାଣିକେଶ୍ୱରୀ ହାଂସଦାଙ୍କ ନେତୃତ୍ୱରେ ଏକ ଟିମ ଫୁଲଟା ଗ୍ରାମରେ ପହଞ୍ଚି ବଜ୍ରକାପ୍ତାକୁ ଉଦ୍ଧାର କରିଥିଲେ। ଉଦ୍ଧାର ବଜ୍ରକାପ୍ତାର ଲମ୍ବ ୩ ଫୁଟ ରହିଥିବା ବେଳେ ବୟସ ୮ ବର୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଉଦ୍ଧାର କରାଯାଇଥିବା ବଜ୍ରକାପ୍ତାଟିକୁ ସଂରକ୍ଷିତ ଜଙ୍ଗଲରେ ଛଡାଯାଇଥିବା ବ୍ରହ୍ମପୁର ବନାଞ୍ଚଳ ଅଧିକାରୀ ମାଣିକେଶ୍ୱରୀ ହାଂସଦା ସୂଚନା ଦେଇଛନ୍ତି।



## ବଲାଙ୍ଗୀରରୁ ଭବାନୀପାଟଣା ଗଲେ କେମିତି


ପୋଲିସ ଏସ୍‌ଆଇ କାଜଲ ବାଗ୍

### ହସ୍ପିଟାଲରୁ ମହିଳା ପୋଲିସ ଏସ୍‌ଆଇ ଉଭାନ୍ ଘଟଣା

### ଏସ୍‌ଆଇଙ୍କ ବାପା କହିଲେ ଘରେ ଅଛି, ସୁସ୍ଥ ଅଛି

ବଲାଙ୍ଗୀର, ୨୬।୮ (ବୀରେନ୍ଦ୍ର କୁମାର ଝାଙ୍କର)

ବିଷପାନ କରି ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ସଇଁତଲା ଥାନାର ଟ୍ରେନି ମହିଳା ପୋଲିସ ଏସ୍‌ଆଇ କାଜଲ ବାଗ୍ ହସ୍ପିଟାଲରୁ କୁଆଡ଼େ ଉଭାନ୍ ହୋଇଯାଇଥିଲେ। ଏନେଇ ମେଡିକାଲ କର୍ତ୍ତୃପକ୍ଷ ଏବଂ ଜିଲା ପୋଲିସ ଅଧିକାରୀଙ୍କ ପରସ୍ପର ବିରୋଧୀ ସୂଚନା ଘଟଣାକୁ ଜଟିଳ କରିଦେଇଥିଲା। ତେବେ ଘଟଣାର ପ୍ରାୟ ଦୁଇଦିନ ପରେ କାଜଲ ତାଙ୍କ ଭବାନୀପାଟଣାସ୍ଥିତ ଘରେ ଅଛନ୍ତି ଏବଂ ସେ ଶତପ୍ରତିଶତ ସୁସ୍ଥ ଅଛନ୍ତି ବୋଲି ତାଙ୍କ ବାପା ମାନଗୋବିନ୍ଦ ବାଗ ଗଣମାଧ୍ୟମରେ କହିଛନ୍ତି। ଘର କଳହ ଏବଂ ପାରିବାରିକ ଯୋଗୁ ଏଭଳି ଘଟଣା ଘଟିଥିଲା। ଏବେ ସେ ଭଲ ଅଛନ୍ତି ବୋଲି ମାନଗୋବିନ୍ଦ କହିଛନ୍ତି। ତେବେ କେଉଁ କାରଣରୁ ସେ ଜଣେ ଦାୟିତ୍ୱସମ୍ପନ୍ନ ପୋଲିସ ଅଧିକାରୀ ହୋଇ ମଧ୍ୟ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ନ ଜଣାଇ ହସ୍ପିଟାଲରୁ ଫେରାର ହେଲେ ସେନେଇ କୌଣସି ସୂଚନା ମିଳିନାହିଁ। ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲରୁ କିଏ ଭବାନୀପାଟଣା ଘରେ ପହଞ୍ଚାଇଲା ସେନେଇ ପୋଲିସ ପକ୍ଷରୁ କିଛି କୁହାଯାଉନାହିଁ।

ଗତ ବୁଧବାର ରାତିରେ ବଲାଙ୍ଗୀର ଜିଲା ସଇଁତଲା ଥାନାରେ ଟ୍ରେନି ଅଫିସର ଭାବେ କାର୍ଯ୍ୟରତ ମହିଳା ପୋଲିସ ଏସ୍‌ଆଇ କାଜଲ ବିଷପାନ କରିଥିବା ଜଣାପଡ଼ିଥିଲା। ସଇଁତଲାର ଏକ ଭଡ଼ାଘରୁ ତାଙ୍କୁ ପୋଲିସ କର୍ମଚାରୀମାନେ ଉଦ୍ଧାର କରି ରାତି ପ୍ରାୟ ଗୋଟାଏରେ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ବିଳମ୍ବିତ ରାତିରେ ତାଙ୍କୁ ବଲାଙ୍ଗୀର ଅଣାଯାଇ ଭୀମଭୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ସକାଳେ ଡାକ୍ତର ରାଉଣ୍ଡ ବେଳେ ସମ୍ପୃକ୍ତ ମହିଳା ଏସ୍‌ଆଇ ମହିଳା ମେଡିସିନ୍ ୱାର୍ଡରେ ନ ଥିଲେ। ଗୁରୁବାର ଅପରାହ୍ଣ ଏବଂ ସନ୍ଧ୍ୟା ରାଉଣ୍ଡ ବେଳେ ମଧ୍ୟ ସେ ଅନୁପସ୍ଥିତ ଥିବା ଜାଣିବାକୁ ମିଳିଥିଲା। ଏନେଇ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଭାରପ୍ରାପ୍ତ ଅଧୀକ୍ଷକ ଡା. ସଚଳା ଭୋଇ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ମହିଳା ଏସ୍‌ଆଇ ବିଷପାନ କରିବା, ହସ୍ପିଟାଲରୁ ରହସ୍ୟଜନକ ଭାବେ ଉଭାନ୍ ହେବା ଏବଂ ଗଣମାଧ୍ୟମକୁ ତଥ୍ୟ ଲୁଚାଇବା ଭିତରେ ବଲାଙ୍ଗୀର ପୋଲିସର ଭୂମିକା ସନ୍ଦେହଜନକ ହୋଇପଡ଼ିଥିଲା।

## ନଦୀକୂଳରେ କୁମ୍ଭୀର, ଲୋକେ ଆତଙ୍କିତ

ସୋର, ୨୬।୮ (ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ବ୍ଲକ ସାଜନପୁର ପଞ୍ଚାୟତ ଚପରପଦା ଗ୍ରାମ ଦେଇ ପ୍ରବାହିତ ହୋଇଥିବା କାଂଶବାଂଶ ନଦୀ କୂଳରେ ଶନିବାର ଏକ କୁମ୍ଭୀର ଶୋଇଥିବା ଜଣେ ଛାତ୍ରୀ ଦେଖି ଭୟଭୀତ ହୋଇପଡିଥିଲେ। ପରେ ଆଖପାଖ ଅଞ୍ଚଳର ଶହ ଶହ ସ୍ଥାନୀୟ ଲୋକେ ରୁଣ୍ଡ ହୋଇ ବନବିଭାଗକୁ ଖବର ଦେଇଥିଲେ। କୁମ୍ଭୀର ଦୀର୍ଘ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ କୂଳରେ ରହିବା ପରେ ପାଣି ଭିତରକୁ ଚାଲିଯାଇଥିଲେ ମଧ୍ୟ ବନବିଭାଗ ପହଞ୍ଚି ପାରି ନ ଥିଲା। ଫଳରେ ସ୍ଥାନୀୟ ନଦୀକୂଳରେ ରହୁଥିବା ଲୋକମାନେ ଭୟଭୀତ ହୋଇପଡିଛନ୍ତି।

ଗତ ୧୧ତାରିଖ ସନ୍ଧ୍ୟାରେ ସୋର ବ୍ଲକ କେଦାରପୁର ପଞ୍ଚାୟତ ବାଣସିଆ କୁରୁବାଙ୍କ ନିକଟରେ ପ୍ରବାହିତ କାଂଶବାଂଶ ନଦୀରେ ଏକ କୁମ୍ଭୀରକୁ ଲୋକମାନେ ଦେଖିଥିଲେ। ଯାହାକୁ ନେଇ ସ୍ଥାନୀୟ ନଦୀକୂଳିଆ ଲୋକେ ଭୟଭୀତ ହୋଇପଡିଥିଲେ। ବନକର୍ମଚାରୀମାନେ ତୁରନ୍ତ କୁମ୍ଭୀରକୁ ଉଦ୍ଧାର କରିବା ସହିତ ଲୋକଙ୍କୁ ସଚେତନତା କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି।



## କଟୁ ଭାଷାରେ ଗାଳି କରୁଥିଲେ ପ୍ରଫେସର

ସମ୍ବଲପୁର, ୨୬।୮ (ଶୁଭାଶିଷ ପାଢ଼ୀ)

■ ମହିଳା ସହକର୍ମୀଙ୍କୁ ମାନସିକ ନିର୍ଯାତନା ଅଭିଯୋଗ

■ ତଦନ୍ତ ଆରମ୍ଭ, ସୁପାରିସକ୍ରମେ ହେବ କାର୍ଯ୍ୟାନୁଷ୍ଠାନ

ସମ୍ବଲପୁର ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଜଣେ ମହିଳା ସହକାରୀ ପ୍ରଫେସର ତାଙ୍କ ସହକର୍ମୀ ତଥା ସହକାରୀ ପ୍ରଫେସର ରଜତ କୁଜୁରଙ୍କ ବିରୋଧରେ ମାନସିକ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ବିଶ୍ୱବିଦ୍ୟାଳୟ ଶୃଙ୍ଖଳା କମିଟି ନିକଟରେ ସେ ଏହି ଅଭିଯୋଗ କରିବା ପରେ ୯ଜଣିଆ କମିଟି ଏହାର ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ମହିଳା ସହକାରୀ ପ୍ରଫେସର ୨୦୧୬ ମସିହାରେ ବିଭାଗରେ ଯୋଗଦେବା ଦିନଠାରୁ କୌଣସି କାରଣରୁ ପ୍ରଫେସର କୁଜୁର ତାଙ୍କୁ ମାନସିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଅଫିସ ସମୟରେ ମଧ୍ୟ କଟୁ ମନ୍ତବ୍ୟ ଦେଇଆସୁଛନ୍ତି। ଏପରିକି ଅକ୍ଷମ ବୋଲି କହି ଗାଳି କରିଥିଲେ। ମହିଳା ପ୍ରଫେସର ବିଭାଗର ସଂଯୋଜକ ଭାବରେ ନିଯୁକ୍ତ ହେବାର ନିଷ୍ପତ୍ତି ଉପରେ ମଧ୍ୟ ସେ ଅଧିକାରୀମାନଙ୍କୁ ପ୍ରଶ୍ନ କରିଥିଲେ। ନିକଟରେ ତାଙ୍କ ଅଫିସ ଚାମ୍ବରର ଏୟାର କଣ୍ଡିସନର ମରାମତି ନେଇ କୁଜୁର ତାଙ୍କ ସହ କଟୁ ଭାଷାରେ କଥା ହୋଇଥିଲେ। କୁଜୁର ପୂର୍ବରୁ ନିଲମ୍ବିତ ହୋଇଥିବାବେଳେ ବିଭାଗ ସୁରୁଖୁରୁରେ ଚାଲୁଥିଲା। ନିଲମ୍ବନ ସମୟରେ ସେ କର୍ତ୍ତୃପକ୍ଷଙ୍କୁ ଅବମାନନାକରି ବିଭାଗକୁ ଆସି ବିଶୃଙ୍ଖଳା ସୃଷ୍ଟି କରୁଥିଲେ। ନିଲମ୍ବନ ପ୍ରତ୍ୟାହାର ପରେ ବିଭାଗ ପୁନର୍ବାର ଅସୁରକ୍ଷିତ ହୋଇପଡ଼ିଛି। ଦୁର୍ବ୍ୟବହାର ପରିମାଣ ଆହୁରି ବଢ଼ିଯାଇଛି। ମହିଳା ପ୍ରଫେସର ଆହୁରି କହିଛନ୍ତି, ବିଭାଗରେ ଏପରି ନିଶାସକ୍ତ ପରିବେଶରେ କାର୍ଯ୍ୟ କରିବା ପାଇଁ ସେ ଜଣେ ମହିଳା କର୍ମଚାରୀ ଭାବରେ ନିଜକୁ ଅସୁରକ୍ଷିତ ମନେକରୁଛନ୍ତି। ଏ ସମ୍ପର୍କରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବି.ବି. ମିଶ୍ର କହିଛନ୍ତି, ଏହି ମାମଲା ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟିକୁ ପଠାଯାଇଛି। ଯଦି ଅଭିଯୋଗ ସତ୍ୟ ପ୍ରମାଣିତ ହୁଏ ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ନୃପରାଜ ସାହୁ କହିଛନ୍ତି, ମହିଳା ପ୍ରଫେସର ଲିଖିତ ଅଭିଯୋଗ କରିବା ପରେ ୯ଜଣ ସଦସ୍ୟଙ୍କୁ ନେଇ ଗଠିତ ଆଭ୍ୟନ୍ତରୀଣ କମିଟି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଗଷ୍ଟ ୨୮ ସୁଦ୍ଧା କମିଟି ରିପୋର୍ଟ ଦେବ। ରିପୋର୍ଟ ଆଧାରରେ ବୈଠକ ହେବ ଓ କମିଟିର ସୁପାରିସ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ପ୍ରଫେସର କୁଜୁର ଏହି ଅଭିଯୋଗକୁ ଅସ୍ୱୀକାର କରି କହିଛନ୍ତି, ମୋ ବିରୋଧରେ ହୋଇଥିବା ଅଭିଯୋଗ ବିଷୟରେ ମୁଁ ଅବଗତ ନୁହେଁ। ଅଭିଯୋଗ ସମ୍ପର୍କରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ ମୋ ସହ ଯୋଗାଯୋଗ କରିନାହାନ୍ତି ବୋଲି ସେ କହିଛନ୍ତି।



ଏନ୍ଏମ୍‌ଡିସି ଷ୍ଟିଲ୍ ଲିମିଟେଡ୍‌ର ଅଗ୍ରଣୀ କମ୍ପାନୀ ତଥା ଛତିଶଗଡ଼ର ନଗନନାର ଷ୍ଟିଲ୍ ପ୍ଲାଣ୍ଟ ନିକଟରେ ଏକ ଐତିହାସିକ ସଫଳତା ହାସଲ କରିଛି। ଉଲ୍ଲେଖଯୋଗ୍ୟ, କାରଖାନାରୁ ହଟ୍ ମେଟାଲ ଉତ୍ପାଦନର ୯ଦିନ ପରେ ଏଚ୍ଆର୍ କଏଲ ଉତ୍ପାଦନ କରି ପ୍ଲାଣ୍ଟ ଏକ ଅଭୂତପୂର୍ବ ଉପଲବ୍ଧି ପାଇଛି। ଏହି ପରିପ୍ରେକ୍ଷୀରେ ଏନ୍ଏମ୍‌ଡିସିର କାର୍ଯ୍ୟକାରୀ ସିଏମ୍‌ଡି ଏବଂ ନିର୍ଦ୍ଦେଶକ (ଅର୍ଥ) ଅମିତାଭ ମୁଖାର୍ଜୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ରିଅଲ୍‌ମିର ନୂତନ ଉତ୍ପାଦ ଉନ୍ମୋଚିତ

**ଭୁବନେଶ୍ୱର,୨୬।୮**

ରିଅଲ୍‌ମିର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂତନ ଉତ୍ପାଦଗୁଡ଼ିକୁ ନିକଟରେ କମ୍ପାନୀ ପକ୍ଷରୁ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷକରି ବ୍ରାଣ୍ଡର ହିରୋ ନମ୍ବର ସିରିଜ୍ ଓ ଏଆଇଓଟି ସେଗ୍‌ମେଣ୍ଟରେ ୪ଟି ବୈପ୍ଳବିକ ନୂତନ ଉତ୍ପାଦ ଯଥା ରିଅଲ୍‌ମି୧୧ ୫ଜି, ରିଅଲ୍‌ମି୧୧ ଏକ୍ସ ୫ଜି, ରିଅଲ୍‌ମି ବଡ୍‌ସ ଏୟାର୫ ଓ ରିଅଲ୍‌ମି ବଡ୍‌ସ ଏୟାର ୫ ପ୍ରୋର ଶୁଭାରମ୍ଭ ସହିତ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏ ନେଇ ରିଅଲ୍‌ମି ପକ୍ଷରୁ କୁହାଯାଇଛି 'ଆମେ ବର୍ତ୍ତମାନ ରିଅଲ୍‌ମି ୧୧ସିରିଜ୍ ୫ଜି ଏବଂ ଆମର ବିବିଧ ଏଆଇଓଟି ଶୃଙ୍ଖଳରେ ରିଅଲ୍‌ମି ବଡ୍‌ସ ଏୟାର ୫ସିରିଜ୍‌ର ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ, ଯାହା ଉଦ୍ଭାବନ ଓ ଉତ୍କର୍ଷ ପ୍ରତି ଆମର ନିରବଚ୍ଛିନ୍ନ ପ୍ରତିବଦ୍ଧତାର ଏକ ପ୍ରମାଣ। ଏପରିକି ୪ଟି ବୈପ୍ଳବିକ ଉତ୍ପାଦର ଶୁଭାରମ୍ଭ ସହ ଆମେ ସ୍ମାର୍ଟଫୋନ୍ ଓ ଏଆଇଓଟି ଶିଳ୍ପରେ ନୂଆ ବେଞ୍ଚମାର୍କ ସ୍ଥାପନ କରିବା ପାଇଁ ପ୍ରସ୍ତୁତ ରହିଛୁ।

# ଜେଏସ୍ଏଲ୍‌କୁ ଗ୍ରୀନ୍‌ଟେକ୍ କ୍ୱାଲିଟି ପୁରସ୍କାର



**କଳିଙ୍ଗନଗର,୨୬।୮(ଶୁଭାଶିଷ ରାଉତ)**

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍ଏଲ୍)କୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ ପ୍ରଦାନ କରାଯାଇଛି। ବିଶେଷ କରି ଗୁଣାତ୍ମକ ଉନ୍ନତି ବର୍ଗ ଅଧୀନରେ ଜେଏସ୍ଏଲ୍‌ର କଳିଙ୍ଗନଗର ୟୁନିଟ୍ (ପ୍ଲାଣ୍ଟ)କୁ ସମ୍ମାନ ଜନକ ଗ୍ରୀନ୍‌ଟେକ କ୍ୱାଲିଟି ଏବଂ ଇନୋଭେଶନ ଆୱାର୍ଡ-୨୦୨୩ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ନୂଆଦିଲ୍ଲୀ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ପୁରସ୍କାର ବିତରଣ ଉତ୍ସବରେ ଆସାମର ପୂର୍ବତନ ରାଜ୍ୟପାଳ ଜଗଦୀଶ ମୁଖୀ ମୁଖ୍ୟ ଅତିଥି, ଗ୍ରୀନ୍‌ଟେକ ଫାଉଣ୍ଡେଶନର ଅଧ୍ୟକ୍ଷ କମଲେଶ୍ୱର ଶରଣ ଏବଂ ପୂର୍ବତନ ସାଂସଦ ମହାବଳ ମିଶ୍ର ଅତିଥି ଭାବେ ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ। ବିଶେଷ କରି ଉତ୍କର୍ଷ ପାଇଁ ଉତ୍ସର୍ଗୀକୃତର ଏକ ପ୍ରମାଣ, ଶୀର୍ଷ ସ୍ତରୀୟ ଗୁଣବତ୍ତା ଏବଂ ଅଭିନବ ବର୍ଗରେ କ୍ରମାଗତ ୨ୟ ଥର ପାଇଁ ଜେଏସ୍ଏଲ୍ ଏହି ପୁରସ୍କାର ହାସଲ କରିଛି। ସୂଚନାଯୋଗ୍ୟ ନୂଆଦିଲ୍ଲୀ ଗ୍ରୀନ୍‌ଟେକ ଫାଉଣ୍ଡେଶନ୍ ଦ୍ୱାରା ଉକ୍ତ ପୁରସ୍କାର ସମୁଦାୟ ଗୁଣବତ୍ତା ଏବଂ ଅଭିନବତା କ୍ଷେତ୍ରରେ ଅତୁଳନୀୟ ସଫଳତା ଉପରେ ପ୍ରଦାନ କରାଯାଉଛି। ଗୋଦ୍ରେଜ୍, ପାର୍ଲେ, ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ, ଏସୀୟ ପେଣ୍ଟସ୍, ଏନ୍‌ଟିପିସି, ଓଏନ୍‌ଜିସି, ଏଲ୍ ଆଣ୍ଡ ଟି, ଭାରତ ପେଟ୍ରୋଲିୟମ ଏବଂ ଅନ୍ୟ କେତେକ ଖ୍ୟାତିସମ୍ପନ୍ନ ସଂସ୍ଥା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ୟୁବିଆଇର ସିଏସ୍ଆର୍ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୬।୮**

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ)ର ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ଶିବାନନ୍ଦ ସେଣ୍ଟେନାରି ବାଳକ ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ଏକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ବିଶେଷକରି ବ୍ୟାଙ୍କର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) କାର୍ଯ୍ୟକ୍ରମ ଅଧୀନରେ ଉକ୍ତ ବିଦ୍ୟାଳୟକୁ ତାହା ଦିଆଯାଇଛି। ଏହି ଅବସରରେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର କେନ୍ଦ୍ରୀୟ କାର୍ଯ୍ୟାଳୟର ମହାପ୍ରବନ୍ଧକ ହୃଷୀକେଶ ମିଶ୍ର, ଭୁବନେଶ୍ୱର ଅଞ୍ଚଳର ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ସର୍ବେଶ ରଞ୍ଜନ, ଭୁବନେଶ୍ୱର କ୍ଷେତ୍ରର ଉପ-ମହାପ୍ରବନ୍ଧକ ତଥା କ୍ଷେତ୍ରୀୟ ମୁଖ୍ୟ ନିରଞ୍ଜନ ବାରିକ, କଟକ କ୍ଷେତ୍ରର ସହାୟକ ମହାପ୍ରବନ୍ଧକ ତଥା କ୍ଷେତ୍ରୀୟ ମୁଖ୍ୟ ସରୋଜ କୁମାର ରାଉତ, ସହାୟକ ମହାପ୍ରବନ୍ଧକ ତଥା ପାୱାର କମିଟି ଚେୟାରମ୍ୟାନ୍ ସନ୍ଦୀପ ଦାସ ମହାପାତ୍ର, ଭୁବନେଶ୍ୱର କ୍ଷେତ୍ରର ସହାୟକ ମହାପ୍ରବନ୍ଧକ ତଥା ଉପ-କ୍ଷେତ୍ରୀୟ ମୁଖ୍ୟ ଅଶୋକ ମିଶ୍ର ଏବଂ ଜିତେନ୍ଦ୍ର କୁମାର ସାମଲଙ୍କ ସମେତ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ଅଧିକାରୀଗଣ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ବିଦ୍ୟାଳୟ ପ୍ରେସିଡେଣ୍ଟ ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ, ସେକ୍ରେଟାରି ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ, ଫାଉଣ୍ଡର ସ୍ୱାମୀ ଶିବ ଚିଦାନନ୍ଦ ସରସ୍ୱତୀଙ୍କ ଆଶୀର୍ବାଦ ସହିତ ବିଦ୍ୟାଳୟ କର୍ତ୍ତୃପକ୍ଷ ଯୁଗ୍ମ ସେକ୍ରେଟାରି ସୁଦର୍ଶନ ମିଶ୍ର ଏବଂ ପ୍ରିନ୍ସିପାଲ ଜଗନ୍ନାଥ ବେହେରା ଉକ୍ତ ଆମ୍ବୁଲାନ୍ସକୁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ସିଏସ୍ଆର୍ କାର୍ଯ୍ୟକ୍ରମ ଅନ୍ତର୍ଗତ ୟୁନିୟନ ବ୍ୟାଙ୍କ ସୋସିଆଲ ଫାଉଣ୍ଡେଶନ ପକ୍ଷରୁ ଗ୍ରହଣ କରିଥିଲେ।

# ଜିଏଏ ସହ ସିୟୁଟିଏମ୍‌ର ରାଜିନାମା

**ଭୁବନେଶ୍ୱର,୨୬।୮ (ଅଭୟ ଦାଶ)**



ରାଜ୍ୟର ପ୍ରମୁଖ ଘରୋଇ ବିଶ୍ୱବିଦ୍ୟାଳୟ ସେଞ୍ଚୁରିଅନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ (ସିୟୁଟିଏମ୍) ଏବଂ ଓଡ଼ିଶା ସରକାରଙ୍କ ଗୋପବନ୍ଧୁ ଏକାଡେମୀ ଅଫ୍ ଆଡ୍‌ମିନିଷ୍ଟ୍ରେଶନ (ଜିଏଏ) ଭୁବନେଶ୍ୱର ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍ଓୟୁ) ନିକଟରେ ସ୍ୱାକ୍ଷର ହୋଇଯାଇଛି। ବିଶେଷକରି ଏକାଡେମିକ୍, ଅନୁସନ୍ଧାନ ଏବଂ ପ୍ରଶିକ୍ଷଣ ଆଦି କ୍ଷେତ୍ରରେ ମିଳିତ ସହଭାଗିତା ପ୍ରତିଷ୍ଠା ପାଇଁ ଉକ୍ତ ରାଜିନାମା ହୋଇଥିବା ଜଣାପଡ଼ିଛି। ଏହି ପରିପ୍ରେକ୍ଷୀରେ ଜିଏଏର ମହାନିର୍ଦ୍ଦେଶକ ରାଜକୁମାର ଶର୍ମାଙ୍କ ଉପସ୍ଥିତିରେ ସିଜିଜିଓର ନିର୍ଦ୍ଦେଶକ ଡ. ଶଶାଙ୍କ ଗ୍ରହାଚାର୍ଯ୍ୟ ଏବଂ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ଡ. ମୁକ୍ତିକାନ୍ତ ମିଶ୍ର ଉକ୍ତ ରାଜିନାମା ସ୍ୱାକ୍ଷର କରିଛନ୍ତି। ଏ ସମ୍ପର୍କରେ ଜିଏଏର ମହାନିର୍ଦ୍ଦେଶକ ରାଜକୁମାର ଶର୍ମା କହିଛନ୍ତି, ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ଭଳି ଏକ ସ୍ୱୀକୃତିପ୍ରାପ୍ତ ଦକ୍ଷତା ବିକାଶ ବିଶ୍ୱବିଦ୍ୟାଳୟ ସହ ସହଭାଗିତା କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ରାଜ୍ୟ ସରକାରଙ୍କ କର୍ମଚାରୀ ତାଲିମ ଏବଂ ଦକ୍ଷତା ବୃଦ୍ଧିରେ ଉକ୍ତ ରାଜିନାମା ବେଶ ସହାୟକ ହେବ। ଏହି ସହଭାଗିତା ଦିନକୁ ଦିନ ବୃଦ୍ଧି ପାଇବ ଏବଂ ଓଡ଼ିଶାବାସୀ ତଥା ବିଶେଷ ଭାବେ ଶିକ୍ଷା ଅନୁଷ୍ଠାନ ଏହାଦ୍ୱାରା ବେଶ୍ ଉପକୃତ ହେବ ବୋଲି ସେ ମତପ୍ରକାଶ କରିଛନ୍ତି। ଉକ୍ତ ଏମ୍ଓୟୁ ସ୍ୱାକ୍ଷର ସମାରୋହରେ ଡ.ହିମାଂଶୁ ଭୂଷଣ ପଣ୍ଡା, ଅତିରିକ୍ତ କମିଶନର, ଜିଏଏ, ଡ. ପି.କେ.ମିଶ୍ର ଡେପୁଟି ଡାଇରେକ୍ଟର ଜେନେରାଲ, ଜିଏଏ, କାନନବାଳା ନାୟକ ଯୁଗ୍ମ ନିର୍ଦ୍ଦେଶକ(ଆକାଉଣ୍ଟସ୍) ଜିଏଏ, ପ୍ରଫେସର କେଭିଡି ପ୍ରକାଶ, ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ, ଜିଏଏ ଏବଂ ସିଜିଜିଓର ଅନ୍ୟ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

# ଟାଟା ପାୱାରର 'ଟ୍ରେନ୍ ଟୁ ହାୟାର'

**ଭୁବନେଶ୍ୱର,୨୬।୮**

ଟାଟା ପାୱାରର 'ଟ୍ରେନ୍ ଟୁ ହାୟାର' କାର୍ଯ୍ୟକ୍ରମ ଅଧୀନରେ କମ୍ପାନୀ ଓଡ଼ିଶାର ପ୍ରମୁଖ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକ ସହ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର କରିଥିବା ବେଳେ ଶିଳ୍ପକ୍ଷେତ୍ରରେ ଭବିଷ୍ୟତ ଗଠନ ପାଇଁ ଯୁବ ଇଞ୍ଜିନିୟରିଂ ଛାତ୍ରୀଛାତ୍ରଙ୍କୁ ସଶକ୍ତ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ଯାତ୍ରାର ଶୁଭାରମ୍ଭ କରିଛି। ୨୦୨୩ ଅଗଷ୍ଟ ୯ରେ ଟାଟା ପାୱାର ୱାର୍ଲଡ୍ ସ୍କିଲ୍ ସେଣ୍ଟର (ଡବ୍ଲ୍ୟୁଏସ୍‌ସି) ସହିତ ସହଯୋଗିତା ସ୍ଥାପନ କରିଥିଲା। ୨୦୨୩ ଅଗଷ୍ଟ ୮ର ଟାଟା ପାୱାର ପକ୍ଷରୁ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ ଆଣ୍ଡ୍ ରିସର୍ଚ୍ଚ (ଆଇଟିଇଆର୍) ସହ ସହଯୋଗିତା ସ୍ଥାପନ କରାଯାଇଥିଲାବେଳେ ୨୦୨୩ ଜୁଲାଇ ୨୨ରେ ଭୁବନେଶ୍ୱରର କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି (କିଟ୍) ଓ ସିଲିକନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏସ୍ଆଇଟି) ସହ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ସେହିଭଳି ୨୦୨୩ ଜୁଲାଇ ୧୪ରେ ଇନ୍ଦିରା ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ସରାଙ୍ଗ ସହ ଟାଟା ପାୱାର ହାତ ମିଳାଇଥିଲା।

ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି, ଯୁବବର୍ଗଙ୍କୁ ଭବିଷ୍ୟତ ଲାଗି ପ୍ରସ୍ତୁତ କରି ବିଦ୍ୟୁତ୍ କ୍ଷେତ୍ରରେ ପ୍ରତିଭା ଦୃଶ୍ୟପଟକୁ ଆକାର ପ୍ରଦାନ କରିବାକୁ ଆମେ ପ୍ରତିବଦ୍ଧ ରହିଛୁ। ଏହି ସହଯୋଗିତାଗୁଡ଼ିକ ଜରିଆରେ ଓଡ଼ିଶାର ଯୁବବର୍ଗଙ୍କ ପାଇଁ ଆମେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ଶିଳ୍ପ ଲାଗି ତାଲିମପ୍ରାପ୍ତ ଶ୍ରମ ଶକ୍ତିରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଛୁ। ସେହିଭଳି ଟାଟା ପାୱାରର କ୍ଲଷ୍ଟର ମୁଖ୍ୟ, ବିଜ୍‌ନେସ୍ ଏଚ୍ଆର୍ (ଟି ଆଣ୍ଡ୍ ଡି) ସୁବୀର ବର୍ମା କହିଛନ୍ତି, ସ୍ୱତନ୍ତ୍ର ମଡ୍ୟୁଲ୍, ବାସ୍ତବ ସମୟ ଲାଇଭ୍ ପ୍ରୋଜେକ୍ଟ, ଫାକଲ୍‌ଟି ଭାବେ ବରିଷ୍ଠ ପ୍ରବନ୍ଧକ ଓ ମେଣ୍ଟର ଆଦି ପ୍ରଦାନ କରି ଓଡ଼ିଶାର ସ୍ଥାନୀୟ ଶିକ୍ଷିତ ଯୁବବର୍ଗଙ୍କୁ ୬ ମାସରେ ଶିଳ୍ପ ପାଇଁ ପ୍ରସ୍ତୁତ କରିବାରେ ଆମ ବିଶେଷତାକୁ ଆମେ ବ୍ୟବହାର କରିବାକୁ ଚାହୁଁଛୁ।

# ଆର୍ଆର୍‌ଭିଏଲ୍‌ରେ ନିବେଶ କରିବ କ୍ୟୁଆଇଏ

**ଭୁବନେଶ୍ୱର,୨୬।୮**

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍ଆଇଏଲ୍)ର ପ୍ରମୁଖ ସହାୟକ କମ୍ପାନୀ ରିଲାଏନ୍ସ ରିଟେଲ ଭେଞ୍ଚର୍ସ ଲିମିଟେଡ୍ (ଆର୍ଆର୍‌ଭିଏଲ୍)ରେ ପ୍ରାୟ ୮,୨୭୮ କୋଟି ଟଙ୍କା କାତାର ନିବେଶ ପ୍ରାଧିକରଣ (କ୍ୟୁଆଇଏ) ନିବେଶ କରିବ ବୋଲି ଆର୍ଆର୍‌ଭିଏଲ୍ ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷକରି କ୍ୟୁଆଇଏର ସମ୍ପୂର୍ଣ୍ଣ ମାଲିକାନା ସହାୟକ କମ୍ପାନୀ ମାଧ୍ୟମରେ ଆର୍ଆଇଏଲ୍‌ର ସହାୟକ କମ୍ପାନୀ ଆର୍ଆର୍‌ଭିଏଲରେ ୮,୨୭୮ କୋଟି ଟଙ୍କା ବିନିଯୋଗ କରିବ। ଏହି ବିନିଯୋଗ ଆର୍ଆର୍‌ଭିଏଲ୍‌ର ପ୍ରି-ମନି ଇକ୍ୱିଟି ମୂଲ୍ୟ ୮,୨୭୮ଲକ୍ଷ କୋଟି ବୋଲି କୁହାଯାଇଛି। ସେହିଭଳି ଆର୍ଆର୍‌ଭିଏଲ୍‌ର ସହାୟକ ଏବଂ ସହଯୋଗୀମାନଙ୍କ ମାଧ୍ୟମରେ ଭାରତର ସର୍ବବୃହତ୍ ତଥା ଦ୍ରୁତ ଅଭିବୃଦ୍ଧିଶୀଳ ଏବଂ ସବୁଠାରୁ ଲାଭଜନକ ଖୁଚୁରା ବ୍ୟବସାୟକୁ ପ୍ରାୟ ୨୬୭ ନିୟୁତ ବିଶ୍ୱସ୍ତ ଗ୍ରାହକଙ୍କୁ ସେବା ଯୋଗାଇଥାଏ। ଏପରିକି ସାରା ଦେଶରେ ୧୮,୫୦୦ରୁ ଅଧିକ ଷ୍ଟୋରର ଏକ ସମନ୍ୱିତ ଓମନି-ଚ୍ୟାନେଲ୍ ନେଟ୍‌ୱାର୍କ ଏବଂ ଗ୍ରୋସରି, ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ, ଫ୍ୟାଶନ୍ ଆଣ୍ଡ ଲାଇଫଷ୍ଟାଇଲ ଏବଂ ଫାର୍ମା ଭଳି ବ୍ୟବସାୟ ଜଡିତ ରହିଛି। ସେହିପରି କ୍ୟୁଆଇଏର ପୁଞ୍ଜିନିବେଶ ଆର୍ଆର୍‌ଭିଏଲ୍‌ରେ ୦.୯୯%ର ଏକ ସଂଖ୍ୟା ଲଘୁ ଇକ୍ୱିଟି ଅଂଶରେ ଅନୁବାଦ ହେବ। ବିଶେଷକରି ୨୦୨୦ରେ ଆର୍ଆର୍‌ଭିଏଲ୍ ଦ୍ୱାରା ପୂର୍ବ ପାଣ୍ଠି ସଂଗ୍ରହ ରାଉଣ୍ଡ ସମୁଦାୟ ୪୭,୨୬୫କୋଟି ଟଙ୍କା ବିଭିନ୍ନ ନିବେଶକଙ୍କ ଠାରୁ ୪.୨୧ଲକ୍ଷ କୋଟି ମୂଲ୍ୟର ପ୍ରି-ମନି ଇକ୍ୱିଟି ମୂଲ୍ୟରେ ସଂଗ୍ରହ କରାଯାଇଥିଲା।

ଏ ସମ୍ପର୍କରେ ଆର୍ଆର୍‌ଭିଏଲ୍‌ର ନିର୍ଦ୍ଦେଶିକା ଇଶା ମୁକେଶ ଅମ୍ବାନୀ କହିଛନ୍ତି, କମ୍ପାନୀରେ ଏକ ବୃହତ୍ ନିବେଶକ ଭାବେ କ୍ୟୁଆଇଏକୁ ସ୍ୱାଗତକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମେ କ୍ୟୁଆଇଏର ବିଶ୍ୱସ୍ତରୀୟ ଅଭିଜ୍ଞତା ଏବଂ ମୂଲ୍ୟବୋଧର ଏକ ଦୃଢ ଟ୍ରାକ୍ ରେକର୍ଡରୁ ଉପକୃତ ହେବାକୁ ଅପେକ୍ଷା କରୁଛୁ।

# ରିଲାଏନ୍ସ ରିଟେଲ ପକ୍ଷରୁ ୟୁଷ୍ଟାର ଶୁଭାରମ୍ଭ




**ଭୁବନେଶ୍ୱର,୨୬।୮**

ରିଲାଏନ୍ସ ରିଟେଲ ପକ୍ଷରୁ ଯୁବ ଫ୍ୟାଶନ ରିଟେଲ ଫର୍ମାଟ ୟୁଷ୍ଟା'ର ଆନୁଷ୍ଠାନିକ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ହାଇଦ୍ରାବାଦଠାରେ ୟୁଷ୍ଟାର ପ୍ରଥମ ଷ୍ଟୋର ସହିତ ନୂଆ ଫର୍ମାଟର ଶୁଭାରମ୍ଭ କରାଯାଇଛି। ଏପରିକି ସର୍ବାଧୁନିକ ଜ୍ଞାନକୌଶଳସମ୍ପନ୍ନ ଷ୍ଟୋର ଲେ-ଆଉଟ ସହିତ ୟୁଷ୍ଟାରେ ଯୁବବର୍ଗର ଗ୍ରାହକଙ୍କ ପାଇଁ ସୁଲଭ ମୂଲ୍ୟରେ ହାଇ-ଫ୍ୟାଶନ ଉପଲବ୍ଧ ହେଉଛି। ଉଦାହରଣ ସ୍ୱରୂପ ଏଠାରେ ମିଳୁଥିବା ସମସ୍ତ ସାମଗ୍ରୀର ମୂଲ୍ୟ ୯୯୯ ଟଙ୍କାରୁ କମ୍ ରହିଥିବାବେଳେ ଅଧିକାଂଶ ସାମଗ୍ରୀର ମୂଲ୍ୟ ୪୯୯ ଟଙ୍କାରୁ କମ୍ ରହିଛି। ସେହିଭଳି ଉଭୟ ପୁରୁଷ ଓ ମହିଳାଙ୍କ ପୋଷାକ ସାଙ୍ଗକୁ ବିଭିନ୍ନ ବର୍ଗର ପୋଷାକ ଓ ସାପ୍ତାହିକ ରିଫ୍ରେଶ୍ କ୍ୟାପ୍‌ସୁଲ ସହ ୟୁଷ୍ଟାରେ ପ୍ରତି ସପ୍ତାହରେ ଷ୍ଟାରିଂ ନାଓ କଲେକ୍ସନ ଜରିଆରେ ସ୍ୱାଧୁନିକ ଫ୍ୟାଶନ ଏବଂ ମ୍ୟାଚିଂ ଆସେସୋରି ସହ ଏକ ସମ୍ପୂର୍ଣ୍ଣ ଆଉଟ୍‌ଫିଟ୍ ଭାବେ ପ୍ରସ୍ତୁତ ରହିବ। ଏ ସମ୍ପର୍କରେ ରିଲାଏନ୍ସ ରିଟେଲର ଫ୍ୟାଶନ ଓ ଲାଇଫଷ୍ଟାଇଲ ସଭାପତି ଓ ସିଇଓ ଅଖିଳେଶ ପ୍ରସାଦ କହିଛନ୍ତି, ୟୁଷ୍ଟା ଏକ ଯୁବ ଓ ଡାଇନାମିକ ବ୍ରାଣ୍ଡ ଯାହା ଦେଶର ଯୁବପିଢ଼ି ସହ ଆଗକୁ ବଢ଼ିବ ଏବଂ ସମୃଦ୍ଧ ହେବ। ଏହି ଟିମ୍ ଭାରତର ଯୁବ ପିଢ଼ି ସହିତ ଲଗାତର କାର୍ଯ୍ୟ କରି ନୂଆ ଫ୍ୟାଶନ ଆବଶ୍ୟକତା ଉପରେ କାର୍ଯ୍ୟ କରିବ।

# ବେଦାନ୍ତରେ ଦକ୍ଷତାକୁ ଗୁରୁତ୍ୱ

**ଭୁବନେଶ୍ୱର,୨୬।୮**

ବେଦାନ୍ତ ଆଲୁମିନିୟମ ପକ୍ଷରୁ ସର୍ବଦା ଦକ୍ଷତା ଗୁରୁତ୍ୱ ଦିଆଯାଇଛି। ଏପରିକି କମ୍ପାନୀର ଓଡ଼ିଶା ଓ ଛତିଶଗଡ଼ ୟୁନିଟ୍‌ରେ ବିଭିନ୍ନ ବର୍ଗର ଦକ୍ଷ ଲୋକଙ୍କୁ ନିଯୁକ୍ତି ଦିଆଯାଇଛି। ବିଶେଷକରି ଦିବ୍ୟାଙ୍ଗ ବର୍ଗଙ୍କଠାରୁ ଆରମ୍ଭ କରି କିନ୍ନର ଗୋଷ୍ଠୀ ପର୍ଯ୍ୟନ୍ତ। ଏପରିକି ନିକଟରେ ୨୦ ଭିନ୍ନକ୍ଷମ କର୍ମଚାରୀଙ୍କୁ ବେଦାନ୍ତ ଆଲୁମିନିୟମର ବିଭିନ୍ନ କାର୍ଯ୍ୟରେ ନିଯୁକ୍ତି ଦିଆଯାଇଛି। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଓଓ (ଆଲୁମିନିୟମ ବିଜ୍‌ନେସ୍) ସୁନୀଲ ଗୁପ୍ତା କହିଛନ୍ତି, ଆମେ ବିବିଧତାକୁ ଗ୍ରହଣ କରିବା କେବଳ ଏକ ନୈତିକ ଆବଶ୍ୟକତା ନୁହେଁ ବରଂ ଏହା ଆମ ପାଇଁ ଏକ ରଣନୀତିକ ପଦକ୍ଷେପ । ଏପରିକି ଯେତେବେଳେ ଆମେ କୌଣସି ଭିନ୍ନକ୍ଷମଙ୍କୁ ନିଯୁକ୍ତି ଦେଇଥାଉ, ସେତେବେଳେ ସେମାନଙ୍କ ପାଇଁ ଆମେ ଏକ ନୂତନ ମାର୍ଗ ପ୍ରଶସ୍ତ କରିଥାଉ। ଏହାଦ୍ୱାରା ସେମାନେ ଅର୍ଥନୈତିକ ସ୍ତରରେ ନିଜକୁ ସୁଦୃଢ଼ କରିପାରିବେ। ସେହିଭଳି ବାଲ୍‌କୋର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ସିଇଓ ରାଜେଶ କୁମାର କହିଛନ୍ତି, ଆମେ ଏକ ଅନ୍ତର୍ଭୁକ୍ତ କର୍ମଜୀବୀ ପରିବେଶ ପ୍ରତିପୋଷଣ କରୁଛୁ, ଯାହା ପାରମ୍ପରିକ ଧାରଣାକୁ ଦୂରକରିଥାଏ। ବିଶେଷକରି ଚାକିରି ପାଇଁ ଆମେ ଦକ୍ଷତା ଓ ଉତ୍ସାହକୁ ପ୍ରାଧାନ୍ୟ ଦେଇ ବ୍ୟକ୍ତି ମଧ୍ୟରେ ଲୁଚି ରହିଥିବା ପ୍ରତିଭାକୁ ସଫଳ କରିବାକୁ ଚାହିଁଥାଉ। ସେହିପରି ବେଦାନ୍ତ ଲିମିଟେଡ୍‌ର ସିଏଚ୍ଆର୍‌ଓ(ଆଲୁମିନିୟମ ବିଜ୍‌ନେସ୍) ଦିଲୀପ ସିହ୍ନା କହିଛନ୍ତି, ବେଦାନ୍ତ ଆଲୁମିନିୟମ ଏପରି ଏକ ପରିବେଶ ବିକାଶ କରିଛି,ଯେଉଁଠାରେ କେବଳ ଦକ୍ଷ ଲୋକମାନଙ୍କର ସମ୍ମାନ ରହିଛି। ଏହି ପ୍ରୟାସ ଆମର କାର୍ଯ୍ୟ ପ୍ରଣାଳୀରେ ଆମେ ପ୍ରାଧାନ୍ୟ ଦେଇ ଆସିଛୁ।

# ଓଡିଏମ୍ ପବ୍ଲିକ୍ ସ୍କୁଲର ବାର୍ଷିକ ବିଜ୍ଞାନ ପ୍ରଦର୍ଶନୀ

**ଭୁବନେଶ୍ୱର,୨୬।୮**



ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଭୁବନେଶ୍ୱର ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲର ବାର୍ଷିକ ବିଜ୍ଞାନ ପ୍ରଦର୍ଶନୀ 'ନଲେଜ୍ କ୍ରଲ୍-୨୦୨୩' ଶନିବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ.ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଆୟୋଜିତ ସାଧାରଣ ସଭାରେ ଭୁବନେଶ୍ୱରର ରିଜିଓନାଲ ମ୍ୟୁଜିୟମ୍ ଅଫ୍ ନାଚ୍ୟୁରାଲ୍ ହିଷ୍ଟ୍ରିର ବିଜ୍ଞାନ ବିଭାଗୀୟ ମୁଖ୍ୟ ଅଧିକାରୀ ଗୌରବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଉକ୍ତ ପ୍ରଦର୍ଶନୀର ପ୍ରଥମ ପର୍ଯ୍ୟାୟରେ ସ୍କୁଲର ପ୍ରଥମରୁ ୫ମ ଶ୍ରେଣୀର ବିଦ୍ୟାର୍ଥୀମାନଙ୍କୁ ନେଇ ଏକ କ୍ଷୁଦ୍ର ଚଳଚ୍ଚିତ୍ର, ଆତ୍ମଜୀବନୀ ଏବଂ କୌତୁକ ମାଧ୍ୟମରେ ବିଜ୍ଞାନ ସମ୍ପର୍କିତ ଗବେଷଣା ଲବ୍ଧ ପ୍ରସଙ୍ଗଗୁଡ଼ିକୁ ପ୍ରଦର୍ଶିତ କରାଯାଇଥିଲା। ସେହିଭଳି ପ୍ରଦର୍ଶନୀର ଦ୍ୱିତୀୟ ପର୍ଯ୍ୟାୟରେ ସ୍କୁଲର ୬ଷ୍ଠରୁ ଦ୍ୱାଦଶ ଶ୍ରେଣୀର ବିଦ୍ୟାର୍ଥୀମାନଙ୍କୁ ନେଇ ବିଜ୍ଞାନ ସମ୍ପର୍କିତ ଜଣା ଅଜଣା କାର୍ଯ୍ୟକ୍ରମ, କର୍ମଶାଳା ଏବଂ ଆଲୋଚନାଚକ୍ର ସହ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ୫୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେହିପରି ବିଚାରକ ମଣ୍ଡଳୀ ଦ୍ୱାରା ଶ୍ରେଷ୍ଠ ବିବେଚିତ ପ୍ରକଳ୍ପ ଗୁଡ଼ିକୁ ମୂଲ୍ୟାଙ୍କନ କରାଯାଇଥିଲାବେଳେ ବିଦ୍ୟାଳୟର ବିତ୍ତ ଏବଂ ପ୍ରଶାସନିକ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଏବଂ ମୁଖ୍ୟ କାର୍ଯ୍ୟକାରିଣୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଅପରପକ୍ଷରେ ୧୦୦୦ରୁ ଊର୍ଦ୍ଧ୍ୱ ଅଭିଭାବକ ଉକ୍ତ ପ୍ରଦର୍ଶନୀକୁ ପରିଦର୍ଶନକରି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ ଗୁଡ଼ିକ ବିଷୟରେ ସମୀକ୍ଷା କରିଥିଲେ। ଉକ୍ତ ପ୍ରଦର୍ଶନୀରେ ଶିକ୍ଷାନୁଷ୍ଠାନର ଶିକ୍ଷା ନିର୍ଦ୍ଦେଶକ ଡ.ଆର୍ତ୍ତତ୍ରାଣ ମିଶ୍ର, ଶିକ୍ଷା ଉପଦେଷ୍ଟା ବ୍ରହ୍ମାନନ୍ଦ ରାଉତ, ଉପାଧ୍ୟକ୍ଷା ଡ. ସନ୍ଧ୍ୟାରାଣୀ ସ୍ୱାଇଁ, ଉପାଧ୍ୟକ୍ଷ ଡ. ରାଜେଶ୍ କୁମାର ପାଢ଼ୀଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ୨ରେ ୨୭ତମ ରୁଚି ପ୍ରତିଭା ପୂଜନ

**କଟକ,୨୬।୮ (ସୁପ୍ରିୟା ପ୍ରିୟଦର୍ଶିନୀ)**




ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ରୁଚି ପ୍ରତିଭା ସମ୍ମାନ ସମାରୋହ ଉତ୍ସବ ୨୦୨୩ ସେପ୍ଟେମ୍ବର ୨ରେ ଆୟୋଜନ ହେବ ବୋଲି ରୁଚି ପ୍ରତିଭା ଫାଉଣ୍ଡେଶନ ପକ୍ଷରୁ ସୂଚନା ଦିଆଯାଇଛି। ଏ ନେଇ ଶନିବାର ଲିଙ୍କ୍ ରୋଡ୍‌ସ୍ଥିତ ନିଶାମଣି କନ୍‌ଭେନ୍‌ସନଠାରେ ରୁଚି ପ୍ରତିଭା ଫାଉଣ୍ଡେଶନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏ ସମ୍ପର୍କରେ ରୁଚି ପ୍ରତିଭା ଫାଉଣ୍ଡେଶନର ଅଧ୍ୟକ୍ଷ ଡ. ଶରତ କୁମାର ସାହୁ କହିଥିଲେ, ପୂଜ୍ୟପୂଜା ଓ ପ୍ରତିଭାପୂଜା ଜରିଆରେ ରୁଚି ଉଦ୍ୟୋଗ ଦୀର୍ଘ ୪୭ ବର୍ଷ ଧରି ରାଜ୍ୟର କୃତବିଦ୍ୟ ପ୍ରତିଭାମାନଙ୍କୁ ସମ୍ମାନିତ କରି ଗୌରବାନ୍ୱିତ ହୋଇଛି। ସେହିଭଳି ରୁଚିର ନିର୍ଦ୍ଦେଶକ ଅରବିନ୍ଦ ସାହୁ ଯୁବବର୍ଗଙ୍କୁ ଦିଗ୍‌ଦର୍ଶନ ଦେବା ପାଇଁ ସବୁବେଳେ ପ୍ରେରଣାଦାୟୀ ମଣିଷମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଉଲ୍ଲେଖଯୋଗ୍ୟ, ଆଦିତ୍ୟ ବିର୍ଲା ଗ୍ରୁପ୍‌ର ନିର୍ଦ୍ଦେଶକ ଡ.ସନ୍ତୃପ୍ତ ମିଶ୍ରଙ୍କୁ ରୁଚି ଦେଶ ଗୌରବ, ରାଷ୍ଟ୍ରୀୟ ସ୍ତରର ସୂଚନା ଓ ପ୍ରଯୁକ୍ତି ବିଶେଷଜ୍ଞ ଅରବିନ୍ଦ ପାଣିଙ୍କୁ ରୁଚି ଦେଶ ଜ୍ୟୋତି ସମ୍ମାନ ଏବଂ ଅନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ରୁଚି ଦେଶ ସେବା ସମ୍ମାନ ପ୍ରଦାନ କରାଯାଉଥିବାବେଳେ ଆଇଏଏସ୍ ଟପ୍ପର ଜୁବିନ୍ ମହାପାତ୍ରଙ୍କୁ ରୁଚି ବିଦ୍ୟାସାଗର ସମ୍ମାନ ଏବଂ ପ୍ରାକୃତିକ ବିପର୍ଯ୍ୟୟ ବେଳେ ବିପନ୍ନମାନଙ୍କୁ ଅସାଧାରଣ ସେବା ଓ ସହାୟତା ଯୋଗାଇ ଆସୁଥିବା ଓଡ୍ରାଫ୍ ଟିମ୍‌କୁ ରୁଚି ସେବା ଜ୍ୟୋତି ସମ୍ମାନ ଓ ବିଶ୍ୱ ପୋଲିସ କ୍ରୀଡ଼ାରେ ୨ ସ୍ୱର୍ଣ୍ଣ ପଦକ ବିଜୟିନୀ କ୍ରୀଡ଼ାବିତ୍ ଚିନ୍ମୟୀ ଭୂୟାଁଙ୍କୁ ରୁଚି ବାରବାଟୀ କ୍ରୀଡ଼ା ସମ୍ମାନ ସହିତ ୨୦୨୨-୨୩ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ସ୍ଥାନ ଲାଭ କରିଥିବା ଶ୍ରେୟାଶ୍ରୀ ଜେନା ଓ ୨୦୨୧ରେ ସର୍ବଭାରତୀୟ ସିବିଏସ୍‌ଇ ଟପ୍ପର ନିଶିତା ଦାସଙ୍କୁ ରୁଚି ପ୍ରତିଭା ସମ୍ମାନ ପ୍ରଦାନ କରାଯିବ ବୋଲି ଫାଉଣ୍ଡେଶନ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ସେଭେନ୍ ପିଲାରସ୍ ମୁଖ୍ୟ ପ୍ରେକ୍ଷାଳୟଠାରେ ଆୟୋଜିତ ହେବାକୁ ଥିବା ରୁଚି ପ୍ରତିଭା ସମ୍ମାନ ସମାରୋହରେ ଉପରୋକ୍ତ ପ୍ରତିଭାମାନଙ୍କୁ ସମ୍ମାନିତ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ରୁଚି ପ୍ରତିଭା ଫାଉଣ୍ଡେଶନର ଯୁଗ୍ମ ସମ୍ପାଦକ ଶୁଭେନ୍ଦୁ କୁମାର ଭୂୟାଁ ସମ୍ବର୍ଦ୍ଧିତ ହେବାକୁ ଥିବା କୃତୀ ପ୍ରତିଭାମାନଙ୍କର ସଫଳତା ସହିତ ଫାଉଣ୍ଡେଶନର ୨୭ ବର୍ଷର କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୁଚିର ମାନବ ସମ୍ବଳ ଉପମହାପ୍ରବନ୍ଧକ ଅମ୍ବରୀଶ ପଟ୍ଟନାୟକ, ବରିଷ୍ଠ ସୂଚନା ଅଧିକାରୀ ନିହାର ରଞ୍ଜନ ସାହୁ, ଜ୍ଞାନରଞ୍ଜନ ରାୟ, ଅମୃତ ରଞ୍ଜନ ଦାଶ ଓ ମାର୍କେଟିଂ ହେଡ୍ ଦେବବ୍ରତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:.....................................
ଜନ୍ମ ତାରିଖ: ..............................


ପ୍ରାଚି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସୁଶାନ୍ତଙ୍କ ଫ୍ଲାଟ୍ କିଣିଲେ ଅଦା ଶର୍ମା



ମୁମ୍ବାଇ

ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁକୁ ଏହା ଭିତରେ ୩ ବର୍ଷ ବିତିଗଲାଣି। ହେଲେ ଏବେ ବି ଲୋକଙ୍କ ମନରେ ସେ ଘର କରି ରହିଛନ୍ତି। ଏହି ଲୋକପ୍ରିୟ ଅଭିନେତାଙ୍କ ଘର ନିକଟରେ ବିକ୍ରି ହୋଇଯାଇଛି। ରିପୋର୍ଟ ମୁତାବକ, ଅଭିନେତ୍ରୀ ଅଦା ଶର୍ମା ମୁମ୍ବାଇରେ ସୁଶାନ୍ତ ରହୁଥିବା ଫ୍ଲାଟ୍‌କୁ କିଣିଛନ୍ତି। ଅଦା ଶର୍ମା ମଧ୍ୟ ଏହି ଖବରକୁ ନିଶ୍ଚିତ କରିଛନ୍ତି। ହେଲେ ସେ କେବେ ଏହି ଘରେ ରହିବେ ତାହା ଜଣାପଡ଼ିନି। 'ଦ କେରଳ ଷ୍ଟୋରି'ର ସଫଳତା ପରେ ଅଭିନେତ୍ରୀଙ୍କୁ ନିକଟରେ 'କମାଣ୍ଡୋ' ସିରିଜରେ ମଧ୍ୟ ଦେଖିବାକୁ ମିଳିଛି। ମିଡିଆ ରିପୋର୍ଟରେ ଦର୍ଶାଯାଇଛି, ସୁଶାନ୍ତଙ୍କ ମୃତ୍ୟୁ ପରେ ସେହି ଆପାର୍ଟମେଣ୍ଟରେ ଘରର ମୂଲ୍ୟ ବେଶ୍ ଅଧିକ ରହିଥିଲା। ଅନେକ ଲୋକ ଉକ୍ତ ଫ୍ଲାଟ୍ କିଣିବାକୁ ଆଗ୍ରହୀ ଥିଲେ। କିନ୍ତୁ ଏବେ ତାହା ଅଦା ଶର୍ମାଙ୍କ ହାତକୁ ଆସିଛି। ତେବେ ସୁଶାନ୍ତ ସେ ଘରେ ରହୁଥିବାବେଳେ ଭଡ଼ା ଆକାରରେ ମାସିକ ୪.୫ ଲକ୍ଷ ଟଙ୍କା ଦେଉଥିଲେ। ୨୦୦୮ରେ ଅଭିନେତ୍ରୀ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ଅନେକ ଚଳଚ୍ଚିତ୍ର ଦର୍ଶକଙ୍କୁ ଭେଟି ଦେଇଥିଲେ ମଧ୍ୟ 'ଦି କେରଳା ଷ୍ଟୋରି' ଜରିଆରେ ଅଧିକ ଲୋକପ୍ରିୟ ହୋଇପାରିଛନ୍ତି। ଏଥିସହ ତାଙ୍କୁ ଅନେକ ୱେବ୍ ସିରିଜ୍‌ରେ ମଧ୍ୟ ଦେଖିବାକୁ ମିଳିଛି।

# କିଚେନ ଗାର୍ଡେନ ଡେ'



ଭୁବନେଶ୍ୱର, ୨୬।୮
(ଅସମାପିକା ସାହୁ)

ଆଜି ୱାର୍ଲଡ କିଚେନ ଗାର୍ଡେନ ଡେ'। ପ୍ରତିବର୍ଷ ଅଗଷ୍ଟ ଶେଷ ରବିବାର ଏହି ଦିବସ ଭାବେ ପାଳନ କରାଯାଏ। ଆଜିକାଲିର ଫ୍ୟାଶନ ଯୁଗରେ ଗାର୍ଡେନ କରିବା ଏକ ସଉକ ପାଲଟିଲାଣି। ସହରରେ ଏହି କିଚେନ ଗାର୍ଡେନ ବହୁଳଭାବେ ଦେଖିବାକୁ ମିଳୁଛି। ଛାତ ଉପରେ ନିଆରା ପ୍ରଣାଳୀରେ ବିଭିନ୍ନ ପ୍ରକାର ପନିପରିବାଠାରୁ ଆରମ୍ଭକରି ଫଳ ପର୍ଯ୍ୟନ୍ତ ଗଛ ଲଗାଉଛନ୍ତି ଲୋକେ। କୋଠାଘରର କଂକ୍ରିଟ୍ ଛାତକୁ କିଚେନ ଗାର୍ଡେନରେ ପରିଣତ କରିବା ଏବେ ଲୋକଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ମଧ୍ୟ ସୃଷ୍ଟି କରୁଛି। କିଏ କେତେ ଅଧିକ ପ୍ରକାରର ଗଛ ଏବଂ ସୁସ୍ଥ ଗଛ କରିପାରିବ ତାକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳୁଛି। ପୂର୍ବରୁ କେବଳ ଫୁଲଗଛ ଲଗାଉଥିବା ଲୋକେ ଏବେ ପନିପରିବା ଗଛ ଲଗାଇବାକୁ ବି ପସନ୍ଦ କଲେଣି। କେବଳ ପନିପରିବା ନୁହେଁ ଫଳ, ଔଷଧୀୟ ଗଛ ମଧ୍ୟ ଲଗାଉଛନ୍ତି। ରାସାୟନିକ ସାର ବଦଳରେ ହାତତିଆରି ଖତ ବ୍ୟବହାର କରୁଛନ୍ତି। ଗୋବର, ଗାଈମୂତ୍ର ଏବଂ ଗୁଡ଼ ମିଶାଇ ଏକ ଦ୍ରବଣ ପ୍ରସ୍ତୁତ କରୁଛନ୍ତି, ଯାହାକୁ ବ୍ୟବହାର କଲେ ଗଛ ସୁସ୍ଥ ରହିବ ବୋଲି ଲୋକେ କହୁଛନ୍ତି। ରାଜଧାନୀରେ ଚାକିରି କରୁଥିବା ଲୋକଟିଏ ମଧ୍ୟ ନିଜ କର୍ମମୟ ଜୀବନରୁ ସମୟ କାଢ଼ି ଏବେ ରୁଫ୍‌ଟପ୍ ଗାର୍ଡେନ କରିବା ପାଇଁ ଆଗେଇ ଆସୁଛି। କାରଣ ଏବେ ଲୋକେ ବୁଝିଲେଣି ଯେ ବଜାରରେ ମିଳୁଥିବା ପନିପରିବାଠାରୁ ଆରମ୍ଭକରି ଫଳ ପର୍ଯ୍ୟନ୍ତ ସବୁଥିରେ ରାସାୟନିକ ସାର ବ୍ୟବହାର କରାଯାଉଛି, ଯାହା ସ୍ୱାସ୍ଥ୍ୟ ପାଇଁ ହାନିକାରକ। ତେଣୁ ନିଜେ ଲଗାଇଥିବା ଗଛରୁ ପନିପରିବା ଖାଇଲେ ସୁସ୍ଥ ରହିପାରିବା ବୋଲି ସେମାନେ ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି। ଏ ସମ୍ପର୍କରେ ଭୁବନେଶ୍ୱର ଚିନ୍ତାମଣିଶ୍ୱରର ରଶ୍ମିରେଖା ସାହୁ କହିଛନ୍ତି, ମୁଁ ଏବଂ ମୋ ସ୍ୱାମୀ ପ୍ରଥମେ ପ୍ରଥମେ ବିଭିନ୍ନ ପ୍ରକାର ଫୁଲଗଛ ଲଗାଉଥିଲୁ। ଯେତେବେଳେ ସେଥିରେ ଆମେ ସଫଳ ହେଲୁ ଧୀରେ ଧୀରେ ପନିପରିବା ଗଛ ଲଗାଇବା ପାଇଁ ଇଚ୍ଛା ପ୍ରକାଶ କଲୁ। ଛାତ ଉପରେ ବାଇଗଣ, ଲେମ୍ବୁ, ଲଙ୍କା, ଭେଣ୍ଡି, ଶାଗ ଭଳି ପରିବା ଲଗାଇବା ସହିତ ବାରମାସୀ ଆମ୍ବଗଛ ମଧ୍ୟ ଲଗାଉଛୁ। ଏବେ ଷ୍ଟ୍ରବେରି ଗଛ ଲଗାଇଛୁ, ଯେଉଁଥିରେ ଏକାଥରକେ ୫ଟି ଫଳ ଧରୁଛି। ଆଉ ଛାତ ଉପରୁ ନିଜେ ତୋଳିଆଣି ଖାଇବାର ଖୁସି ମଧ୍ୟ ଅଲଗା।

# ପେଙ୍ଗୁଇନ୍‌କୁ ମେଜର ଜେନେରାଲକୁ ପଦୋନ୍ନତି

**ଇଡେନ୍‌ବର୍ଗ:** ଦେଶର ସୁରକ୍ଷା ପାଇଁ ସୈନିକଙ୍କ ଯୋଗଦାନ ରହିଥାଏ। ହେଲେ ନିକଟରେ ଏକ ପେଙ୍ଗୁଇନ୍‌ର ଫଟୋ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ପ୍ରକୃତରେ ସେହି ପେଙ୍ଗୁଇନ୍ ସେନାର ଏକ ଅଂଶ ବୋଲି ଜଣାପଡ଼ିଛି। ବର୍ତ୍ତମାନ ଉକ୍ତ ପେଙ୍ଗୁଇନ୍‌କୁ ବ୍ରିଗେଡିୟର ପଦବୀରୁ ପଦୋନ୍ନତି କରାଯାଇ ମେଜର ଜେନେରାଲ ପଦବୀ ଦିଆଯାଇଛି। ସ୍କଟ୍‌ଲାଣ୍ଡର ଇଡେନ୍‌ବର୍ଗର ଚିଡ଼ିଆଖାନାରେ ରହୁଥିବା ସାର୍ ନିଲ୍ସ ଓଲାଭ୍ ତୃତୀୟ ନାମକ ଏକ ପେଙ୍ଗୁଇନ୍‌କୁ ନରୱିଜିଆନ ସେନାର ବ୍ରିଗେଡିୟର ପଦବୀରୁ ମେଜର ଜେନେରାଲ ପଦବୀକୁ ପଦୋନ୍ନତି କରାଯାଇଛି।



ନରୱିଜିଆନ୍ ରାଜାଙ୍କ ଗାର୍ଡ ପାଇଁ ଶୁଭ ମାନୁଥିବା ଏହି ପକ୍ଷୀକୁ ଚିଡ଼ିଆଖାନାରେ ନିକଟରେ ଏକ ବିଶେଷ ସମାରୋହରେ ଏହି ପଦବୀରେ ସମ୍ମାନିତ କରାଯାଇଛି। ଏଠାରେ ପେଙ୍ଗୁଇନ୍‌କୁ ସମ୍ମାନିତ କରିବା ପରମ୍ପରା ୧୯୭୨ ମସିହାରୁ ଆରମ୍ଭ ହୋଇଛି। ସେତେବେଳେ ନରୱିଜିଆନ୍‌ର ରାଜା ଚିଡ଼ିଆଖାନା ବୁଲିବାବେଳେ ସେଠାରେ ଏକ ପେଙ୍ଗୁଇନ୍‌କୁ ପୋଷ୍ୟ ଭାବେ ଗ୍ରହଣ କରିଥିଲେ। ଏହାକୁ ରାଜା ସେନାର ଶୁଭକାଂକ୍ଷୀ ଭାବେ ମାନିଥିଲେ। ସେବେଠାରୁ ପେଙ୍ଗୁଇନ୍‌କୁ ପଦୋନ୍ନତି କରାଯାଉଛି। ଏଠାରେ ସାର୍ ନିଲ୍ସ ଓଲାଭ୍ ତୃତୀୟକୁ ସେନାର ତୃତୀୟ ସର୍ବୋଚ୍ଚ ର୍‍ୟାଙ୍କ୍‌ର ଅଧିକାରୀ କରାଯାଇଛି। ଏହି ପଦୋନ୍ନତି କାର୍ଯ୍ୟକ୍ରମରେ ସାର୍ ନିଲ୍ସ ଓଲାଭ୍ ତୃତୀୟ ପେଙ୍ଗୁଇନ୍‌ର ଏକ ଫଟୋ ଦେଖିବାକୁ ମିଳିଛି। ଏହି ପେଙ୍ଗୁଇନ୍ ଚିଡ଼ିଆଖାନାରେ ରହୁଥିବାବେଳେ ତାଙ୍କର ପଦୋନ୍ନତିର ଘୋଷଣା ଏକ୍ସ ଦ୍ୱାରା କରାଯାଇଛି।

# ମାଗଣାରେ ବିଦେଶ ବୁଲୁଛନ୍ତି

**ଲଣ୍ଡନ:** ଅନେକ ଲୋକ ବୁଲିବାକୁ ବେଶ୍ ପସନ୍ଦ କରିଥା'ନ୍ତି। ତେବେ ନିକଟରେ ଜଣେ ମହିଳା ତାଙ୍କ ସ୍ୱପ୍ନ ରାଇଜରେ ବଞ୍ଚୁଛନ୍ତି। ସେ ତାଙ୍କର ଅଧିକାଂଶ ସମୟ ଦେଶ ବିଦେଶରେ ବିତାଉଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟର କଥା, ତାଙ୍କୁ ଏଥିପାଇଁ ଟଙ୍କା ଖର୍ଚ୍ଚ କରିବାକୁ ପଡୁନି। ଲଣ୍ଡନ ବାସିନ୍ଦା ୩୦ ବର୍ଷୀୟା ମେଲି ମେୟର ବିମାନ ଯାତ୍ରା କରିବା ସହ ହୋଟେଲରେ ବିନା ମୂଲ୍ୟରେ ରହୁଛନ୍ତି। ତେବେ ଏପରି କିପରି କରୁଛନ୍ତି ସେନେଇ ସେ କହିଛନ୍ତି। ରିପୋର୍ଟ ମୁତାବକ, କିଛିବର୍ଷ ଆଗରୁ ମେଲି ଚାଇନାର ହିଲ୍‌ଟନ ହୋଟେଲରେ ଇଭେଣ୍ଟ ମ୍ୟାନେଜର ଥିଲେ। ପରେ କରୋନା ମହାମାରୀ ସମୟରେ ସେହି ହୋଟେଲ ୨ ବର୍ଷ ଧରି ବହୁ କ୍ଷତି ସହିଥିଲା। ସେ



ସମୟରେ ଅନ୍ୟମାନଙ୍କ ଭଳି ମେଲିଙ୍କୁ ମଧ୍ୟ ଚାକିରି ଛାଡ଼ିବାକୁ ପଡ଼ିଥିଲା। ସେ ସମୟରେ ମେଲିଙ୍କ ସୋସିଆଲ ମିଡିଆରେ ଇନ୍‌ଫ୍ଲୁଏନ୍ସର ହୋଇଥିଲେ। ପରେ ତାଙ୍କୁ ନ୍ୟାଶନାଲ ସୋସିଆଲ ମିଡିଆ ପୁରସ୍କାରରେ ସର୍ବଶ୍ରେଷ୍ଠ କଣ୍ଟେଣ୍ଟ କ୍ରିଏଟର ୨୦୨୨ ଜିତିଗଲେ। ଏଥିସହ ତାଙ୍କୁ ମାଗଣାରେ କ୍ରୁଜ୍ ଟ୍ରିପ ମିଳିଗଲା।


# Classified Everyday 0674-2580101, 2549949




## BRIDE WANTED

Wanted Bengali Kayastha bride (40-55yrs) for unmarried Bengali groom working as Insurance Advisor (Health & life) at Bhubaneswar. Direct Contact: 8249449661. D-73397




## SALE

Hurry! Special Janmashtami Offer for booking duplex in gated community having RERA, BDA and Bank approved Project 2000sft. built-up area 30ft. external and internal road work in progress at Ranga-Bazar near Sai Temple, Bhubaneswar. 9238326233. D-38586

**A plot for commercial (gharabari corner East & North facing to Nakhara Niali NH Road at a very cheapest Price. 7809525452.** D-75029

Prime Commercial Property [1 Acre] with uninterrupted sea view in Visakhapatnam city on outright sale. Brokers Excuse: 9160352199. D-1139

ଭୁବନେଶ୍ୱର-ଖୋର୍ଦ୍ଧା ପିତାପଲ୍ଲିଛକ ପାଖରେ ସଙ୍ଗେ ସଙ୍ଗେ ଘର କଲାଭଳି ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **7504861292.** D-74899

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,00,000/-, ଛତାବର 1200sqft.-3,00,000/-, ନଖରା- 300/-. 7978663279. D-75204

Well Developed Gharabari plot for sale at Uttampur near Meeras courtyard Brahmanjharilo adjacent to Nakhara- Niali state highway.Contact: 7008815552, 6370682281. D-73396

Ready to move 2BHK and 3BHK flat for sale near to TATA Ariana and Sum Hospital at Kalinga Vihar. Contact: 9437309741. D-0993

ଭୁବନେଶ୍ୱର ବାଲିଅନ୍ତାରେ **30ft road,** ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। **9114121344, 7978203723.** D-74882

Duplex sale at- Bhubaneswar, @ 57Lakhs only. Contact- 9777433701. D-75206

**Residential plot near Jatani Gate BBSR Khordha NH, 30ft. Road, Gharabari plot with Electrification. Immediate possession and Registration. 8926250060.** D-1147

**Sale Industrial Land & Shed Opposite fishing harbour, Chandipur, Balasore, Land 1.5Acres 125'X522' with 14000sqft. shed, boundary wall, borewell, servant quarter. Contact: 9861056868.** D-74575

2BHK/ 3BHK flat available at Jatani Gate with affordable price, near to handover position, all Banks, BDA, RERA approved. Booking Contact: 9776776644, 9776406644, 9337244895. D-74565




Ground Floor accommodation with Parking/ Amenities for Office/ Residence VSS Nagar. 7978059473. D-1140

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଭୁବନେଶ୍ୱର ଖଣ୍ଡଗିରି ପାଖ କସ୍‌ମୋପୋଲିସ ଆପାର୍ଟମେଣ୍ଟ ୨.୫ ଶୟନକକ୍ଷ, ୧୩୭୫ବର୍ଗଫୁଟ ଗୃହ ଭଡ଼ା ଦିଆଯିବ। ସମ୍ପର୍କ- ୯୪୩୯୮୪୮୧୨୨, ୯୪୩୯୧୯୮୭୭୬. ଧ-୧୧୪୩




Home service full body massage only for female 7853083303. D-1157

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75025

**Newly open Spa positively health benefits with expert therapist. 9938843929.** D-75144

Spa Kerala body Massage only best Therapist @699/- Bhubaneswar. 9337672475. D-1132

Newly healthcare benefited SPA experience therapist Bhubaneswar. Please visit this SPA. 7749034655. D-75139

Reduce stres through professional massage, Spa station, Krishna Plaza, Nayapalli, Contact: 8118079281. D-74567

**Relax, Refresh your body, Mind at Saikrupa Spa with best therapies. 8984068077.** D-1048

Full body massage in homely atmosphere in all therapy. Mob: 8114881641. D-73441

## LOST

I, Sk Alimulla (52 years), S/o- Sk Hedaytulla, Vill- Kazimohala, P.S.- Purunabazar, Dist.- Bhadrak. That My Passport No.- J0396682 and my wife Jahanara Khatoon Passport No.- J0396729. These two Passport have been lost some where, while I was going to Kacheri Bazaar by my bike on date 24.8.2023. By this affidavit to produce it before the competent authority for purpose obtaining duplicate Passport of myself and my wife for avoiding future complicacies. D-1154

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

By virtue of an affidavit sworn before Executive Magistrate, Jagatsingpur on dt. 31.07.2023 that I Smt. Binapani Mohapatra, W/o. Late Upendra Mohapatra, that I have lost my Original Patta when travelling by Bike from my residence to Biridi Tahasil on dt.28.07.23 and I could not trace out with my best efforts, bearing Khata No-468/1, Plot No-1119, 1120, area ac- 13 dicimals. If any claims abjection over aforesaid property may please to contact Mr. Pravakar Pattnayak. No.9778070590 within 7 days today. D-1156

## AFFIDAVIT

I, Sushri Sangita Basantia, W/o- Debadutta Basantaray, resident of Nandan Vihar, Patia, BBSR, PIN-751024, Odisha declare by this affidavit No.-111/23, dated 22.08.23 that now onwards I shall be known as Sangita Basantaray for all future purposes. D-1150

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

## ଅଷ୍ଟମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ଜ୍ୟୋତି ମହାନ୍ତି (ଝୁନୁ)**

ବରୁଣେଇ ସାହି, ଖୋର୍ଦ୍ଧା

ମା' ଚାହୁଁ ଚାହୁଁ ଆଜିକୁ ଆଠବର୍ଷ ହୋଇଗଲା। ତୁ ଆମ୍ଭମାନଙ୍କୁ ଛାଡ଼ି ଚାଲିଗଲୁ। ଆମ୍ଭର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ତୋ ଅମର ଆତ୍ମାର ସଦ୍‌ଗତି ହେଉ। ତୋର ସ୍ନେହ ଓ ଆଶୀର୍ବାଦ ଆମ୍ଭମାନଙ୍କ ଉପରେ ସବୁବେଳେ ରହିଥାଉ।

**ଶୋକସନ୍ତପ୍ତ: ତୋର ପିଲାମାନେ।**

ଧ-୧୦୭୦

## ଏକାଦଶାହ ଶ୍ରଦ୍ଧାଞ୍ଜଳି



**୰ଲକ୍ଷ୍ମୀପ୍ରିୟା ବେହେରା (କୁନି)**

ଆବିର୍ଭାବ: ୦୧।୦୧।୧୯୫୬
ତିରୋଧାନ: ୧୭।୦୮।୨୦୨୩

ତୁମ ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।

**ସୌଜନ୍ୟ:** ସରସ୍ୱତୀ ଦେବୀ, ଝିଆରୀ: ସୀମାରେଖା ରାଉତ, ଝିଆରୀ ଜ୍ୱାଇଁ: ଅବନୀକାନ୍ତ ରାଉତ, ନାତି: ଶ୍ରୀମଦ ଶରଣ ରାଉତ ଓ ପରିବାରବର୍ଗ।

ଧ-୧୧୪୬

## ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ



**୰ ବିଭୁଦତ୍ତ ମିଶ୍ର**

ଆବିର୍ଭାବ - ୧୦.୦୩.୧୯୫୭
ତିରୋଧାନ - ୧୭.୦୮.୨୦୨୩

ମିଶ୍ର ସାହି, କାକଟପୁର, ପୁରୀ

ତୁମ ଶୂନ୍ୟତା ଆମ ସମସ୍ତଙ୍କ ପାଇଁ ଅପୂରଣୀୟ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା ଓ ପରୋପକାରିତା, ଆମ ମାନଙ୍କ ପାଇଁ ଚିରସ୍ମରଣୀୟ ହୋଇରହିବ। ଆଜି ତୁମର ଏକାଦଶାହରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବିନମ୍ର ପ୍ରାର୍ଥନା।

**ଶୋକସନ୍ତପ୍ତ :**
ପତ୍ନୀ : ସୌଦାମିନି, ଭାଇ-ଭାଇବୋହୂ : କୁନି ଓ ମିତା, ସମୁଦି : ପୂର୍ଣ୍ଣଚନ୍ଦ୍ର, ସମୁଦୁଣୀ : କୁନି, ଝିଅ-ଜ୍ୱାଇଁ : ସସ୍ମିତା ଓ ପାପୁନ୍, ରିତୁ ଓ ମଙ୍ଗଳ ନାତୁଣୀ : ଜାହ୍ନବୀ

ଧ-୭୧୬୯୦

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## ଏ ସପ୍ତାହର ପ୍ରଶ୍ନ

୧– ଆଦିତ୍ୟ ସାମନ୍ତ ବର୍ତ୍ତମାନ ......... ଖେଳ ପାଇଁ ଏକ ଜଣାଶୁଣା ଚେହେରା ?
୨– ରାଜକୋଟ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ ........... ରାଜ୍ୟରେ ଉଦ୍‌ଘାଟିତ ହୋଇଯାଇଛି ?
୩– ପ୍ରଥମ ଫୁଟ୍‌ବଲ୍ ୱାର୍ଲ୍ଡକପ୍ ............. ମସିହାରେ ଖେଳାଯାଇଥିଲା ?
୪– ଗୀତା ରହସ୍ୟ ପୁସ୍ତକର ଲେଖକ ଧାନ୍ ................ ?
୫– ସ୍କାର୍ଲେଟ୍ ମକାଉ ............ ଦେଶର ଜାତୀୟ ପକ୍ଷୀ ?

## ଗତ ଥରର ଉତ୍ତର

୧ ନାଗାଲାଣ୍ଡ
୨ ଭରଭି
୩ ବିହାର
୪ ଭୀମରାଓ ରାମ୍‌ଜୀ ଆମ୍ବେଡକର
୫ ବିଜୟଲକ୍ଷ୍ମୀ ପଣ୍ଡିତ

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ


ଛବିଲାଲ୍ ଭାଟି, କଳାହାଣ୍ଡି

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସବୁଠୁ ବଡ଼ ମାଇନିଂ କମ୍ପାନି

୧– ଗ୍ଲେନ୍‌କୋର ପିଏଲ୍‌ସି................................ ସ୍ୱିଜରଲାଣ୍ଡ
୨– ଜିଆଙ୍ଗ୍‌କ୍ସି କପର କୋ. ଲିମିଟେଡ୍................................ ଚାଇନା
୩– ବିଏଚ୍‌ପି ଗ୍ରୁପ୍ ଲିମିଟେଡ୍................................ ଅଷ୍ଟ୍ରେଲିଆ
୪– ରିଓ ଟିଣ୍ଟୋ ପିଏଲ୍‌ସି ................................ ଇଂଲଣ୍ଡ
୫– ଆଲୁମିନିଅମ୍ କର୍ପୋରେଶନ ଅଫ୍ ଚାଇନା ଲିମିଟେଡ୍................. ଚାଇନା
୬– ଭେଲ୍ ଏସ୍ଏ................................ ବ୍ରାଜିଲ୍
୭– ଜିଜିନ୍ ମାଇନିଂ ଗ୍ରୁପ୍ କୋ. ଲିମିଟେଡ୍................................ ଚାଇନା
୮– ଆଙ୍ଗ୍ଲୋ ଆମେରିକାନ୍ ପିଏଲ୍‌ସି................................ ଇଂଲଣ୍ଡ
୯– ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍................................ ଭାରତ
୧୦– ସିଏମ୍‌ଓସି ଗ୍ରୁପ୍ ଲିମିଟେଡ୍ ................................ ଚାଇନା

### ଯୁବ ପ୍ରତିଭା

# ସମାଜସେବାରେ ବ୍ରତୀ ସ୍ୱାଧୀନ



ପରିବେଶ ସୁରକ୍ଷା ଦିଗରେ ହେଉ ଅବା କାହାର ରକ୍ତ ଆବଶ୍ୟକ ହେଲେ ସଙ୍ଗେ ସଙ୍ଗେ ସେ ଆଗଭର ହୋଇ ଚାଲିଆସନ୍ତି। ଏହି ପରୋପକାର ଓ ବିଭିନ୍ନ ସମାଜଧର୍ମୀ କାର୍ଯ୍ୟ ତାଙ୍କୁ ଦେଇଛି ଏକ ସ୍ୱତନ୍ତ୍ର ପରିଚୟ। ସେ ହେଉଛନ୍ତି ପୁରୀରେ ରହୁଥିବା ମିନତି ଏବଂ ଭଗବାନ୍ ପଣ୍ଡାଙ୍କ ପୁଅ ସ୍ୱାଧୀନ। ହାଇସ୍କୁଲ ପାଠପଢ଼ା ବେଳଠୁ ହିଁ ସେ ଗରିବ, ଅସହାୟଙ୍କ ସେବା, ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରି ସ୍ଥାନୀୟ ବାସିନ୍ଦାଙ୍କ ପ୍ରିୟପାତ୍ର ହୋଇପାରିଛନ୍ତି। ମେଡିକାଲରେ ରୋଗୀଙ୍କୁ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ ସହ ରକ୍ତାଭାବ ଜନିତ ସମସ୍ୟା ଦୂର ପାଇଁ ସାଙ୍ଗସାଥୀମାନଙ୍କୁ ଏକାଠି କରି ରକ୍ତଦାନ ଶିବିର ଆୟୋଜନ ଭଳି କାର୍ଯ୍ୟ ସମାଜରେ ସ୍ୱାଧୀନଙ୍କ ପ୍ରତିଷ୍ଠା ବଢ଼ାଇଛି। ଉତ୍କଳୀୟ କଳା, ସଂସ୍କୃତି, ପରମ୍ପରାର ଏକ ନିଆରା ଅନୁଭବ ହେଉଛି ଶ୍ରୀକ୍ଷେତ୍ରର କୁମାର ଉତ୍ସବ ସମିତି। ଜଣେ ଯୁବ ସଙ୍ଗଠକ ଭାବେ ସେ ଦୀର୍ଘ ୧୪ବର୍ଷ ହେବ ଏହି ଅନୁଷ୍ଠାନର ଏକମାତ୍ର ଯୁବ ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି। ଏହାଦ୍ୱାରା ହଜିଯାଉଥିବା ଲୋକକଳା, ଲୋକ ପରମ୍ପରା, ଓଡ଼ିଶାର ପାରମ୍ପରିକ ଜୀବନଶୈଳୀକୁ ଜୀବିତ ରଖିପାରିଛନ୍ତି। ପିଲାଙ୍କ ମଧ୍ୟରେ ଗୀତା, ଭାଗବତ ପାଠ, ହନୁମାନ ଚାଳିଶା ପାଠ ପ୍ରଭୃତି ପ୍ରତିଯୋଗିତା କରି ପୁରସ୍କୃତ କରିବା ସହ ପିଲାଙ୍କ ଭିତରେ ଆଧ୍ୟାତ୍ମିକ ଭାବ ସୃଷ୍ଟି କରିପାରୁଛନ୍ତି। ବର୍ଷସାରା ଅନୁଷ୍ଠାନ ମାଧ୍ୟମରେ ଖରାଦିନରେ ଜଳଛତ୍ର, ଆଶୁ ଚିକିତ୍ସା କେନ୍ଦ୍ର, ରଥଯାତ୍ରାରେ ନବଦିନ ବ୍ୟାପୀ ଲୋକଙ୍କୁ ସେବା, ଗଣେଶ ପୂଜା ମାଧ୍ୟମରେ ଭାଇଚାରା ସୃଷ୍ଟି କରିବା, ବେଳାଭୂମି ସଫେଇ, ଐତିହ୍ୟ କୀର୍ତ୍ତିରାଜି ସୁରକ୍ଷା ସମ୍ପର୍କିତ କର୍ମଶାଳା, ଆଲୋଚନାଚକ୍ର ଆଦି ଆୟୋଜନ କରୁଛନ୍ତି। ରାସ୍ତାକଡ଼ର ଅସହାୟ ଲୋକଙ୍କୁ ତୁରନ୍ତ ମେଡିକାଲ ସେବା ସହ ଆର୍ଥିକ ସହଯୋଗ ଯୋଗାଇ ଦେଇଥା'ନ୍ତି। କେବଳ ଏତିକି ନୁହେଁ, ଜଣେ ଦାୟିତ୍ୱସମ୍ପନ୍ନ ଯୁବକ ଭାବେ ବିଭିନ୍ନ ସମୟରେ ଜନସାଧାରଣଙ୍କ ଦାବିକୁ ଜିଲା ପ୍ରଶାସନ ଓ ସରକାରଙ୍କ ନିକଟରେ ପହଞ୍ଚାଇ ଏହାର ସମାଧାନ କରିବାକୁ ଚେଷ୍ଟା କରିଥାଆନ୍ତି। ସେ ଶ୍ରୀକ୍ଷେତ୍ରର ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ଜଡ଼ିତ। ଶ୍ରୀକ୍ଷେତ୍ର ସୁରକ୍ଷା ବାହିନୀର ଆବାହକ, ପୁରୀ ବିକାଶ ପରିଷଦ, ପୁରୀ ପୁସ୍ତକ ମେଳା କମିଟିର ସଦସ୍ୟ ଭାବେ ମଧ୍ୟ କାର୍ଯ୍ୟରତ। କରୋନାର ଭୟାନକ ପରିସ୍ଥିତିରେ କରୋନା ସଚେତନତା, ମାସ୍କ ବଣ୍ଟନ, ଲୋକଙ୍କୁ ଆର୍ଥିକ ସହଯୋଗ, ସ୍ୱାସ୍ଥ୍ୟସେବା, ଆମ୍ବୁଲାନ୍ସ ଯୋଗାଡ଼ ଦିଗରେ ତାଙ୍କର କାର୍ଯ୍ୟ ପ୍ରଶଂସନୀୟ। ସମାଜର ଜଣେ ସଚେତନ ଯୁବକ ଭାବେ ସମାଜର କଲ୍ୟାଣ, ସେବା ଦିଗରେ ସ୍ୱାଧୀନ ଜଣେ ସମର୍ପିତ ବ୍ୟକ୍ତିତ୍ୱ। ଏଥିଲାଗି ସେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଛନ୍ତି। କବି କୁମାର ଫାଉଣ୍ଡେଶନ ପକ୍ଷରୁ ଉତ୍କଳ ଯୁବରତ୍ନ ସମ୍ମାନ ସହ ଶ୍ରୀକ୍ଷେତ୍ର ଗୌରବ, ଯୁବ ବ୍ୟକ୍ତିତ୍ୱ ସମ୍ମାନ ଭଳି ଅନେକ ସମ୍ମାନରେ ସମ୍ମାନିତ ହୋଇଛନ୍ତି।

– ପ୍ରଭାତ ପାଣିଗ୍ରାହୀ






**ରୁଚି ଲେଖିବା। ହେଲେ ନିଜ ଲେଖାକୁ ପାଠକଙ୍କ ନିକଟରେ ପହଞ୍ଚାଇବା କଷ୍ଟ। କେବେ ଖବରକାଗଜ ତ ପୁଣି କେବେ ବିଭିନ୍ନ ମାଗାଜିନ୍‌ରେ ସ୍ଥାନ ପାଇବାକୁ ଅପେକ୍ଷା। ତେବେ ବର୍ତ୍ତମାନର ଡିଜିଟାଲ ଯୁଗରେ ଉଭୟ ଲେଖିବା ଏବଂ ବିଭିନ୍ନ ବିଷୟବସ୍ତୁ ପଢ଼ିବାରେ ରୁଚି ରଖୁଥିବା ସଭିଙ୍କ ପାଇଁ ଖୁବ୍ ସହଜ ଉପାୟ ପାଲଟିଛି ବ୍ଲଗ୍। ଏହାଦ୍ୱାରା ବିଭିନ୍ନ ସୋସିଆଲ୍ ମିଡିଆ ଜରିଆରେ ନା କେବଳ ରୁଚି ପୂରଣ ହୋଇପାରୁଛି ବରଂ ଏହା ପାଲଟିଛି ଅନେକଙ୍କ ପାଇଁ ଏକ ଭଲ କ୍ୟାରିୟର ଅପ୍‌ସନ...**

ବର୍ତ୍ତମାନ ସୋସିଆଲ୍ ମିଡିଆର ବ୍ୟବହାର ବହୁମାତ୍ରାରେ ବଢ଼ିଯାଇଛି। ଯେକୌଣସି ମିଡିଆରେ ସ୍କ୍ରୋଲ୍ କରିବା ବେଳେ ବିଭିନ୍ନ କଣ୍ଟେଣ୍ଟ ସହିତ ଅନେକ ବ୍ଲଗରଙ୍କ ପୋଷ୍ଟ ମଧ୍ୟ ଦେଖିବାକୁ ମିଳୁଛି। ଯାହାକି ହେଲ୍‌ଥ, ଟ୍ରାଭେଲ, ଟେକ୍, ନେଚର୍, ଫିଲ୍ମ, ସ୍ପୋର୍ଟସ, କୁକିଂ ଭଳି ବିଭିନ୍ନ ଟପିକ୍‌କୁ ନେଇ ଲେଖାହେଉଛି। ଏହାକୁ ଲେଖୁଥିବା ବ୍ଲଗରମାନେ ପ୍ରତିଦିନ ନିଜ ଫଲୋଅର୍ସମାନଙ୍କ ପାଇଁ କିଛି କିଛି ନୂଆ ବିଷୟବସ୍ତୁ ଲେଖିଥା'ନ୍ତି। ପାଠକଙ୍କ ମନ ପସନ୍ଦ ଲେଖା ଦେଉଥିବା ବ୍ଲଗରମାନଙ୍କର ବହୁତ ଭଲ ସଂଖ୍ୟାରେ ଫ୍ୟାନ୍ ଫଲୋଅର୍ସ ବି ବଢ଼ିଥାଆନ୍ତି। ତେବେ ଲେଖାଲେଖିରେ ରୁଚି ରଖୁଥିବା ଅଧିକାଂଶ ଯୁବପିଢ଼ିଙ୍କ ପାଇଁ ଏହି ବ୍ଲଗିଂ ବର୍ତ୍ତମାନ ଏକ ଭଲ କ୍ୟାରିୟର ଅପ୍‌ସନ ମଧ୍ୟ ପାଲଟିଛି।

**ପାଠକଙ୍କୁ ମିଳୁଛି ନୂଆ ନୂଆ ଲେଖା:** ଲେଖିବାରେ ରୁଚି ରଖୁଥିବା ଯୁବତୀ ଯୁବକଙ୍କ ପାଇଁ ନିଜ ଲେଖାକୁ ପାଠକମାନଙ୍କ ପାଖରେ ପହଞ୍ଚାଇବା ଲାଗି ଏହି ଫିଲ୍ଡ ପାଲଟିଛି ସବୁଠୁ ଭଲ ମାଧ୍ୟମ। ଏହାଦ୍ୱାରା ପାଠକମାନେ ପ୍ରତିଦିନ ନୂଆ ନୂଆ ଲେଖା ପଢ଼ିବାର ସୁଯୋଗ ପାଉଛନ୍ତି ଏବଂ ସେମାନଙ୍କ ମତାମତ ଏବଂ ପ୍ରଶଂସା ବ୍ଲଗରଙ୍କୁ ଆହୁରି ଅଧିକ ଲେଖିବାକୁ ପ୍ରେରଣା ଯୋଗାଉଛି।

**ବଢୁଛି ସୃଜନଶୀଳତା:** ଯେ କୌଣସି ବିଷୟବସ୍ତୁକୁ ସୃଜନଶୀଳ ଢଙ୍ଗରେ ଲେଖିବାର କଳା ଏହି କ୍ଷେତ୍ରରେ ଆଗକୁ ବଢ଼ିବା ଲାଗି ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଯଦି ନିଜ କଣ୍ଟେଣ୍ଟକୁ ଭିନ୍ନ ଢଙ୍ଗରେ ପାଠକଙ୍କ ନିକଟରେ ପହଞ୍ଚାଇବାର କଳା ଅଛି, ତେବେ ବ୍ଲଗିଂ ଦୁନିଆରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବା ସହ ଭଲ ରୋଜଗାର ମଧ୍ୟ କରିହେବ।

**ଲେଖାକୁ ଅଧିକ ଆଦୃତ କରେ ଫଟୋଗ୍ରାଫ୍:** କୁହାଯାଏ ଗୋଟିଏ ଫଟୋ ହଜାରଟି ଶବ୍ଦ ସହିତ ସମାନ। ତେଣୁ ଲେଖିବା ସହିତ ବ୍ଲଗ୍‌ରେ ଫଟୋ ଦେବା ଦ୍ୱାରା ସୋସିଆଲ୍ ମିଡିଆରେ ଏହା ଅଧିକ ପାଠକଙ୍କ ଦ୍ୱାରା ଆଦୃତ ହୋଇପାରୁଛି।

**ରିସର୍ଚ୍ଚ:** ଗୋଟିଏ ଟପିକ୍‌ରେ ଅନେକ ବ୍ଲଗ୍ ଆସିଥାଏ। ହେଲେ ପାଠକ ସେହି ଲେଖାକୁ ପସନ୍ଦ କରନ୍ତି, ଯାହାର ଲେଖାଶୈଳୀ ୟୁନିକ୍ ଏବଂ କ୍ୟାଚି ହୋଇଥାଏ। ତେଣୁ ଏଥିପାଇଁ କୌଣସି ବିଷୟବସ୍ତୁ ଉପରେ ଭଲ ଭାବେ ରିସର୍ଚ୍ଚ କରି ତଥ୍ୟ ସଂଗ୍ରହ କରିବା ଆବଶ୍ୟକ।

**ସାଜିଛି ରୋଜଗାରର ମାଧ୍ୟମ:** ବ୍ଲଗିଂ ଯଦିଓ ନୂଆ ନୁହେଁ, ହେଲେ ବର୍ତ୍ତମାନ ସୋସିଆଲ୍ ମିଡିଆରେ ସବୁଠୁ ଅଧିକ ଆକ୍ଟିଭ୍ ରଖୁଥିବା ଯୁବପିଢ଼ି ଏଥିପାଇଁ ସମୟ ଦେଉଥିବା ଦେଖିବାକୁ ମିଳୁଛି। କେହି କେହି ଏହାକୁ ପଢ଼ା କିମ୍ବା ଜବ୍ ସହିତ ପାର୍ଟଟାଇମ୍ ରୋଜଗାରର ମାଧ୍ୟମ ଭାବେ ତ ଆଉ କେହି ଫୁଲ୍‌ଟାଇମ୍ କ୍ୟାରିୟର ଭାବେ ବାଛି ନେଉଛନ୍ତି।

**ରୋଜଗାର ପାଇଁ ଆବଶ୍ୟକ ଧୈର୍ଯ୍ୟ:** କୌଣସି କ୍ଷେତ୍ରରେ କାର୍ଯ୍ୟ ଆରମ୍ଭ କରୁ କରୁ ସଫଳତା ମିଳି ନ ଥାଏ। ସେହିପରି ଆରମ୍ଭରୁ ହିଁ ଅଧିକ ଟଙ୍କା ମିଳିବା ଆଶା ରଖିବା କିମ୍ବା ଧୈର୍ଯ୍ୟହରା ହୋଇ କାମ ବନ୍ଦ କରିଦେବା ଠିକ୍ ନୁହେଁ। କାରଣ ଆଗକୁ ବଢ଼ିବା ଲାଗି ଧୈର୍ଯ୍ୟର ସହ କାର୍ଯ୍ୟ କରିବା ଦରକାର।

## କଳା ପ୍ରଦର୍ଶନ ପାଇଁ ଡିଜିଟାଲ ମିଡିଆ ଭଲ ମାଧ୍ୟମ


ପ୍ରଜ୍ଞା ପ୍ରସାଦ ମହାରଣା

**ପ୍ରଜ୍ଞା ପ୍ରସାଦ ମହାରଣା(ବ୍ରହ୍ମପୁର)–** ଯେଉଁମାନେ ନିଜ କଳାକୁ ପ୍ରଦର୍ଶନ କରିବାକୁ ଚାହାନ୍ତି, ସୋସିଆଲ ମିଡିଆ ସେମାନଙ୍କ ପାଇଁ ଗୋଟେ ଭଲ ମାଧ୍ୟମ। ଛାତ୍ରୀଛାତ୍ର ହୁଅନ୍ତୁ କିମ୍ବା ଚାକିରିଆ ସମସ୍ତେ ୟୁଟ୍ୟୁବ୍ ଏବଂ ବିଭିନ୍ନ ସୋସିଆଲ୍ ମିଡିଆରେ କାମ କରିପାରିବେ। ପରିଶ୍ରମ ଓ କିଛି ସମୟର ଅପେକ୍ଷା ପରେ ଭଲ କ୍ୟାରିୟର ବି ଗଢ଼ିପାରିବେ। ଲୋକଙ୍କ ଭଲପାଇବା ମିଳିବା ସହ ଭଲ ପଇସା ବି ରୋଜଗାର କରିବା, ଡିଜିଟାଲ ଯୁଗରେ ୟା'ଠୁ ଭଲ ମାଧ୍ୟମ ଆଉ କଣବା ହୋଇପାରେ। ନିଜ କଥା କହିବି, ବିଭିନ୍ନ ପ୍ରସଙ୍ଗରେ ଲେଖାଲେଖି କରିବାକୁ ଭଲଲାଗେ। କିଛି ବର୍ଷତଳେ ମୁମ୍ବାଇରେ କାର୍ଯରତ ଥିବା ସମୟରେ ବ୍ଲଗ୍ ଲେଖିବା ଆରମ୍ଭ କରିଥିଲି। ଟ୍ରାଭେଲ୍ କରିବା ମୋର ହବି ହୋଇଥିବାରୁ ଏ ସମ୍ବନ୍ଧିତ ଫଟୋ ସହିତ ଲେଖା ପୋଷ୍ଟ କରୁଥିଲି। ଯାହାକୁ ପାଠକ ବେଶ୍ ପସନ୍ଦ କରୁଥିଲେ। ନିଜର ଏକ ୱେବ୍‌ସାଇଟ୍ ମଧ୍ୟ ଖୋଲିଥିଲି। ଧିରେ ଧିରେ ୟୁଟ୍ୟୁବ୍ ଭ୍ଲଗ୍ ଟ୍ରେଣ୍ଡ ଆରମ୍ଭ ହେବାରୁ ମୋତେ କେଜାଣି କାହିଁକି ଜିନିଷଟି ଭାରି ଭଲ ଲାଗିଲା। ମୁଁ ମଧ୍ୟ ଧୀରେ ଧୀରେ ଏଥିରେ ବିଭିନ୍ନ ଭ୍ଲଗ୍ ଏବଂ ଡକ୍ୟୁମେଣ୍ଟାରୀ ଅପ୍‌ଲୋଡ କରିବାରେ ଲାଗିଲି। କିଛିଦିନ ପରେ ମୋତେ ଭଲ ପେମେଣ୍ଟ ବି ମିଳିଲା, ଯାହାକି ମୋତେ ଆହୁରି ମୋଟିଭେଟ୍ କଲା। ଚାକିରି ଛାଡି ଓଡ଼ିଶା ଆସିବା ପରେ ଫ୍ରିଲାନ୍ସର ଭାବେ କାମ କରୁଛି। ଭାରତର ବିଭିନ୍ନ ଜାଗା ବୁଲି ସେଠାକାର ପର୍ଯ୍ୟଟନସ୍ଥଳ, ଧାର୍ମିକ ସ୍ଥାନ, ସେ ଜାଗାର ପରମ୍ପରା ଓ ପାରମ୍ପରିକ ଖାଦ୍ୟକୁ ଭର୍ଚୁଆଲି ଲୋକଙ୍କ ପାଖରେ ପହଞ୍ଚାଉଛି। ସବୁ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଓଡ଼ିଶା ତଥା ଓଡ଼ିଶା ବାହାରର କଣ୍ଟେଣ୍ଟ ଦର୍ଶକଙ୍କ ପାଇଁ ନେଇ ଆସୁଛି ।







# ଭଉଣୀ ପାଇଁ ଗିଫ୍ଟ



**ଆଉ ମାତ୍ର ଦୁଇଦିନ ପରେ ରାଖୀ ପୂର୍ଣ୍ଣିମା। ଭାଇର ଦୀର୍ଘ ଜୀବନ କାମନା କରି ତା' ହାତରେ ସ୍ନେହ, ଶ୍ରଦ୍ଧାର ପ୍ରତୀକ ରାଖୀ ବାନ୍ଧିବାକୁ ଭଉଣୀ ମନରେ ଉତ୍କଣ୍ଠା କହିଲେ ନ ସରେ। ଆଉ ତା' ବଦଳରେ କ'ଣ ଉପହାର ଦେଲେ ଭଉଣୀ ଖୁସିହେବ, ତା'କୁ ନେଇ ଭାଇମାନେ ବି ରଖିଛନ୍ତି ଅନେକ ପ୍ଲାନିଂ। ଯଦି ଭଉଣୀକୁ କ'ଣ ଗିଫ୍ଟ ଦେବେ ଭାବୁଛନ୍ତି, ତେବେ ଜାଣିରଖନ୍ତୁ କେତୋଟି ଗିଫ୍ଟ ଆଇଡିଆ...**

**ଡ୍ରେସ୍:** ଯଦିଓ ଉପହାରରେ ଦେବାକୁ ଏହା ସବୁଠୁ ସହଜ ଉପାୟ, ତଥାପି ଝିଅମାନେ ନୂଆ ଡ୍ରେସ୍ ଦେଖିଲେ ବହୁତ ଖୁସି ହୁଅନ୍ତି। ତେଣୁ ଆପଣଙ୍କ ଗିଫ୍ଟ ଲିଷ୍ଟରେ ଏହାକୁ ସାମିଲ କରିପାରନ୍ତି।

**ଆସେସରିଜ୍:** ବର୍ତ୍ତମାନ ମାର୍କେଟ୍‌ରେ ଭଳିକି ଭଳି ଆକର୍ଷଣୀୟ ଡିଜାଇନ୍‌ର ଜୋତା, ବ୍ୟାଗ୍, ରିଷ୍ଟୱାଚ୍ ଆଦି ମିଳୁଛି। ଏହା ମଧ୍ୟ ଭଉଣୀକୁ ଗିଫ୍ଟ କରିପାରିବେ।

**ମୋବାଇଲ୍ ଫୋନ୍, କ୍ୟାମେରା:** ଆଜିକାଲି ଝିଅମାନଙ୍କ ଭିତରେ ମୋବାଇଲ୍ ଫୋନ୍‌କୁ ନେଇ କ୍ରେଜ୍ କେତେ ତାହା କିଏ ବା ନ ଜାଣେ! ତେଣୁ ଯଦି ଆପଣଙ୍କ ଭଉଣୀ ସୋସିଆଲ୍ ମିଡିଆରେ ଫଟୋ, ଭିଡିଓ ଆଦି ପୋଷ୍ଟ କରିବାର ରୁଚି ରଖନ୍ତି; ତେବେ ଏକ ଲାଟେଷ୍ଟ ଫିଚର୍ସ ଥିବା ଫୋନ୍ ଗିଫ୍ଟ କରନ୍ତୁ, ଦେଖିବେ ସେ ବହୁତ ଖୁସି ହେବେ। ସେହିପରି ଭଉଣୀ ୟୁଟ୍ୟୁବର୍ ହୋଇଥିଲେ କିମ୍ବା ଫଟୋଗ୍ରାଫିରେ ରୁଚି ରଖୁଥିଲେ ଏକ ଭଲ କ୍ୟାମେରା ଗିଫ୍ଟ କରିପାରିବେ। ଏହାସହ ଟ୍ରାଇପଡ୍, ସେଲ୍ଫି ଷ୍ଟିକ୍ ଆଦି ମଧ୍ୟ ଦେଇପାରିବେ।

**ଇ–ଗିଫ୍ଟ ଭାଉଚର:** ବର୍ତ୍ତମାନ ଦୂରରେ ଥିବା କାରଣରୁ ହେଉ କିମ୍ବା ଭଉଣୀର ପସନ୍ଦ ମୁତାବକ କ'ଣ କିଣିବେ ଦ୍ୱନ୍ଦ୍ୱରେ ପଡ଼ିଥିଲେ ଅନ୍‌ଲାଇନ୍ ଗିଫ୍ଟ ଭାଉଚର ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ। ଏହାଦ୍ୱାରା ଆପଣ ନିଜ ବଜେଟ ଅନୁଯାୟୀ ଭଉଣୀକୁ ମନ ପସନ୍ଦର ଗିଫ୍ଟ ବାଛିବାର ସୁଯୋଗ ଦେଇ ଅଧିକ ଖୁସି କରାଇପାରିବେ।

**ଜିମ୍ ଗ୍ୟାଜେଟ୍ସ:** ଯଦି ଆପଣଙ୍କ ଭଉଣୀ ଫିଟ୍‌ନେସ୍‌କୁ ନେଇ ବେଶ୍ ସଜାଗ, ତେବେ ତାଙ୍କୁ ଫିଟ୍‌ନେସ୍ ବ୍ୟାଣ୍ଡ, ଯୋଗ ମ୍ୟାଟ୍, ଟ୍ରେଡ୍‌ମିଲ୍, ଏକ୍ସରସାଇଜ୍ ସାଇକେଲ୍, ଡମ୍‌ବେଲ୍, ଏକ୍ସରସାଇଜ୍ ବଲ ଆଦି ଆବଶ୍ୟକ ଜିମ୍ ଗ୍ୟାଜେଟ୍ ଉପହାରରେ ଦେଇପାରିବେ। ଏହା ସହ ସ୍ପୋର୍ଟ୍ସ ସୁଜ୍, ଏକ୍ସରସାଇଜ୍ ଡ୍ରେସ୍, ଥର୍ମୋ ୱାଟର ବଟଲ ବି ଦେଇପାରିବେ।

**ମେକ୍‌ଅପ୍ କିଟ୍ ଏବଂ ବ୍ୟୁଟିପାର୍ଲରର କୁପନ:** ଝିଅମାନେ ସାଧାରଣତଃ ମେକ୍‌ଅପ୍‌ପ୍ରିୟ। ତେଣୁ ମେକ୍‌ଅପ୍ କିଟ୍ କିମ୍ବା କୌଣସି ବ୍ୟୁଟିପାର୍ଲରର ସ୍ପେଶାଲ କୁପନ୍ ଗିଫ୍ଟ କଲେ ଆପଣଙ୍କ ଭଉଣୀ ନିଶ୍ଚୟ ଖୁସିହେବେ।



ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୨୭ ଅଗଷ୍ଟ, ୨୦୨୩ Bhubaneswar, Sunday, August 27, 2023

# ଶାଙ୍କୁଲେଙ୍କୁ ମହିଳା ମାରାଥନ ଟାଇଟଲ

ବୁଡାପେଷ୍ଟ,୨୬।୮(ପି.ଟି.)

ହଙ୍ଗେରୀର ରାଜଧାନୀ ବୁଡାପେଷ୍ଟରେ ଅନୁଷ୍ଠିତ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ମହିଳା ବର୍ଗର ମାରାଥନରେ ଇଥିଓପିଆର ଆମାନେ ବେରିସୋ ଶାଙ୍କୁଲେ ବିଜୟୀ ହୋଇଛନ୍ତି। ଡିଫେଣ୍ଡିଂ ଚାମ୍ପିୟନ ତଥା ସାଥୀ ଖେଳାଳି ଗୋଟ୍ୟୋଟମ ଗେବ୍ରେଲେସଙ୍କୁ ପଛରେ ପକାଇ ଶାଙ୍କୁଲେ ଟାଇଟଲ ହାସଲ କରିଛନ୍ତି। ମରକ୍କୋର ଏଜହାରା ଗର୍ଦାଡି ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୩୧ ବର୍ଷୀୟା ଶାଙ୍କୁଲେ ୨:୨୪:୨୩ସେକେଣ୍ଡ ସମୟ ନେଇଥିଲେ।

ବୁଡାପେଷ୍ଟର ଗରମ ଓ ଗୁଳୁଗୁଳିଆ ପରିବେଶର ଫାଇଦା ଉଠାଇଥିଲେ ଇଥିଓପିଆର ଏହି ଦୁଇ ଧାବିକା। ଶନିବାର ରେସ୍ ଆରମ୍ଭରୁ ତାପମାତ୍ରା ୨୩ ଡିଗ୍ରୀ ରହିଥିବା ବେଳେ ରେସ୍ ଅଧା ବେଳକୁ ଏହା ୨୯ ଓ ରେସ୍ ଶେଷ ବେଳକୁ ଏହା ୩୫ ଡିଗ୍ରୀରେ ପହଞ୍ଚି ଯାଇଥିଲା। ସମୁଦାୟ ୭୭ ଜଣ ଧାବିକା ରେସ୍ ଆରମ୍ଭ କରିଥିବା ବେଳେ ଏହା ମଧ୍ୟରୁ ୬୫ ଜଣ ରେସ୍ ସମ୍ପୂର୍ଣ୍ଣ କରିଥିଲେ। ବୁଡାପେଷ୍ଟର ତାପମାତ୍ରା ଅଧିକ ରହିଥିଲେ ମଧ୍ୟ ଏହା ଇଥିଓପିଆର ଏହି ଧାବିକାମାନଙ୍କ ଉପରେ ପ୍ରଭାବ ପକାଇ ନ ଥିଲା। ଶାଙ୍କୁଲେ କହିଥିଲେ, ରେସ୍ ଆରମ୍ଭରୁ ଆମେ ଦଳଗତ ଭାବରେ ଅନ୍ୟମାନଙ୍କୁ ପଛରେ ଛାଡିଥିଲୁ। ପରବର୍ତ୍ତୀ ସମୟରେ ପରସ୍ପର ବିପକ୍ଷରେ ଟାଇଟଲ ପାଇ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ କରିଥିଲୁ। ତେବେ ଆମର ଆରମ୍ଭ ସାମାନ୍ୟ ଧିମା ରହିଥିଲା। ନଚେତ୍ ରେସ୍ ଆହୁରି ଶୀଘ୍ର ସମାପ୍ତ ହୋଇ ପାରିଥାନ୍ତା। ଡିଫେଣ୍ଡିଂ ଚାମ୍ପିୟନ ଗୋଟ୍ୟୋଟମ ଗେବ୍ରେଲେସ ମଧ୍ୟ ନିଜ ଟାଇଟଲ ଡିଫେଣ୍ଡ କରିବାକୁ ପ୍ରୟାସ କରିଥିଲେ। ଚଳିତ ସିଜନରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେଇଥିଲେ ମଧ୍ୟ ସେ ମାତ୍ର ୧୧ ସେକେଣ୍ଡ ପଛରେ ରହିଯାଇଥିଲେ। ସେ ୨:୨୪:୩୪ ସେକେଣ୍ଡର ସମୟ ନେଇଥିଲେ। ତୃତୀୟ ସ୍ଥାନରେ ଥିବା ମରକ୍କୋର ଫାତିମା ଏଜହାରା ଗର୍ଦାଡି ୨:୨୫:୧୭ସେଣ୍ଡେର ସମୟ ନେଇଥିଲେ। ଇଥିଓପିଆର ଅନ୍ୟତମ ଖେଳାଳି ୟାଲେମଜର୍ଫ ୟେହୁଲା ୨:୨୬:୧୩ ସେକେଣ୍ଡର ସମୟ ନେଇ ପଞ୍ଚମ ସ୍ଥାନରେ ରେସ୍ ଫିନିଶ୍ କରିଥିଲେ। ଇସ୍ରାଏଲର ଲୋହାନ ଚେମଟାଇ ସାଲପେଟର ସିଜନର ଶ୍ରେଷ୍ଠ ପ୍ରଦର୍ଶନ ସହିତ ୨:୨୫:୩୮ ସେକେଣ୍ଡର ସମୟ ନେଇ ଚତୁର୍ଥ ସ୍ଥାନରେ ରହିଥିଲେ। ୨୧ ସେକେଣ୍ଡ ବ୍ୟବଧାନରେ ସେ ବ୍ରୋଞ୍ଜ ପଦକରୁ ବଞ୍ଚିତ ହୋଇଥିଲେ।

ବିଗତ ବର୍ଷ ଓରେଗନରେ ଅନୁଷ୍ଠିତ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଗୋଟ୍ୟୋଟମ ଗେବ୍ରେଲେସ ୨:୧୮:୧୧ ସେକେଣ୍ଡର ଟାଇମିଂ ସହିତ ବିଶ୍ୱ ରେକର୍ଡ କରିଥିଲେ। ଚଳିତ ସିଜନରେ ସେ ନିଜ ରେକର୍ଡର ସମକକ୍ଷ ହେବା ନେଇ ଆଶା କରାଯାଉଥିଲା। ତେବେ ଓରେଗନ୍‌ର ଥଣ୍ଡା ପରିବେଶ କାରଣରୁ ରେକର୍ଡ ଟାଇମିଂ ସମ୍ଭବ ହୋଇଥିଲା ବୋଲି ସେ କହିଛନ୍ତି।



ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ମାରାଥନ ବିଜୟିନୀ ଇଥିଓପିଆର ଆମାନେ ବେରିସୋ ଶାଙ୍କୁଲେ।

## ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍

# ମିକାଏଲ୍ ୟମେରଙ୍କ ଅବସର ଘୋଷଣା


ମିକାଏଲ୍ ୟମେର।

ଲଣ୍ଡନ, ୨୬।୮(ଏପି)

ସ୍ୱିଡିଶ ଟେନିସ ଖେଳାଳି ମିକାଏଲ୍ ୟମେର ମାତ୍ର ୨୪ ବର୍ଷ ବୟସରେ ଅଚାନକ ଟେନିସରୁ ଅବସର ଘୋଷଣା କରିଛନ୍ତି। ଡୋପିଙ୍ଗ ନିଷେଧାଦେଶକୁ ହଟାଇବାରେ ବିଫଳ ହେବାରୁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ୟମେର ୨୦୨୨ରେ ପ୍ରତିଯୋଗିତା ବାହାରେ ହୋଇଥିବା ୩ ଡୋପ୍ ଟେଷ୍ଟରେ ଉପସ୍ଥିତ ନ ଥିବା ଅଭିଯୋଗ ହୋଇଥିଲା। ତେବେ ସେ ସେହିବର୍ଷ ଜୁନ୍‌ରେ ଏକ ଇଣ୍ଡିପେଣ୍ଡେଣ୍ଟ ଟ୍ରିବ୍ୟୁନାଲରେ ଲଢେଇ କରି ଏଥିରୁ ମୁକ୍ତି ପାଇଥିଲେ। କିନ୍ତୁ ଅନ୍ତର୍ଜାତୀୟ ଟେନିସ ମହାସଂଘ (ଆଇଟିଏଫ୍) ଏହି ନିଷ୍ପତ୍ତି ବିରୋଧରେ ଅପିଲ କରିଥିଲା। ପରେ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର୍ ସ୍ପୋର୍ଟ୍ସ (କାସ୍) ଜୁଲାଇରେ ଆଂଶିକ ୨ବର୍ଷ ବାସନ୍ଦ ଦଣ୍ଡକୁ ସ୍ଥଗିତ ରଖିଥିଲେ ମଧ୍ୟ ୧୮ମାସ ସସ୍‌ପେଣ୍ଡ ଲାଗୁ କରିଥିଲା। ୟମେର ଜୁଲାଇରେ ଟୁଇଟ୍ କରି ଲେଖିଛନ୍ତି, ସେ ଥରେ ଦୋଷମୁକ୍ତ ହୋଇ ସାରିବା ପରେ ପୁଣି ଦଣ୍ଡିତ ହେବା ତାଙ୍କ ପକ୍ଷେ ଅସହ୍ୟ ବୋଧ ହେଲା। ସେ କହିଛନ୍ତି, ତାଙ୍କର ପ୍ରଥମ ଦୁଇ 'ହୋୟାରଆବାଉଟ୍ସ' ବିଫଳତାକୁ ସେ ସ୍ୱୀକାର କରନ୍ତି । ହେଲେ ତୃତୀୟଟିରେ ସେ କେବଳ ତାଙ୍କର ରହଣି ପାଇଁ ହୋଟେଲ ପରବର୍ତ୍ତନ କରିଥିଲେ। ତାଙ୍କ ଏଜେଣ୍ଟ ଏନେଇ ଆବଶ୍ୟକ ଅପଡେଟ୍ କରି ନ ଥିଲେ। ସେ କେବେ କୌଣସି ନିଷିଦ୍ଧ ଉପାଦାନ ସେବନ କରିନାହାନ୍ତି କିମ୍ବା ଏ ସମ୍ପର୍କରେ ତାଙ୍କ ବିରୋଧରେ କୌଣସି ଅଭିଯୋଗ ହୋଇନାହିଁ। ଏପ୍ରିଲରେ ୟମେର ତାଙ୍କ କ୍ୟାରିୟର ଶ୍ରେଷ୍ଠ ର୍ୟାଙ୍କିଙ୍ଗ ୫୦ତମ ସ୍ଥାନ ଅଧିକାର କରିଥିଲେ। ଡେଭିସ୍ କପ୍‌ରେ ସେ ତାଙ୍କ ବଡ଼ ଭାଇ ଏଲିଆସ୍‌ଙ୍କ ସହ ସୁଇଡେନ୍‌ରୁ ପ୍ରତିନିଧିତ୍ୱ କରିଛନ୍ତି। ଏଲିଆସ ନିକଟରେ ଏଟିପି ର୍ୟାଙ୍କିଙ୍ଗରେ ୮୦ତମ ସ୍ଥାନରେ ରହିଥିଲେ।

# ନ୍ୟାଶନାଲ ଭୋଭିନାମ୍‌ରେ ଦିବ୍ୟରଞ୍ଜନଙ୍କୁ ସ୍ୱର୍ଣ୍ଣ

ବାରିପଦା,୨୬/୮
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ପୋଲିସର କନେଷ୍ଟବଳ ଦିବ୍ୟ ରଞ୍ଜନ ଦଳେଇ ଆସାମରେ ଅନୁଷ୍ଠିତ ୧୨ତମ ନ୍ୟାଶନାଲ ଭୋଭିନାମ୍(ମାର୍ଶଲ ଆର୍ଟ) ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ତାଙ୍କ ସଫଳତା ପାଇଁ ଏସ୍‌ପି ବି.ଗଙ୍ଗାଧର ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଭୋଭିନମ ହେଉଛି ଭିଏତନାମର ଏକ ପ୍ରସିଦ୍ଧ ମାର୍ଶଲ ଆର୍ଟ। ଆସାମରେ ଅନୁଷ୍ଠିତ ଦ୍ୱାଦଶ ଜାତୀୟ ଭୋଭିନମ ଚାମ୍ପିୟନଶିପରେ ସ୍ୱର୍ଣ୍ଣ ପଦକ ଜିତି ଦିବ୍ୟ ରଞ୍ଜନ ଜିଲା ତଥା ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି।




# ଟଙ୍ଗ୍‌ଙ୍କ ସ୍ଥାନରେ ଜୋର୍ଡାନ

ଲଣ୍ଡନ,୨୬।୮(ଏପି)

ନ୍ୟୁଜିଲାଣ୍ଡ ବିପକ୍ଷ ଆଗାମୀ ଟି୨୦ ସିରିଜ ପାଇଁ ଇଂଲଣ୍ଡ ଦଳରେ ଯୋଗଦେବା ଲାଗି ସରେ ଅଲରାଉଣ୍ଡର କ୍ରିସ୍ ଜୋର୍ଡାନଙ୍କୁ ଡକାଯାଇଛି। ତାଙ୍କୁ ଓରସେଷ୍ଟରଶାୟାର ପେସ୍ ବୋଲର ଜୋଶ ଟଙ୍ଗ୍‌ଙ୍କ ସ୍ଥାନରେ ସୁଯୋଗ ମିଳିଛି। ଟଙ୍ଗ୍ ଆଘାତପ୍ରାପ୍ତ ଥିବାରୁ ଦଳରୁ ବାଦ୍ ପଡ଼ିଛନ୍ତି। ଇଂଲଣ୍ଡ କ୍ରିକେଟ ବୋର୍ଡ ଇସିବି ତରଫରୁ ଶନିବାର ଏ ବିଷୟରେ ସୂଚନା ଦିଆଯାଇଛି। ୩୪ ବର୍ଷୀୟ ଜୋର୍ଡାନ ଟି୨୦ କ୍ରିକେଟରେ ଇଂଲଣ୍ଡର ସବୁଠାରୁ ଅଧିକ ଉଇକେଟ ହାସଲକାରୀ ବୋଲର।

# କରାଟେ ରେଫରି, ଜଜ୍ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର, ୨୬।୮ (ବିଜୟ ରଣା)

କରାଟେ ଇଣ୍ଡିଆ ଅର୍ଗାନାଇଜେଶନ ଆସୋସିଏଶନ ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ କରାଟେ ସଂଘ ଦ୍ୱାରା ଏକ ଜାତୀୟ ରେଫରି/ଜଜ୍ ପ୍ରଶିକ୍ଷଣଶିବିର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ କରାଟେ ସଂଘର ସ୍ୱୀକୃତିପ୍ରାପ୍ତ ରେଫରି ହାନ୍‌ସୀ ପ୍ରେମଜିତ୍ ସେନ୍ ଏହି ଶିବିରରେ ପ୍ରଶିକ୍ଷଣ ପ୍ରଦାନ କରିବା ସହ ପରୀକ୍ଷା ନେଇଥିଲେ। ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ଏହି ଶିବିରରେ ରାଜ୍ୟରୁ ୪୯ଜଣ କରାଟେକା ଅଂଶଗ୍ରହଣ କରିଥିଲେ। ଏଥିରେ ୧୮ଜଣ ପରୀକ୍ଷାର୍ଥୀ ଜଜ/ରେଫରି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଶିକ୍ଷଣ ଶିବିର ଓ ରେଫରି ପରୀକ୍ଷା ଓଡ଼ିଶା ରାଜ୍ୟ କରାଟେ ସଂଘ ସଭାପତି ହରିପ୍ରସାଦ ପଟ୍ଟନାୟକ ଓ ସମ୍ପାଦକ ଗୌରୀ ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

# ଇଣ୍ଡୋନେସିଆନ ମାର୍ଶଲ ଆର୍ଟ ଚାମ୍ପିୟନଶିପ୍ ଉଦ୍‌ଘାଟିତ

ବାଲୁଗାଁ,୨୬।୮(ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧା ଜିଲା ପେନ୍‌ଚାକ୍ ସିଲାଟ୍ ଆସୋସିଏଶନ ପକ୍ଷରୁ ବାଲୁଗାଁ ଅଶୋକ ନଗରସ୍ଥିତ ବଣିକ ସଂଘ ଗୃହ ପରିସରରେ ଶନିବାର ଇଣ୍ଡୋନେସିଆନ ମାର୍ଶଲ ଆର୍ଟ ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଯାଇଛି। ଦୁଇଦିନିଆ ଟୁର୍ନାମେଣ୍ଟରେ ରାଜ୍ୟର ୧୩ଟି ଜିଲା କୋରାପୁଟ, ନବରଙ୍ଗପୁର, ବଲାଙ୍ଗୀର, ଝାରସୁଗୁଡ଼ା, ସମ୍ବଲପୁର, ଯାଜପୁର, ଗଞ୍ଜାମ, ବରଗଡ଼, ମୟୂରଭଞ୍ଜ, ସୁନ୍ଦରଗଡ଼, ଢେଙ୍କାନାଳ, କଟକ ଏବଂ ଖୋର୍ଦ୍ଧା ପ୍ରମୁଖ ଅଂଶଗ୍ରହଣ କରୁଛନ୍ତି। ସମୁଦାୟ ୩୫୦ ପ୍ରତିଯୋଗୀ ଏଥିରେ ଅଶଂଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଅତିଥିଭାବେ ବାଣପୁର ନଗରପାଳ ମିଟୁ ନାୟକ, କାଉନସିଲର ଅଭିମନ୍ୟୁ ସ୍ୱାଇଁ, ଚିଲିକା ପ୍ରେସ୍ କ୍ଲବ୍ ସଭାପତି ପ୍ରକାଶ କୁମାର ପ୍ରଧାନ, ଓଡ଼ିଶା ପେନ୍‌ଚାକ ସିଲାଟ୍ ଆସୋସିଏଶନର ସଭାପତି ତାପସ କୁମାର ରାୟଚୌଧୁରୀ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପା, ଖୋର୍ଦ୍ଧା ଜିଲା ଅନୁଷ୍ଠାନର ସଭାପତି ସାରଦା ପ୍ରସନ୍ନ ଦାସ, ସମ୍ପାଦକ ଜିତେନ୍ଦ୍ର କୁମାର ରାଉତ, ଜଗନ ଲେଙ୍କା, ବନମାଳୀ ସାହୁ ପ୍ରମୁଖ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା ପରିଚାଳନା ପାଇଁ ୧୬ଜଣ ରେଫରି, କୋଚ୍ ଏବଂ ମ୍ୟାନେଜର ଯୋଗଦେଇଛନ୍ତି।



ବାଲୁଗାଁରେ ଅନୁଷ୍ଠିତ ଇଣ୍ଡୋନେସିଆନ ମାର୍ଶଲ ଆର୍ଟ ଚାମ୍ପିୟନଶିପରେ ଅଂଶଗ୍ରହଣ କରିଥିବା ବିଭିନ୍ନ ଜିଲାର ପ୍ରତିଯୋଗୀ।

# ୭ ବର୍ଷରୁ କମ୍ ଓପନ୍ ଓ ବାଳିକା ଚେସ୍ ଚାମ୍ପିୟନଶିପ୍

ଭୁବନେଶ୍ୱର,୨୬।୮(ସରୋଜ ଜେନା)

ଭୁବନେଶ୍ୱର ସ୍ଥିତ ଇନ୍‌ଫୋସିଟିରେ ୭ ବର୍ଷରୁ କମ୍ ଓପନ୍ ଓ ବାଳିକା ଚେସ୍ ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇ ଯାଇଛି। ମାଷ୍ଟର ଚେସ୍ ଫାଉଣ୍ଡେସନ୍ ଓ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ପକ୍ଷରୁ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯାଇଛି। ରାଜ୍ୟର ଯୁବ ପ୍ରତିଭା ମାନଙ୍କୁ ଚେସ୍‌ରେ ଆଗକୁ ବଢିବା ପାଇଁ ସୁଯୋଗ ଦେବା ଲକ୍ଷ୍ୟରେ ଏହି ପ୍ରତିଯୋଗିତା ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଓପନ ବର୍ଗରେ ୫୯ ଓ ବାଳିକା ବର୍ଗରେ ୨୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ରେଜିଷ୍ଟ୍ରାର ତଥା ଟିଆଇଟିଇ କଲେଜ ଚେୟାରମ୍ୟାନ ଡ. ଅଭୟ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଦୀପ ଖାରେ, ଆୟେଶା ବେଗ୍, ସୂର୍ଯ୍ୟକାନ୍ତ ମହାନ୍ତି, ସଂଗ୍ରାମ ମହାନ୍ତି, ଜେସିକା ପଟ୍ଟନାୟକ, ମନୋରଞ୍ଜନ ମିଶ୍ର, ସୁରେଶ ଚନ୍ଦ୍ର ସାହୁ, ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ବିକ୍ରମ କେଶରୀ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ସନ୍ତୋଷ କୁମାର ମହାପାତ୍ର ମୁଖ୍ୟ ଆର୍ବିଟର ଭାବରେ ଯୋଗ ଦେଇଥିବା ବେଳେ ଜ୍ୟୋତି ଶଙ୍କର ନନ୍ଦ ଓ ମାଷ୍ଟର ଚେସ୍ ଫାଉଣ୍ଡେସନ୍‌ର କର୍ମକର୍ତ୍ତା ସହଯୋଗ କରିଥିଲେ।



୭ ବର୍ଷରୁ କମ୍ ଓପନ୍ ଓ ବାଳିକା ଚେସ୍ ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

# କ୍ଲବ ବ୍ୟୟ କଲେ ରେକର୍ଡ ୨୦୨୪ କୋଟି

ଲଣ୍ଡନ,୨୬।୮

ରେକର୍ଡ ଭାଙ୍ଗିଛି ପ୍ରିମିୟର ଲିଗ୍ କ୍ଲବ୍‌ମାନଙ୍କର ଟ୍ରାନ୍ସଫର ୱିଣ୍ଡୋ ବ୍ୟୟ। ଚଳିତ ସିଜନରେ ୧.୯୫ ବିଲିୟନ ପାଉଣ୍ଡ ବା ଭାରତୀୟ ମୁଦ୍ରାରେ ୨୦୨୪ କୋଟି ଟଙ୍କା ବ୍ୟୟ କରିସାରିଲେଣି। ସେପ୍ଟେମ୍ବର ୧ ଟ୍ରାନ୍ସଫର ୱିଣ୍ଡୋର ଅନ୍ତିମ ତାରିଖ ରହିଥିବା ବେଳେ ଏହା ୨ ବିଲିୟନ ଡଲାର ଅତିକ୍ରମ କରିବା ନେଇ ଆଶା କରାଯାଉଛି। ବିଗତ ବର୍ଷରେ ୧.୯୨ ବିଲିୟନ ପାଉଣ୍ଡର ଅର୍ଥରାଶି ବ୍ୟୟ ହୋଇଥିଲା। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ଦୁଇଜଣ ଖେଳାଳିଙ୍କ ଟ୍ରାନ୍ସଫରରେ ୧୦୦ ମିଲିୟନ ଡଲାର ବ୍ୟୟ ହୋଇଛି। ମୋଜେସ୍ କାଇସେଡୋଙ୍କୁ ୧୦୦ ମିଲିୟନ୍ ଡଲାରରେ ଚେଲ୍‌ସୀ ଓ ଡେକ୍‌ଲାନ ରାଇସେଙ୍କୁ ସମାନ ମୂଲ୍ୟରେ କ୍ରୟ କରିଛି ଆର୍ସେନଲ। ଦଳଗତ ଭାବରେ ଚେଲ୍‌ସି ୯ ଜଣ ଖେଳାଳିଙ୍କୁ କିଣିଥିବା ବେଳେ ସର୍ବାଧିକ ୧ ବିଲିୟନ ଡଲାର ବ୍ୟୟ କରିଛି।

ଅନ୍ୟପକ୍ଷରେ ଚାମ୍ପିୟନ ମାଞ୍ଚେଷ୍ଟର ସିଟି ୱିଙ୍ଗର ଜେରେମି ଡୋକୁଙ୍କୁ ୫୫ ମିଲିୟନ ପାଉଣ୍ଡରେ କ୍ରୟ କରିଛି। ଏହା ପୂର୍ବରୁ ଦଳ ଡିଫେଣ୍ଡର ଜୋସ୍କୋ ଜିଭାର୍ଡିଓଲଙ୍କୁ ୯୦ ମିଲିୟନ ପାଉଣ୍ଡରେ ଓ ମିଡ୍‌ଫିଲ୍ଡର ମାଟେଓ କୋଭାକିକଙ୍କୁ ୨୫ ମିଲିୟନ ପାଉଣ୍ଡରେ କିଣିଛି। ଏହା ବ୍ୟତୀତ ୭୨ ମିଲିୟନ ପାଉଣ୍ଡରେ ଦଳ ଷ୍ଟ୍ରାଇକର ରାସମସ ହୋଜଲୁଣ୍ଡଙ୍କୁ କିଣିଛି। ଅନ୍ୟପକ୍ଷରେ ଗତବର୍ଷର ରନର ଅପ୍ ଆର୍ସେନଲ ୬୫ ମିଲିୟନ୍ ପାଉଣ୍ଡ ବ୍ୟୟରେ ଫରୱାର୍ଡ କାଇ ହାଭର୍ଟଜ୍‌ଙ୍କୁ କିଣିଛି। ଚଳିତ ବର୍ଷ ୪ର୍ଥ ସ୍ଥାନରେ ଟୁର୍ନାମେଣ୍ଟ ଶେଷ କରିଥିବା ନ୍ୟୁ କାସେଲ ୟୁନାଇଟେଡ୍ ମିଡ୍‌ଫିଲ୍ଡର ସାନ୍ଦ୍ରୋ ତୋନାଲିଙ୍କୁ ୫୫ ମିଲିୟନ ପାଉଣ୍ଡରେ ଓ ୱିଙ୍ଗର ହାର୍ଭେ ବାର୍ନସଙ୍କୁ ୩୮ ମିଲିୟନ ପାଉଣ୍ଡରେ କ୍ରୟ କରିଛି।

## ପ୍ରିମିୟର ଲିଗ୍ ଟ୍ରାନ୍ସଫର ୱିଣ୍ଡୋ


ମୋଜେସ୍ କାଇସେଡୋ



ଡେକ୍‌ଲାନ ରାଇସେ

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା–୧୨+୮

ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୨୭/୨୦୨୩ (୧୨+୮=୨୦ ପୃଷ୍ଠା) Bhubaneswar, Sunday, August 27/2023 Page 20 ₹ 7.00



**ଆହାନଙ୍କୁ ଡବଲ୍ ଟାଇଟଲ୍**

୧୬ ବର୍ଷରୁ କମ୍ ଟ୍ୟାଲେଣ୍ଟ ସିରିଜ୍ ଟୁର୍ଣ୍ଣାମେଣ୍ଟରେ ଆହାନ୍ ମିଶ୍ର ଡବଲ୍ ଟାଇଟଲ୍ ହାସଲ କରିଛନ୍ତି।

୦୮

୦୨

**ଆମେରିକା ଉପରାଷ୍ଟ୍ରପତି ପଦ ଲାଗି ଲଢ଼ିବେ ରାମସ୍ୱାମୀ**

ଆମେରିକାର ରିପବ୍ଲିକାନ୍ ରାଷ୍ଟ୍ରପତି ପ୍ରାର୍ଥୀ ଆଶାୟୀ ଥିବା ବିବେକ ରାମସ୍ୱାମୀ ତାଙ୍କୁ ଏହି ସୁଯୋଗ ନ ମିଳିଲେ ଉପରାଷ୍ଟ୍ରପତି ପଦ ପାଇଁ ଲଢ଼ିବେ ବୋଲି କହିଛନ୍ତି।



# ସିଲିଣ୍ଡର ଫାଟି ଟ୍ରେନ୍ ବଗି ଜଳିଲା: ୧୦ ମୃତ

ଟ୍ରେନ୍‌ରେ ଦହନଶୀଳ ସାମଗ୍ରୀ ପରିବହନକୁ ନିଷେଧ କରାଯାଇଛି। ଏହାର ଅବମାନନାକୁ ଅପରାଧ ବିବେଚନା କରାଯାଉଛି। ଏନେଇ ଟ୍ରେନ୍‌ର ବଗିଗୁଡ଼ିକରେ ସଚେତନତାଧର୍ମୀ ଲେଖା ରହିଥାଏ। ଏହାକୁ ଅନେକେ ଗୁରୁତ୍ୱ ଦେଉ ନ ଥିବାବେଳେ ବହୁ ଷ୍ଟେଶନରେ ଗ୍ୟାସ୍ ସିଲିଣ୍ଡର, କିରୋସିନ୍, ପେଟ୍ରୋଲ, ବିସ୍ଫୋରକ ସାମଗ୍ରୀ ପରିବହନକୁ ଠିକ୍ ଭାବେ ଯାଞ୍ଚ କରାଯାଉ ନାହିଁ। ଏହାର କୁପରିଣାମ ଶନିବାର ତାମିଲନାଡୁର ମଦୁରାଇ ରେଳ ଷ୍ଟେଶନରେ ଦେଖିବାକୁ ମିଳିଛି। ଷ୍ଟେଶନରେ ଥିବା ଏକ ବଗିରେ ଏଲ୍‌ପିଜି ସିଲିଣ୍ଡର ଫାଟିଯିବାରୁ ଭୟାବହ ଅଗ୍ନିକାଣ୍ଡ ଘଟି ୧୦ ଯାତ୍ରୀ ଜୀବନ୍ତଦଗ୍ଧ ହୋଇଥିବାବେଳେ ୨୦ ଜଣ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ସୁରକ୍ଷାରେ ତ୍ରୁଟି ଓ ଅବହେଳା ଯୋଗୁ ପୁଣି ଥରେ ଦୁର୍ଘଟଣାର ଶିକାର ହୋଇଛନ୍ତି ରେଳଯାତ୍ରୀ, ଯାହାକି ବାଲେଶ୍ୱର ବାହାନଗା ଟ୍ରେନ୍ ଟ୍ରାଜେଡିରେ ମଧ୍ୟ ଦେଖିବାକୁ ମିଳିଥିଲା। ସେହି ଦୁର୍ଘଟଣାରେ ୨୯୫ ଜଣଙ୍କ ମୃତ୍ୟୁ ଘଟିଥିଲା।



ମଦୁରାଇ,୨୬।୮

ତାମିଲନାଡୁର ମଦୁରାଇ ରେଳଷ୍ଟେଶନରେ ଶନିବାର ଭୋର ସମୟରେ ଛିଡ଼ା ହୋଇଥିବା ଏକ ବଗିରେ ନିଆଁ ଲାଗିଯିବାରୁ ୧୦ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ଉକ୍ତ ବଗିରେ ବେଆଇନ ଭାବେ ଏକ ଗ୍ୟାସ୍ ସିଲିଣ୍ଡର ନିଆଯାଉଥିଲା, ଯାହା ଅଗ୍ନିକାଣ୍ଡର କାରଣ ବୋଲି ସଦର୍ନ ରେଲୱେ ପକ୍ଷରୁ କୁହାଯାଇଛି। ବଗିରେ ଲକ୍ଷ୍ନୌର ୬୫ ଯାତ୍ରୀ ଥିଲେ। ଘରୋଇ କୋଚ୍‌ଟି ପୁନାଲୁର-ମଦୁରାଇ ଏକ୍ସପ୍ରେସ୍‌ରେ ସଂଯୋଗ ହୋଇ ଭୋର ୩ଟା ୪୭ରେ ମଦୁରାଇରେ ପହଞ୍ଚିଥିଲା। ସେଠାରୁ ଉକ୍ତ ବଗି ଅନନ୍ତପୁରୀ ଏକ୍ସପ୍ରେସ୍ ଟ୍ରେନ୍‌ରେ ସଂଯୋଗ ହୋଇ କୋଲ୍ଲାମ ଦେଇ ଚେନ୍ନାଇ ଯିବାର ଥିଲା। ଯାତ୍ରୀମାନେ ଘରୋଇ କୋଚ୍‌ରେ ଗ୍ୟାସ୍ ସିଲିଣ୍ଡର ଆଣି ନ ଥିଲେ ସେମାନେ ଶନିବାର ମଧ୍ୟାହ୍ନରେ ଚେନ୍ନାଇରେ ପହଞ୍ଚିଥାନ୍ତେ। ଦୁର୍ଭାଗ୍ୟକୁ ସେମାନେ କୋଚ୍ ଭିତରେ ଚା' କରିବା ପାଇଁ ଏକ ଷ୍ଟୋଭ୍ ଲଗାଇବାରୁ ସିଲିଣ୍ଡର ବିସ୍ଫୋରଣ ହୋଇ ସଙ୍ଗେ ସଙ୍ଗେ ସାରା କୋଚ୍‌କୁ ନିଆଁ ବ୍ୟାପିଯାଇଥିଲା। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ମଦୁରାଇ ଜିଲାପାଳ ଏମ୍.ଏସ୍. ସଙ୍ଗୀତା କହିଛନ୍ତି। ନିଆଁଲିଭା କାର୍ଯ୍ୟରେ ପୋଲିସ, ଅଗ୍ନିଶମ ବାହିନୀ ଏବଂ ରେସ୍କ୍ୟୁ ସର୍ଭିସ୍ କର୍ମଚାରୀମାନେ ସାମିଲ ହୋଇଥିଲେ। କୋଚ୍‌ଟି ଟ୍ରେନ୍‌ରୁ ଅଲଗା ହେବା ପରେ କେତେଜଣ ଯାତ୍ରୀ ଓହ୍ଲାଇଯାଇଥିଲେ ଓ ନିଆଁକୁ ଦେଖି ଅନ୍ୟ କେତେଜଣ ବଗିରୁ ଡେଇଁପଡ଼ି ବର୍ତ୍ତିଯାଇଥିଲେ। ଭୋର ୫ଟା ୧୫ରେ ନିଆଁ ଲାଗିଥିବାବେଳେ ଅଧଘଣ୍ଟା ବିଳମ୍ବରେ ଅଗ୍ନିଶମ କର୍ମଚାରୀ ପହଞ୍ଚିଥିଲେ ଏବଂ ☞ପୃଷ୍ଠା–୭

## ଷ୍ଟେଶନଗୁଡ଼ିକରେ ଯାଞ୍ଚ ଢିଲା

# ପଥର ତଳେ ଚାପିହୋଇ ମାମୁ ଭଣଜା ମୃତ



ପଥର କ୍ୱାରି

ମୋହନା,୨୬।୮ (ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ବନ୍ଧାଗୁଡ଼ା ଗ୍ରାମ ନିକଟ ଏକ କ୍ରଶରର ପଥର କ୍ୱାରି ନିକଟରେ ଶୁକ୍ରବାର ୫୦ ଟନ୍‌ର ପଥର ତଳେ ଚାପିହୋଇ ୨ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ଝାରେଡ଼ି ରାଧାଗୋବିନ୍ଦପୁର ଗାଁର ମାମୁ ନାରାୟଣ ନାହାକ (୪୭) ଓ ଭଣଜା ମଧୁରଛୁଆଗାଁର ବିଷ୍ଣୁ ପ୍ରସାଦ ନାହାକ (୨୫)।

ଉଭୟ ମାମୁ ଭଣଜା ୫ ବର୍ଷ ହେଲା ବନ୍ଧାଗୁଡ଼ା ଗ୍ରାମ ନିକଟରେ ଥିବା କ୍ରଶରରେ ଶ୍ରମିକ ଭାବେ କାର୍ଯ୍ୟକରି ଆସୁଥିଲେ। ସନ୍ଧ୍ୟା ୭ଟାରେ କ୍ରଶର ନିକଟ ପାହାଡ଼ରେ ବେଆଇନ ବ୍ଲାଷ୍ଟିଂ ହେବା ବେଳେ ଦୁହେଁ ଏକ ୫୦ ଟନ୍‌ର ପଥର ତଳେ ଆଶ୍ରୟ ନେଇଥିଲେ। କିନ୍ତୁ ବ୍ଲାଷ୍ଟିଂ ଯୋଗୁ ସେହି ପଥରଟି ଥରି ଉଠି ତଳକୁ ଗଡ଼ିଯାଇଥିଲା। ଫଳରେ ପଥର ତଳେ ଚାପିହୋଇ ସେମାନଙ୍କର ମୃତ୍ୟୁ ଘଟିଥିଲା।

## ବ୍ଲାଷ୍ଟିଂ ବେଳେ ୫୦ ଟନ୍‌ର ପଥର ତଳେ ନେଇଥିଲେ ଆଶ୍ରୟ

ମୋହନା ପୋଲିସ, ଅତିରିକ୍ତ ତହସିଲଦାର ଏବଂ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ବାହାର କରିବା ପାଇଁ ଉଦ୍ୟମ ଚଳାଇଥିଲେ। ଖବର ପାଇ ରାତି ୯ଟାରେ ମୃତ ନାରାୟଣଙ୍କ ସାନଭାଇ ଶାନ୍ତନୁ ଏବଂ ମୃତ ବିଷ୍ଣୁଙ୍କ ସମ୍ପର୍କୀୟ ମାମୁ ବିଶ୍ୱଜିତ ପହଞ୍ଚି ମୃତଦେହ ଶୀଘ୍ର ବାହାର କରି ହସ୍ତାନ୍ତର କରିବା ଲାଗି ପ୍ରଶାସନକୁ ନିବେଦନ କରିଛନ୍ତି।

ଅପରପକ୍ଷେ ଶନିବାର ରାତି ସୁଦ୍ଧା ପଥର ତଳୁ ମୃତଦେହ ଉଦ୍ଧାର ହୋଇପାରି ନ ଥିବା ବେଳେ ପାରଳାଖେମୁଣ୍ଡିରୁ ପଥର କଟିଂ ମେଶିନ ପହଞ୍ଚିଛି। ଜିଲାପାଳଙ୍କ ସୁପାରିସ କ୍ରମେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ମୃତକଙ୍କ ପରିବାରକୁ ୫୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଅତିରିକ୍ତ ତହସିଲଦାର ହିମାଂଶୁ ଭୂଷଣ ପଲାଇ କହିଛନ୍ତି।








ଚନ୍ଦ୍ରୟାନ-୩ର ରୋଭର 'ପ୍ରଜ୍ଞାନ' ଚନ୍ଦ୍ରପୃଷ୍ଠର ଦକ୍ଷିଣ ମେରୁସ୍ଥିତ 'ଶିବଶକ୍ତି ପଏଣ୍ଟ' (ଲ୍ୟାଣ୍ଡର 'ବିକ୍ରମ' ଅବତରଣ କରିଥିବା ଅଞ୍ଚଳର ନୂଆ ନାମ) ଅଞ୍ଚଳରେ ଗଡୁଥିବା ଦୃଶ୍ୟକୁ ଇସ୍ରୋ ପକ୍ଷରୁ ଶନିବାର ଜାରି କରାଯାଇଛି। ପ୍ରଜ୍ଞାନ ପୂର୍ବରୁ ୮ ମିଟର ଯାଇଥିବାବେଳେ ଶନିବାର ଆଉ ୪ ମିଟର ଗଡ଼ିଛି।

# ଆମେରିକା ଉପରାଷ୍ଟ୍ରପତି ପଦ ପାଇଁ ଲଢ଼ିବେ ରାମସ୍ୱାମୀ

**ୱାଶିଂଟନ,୨୬।୮**

ଆମେରିକାର ରିପବ୍ଲିକାନ୍ ରାଷ୍ଟ୍ରପତି ପ୍ରାର୍ଥୀ ଦୌଡ଼ରେ ଥିବା ଭାରତୀୟ ବଂଶୋଦ୍ଭବ ବିବେକ ରାମସ୍ୱାମୀ ଉପରାଷ୍ଟ୍ରପତି ପଦ ପାଇଁ ଲଢ଼ିବେ ନାହିଁ ବୋଲି ଦୁଇଦିନ ପୂର୍ବରୁ ସ୍ପଷ୍ଟ ଭାବେ କହିଥିଲେ। ତେବେ ସେ ୨୦୨୪ ପାଇଁ ହ୍ୱାଇଟ ହାଉସ୍ ପାଇଁ ପ୍ରତିଦ୍ୱନ୍ଦ୍ୱିତା ଲାଗି ଦଳ ପକ୍ଷରୁ ଯଦି ମନୋନୀତ ନ ହୁଅନ୍ତି ତେବେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ତଥା ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଉପରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ଲଢ଼ିବେ ବୋଲି ଶନିବାର ସୂଚନା ଦେଇଛନ୍ତି। ଗତ ୨୩ ତାରିଖରେ ୩୮ ବର୍ଷୀୟ ରାମସ୍ୱାମୀ ତାଙ୍କର ପ୍ରଥମ ରିପବ୍ଲିକାନ୍ ପ୍ରେସିଡେନ୍ସିଆଲ ପ୍ରାଇମେରି ବିତର୍କରେ ସାମିଲ ହୋଇଥିଲେ। ଏହାକୁ



ବିବେକ ରାମସ୍ୱାମୀ

ତାଙ୍କ ଦଳର ଅନ୍ୟତମ ଭାରତୀୟ ଆମେରିକୀୟ ଆଶାୟୀ ପ୍ରାର୍ଥୀ ନିକ୍କି ହାଲିଙ୍କ ସମେତ ଅନ୍ୟମାନେ ସମାଲୋଚନା କରିଛନ୍ତି। କୌଣସି ପବ୍ଲିକ୍ ଅଫିସ୍‌ର ନେତୃତ୍ୱ ନେବାରେ ରାମସ୍ୱାମୀଙ୍କର

**ରିପବ୍ଲିକାନ୍ ପାର୍ଟିରୁ ରାଷ୍ଟ୍ରପତି ପ୍ରାର୍ଥୀ ହୋଇ ନ ପାରିଲେ**

ଅଭିଜ୍ଞତା ନ ଥିବା ସେମାନେ କହିଛନ୍ତି। ଟ୍ରମ୍ପଙ୍କ ଉପରାଷ୍ଟ୍ରପତି ହେବାରେ ସେ ଖୁସି ହେବେ କି ବୋଲି ପ୍ରଶ୍ନ ହେବାରୁ ରାମସ୍ୱାମୀ କହିଥିଲେ, ଏଥିରେ ମୋର କିଛି କହିବାର ନାହିଁ। ମୋ ବୟସର ଜଣେ ବ୍ୟକ୍ତି ପାଇଁ ଏହା ଭଲ ପଦବୀ ବୋଲି ସେ କହିଛନ୍ତି। ଯଦି ଉପରାଷ୍ଟ୍ରପତି ନିର୍ବାଚିତ ହୁଅନ୍ତି, ତେବେ ରାମସ୍ୱାମୀ ଏହି ପଦବୀରେ ରହିବାରେ ଦ୍ୱିତୀୟ ସର୍ବକନିଷ୍ଠ ହେବେ। ଜେମ୍ସ ବୁଚାନାନଙ୍କ ରାଷ୍ଟ୍ରପତିତ୍ୱ ସମୟରେ ୧୮୫୭ରୁ ୧୮୬୧ ଜନ୍ ବ୍ରେକିନ୍‌ରିଜ୍ ୩୬ ବର୍ଷ ବୟସରେ ଉପରାଷ୍ଟ୍ରପତି ହୋଇଥିଲେ।

# 'ଘୁମୁରା' ଖୋଜୁଛି ସାହାରା

**କାମାକ୍ଷାନଗର, ୨୬।୮ (ସୁଧୀର ପରିଡ଼ା)**

ଭାଦ୍ରବ ପାଦ ଥାପିଲେ ଚଳଚଞ୍ଚଳ ହୋଇଉଠେ ଆଦିବାସୀ ପଡ଼ା। ରଙ୍ଗବେରଙ୍ଗର ପାରମ୍ପରିକ ବେଶ ପରିପାଟୀରେ ସଜେଇ ହୋଇ ରାସ୍ତାକୁ ଓହ୍ଲାଇ ଆସନ୍ତି ଶବର ସମ୍ପ୍ରଦାୟର କଳାକାର। 'ଘୁମୁରା' ଲୋକନୃତ୍ୟ, ଲୋକବାଦ୍ୟ, ଲୋକସଙ୍ଗୀତରେ କମ୍ପି ଉଠେ ଗ୍ରାମ୍ୟ ପରିବେଶ। ହେଲେ ଆଶ୍ୱିନ ଆସୁଆସୁ ମଳିନ ପଡ଼ିଯାଏ ଏହାର ସ୍ୱର। ସାମାଜିକ ଗଣମାଧ୍ୟମ ଯୁଗରେ ମନୋରଞ୍ଜନର ପରିଭାଷା ବଦଳୁଥିବାବେଳେ ଲୁପ୍ତ ହେବାକୁ ବସିଛି ଆଦିବାସୀ ଜନଜୀବନର ଗାଥା ବଖାଣୁଥିବା ଏହି ପାରମ୍ପରିକ ଲୋକନୃତ୍ୟ।

ଘୁମୁରା କଥା ଉଠିଲେ ଆଖି ଫେରିଯାଏ କଳାହାଣ୍ଡି ଜିଲାକୁ। ଯଦିଓ କଳାହାଣ୍ଡିରେ ଏହି ଲୋକନୃତ୍ୟର ଆଦୃତି ବେଶି, ତଥାପି ଏହାର ଛାପ ଦେଖିବାକୁ ମିଳେ ଢେଙ୍କାନାଳ ଜିଲାରେ। କାମାକ୍ଷାନଗର ଉପଖଣ୍ଡର ନୂଆଆଳତୁମା ବଡ଼ବନ୍ଧ ସାହି, କାଦୁଆ, ବାଘୁରା, ବାଇସିଙ୍ଗା, ମାଳପୁରା, ମହୁଲପାଳ, ଇନ୍ଦିପୁର, ବଡସୁଆଁଳ, ଓଡ଼ିଶ, ଆମ୍ବଖୋଲ, ଅନଳ, ଗାଙ୍ଗୀଯୋଡ଼ ସମେତ ଜିଲାର ଆଭ୍ୟନ୍ତରୀଣ ଗ୍ରାମରେ ବସବାସ କରୁଥିବା ଶବର ସମ୍ପ୍ରଦାୟ ବଞ୍ଚାଇ ରଖିଛନ୍ତି ଘୁମୁରାକୁ। ବର୍ଷସାରା ବଣମୂଳକରେ ପେଟପାଟଣା ପାଇଁ ସଂଘର୍ଷ କରୁଥିବା ବନବାସୀମାନେ ଧାନ ରୁଆ ବେଉଷଣ ସରିବା ପରେ ବେଶ ଉତ୍ସାହୀ ହୋଇଉଠନ୍ତି। ଗହ୍ମା ପୂର୍ଣ୍ଣମୀ ସେମାନଙ୍କ ବଡ଼ ପର୍ବ। ଏହି ଅବସରରେ ସପ୍ତାହବ୍ୟାପୀ ଆରମ୍ଭ ହୋଇଯାଏ ନୃତ୍ୟଗୀତର ଆସର। କଳାକାର ଦଳ ନିଆରା ବେଶରେ



ଗାଁ ଗାଁ ବୁଲି ଘୁମୁରା ବାଦ୍ୟର ତାଳେ ତାଳେ ପରିବେଷଣ କରିଥାଆନ୍ତି ନୃତ୍ୟ। ଆଦିବାସୀ ଜନଜୀବନର ଗହନକଥାକୁ ନିଆରା ଢଙ୍ଗରେ ବଖାଣିଥାଆନ୍ତି। ଖୁସିରେ ଲୋକେ ଯାହା ଦିଅନ୍ତି, ତାହାକୁ ଗ୍ରହଣ କରନ୍ତି। ତେବେ ଆଧୁନିକ ସମୟରେ ଏଭଳି ପୁରୁଣାକାଳିଆ ପରମ୍ପରାକୁ ଯୁବବର୍ଗ ଗ୍ରହଣ କରୁ ନ ଥିବାରୁ କେବେଳ ହାତଗଣତି କଳାକାର ମଧ୍ୟରେ ସୀମିତ ହୋଇ ରହିଯାଇଛି ଘୁମୁରା ଲୋକନୃତ୍ୟ। ଜିଲା କିମ୍ବା ରାଜ୍ୟସ୍ତରୀୟ ଲୋକ ମହୋତ୍ସବରେ ଆମନ୍ତ୍ରିତ କଳାକାରଙ୍କୁ ସେମାନଙ୍କ କଳା ପରିବେଷଣର ସୁଯୋଗ ମିଳୁଛି। ଅନ୍ୟମାନେ ନିରାଶ ହେଉଛନ୍ତି। ପାଲା, ସଂକୀର୍ତ୍ତନ ଭଳି ଏହାର ପ୍ରଚାର ପ୍ରଚାର ହୋଇପାରୁ ନ ଥିବାରୁ ଏହା ଏବେ ବିଲୁପ୍ତ ଅବସ୍ଥାକୁ ଚାଲିଆସିଲାଣି ବୋଲି ଅଭିଯୋଗ ହେଉଛି। ଅନ୍ୟପକ୍ଷରେ

**ପୌରାଣିକ କିମ୍ବଦନ୍ତୀ କୁହେ ଦେବ-ଦାନବ ଯୁଦ୍ଧରେ ବ୍ୟବହାର ହୋଇଥିଲା ରଣବାଦ୍ୟ 'ଘୁମୁରା'। ଏକଦା ଶକ୍ତି ଉପାସନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଏହି ପାରମ୍ପରିକ ଲୋକବାଦ୍ୟ ଓ ଏହାକୁ ନେଇ ସୃଷ୍ଟି ହୋଇଥିବା ଲୋକନୃତ୍ୟ ଶବର ସମ୍ପ୍ରଦାୟର ଭାବାବେଗ ସହ ଓତଃପ୍ରୋତ ଭାବେ ଜଡ଼ିତ ହୋଇ ରହିଆସିଛି। ଏବେ ଆଧୁନିକ ମନୋରଞ୍ଜନର ମାଧ୍ୟମ ସହ ତାଳ ଦେଇପାରୁ ନ ଥିବାରୁ ଏହାର ଝଙ୍କାର କ୍ରମଶଃ ନିଷ୍ପ୍ରଭ ହେବାରେ ଲାଗିଛି। ଫଳରେ ସ୍ୱତନ୍ତ୍ର ପର୍ବପର୍ବାଣି ଓ ଲୋକ ମହୋତ୍ସବ ମଧ୍ୟରେ ସୀମିତ ହୋଇ ରହିଯାଇଛି ଏଭଳି ଏକ ପ୍ରାଚୀନ ଲୋକକଳା।**

## ଫ୍ୟୁଜନ ହେଲେ ଲୋକାଦୃତି ବଢ଼ନ୍ତା

ସଙ୍ଗୀତ ନିର୍ଦ୍ଦେଶକମାନେ ଇଚ୍ଛା କଲେ ଘୁମୁରା ସ୍ୱରକୁ ବ୍ୟବହାର କରି ନୂଆ ଫ୍ୟୁଜନ କରିପାରନ୍ତେ। ଫିଚରଧର୍ମୀ ଚଳଚ୍ଚିତ୍ରରେ ଏଥିଲାଗି ଯଥେଷ୍ଟ ସୁଯୋଗ ମଧ୍ୟ ରହିଛି। ହେଲେ ଏ ଦିଗରେ ଅଦ୍ୟାବଧି ସେଭଳି ଆଖିଦୃଶିଆ କାର୍ଯ୍ୟ ହେଉନାହିଁ, ଯେଉଁଥିପାଇଁ ଘୁମୁରାର ସ୍ୱର କେବଳ ଆଦିବାସୀ ପଡ଼ା ଭିତରେ ଘେରାବନ୍ଦୀ ହୋଇ ରହିଯାଇଛି।

## ଆଇନ କରୁଛି ଅଡୁଆ

କେତେଜଣ କଳାକାର କହିଛନ୍ତି, ଆଇନଗତ କଟକଣା ଯୋଗୁ ଘୁମୁରା ବାଦ୍ୟରେ ବ୍ୟବହାର ହେଉଥିବା ଗୋଧି ଚମଡ଼ା ସଂଗ୍ରହ ସମ୍ଭବ ହେଉନାହିଁ। ଏବେ ବି ବାପଜେଜେ ଅମଳର ପୁରୁଣା ଘୁମୁରା ବାଦ୍ୟ ବ୍ୟବହାର କରିବାକୁ ପଡୁଛି। କୌଣସି କାରଣରୁ ଘୁମୁରା ବାଦ୍ୟରେ ବ୍ୟବହୃତ ମାଟିହାଣ୍ଡି ଭାଙ୍ଗିଗଲେ ପୁରୁଣା ଗୋଧି ଚମଡ଼ାକୁ ନୂଆ ବାଦ୍ୟରେ ବ୍ୟବହାର କରାଯାଉଛି।

## ପ୍ରଶିକ୍ଷଣ ପାଇଁ ଯୋଜନା କରାଯାଉଛି



ବିଲୁପ୍ତପ୍ରାୟ ଲୋକକଳାର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି। ହେଲେ ଏବେକାର ଯୁବପିଢ଼ି ଆଧୁନିକତାର ଚାପରେ ପୁରାତନ ଲୋକକଳାରୁ ମୁହଁ ଫେରାଇ ନେଲେଣି। ଫଳରେ ଘୁମୁରା ଭଳି ଅନେକ ଲୋକକଳା ବିଲୁପ୍ତ ହେବାକୁ ବସିଛି। ଏବେ ପ୍ରତି ବ୍ଲକରେ ବିଡିଓଙ୍କ ଜରିଆରେ କଳାକାରଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କୁ ପ୍ରୋତ୍ସାହନ ଓ ତାଲିମ ଦେବା ଲାଗି ଯୋଜନା କରାଯାଉଛି।

- ଅବନୀ ମିଶ୍ର, ରାଜ୍ୟ କଳା ସଂସ୍କୃତି ସଂଘ ଉପସଭାପତି

## ସରକାରୀ ସହାୟତା ଜରୁରୀ



ଶବର ସମ୍ପ୍ରଦାୟର ବ୍ୟକ୍ତି ଗହ୍ମାପର୍ବ ପୂର୍ବରୁ ପ୍ରସ୍ତୁତ ହୋଇ ପ୍ରାୟ ମାସେ ଧରି ଗାଁ ଗାଁ ବୁଲି ଘୁମୁରା ନୃତ୍ୟ ପରିବେଷଣ କରିଥାଆନ୍ତି। କିନ୍ତୁ ଏବେ ପୋଷାକ, ମେକ୍‌ଅପ୍ ଖର୍ଚ୍ଚ ଯଥେଷ୍ଟ ବଢ଼ିଗଲାଣି। ସେମିତି ପାରିଶ୍ରମିକ ମିଳୁନାହିଁ। ତଥାପି କିଛିବର୍ଷ ହେଲା କେତେଜଣ ପୁରୁଣା ଓ ନୂଆ କଳାକାରଙ୍କୁ ଏକାଠି କରି ଏହାକୁ ବଞ୍ଚାଇ ରଖିବାର ପ୍ରୟାସ ଜାରିରହିଛି। ଏଥିଲାଗି ସରକାରୀ ପ୍ରୋତ୍ସାହନ ଜରୁରୀ।

- ପବିତ୍ର ମୋହନ ପ୍ରଧାନ, ନୃତ୍ୟଗୁରୁ

# କମ୍ ଯନ୍ତ୍ରଣାରେ ହୋଇପାରୁଛି ସାୟଟିକା ଚିକିତ୍ସା

**ଭୁବନେଶ୍ୱର,୨୬।୮ (ଅସମାପିକା ସାହୁ)**

ମେରୁଦଣ୍ଡ ଓ ମେରୁହାଡ଼ର ଦୁଇଟି ଯନ୍ତ୍ରଣାଦାୟକ ରୋଗ ହେଉଛି ସ୍ଲିପ୍‌ଡ ଡିସ୍କ ଓ ସାୟଟିକା। ଏହି ରୋଗଦ୍ୱୟ ଲୋକଙ୍କ ମଧ୍ୟରେ ସାଧାରଣ ରୂପେ ଦେଖାଯାଉଥିବା ବ୍ୟାକ୍ ପେନ୍ ବା ଅଣ୍ଟା ଯନ୍ତ୍ରଣା ସମସ୍ୟାର ମୁଖ୍ୟ କାରଣ। ଏଭଳି ଅଧିକାଂଶ ମାମଲାରେ ସ୍ନାୟୁଗୁଡ଼ିକ ସଙ୍କୁଚିତ ହୋଇଯାଏ, ଯାହାଫଳରେ ଯନ୍ତ୍ରଣା ଦ୍ରୁତ ବେଗରେ ବଢ଼ିଯାଏ। ଯଦି ଠିକ୍ ସମୟରେ ଏହାର ଚିକିତ୍ସା କରା ନ ଯାଏ ତେବେ ବେଳେବେଳେ ଏହା ପାଦରେ ବଧିରା ଓ ଫୋଡ଼ିଲା ଭଳି ଯନ୍ତ୍ରଣା ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରିଥାଏ। ଏକ ଆକଳନରୁ ଜଣାପଡ଼ିଛି, ୭୭% ଲୋକଙ୍କଠାରେ ଅଣ୍ଟା ଯନ୍ତ୍ରଣା ରହିଛି ଏବଂ ସେମାନଙ୍କ ମଧ୍ୟରୁ ପ୍ରାୟ ୩୫% ଲୋକଙ୍କ ଜୀବନକାଳ ମଧ୍ୟରେ ସର୍ବନିମ୍ନ ଥରେ ସାୟଟିକା ରୋଗ ଦେଖାଦେଇଛି। ଏହି ରୋଗକୁ ଠିକ୍ ସମୟରେ ଜାଣିପାରିଲେ ତା'ର ଚିକିତ୍ସା ସଫଳ ହୋଇପାରୁଛି। ଏହି ରୋଗର ଚିକିତ୍ସା ପାଇଁ ଅତ୍ୟାଧୁନିକ ୩-ଡି ଏଣ୍ଡୋସ୍ପାଇନ୍ ସର୍ଜରି ଏକ ପଦ୍ଧତି, ଯାହା ଏବେ ଓଡ଼ିଶାରେ ଉପଲବ୍ଧ ହେଉଛି। ଏହି ସର୍ଜରି ଖୁବ୍ କମ୍ ଯନ୍ତ୍ରଣା ଦେବା ସହ ରୋଗୀକୁ ଶୀଘ୍ର ସୁସ୍ଥ କରିଥାଏ। ସ୍ଲିପ୍‌ଡ ଡିସ୍କ





ଓ ସାୟଟିକାକୁ ଏବେ ଖୁବ୍ କମ୍ ଯନ୍ତ୍ରଣା ସହ ସଫଳତାର ସହ ଅସ୍ତ୍ରୋପଚାର କରାଯାଇପାରିବ ବୋଲି ଏଣ୍ଡୋସ୍କୋପିକ୍ ସର୍ଜନ ଓ ଅର୍ଥୋପେଡିସିଆନ୍ ଡା. ପି.ସି. ଦେ କହିଛନ୍ତି। ୩ଡି ଏଣ୍ଡୋସ୍ପାଇନ୍ ସର୍ଜରି ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷଣରେ ଡା. ଦେ ଉପସ୍ଥିତ ରହି ସ୍ଲିପ୍‌ଡ ଡିସ୍କ, ସାୟଟିକାର ଚିକିତ୍ସା ସମ୍ପର୍କରେ ଆଲୋକପାତ କରିଥିଲେ। ଏଣ୍ଡୋସ୍କୋପିକ୍ ସ୍ପାଇନାଲ ସର୍ଜରିଗୁଡ଼ିକରେ ରୋଗୀ ଅସ୍ତ୍ରୋପଚାରର ୩ରୁ ୪ ଘଣ୍ଟା ମଧ୍ୟରେ ଟଏଲେଟ୍ ଯିବାକୁ ସକ୍ଷମ ହୋଇପାରନ୍ତି ଏବଂ ପରଦିନ ଘରକୁ ଯାଇପାରିଥାନ୍ତି। ଏହି ଅସ୍ତ୍ରୋପଚାର ରୋଗୀଙ୍କୁ କମ୍ ଯନ୍ତ୍ରଣା ଦେଇଥାଏ ଓ ଏହାର ଆରୋଗ୍ୟ ସମୟ ଅଧିକ ଦ୍ରୁତ ହୋଇଥାଏ। ଏହି ପଦ୍ଧତି ସହିତ ଅସ୍ତ୍ରୋପଚାର ପରେ ରୋଗ ପୁଣିଥରେ ଫେରିବାର ସମ୍ଭାବନା ଖୁବ୍ କମ୍ ଥାଏ ବୋଲି ଡା. ଦେ କହିଛନ୍ତି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନ୍ୟ ବିଶେଷଜ୍ଞ ଡାକ୍ତରମାନେ ଉପସ୍ଥିତ ରହି ଏହି ରୋଗ ଏବଂ ଏହାର ଚିକିତ୍ସା ସମ୍ପର୍କରେ ଆଲୋକପାତ କରିଥିଲେ।



ଫଟୋ: ଚମନ ଗୌତମ

ଦିଲ୍ଲୀ ଚିଡ଼ିଆଖାନାସ୍ଥିତ ଏକ ଏନ୍‌କ୍ଲୋଜରରେ ନିଜ ପ୍ରଥମ ଜନ୍ମଦିନ ଅବସରରେ ଧଳାବାଘ ଶାବକ ଅବନୀ ଏବଂ ବ୍ୟୋମ ଖେଳୁଛନ୍ତି।

# ବିଶ୍ୱ ଦକ୍ଷତା କେନ୍ଦ୍ରର ୪୦ ଛାତ୍ରୀଛାତ୍ର ସିଙ୍ଗାପୁର ଗଲେ

**ଭୁବନେଶ୍ୱର, ୨୬।୮ (ଅସମାପିକା ସାହୁ)**

ବିଶ୍ୱ ଦକ୍ଷତା କେନ୍ଦ୍ରରେ ବିଭିନ୍ନ ଅତ୍ୟାଧୁନିକ ବିଷୟରେ ତାଲିମ ନେଉଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୪୦ଜଣଙ୍କୁ ବଛାଯାଇ 'ଷ୍ଟୁଡେଣ୍ଟ ଏକ୍ସଚେଞ୍ଜ' କାର୍ଯ୍ୟକ୍ରମ ଜରିଆରେ ସିଙ୍ଗାପୁର ପଠାଯାଇଛି। ଚୟନ ହୋଇଥିବା ଏହି ଛାତ୍ରୀଛାତ୍ର ଶନିବାର ବିମାନ ଯୋଗେ ସିଧାସଳଖ ସିଙ୍ଗାପୁରରେ ପହଞ୍ଚିଛନ୍ତି। ପ୍ରଥମଥର ପାଇଁ ବିମାନରେ ବସି ବିଦେଶ ଯାଉଥିବାରୁ ସେମାନଙ୍କ ଭିତରେ ବିଶେଷ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମ ଅଧୀନରେ ଅନ୍ତର୍ଜାତୀୟ ମାନର ତାଲିମ ପାଇଁ ଏଭଳି ସୁଯୋଗ ମିଳୁଥିବାରୁ ସେମାନେ ବିଶ୍ୱ ଦକ୍ଷତା କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷର ଅଧ୍ୟକ୍ଷା ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଅଲକା ମିଶ୍ର ସିଙ୍ଗାପୁର ଯାଇଥିବା ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହିତ ଏହି ଅନୁଭୂତି ସେମାନଙ୍କ ଶିକ୍ଷା ଓ ତାଲିମକୁ ଏକ ନୂଆ ଦିଗ ଦେବ ଏବଂ ସେମାନଙ୍କ ମନରେ ନୂଆ ସାହସ ଆଣିଦେବ ବୋଲି କହିଛନ୍ତି।

ଇଲେକ୍ଟ୍ରିକାଲ ଟେକ୍ନୋଲୋଜିର ଛାତ୍ରୀ ଅଲିଭା ପ୍ରିୟଦର୍ଶିନୀ ସାହୁ କହିଛନ୍ତି, ସିଙ୍ଗାପୁରରେ ଆମକୁ ଡ୍ରୋନ୍ ଏବଂ ରୋବୋଟିକ୍ସ ବିଷୟରେ ବହୁତ କିଛି ନୂଆ କଥା ଶିଖିବାକୁ ମିଳିବ। ତା'ଛଡ଼ା ସିଙ୍ଗାପୁରର ବିଭିନ୍ନ ସ୍ଥାନକୁ ଅତି ପାଖରୁ ଦେଖିବାକୁ ପାଇବି। 'ଏୟାର କଣ୍ଡିଶନିଂ ଆଣ୍ଡ ରେଫ୍ରିଜରେଶନ'ର ଛାତ୍ର ଆୟୁଷ ପ୍ରଧାନ କହିଛନ୍ତି, ବିଦେଶ ଯାଇ ବିଶ୍ୱସ୍ତରୀୟ ଶିକ୍ଷା ସୁଯୋଗ ପାଇବି ବୋଲି ମୁଁ କେବେ ଭାବି ନ ଥିଲି। ବିଶ୍ୱ ଦକ୍ଷତା କେନ୍ଦ୍ରରେ ତାଲିମ ନେବା ଫଳରେ ମୋ' ପାଇଁ ଆଜି ତାହା ସାକାର ହୋଇଛି।

ସୂଚନାଯୋଗ୍ୟ, ବିଶ୍ୱ ଦକ୍ଷତା କେନ୍ଦ୍ରରେ ୭ଟି ଅତ୍ୟାଧୁନିକ ବିଷୟରେ ଓଡ଼ିଶାର ଯୁବପିଢ଼ିଙ୍କୁ ଫିନିସିଙ୍ଗ୍ ସ୍କୁଲ ଢାଞ୍ଚାରେ ତାଲିମ ଦିଆଯାଇ ଦେଶ ବିଦେଶର ଶିଳ୍ପ ଦୁନିଆ ଏବଂ ସେବା କ୍ଷେତ୍ରରେ ନିଯୁକ୍ତି ସୁଯୋଗ ପାଇଁ ପ୍ରସ୍ତୁତ କରାଯାଉଛି। ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଓ ସିଙ୍ଗାପୁର ସରକାରଙ୍କ ମଧ୍ୟରେ ହୋଇଥିବା ବୁଝାମଣା ଅନୁଯାୟୀ ପ୍ରତିବର୍ଷ ଏହି 'ଷ୍ଟୁଡେଣ୍ଟ ଏକ୍ସଚେଞ୍ଜ' କାର୍ଯ୍ୟକ୍ରମ କରାଯାଉଛି। ତେବେ ଏହି ୪୦ଜଣ ଛାତ୍ରୀଛାତ୍ର ୨ସପ୍ତାହ ଧରି ସିଙ୍ଗାପୁରର ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନିକାଲ ଏଜୁକେଶନ (ଆଇଟିଇ)ରେ ଅତିରିକ୍ତ ତାଲିମ ନେବା ସହ ସ୍ଥାନୀୟ ଛାତ୍ରୀଛାତ୍ରଙ୍କ ସହ ମିଶିବାର ସୁଯୋଗ ପାଇବେ।

**'ଷ୍ଟୁଡେଣ୍ଟ ଏକ୍ସଚେଞ୍ଜ' କାର୍ଯ୍ୟକ୍ରମ**





# ୮୩୮୦ ବୋତଲ କଫ ସିରପ୍ ଜବତ, ୩ ଗିରଫ

**ବରଗଡ଼,୨୬।୮ (ପ୍ରେମାନନ୍ଦ ଖମାରୀ)**

- କଟକ ଗୋଦାମରେ ବରଗଡ଼ ପୋଲିସର ଚଢ଼ାଉ
- ହିମାଚଳ ପ୍ରଦେଶକୁ ଲମ୍ବିଛି ଡେର

ବରଗଡ଼ ପୋଲିସ କଟକର ଏକ ଗୋଦାମରେ ଚଢ଼ାଉ କରି ୮୩୮୦ ବୋତଲ କଫ ସିରପ୍ ଜବତ କରିଛି। ଏହାସହିତ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଚୌଦ୍ୱାର ଥାନା ଚାରବାଟିଆର ସିଦ୍ଧାର୍ଥ କୁମାର ନାୟକ(୩୫), ମାଲଗୋଦାମ ଥାନା କଲେଜ ସ୍କୋୟାର ବାସିନ୍ଦା ପୂର୍ଣ୍ଣଚନ୍ଦ୍ର ବେହେରା(୪୪) ଏବଂ ବରଗଡ଼ ଟାଉନ ଥାନା ଗଙ୍ଗାଧର ନଗର ବାସିନ୍ଦା ଲକ୍ଷ୍ମୀଧର ମେହେର(୩୦)। ଗିରଫ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ସେମାନଙ୍କ ବିରୋଧରେ ବରଗଡ଼ ଟାଉନ ଥାନାରେ ଏକ ମାମଲା (ନଂ.୫୨୮।୨୩) ରୁଜୁ ହୋଇଛି । ଗତ ୨୨ତାରିଖରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବରଗଡ଼ ପୋଲିସ ୭,୮୦୦ବୋତଲ କଫ୍ ସିରଫ ଜବତ କରିବା ସହ ୬୦ ଜଣଙ୍କୁ ଗିରଫ କରିଥିଲା। ଅଭିଯୁକ୍ତଙ୍କ ବୟାନକୁ ଆଧାର କରି କଟକରେ ଏହି ଚଢ଼ାଉ କରାଯାଇଥିଲା। ତେବେ ଏଠାରୁ ଗିରଫ ୩ ଅଭିଯୁକ୍ତଙ୍କୁ ଜେରାବେଳେ ଦିଲ୍ଲୀରେ ଥିବା ମାକ୍ସ ଫାର୍ମାସିଉଟିକାଲ ପ୍ରାଇଭେଟ୍ ଲିମିଟେଡ୍‌ରୁ କଟକର ଗୋଦାମକୁ ତାହା ଆସିଥିବା ଜଣାପଡ଼ିଥିଲା। ମାକ୍ସ ଫାର୍ମାସିଉଟିକାଲ ପ୍ରାଇଭେଟ୍ ଲିମିଟେଡ୍, ଦିଲ୍ଲୀ ଆକାଉଣ୍ଟରେ ରହିଥିବା ୩୨ଲକ୍ଷ ୯୨ହଜାର ୫୮୨ଟଙ୍କାକୁ ଫ୍ରିଜ୍ କରାଯାଇଥିବା ଏସ୍‌ପି ପି.ଏସ୍. ମୀନା ସୂଚନା ଦେଇଛନ୍ତି। ସେହିପରି ଜବତ ହୋଇଥିବା କଫ ସିରପ୍‌ର ବ୍ୟାଚ୍ ନମ୍ବରକୁ ଯାଞ୍ଚ କରାଯିବାରୁ ତାହା ହିମାଚଳ ପ୍ରଦେଶର ଏକ କମ୍ପାନୀରୁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି ଏବଂ ଏ ନେଇ ଅଧିକ ଖୋଳତାଡ଼ ଚାଲିଛି ବୋଲି ଏସ୍‌ପି ମୀନା କହିଛନ୍ତି।

# ଅଯୋଗ୍ୟଙ୍କ ନାମ ତୁରନ୍ତ କାଟିବାକୁ ନିର୍ଦ୍ଦେଶ

## ଜାଗା ମିଶନ ତାଲିକାରେ ଭୂତ ହିତାଧିକାରୀ ଘଟଣା



■ବିଏମ୍‌ସି କାର୍ଯ୍ୟାଳୟରେ ତମ୍ବିତୋଫାନ
■ଧରାପଡ଼ିଲା ଚଞ୍ଚକତା, ତାଲିକାରେ ଏସ୍‌ଡିଏଙ୍କ ସମ୍ପର୍କୀୟ
■ଅଭିଯୋଗ ପ୍ରମାଣିତ ହେଲେ ପଟ୍ଟା ରଦ୍ଦ ହେବ : ବିଏମ୍‌ସି କମିଶନର

ଭୁବନେଶ୍ୱର,୨୬।୮(ବନ୍ଦନା ସେଠୀ)

ବହୁ ଆକାଂକ୍ଷୀ ଜାଗା ମିଶନରେ ଜମି ପଟ୍ଟା ପାଇବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ବସ୍ତିବାସିନ୍ଦା ଚାହିଁ ବସିଛନ୍ତି। ହେଲେ ସେମାନଙ୍କ ପାଇଁ ହୋଇଥିବା ଏହି କଲ୍ୟାଣକାରୀ ଯୋଜନାରେ କେଳେଙ୍କାରି କରିଛନ୍ତି ଖୋଦ୍ ଦାୟିତ୍ୱରେ ଥିବା ବାବୁ। ଚଞ୍ଚକତା କରି ବସ୍ତିରେ ରହୁ ନ ଥିବା ନିଜ ସମ୍ପର୍କୀୟଙ୍କୁ ତାଲିକାରେ ସାମିଲ କରି ପ୍ରକୃତ ହିତାଧିକାରୀଙ୍କୁ ବଞ୍ଚିତ କରିଛନ୍ତି। ଏନେଇ ତାଲିକା ପ୍ରକାଶ ପାଇବା ପରେ ବିଭିନ୍ନ ବସ୍ତିରୁ ଅଭିଯୋଗ ସହ ଅସନ୍ତୋଷ ବଢ଼ିବାରେ ଲାଗିଛି। ୱାର୍ଡ ନଂ.୩୮ ଅନ୍ତର୍ଗତ ବାଲିତୋଟା ସାହିର ବହୁ ବସ୍ତିବାସିନ୍ଦାଙ୍କୁ ଜାଗା ମିଶନରେ ସାମିଲ କରା ନ ଯିବା ଓ ବସ୍ତିରେ ରହୁ ନ ଥିବା ଭୂତ ହିତାଧିକାରୀଙ୍କୁ ଜମି ପଟ୍ଟା ଦେବାକୁ ତାଲିକାଭୁକ୍ତ କରାଯାଇଥିବା ଦେଖି ସେମାନେ ମେୟରଙ୍କ ବାସଭବନ ଘେରାଉ କରିଥିଲେ। ତେବେ ଏହା ଜାଣିବା ପରେ ମେୟର ଆଶ୍ଚର୍ଯ୍ୟ ପ୍ରକଟ କରିବା ସହ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ବିଏମ୍‌ସିର ୨ଦିନ ହେବ ଘନଘନ ବୈଠକ ବସି ଅଭିଯୋଗ ଓ ତାଲିକାର ଯାଞ୍ଚ କରିବା ପରେ ସବୁ ସତ ପଦାକୁ ଆସିଛି। ବସ୍ତି ଉନ୍ନୟନ କର୍ତ୍ତୃପକ୍ଷ (ଏସ୍‌ଡିଏ)ଙ୍କ ସମ୍ପର୍କୀୟଙ୍କ ନାମ ତାଲିକାରେ ଥିବା ଜଣାପଡ଼ିବା ପରେ ବିଏମ୍‌ସି ମୁଖ୍ୟାଳୟରେ ତମ୍ବିତୋଫାନ ହୋଇଛି। ଶନିବାର ଅତିରିକ୍ତ କମିଶନରଙ୍କ ନେତୃତ୍ୱରେ ଏକ ଟିମ୍ ସ୍ଥାନୀୟ ଏସଡିଏ ଓ ବସ୍ତିବାସିନ୍ଦାଙ୍କୁ ମୁହାଁମୁହିଁ କରାଇଥିଲେ। କେଳେଙ୍କାରି ହୋଇଥିବା ଜଣାପଡିବା ପରେ ଏସ୍‌ଡିଏଙ୍କୁ ତାଗିଦ୍ କରାଯାଇଛି। ତୁରନ୍ତ ଅଯୋଗ୍ୟଙ୍କ ନାମ ତାଲିକାରୁ କାଟିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି। ଯଦି ଏସଡିଏ ଏନେଇ ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ବିଏମସି ସେମାନଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେବ ବୋଲି ରୋକ୍‌ଠୋକ ଶୁଣାଇ ଦେଇଛି। ବିଏମ୍‌ସିର ନିର୍ଦ୍ଦେଶ ପରେ ଏସ୍‌ଡିଏ କର୍ତ୍ତୃପକ୍ଷ ଏବେ ବସ୍ତିବାସିନ୍ଦାଙ୍କ ସହ ଆପୋସ ବୁଝାମଣା କରିବା ଲାଗି ଚେଷ୍ଟା କରୁଥିବା ନଜରକୁ ଆସିଛି। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳିଙ୍ଗ ଷ୍ଟାଡିୟମ୍‌ରେ ବସ୍ତିବାସିନ୍ଦାଙ୍କୁ ପଟ୍ଟା ବାଣ୍ଟିବେ। ତେଣୁ ରବିବାର ସୁଦ୍ଧା ବସ୍ତିବାସିନ୍ଦାଙ୍କ ସହ ଆଲୋଚନା କରି ବିଏମ୍‌ସିକୁ ଲିଖିତ ଭାବେ ଦେବାକୁ ଏସ୍‌ଡିଏ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ରହିଛି। ଏନେଇ ବ୍ୟତିକ୍ରମ ହେଲେ ଏସ୍‌ଡିଏଙ୍କ ନାଁରେ ଏତଲା ଦିଆଯିବ ବୋଲି କୁହାଯାଇଛି। ଘଟଣା ନେଇ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ଏସ୍‌ଡିଏ ଦ୍ୱାରା ଏହି ତାଲିକା ପ୍ରସ୍ତୁତ କରାଯାଇଛି। ଯେହେତୁ ପ୍ରଥମ କରି ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଉଛି, ଅଭିଯୋଗ ଆସିବା ସ୍ୱାଭାବିକ। ତେବେ ସମସ୍ତ ଅଭିଯୋଗର ତଦନ୍ତ କରାଯାଉଛି, ଆଗକୁ ମଧ୍ୟ ଜାରି ରହିବ। ତଦନ୍ତ ପରେ ଯଦି ଅଭିଯୋଗ ସିଦ୍ଧ ହୁଏ, ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମିଛ ପଟ୍ଟା କାହାକୁ ମଧ୍ୟ ପ୍ରଦାନ କରାଯିବ ନାହିଁ। ଯଦି କେହି ଚଞ୍ଚକତା କରି ପଟ୍ଟା ହାତେଇଥିବେ, ତେବେ ଉକ୍ତ ପଟ୍ଟାକୁ ରଦ୍ଦ କରାଯିବ। ଏଥିସହ ସମ୍ପୃକ୍ତ ଏସ୍‌ଡିଏ ଓ ହିତାଧିକାରୀଙ୍କ ପ୍ରତି ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ। ଜାଗା ମିଶନ ଜରିଆରେ ବସ୍ତିବାସିନ୍ଦାଙ୍କୁ ଯେଉଁ ପଟ୍ଟା ବଣ୍ଟା ହେବ, ସେନେଇ କିଛି ଆଇନକାନୁନ୍ ରହିଛି। ଉକ୍ତ ଆଇନକୁ ଦୃଷ୍ଟିରେ ରଖି ସମସ୍ତ ପଦକ୍ଷେପ ନିଆଯିବ ବୋଲି କମିଶନର କହିଛନ୍ତି।

### ୩୨ ବର୍ଗମିଟରରୁ ଅଧିକ ଜମିକୁ ନେଇ ଅଡୁଆ

ବସ୍ତିବାସିନ୍ଦାଙ୍କୁ ମିଳିବାକୁ ଥିବା ଭୂମି ଅଧିକାର ପ୍ରମାଣପତ୍ର ଲାଗି କିଛି ସର୍ତ୍ତାବଳୀ ରହିଛି। ପ୍ରାଥମିକ ବର୍ଗରେ ୩୨ ବର୍ଗମିଟର ତଥା ତା'ଠାରୁ ତଳେ ଥିବା ଜମିର ପ୍ରମାଣପତ୍ର ମାଗଣାରେ ମିଳିବ ବୋଲି ଉଲ୍ଲେଖ କରାଯାଇଛି। କିନ୍ତୁ ଏହାଠାରୁ ଯେତେ ଅଧିକ ଜମି ଥିବ, ତା'ର ମୂଲ୍ୟ ଦେବାକୁ ପଡ଼ିବ ବୋଲି ସର୍ତ୍ତ ରହିଛି, ଯାହାକୁ ନେଇ ଏବେ ବସ୍ତିବାସିନ୍ଦାଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। କେତେଜଣ କର୍ପୋରେଟର ଏହାକୁ ନାପସନ୍ଦ କରିବା ସହ ବସ୍ତି ବାସିନ୍ଦା କେଉଁଠୁ ପଇସା ଆଣିବେ ବୋଲି କହିଛନ୍ତି। କମିଶନର କୁଲାଙ୍ଗେ କହିଛନ୍ତି, ନିୟମ ଅନୁସାରେ, ୩୨ ବର୍ଗମିଟର ଉପରେ ଯାହାର ଜମି ଥିବ ତାଙ୍କୁ ଅତିରିକ୍ତ ଜମି ବାବଦକୁ ଟଙ୍କା ପୈଠ କରିବାକୁ ପଡ଼ିବ। ଏହି ରାଶି ଅର୍ବାନ ୱେଲ୍‌ଫେୟାର ଫଣ୍ଡକୁ ଯିବ। ଜମିର ଦର ମଧ୍ୟ କିଛି ଅଧିକ ନାହିଁ। ଏନେଇ ଏଯାବତ କେହି ଅସନ୍ତୋଷ ପ୍ରକାଶ କରି ନ ଥିବା ସେ କହିଛନ୍ତି।

# ଝିଅକୁ ନିର୍ଯାତନା ଦେଲେ ସାବତ ମା',ଗ୍ରହଣ କଲେନି ଜନ୍ମକଲା ମା'

## ବାରଙ୍ଗ ପୋଲିସର ସହାୟତା ନେଲେ ବିଦ୍ୟାଳୟ କର୍ତ୍ତୃପକ୍ଷ

**ବାରଙ୍ଗ,୨୬।୮(ଲିଙ୍ଗରାଜ ରାଉତ):** ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ବିବାହ କରିବାକୁ ବାଧ କରିବାରୁ ସେ ରାଜି ନ ହେବାରୁ ତାଙ୍କୁ ମାନସିକ ଓ ଶାରୀରିକ ଯନ୍ତ୍ରଣା ଦେବା ଭଳି ସଙ୍ଗିନ ଅଭିଯୋଗ ରହିଛି। ବାରଙ୍ଗର ଏକ ସରକାରୀ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀ ଜଣକ ତାଙ୍କ ପରିବାର ଲୋକେ ମାନସିକ ନିର୍ଯାତନା ଦେଉଥିବା କଥାକୁ ଶନିବାର ଶ୍ରେଣୀ ଶିକ୍ଷକଙ୍କ ପାଖରେ ବଖାଣିବା ସହ ସୁରକ୍ଷା ମାଗିଥିଲେ। ପ୍ରଧାନ ଶିକ୍ଷୟିତ୍ରୀଙ୍କ ହସ୍ତକ୍ଷେପ ପରେ ବିଦ୍ୟାଳୟ ପରିଚାଳନା କମିଟି ଉପସ୍ଥିତିରେ ଛାତ୍ରୀଙ୍କ ଜନ୍ମକଲା ମା' ଓ ପୋଷ୍ୟ ଭାବେ ଗ୍ରହଣ କରିଥିବା ମା'ଙ୍କୁ ଡକାଯାଇ ପ୍ରକୃତ ସତ୍ୟାସତ୍ୟ ଅନୁଧ୍ୟାନ କରାଯାଇଥିଲା। ପୋଷ୍ୟ ଭାବେ ଗ୍ରହଣ କରିଥିବା ମା' ଛାତ୍ରୀଙ୍କୁ ନିର୍ଯାତନା ଦେଉଥିବା ସେ କହିଥିଲେ। ଏହାପରେ ଉଭୟ ପରିବାର ଝିଅକୁ ଗ୍ରହଣ କରିବାକୁ ରାଜି ନ ହେବାରୁ ବିଦ୍ୟାଳୟ ପକ୍ଷରୁ ବାରଙ୍ଗ ପୋଲିସର ସହାୟତା ନିଆଯାଇଥିଲା। ପୋଲିସ ଉପସ୍ଥିତିରେ ଝିଅଟିକୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି।

# ରାଖୀରେ ପରିବେଶ ସୁରକ୍ଷା ବାର୍ତ୍ତା

## ରାଖୀ ଓ ଗଛର ନିଆରା ସମ୍ପର୍କ ସୃଷ୍ଟି କରୁଛି ବକୁଳ ଫାଉଣ୍ଡେଶନ





ଭୁବନେଶ୍ୱର,୨୬।୮(ଶର୍ମିଷ୍ଠା ପାଣିଗ୍ରାହୀ)

ରାଖୀ ଓ ଗଛର ଏକ ନିଆରା ସମ୍ପର୍କ ସୃଷ୍ଟି କରୁଛି ବକୁଳ ଫାଉଣ୍ଡେଶନ। ଜୈବିକ ରାଖୀ ମାଧ୍ୟମରେ ଦେଉଛି ପରିବେଶ ସୁରକ୍ଷାର ବାର୍ତ୍ତା। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଏପରି ପ୍ରୟାସ ଜାରି ରଖିଛି ଫାଉଣ୍ଡେଶନ। ୨୦୧୮ରୁ ଫାଉଣ୍ଡେଶନ ପ୍ରଦୂଷଣକାରୀ ରାଖୀର ବିକଳ୍ପ ଭାବେ ଜୈବିକ ରାଖୀ ପ୍ରଦାନ କରିଆସୁଛି। ଏ ସମ୍ପର୍କରେ ଫାଉଣ୍ଡେଶନର ପ୍ରତିଷ୍ଠାତା ସୁଜିତ ମହାପାତ୍ର କହିଛନ୍ତି, ଗଛ ସହିତ ବ୍ୟକ୍ତିଗତ ସମ୍ପର୍କକୁ ପ୍ରୋତ୍ସାହନ ଦେବା ଓ ସାଂସ୍କୃତିକ ଅଭ୍ୟାସ ମାଧ୍ୟମରେ ଆମ ସଂସ୍କୃତିରେ ଗଛର ଗୁରୁତ୍ୱକୁ ପୁନଃ ପ୍ରତିଷ୍ଠା କରିବା ପାଇଁ ଆମେ 'ମୋ ଗଛ ଅଭିଯାନ' ଆରମ୍ଭ କରିଥିଲୁ। ରାଖୀ, ଦୀପାବଳି, ଭାଲେଣ୍ଟାଇନ ଡେ' ଭଳି ସ୍ୱତନ୍ତ୍ର ଦିବସରେ ଗଛଲତା ଉପହାର ଦେବାର ଚିନ୍ତାଧାରାକୁ ପ୍ରୋତ୍ସାହନ ଦେଉଥିଲୁ। ତେବେ ରାସାୟନିକ ସାମଗ୍ରୀ ଦ୍ୱାରା ପ୍ରସ୍ତୁତ ରାଖୀ ଯୋଗୁ ହେଉଥିବା ପ୍ରଦୂଷଣ ସମସ୍ୟାର ସମାଧାନ ପାଇଁ ଆମେ ଜୈବିକ ରାଖୀକୁ ଆମ ଆନ୍ଦୋଳନରେ ଯୋଡିବାକୁ ନିଷ୍ପତ୍ତି ନେଲୁ। ଫାଉଣ୍ଡେଶନ ପକ୍ଷରୁ ମଧ୍ୟ ବିଭିନ୍ନ ସ୍କୁଲ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ କିଛି ନିଆରା ଭାବେ ରାଖୀ ପୂର୍ଣ୍ଣିମା ପାଳନ କରିବା ପାଇଁ ନିବେଦନ କରାଯାଉଛି। ବୃକ୍ଷ ବନ୍ଧନ ରୂପରେ ସେମାନେ ଯାଇ ନିଜ ଘରେ ଗଛରେ ରାଖୀ ବାନ୍ଧନ୍ତୁ ନଚେତ୍ ରାସ୍ତାଘାଟ ଓ ସର୍ବସାଧାରଣ ପାର୍କ ଭଳି ସ୍ଥାନରେ ରାଖୀ ବାନ୍ଧନ୍ତୁ। ସେହିଭଳି ଜୈବିକ ରାଖୀ ସହ ଏକ ଆକର୍ଷଣୀୟ ଗିଫ୍ଟ ପ୍ଲାଣ୍ଟ ଦିଆଯାଉଛି। ଜଣେ ବଡ଼ ହେଉଥିବା ଗଛ ଯେପରିକି ଆମ୍ବ ଗଛ, ଔଷଧୀୟ ଗଛ କିମ୍ବା ଫୁଲଗଛକୁ ଚୟନ କରିପାରିବ, ଯାହାକୁ ପୋତାଯାଇପାରିବ। ଯିଏ ଚାହିଁବ ଇନ୍‌ଡୋର ପ୍ଲାଣ୍ଟ ମଧ୍ୟ ଚୟନ କରିପାରିବ। ରାଖୀ ସହ ଗଛର ଦାମ୍ ୧୦୦ରୁ ୪୦୦ ମଧ୍ୟରେ ରହିଛି।

### ଜୈବିକ ରାଖୀର ମହତ୍ତ୍ୱ

ପ୍ରାକୃତିକ ସାମଗ୍ରୀରେ ତିଆରି ହୋଇଥିବା ଜୈବିକ ରାଖୀ ପରିବେଶ ଅନୁକୂଳ। ବିଶେଷକରି ଏହା ଗଛ ସହ ସମ୍ପର୍କ ରହିଛି। ଏଥିରେ ବିଭିନ୍ନ ମଞ୍ଜି ଲଗାଯାଉଥିବାବେଳେ ମାଟିରେ ପଡ଼ିବା ପରେ ତାହା ଗଛ ହୋଇ ପରିବେଶକୁ ସୁରକ୍ଷା ଦେଇଥାଏ। ଏଥିରେ ପରିବେଶ ସୁରକ୍ଷା ନେଇ ସଚେତନ ସୃଷ୍ଟି କଲାଭଳି ଦୃଶ୍ୟ ରହିଛି। ସାଧାରଣତଃ ମଧ୍ୟପ୍ରଦେଶର ଛିନ୍ଦୱାଡାରେ ଗ୍ରାମବାସୀଙ୍କ ଦ୍ୱାରା ଉତ୍ପାଦିତ ଅଣ-ଜିଏମ୍ କପାରୁ ପ୍ରସ୍ତୁତ ଏହି ରାଖୀ ସବୁଜ ରଙ୍ଗର। ଏଥିରେ ମହାରାଷ୍ଟ୍ରର ବର୍ଦ୍ଧାରେ ମହିଳାଙ୍କ ଦ୍ୱାରା ହସ୍ତଚାଳିତ ଚରଖାର ଦୃଶ୍ୟ ରହିଥିବାବେଳେ ଏହା ଇରୋଡରେ କାରିଗରଙ୍କ ଦ୍ୱାରା ପ୍ରାକୃତିକ ଭାବରେ ରଙ୍ଗାୟିତ ଏବଂ ମଧ୍ୟପ୍ରଦେଶର ପାରାଡସିଙ୍ଗ ଗାଁରେ ମହିଳାମାନେ ଏହାର ବ୍ୟାଣ୍ଡ ତିଆରି କରିଥାନ୍ତି। 'ବୀଜପତ୍ର' ନାମକ ଏକ ଉଦ୍ୟୋଗ ଦ୍ୱାରା ଉତ୍ପାଦିତ ଏହି ରାଖୀରେ ଆମରନ୍ଥସ, ତୁଳସୀ, ପର୍ସଲେନ, ବିନ୍ସ ଆଦି ମଞ୍ଜି ଥାଏ। ଏପରିକି ପୁନଃଚକ୍ରଣ ହୋଇଥିବା କାଗଜରେ ମଧ୍ୟ ସନ୍ନିବେସିତ କରାଯାଇଥାଏ, ଯେଉଁଥିରେ ରାଖୀଗୁଡ଼ିକ ବନ୍ଧା ହୋଇ ରହିଥାଏ। ଏହି ରାଖୀ ଓ ସଂଲଗ୍ନ କାଗଜକୁ ଯଦି ଫିଙ୍ଗି ଦିଆଯାଏ ତାହା ସହଜରେ ନଷ୍ଟ ହୋଇଯାଏ ଏବଂ ସେଥିରୁ ଚାରା ଫୁଟିଥାଏ।



ଚିନ୍ତା ଓ ଚେତନା ବର୍ଷା ଉତ୍ସବର ଶନିବାର ସନ୍ଧ୍ୟାରେ ଅତିଥିମାନେ 'ଚିନ୍ତା ଓ ଚେତନା ରାଷ୍ଟ୍ରୀୟ ସମ୍ମାନ' ପ୍ରଦାନ କରୁଛନ୍ତି। (ଫଟୋ- ବିକାଶ ନାୟକ)

# ଘରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି

**ବଲଙ୍ଗା,୨୬।୮(କେଦାରେଶ୍ୱର ନନ୍ଦ):** ବଲଙ୍ଗା ଥାନା ଅଧୀନ ଚକଲଙ୍ଗା ଗ୍ରାମର ଚିନ୍ମୟ ମହାନ୍ତିଙ୍କ ଘରେ କେହି ନ ଥିବା ସୁଯୋଗରେ ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି ହୋଇଛି। ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଚିନ୍ମୟ ଗାଁ ମୁଣ୍ଡରେ ଘର କରି ରହିଛନ୍ତି। ସେ ଭୁବନେଶ୍ୱରରେ ରହୁଥିବାବେଳେ ଶନିବାର ସକାଳେ ଚିନ୍ମୟଙ୍କ ଘର ଗ୍ରୀଲ୍ ଖୋଲିଥିବା ପଡ଼ୋଶୀ ଦେଖି ଖବର ଦେଇଥିଲେ। ଚିନ୍ମୟ ଘରକୁ ଆସି ଗ୍ରୀଲ୍‌ର ତାଲା ଓ ଶୋଇବା ଘର ଗଡ୍‌ରେଜ ଭଙ୍ଗାଯାଇ ଭିତରେ ଥିବା ୪୦ ହଜାର ଟଙ୍କା ସହ ଲକ୍ଷାଧିକ ଟଙ୍କାର ସୁନାଗହଣା ନ ଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ।

# ୨ଜଣଙ୍କୁ 'ଚିନ୍ତା ଓ ଚେତନା ରାଷ୍ଟ୍ରୀୟ ସମ୍ମାନ'



ଭୁବନେଶ୍ୱର,୨୬।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଚିନ୍ତା ଓ ଚେତନା ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୪୬ତମ ବର୍ଷା ଉତ୍ସବର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ, ଓଟିଡିସି ଅଧ୍ୟକ୍ଷ ଲେନିନ ମହାନ୍ତି, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଅର୍ଥନୀତି ପରାମର୍ଶଦାତା ରବି ଆର୍.କୁମାର, ଆକାଶ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଡ. ଅଜୟ ବାହାଦୁର୍ ସିଂ, ଅନୁଷ୍ଠାନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଶଶିଭୂଷଣ ବେହେରା, ରାଜ୍ୟ ସଭାପତି ସହଦେବ ସାହୁ, ମହାସଚିବ ସୁରେନ୍ଦ୍ର ଦାସ ଓ ମିହିର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୋଲିସ ସେବା କ୍ଷେତ୍ରରେ ସୌମେନ୍ଦ୍ର ପ୍ରିୟଦର୍ଶୀ ଏବଂ ଅର୍ଥନୈତିକ ଅଭିବୃଦ୍ଧି ଓ ସାମାଜିକ ସେବା କ୍ଷେତ୍ରରେ ରବି କୁମାରଙ୍କୁ 'ଚିନ୍ତା ଓ ଚେତନା ରାଷ୍ଟ୍ରୀୟ ସମ୍ମାନ ୨୦୨୩' ପ୍ରଦାନ କରାଯାଇଥିଲା। ନୂପୁର ଅନୁଷ୍ଠାନର ଗୁରୁ ନିରଞ୍ଜନ ରାଉତ ଓ ସାଥୀ ବର୍ଷାକୁ ନେଇ ନୃତ୍ୟାଭିନୟ ପରିବେଷଣ କରିଥିଲେ। ଏହାର ରଚନା କବି ମଙ୍ଗଳା ପ୍ରସାଦ ପ୍ରଧାନ ଓ ସ୍ୱର ସଂଯୋଜନା ଗୁରୁ ରାମହରି ଦାସ କରିଥିଲେ। ବାଦ୍ୟ ସଂରଚନାରେ ଗୁରୁ ଧନେଶ୍ୱର ସ୍ୱାଇଁ ରହିଥିଲେ। ନୃତ୍ୟ ନୈବେଦ୍ୟର ଗୁରୁ ପ୍ରଭାତ କୁମାର ସ୍ୱାଇଁ ଓ ତାଙ୍କ ସାଥୀଙ୍କ ଦ୍ୱାରା ତ୍ରାହିଦୁର୍ଗା ପରିବେଷିତ ହୋଇଥିଲା। ସେହିପରି ତ୍ରିଧାରାର ଗୁରୁ ଗଜେନ୍ଦ୍ର ପଣ୍ଡା ଓ ସାଥୀଙ୍କ ଦ୍ୱାରା ପରିବେଷିତ ନୃତ୍ୟରେ ବର୍ଷାର ଅନୁଭବ କରିଥିଲେ ଦର୍ଶକ ଓ ଅତିଥି। ଗୁରୁ ସୁଜାତା ମିଶ୍ର ବର୍ଷା ବିରହକୁ ନିଜ ନୃତ୍ୟ ମାଧ୍ୟମରେ ବାସ୍ତବତାର ରୂପ ଦେଇଥିଲେ। ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିଲା ଅଭିନ୍ନସୁନ୍ଦର ଗୋଟିପୁଅ ନୃତ୍ୟ। ଗୁରୁ ଲକ୍ଷ୍ମଣ ମହାରଣା, ବସନ୍ତ କୁମାର ମହାରଣା ଓ ସାଥୀଙ୍କ ସୁନ୍ଦର ପରିବେଷଣ ଦର୍ଶକଙ୍କୁ ଏକ ଭିନ୍ନ ଅନୁଭୂତି ଆଣି ଦେଇଥିଲା। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ସୁନୀଲ



@ ଜୟ



@ ଲିଙ୍ଗରାଜ



@ କେ. ଭଗବାନ୍



@ କେଦାର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



## ମଦ ଜବତ, ଜଣେ ଗିରଫ

**ବେଗୁନିଆ,(ହରପ୍ରସନ୍ନ ପଣ୍ଡା):** ବେଆଇନ ଦେଶୀ ମଦ ବିକ୍ରି ଅଭିଯୋଗରେ ବେଗୁନିଆ ଥାନା ପୋଲିସ ଜଣେ ବିକ୍ରେତାଙ୍କୁ ଶନିବାର ଗିରଫ କରିଛି। ସେ ହେଲେ ଏହି ଥାନା ଅଧୀନ ରାସୋଳ ଗ୍ରାମର ଅମରେଶ ମହାପାତ୍ର। ତାଙ୍କ ନିକଟରୁ ଗୋଟିଏ ବାଇକ୍ ଓ ୨୫ଲିଟର ଦେଶୀ ମଦ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୨୯୭/୨୩) ରୁଜୁ ହୋଇଛି। ସୂଚନା ମୁତାବକ, ସାନପଦର ଗ୍ରାମ ନିକଟରେ ଥିବା ରେଲ୍‌ୱେ ଓଭରବ୍ରିଜ୍ ତଳେ ବେଆଇନଭାବେ ଦେଶୀ ମଦ ବିକ୍ରି ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟଙ୍କ ସମେତ କର୍ମଚାରୀମାନେ ସେଠାରେ ଚଢ଼ାଉ କରି ଅମରେଶଙ୍କୁ ଗିରଫ କରିବା ସହ ମଦ ଜବତ କରିଥିଲେ।

## ସଂକ୍ଷେପରେ

### ଆମ୍ବୁଲାନ୍ସକୁ ଧକ୍କାଦେଲା ବସ୍, ଚାଳକ ଗୁରୁତର



ବୋଲଗଡ଼,୨୬।୮ (ଦେବବ୍ରତ ହୋତା)

ବୋଲଗଡ଼ ଥାନା ଦିଘିରିଠାରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଆମ୍ବୁଲାନ୍ସକୁ ବସ୍ ଧକ୍କା ଦେଇ ଘଟଣାସ୍ଥଳରୁ ପଳାଇଥିଲା। ଦୁର୍ଘଟଣାରେ ଆମ୍ବୁଲାନ୍ସ ଚାଳକ ନାରାୟଣ ସାଥୁଆ ଗୁରୁତର ହୋଇଥିବା ବେଳେ ସହଯୋଗୀ ଧରଣୀ ସାହୁ ଆହତ ହୋଇଥିଲେ। ସୂଚନା ଅନୁଯାୟୀ, ଭୁବନେଶ୍ୱରରେ ରୋଗୀ ଛାଡ଼ି ଫେରୁଥିବା ନୟାଗଡ଼ ମୁଖ୍ୟ ଚିକିତ୍ସାଳୟର ଆମ୍ବୁଲାନ୍ସ (ଓଡି ୦୨ ବିଏଚ୍ ୪୩୧୬)କୁ ଦିଘିରି ଦୋସମାଳି ଛକ ନିକଟ ୫୭ ନଂ. ବଲାଙ୍ଗୀର-ଖୋର୍ଦ୍ଧା ଜାତୀୟ ରାଜପଥରେ ବିପରୀତ ଦିଗରୁ ଆସୁଥିବା ଏକ ରାତ୍ରିକାଳୀନ ଯାତ୍ରୀବାହୀ ବସ୍ ଧକ୍କା ଦେଇ ପଳାଇଥିଲା। ଫଳରେ ଆମ୍ବୁଲାନ୍ସ ଚାଳକ ଓ ସହାୟକଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଚାଳକ ନାରାୟଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ପଠାଇ ଦିଆଯାଇଛି। ବୋଲଗଡ଼ ଥାନା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ଗହଣା ସଫା କରିବା ଆଳରେ ଲୁଟ୍

ଟାଙ୍ଗୀ,୨୬।୮ (ରଘୁନାଥ ସାହୁ)

ଗହଣା ସଫେଇ କରିବା ଆଳରେ ଦୁର୍ବୃତ୍ତମାନେ ଟାଙ୍ଗୀ ଥାନା ଅଧୀନ ବଡ଼ପାରୀ ପଞ୍ଚାୟତର ନାଏବ ସରପଞ୍ଚ ମଧୁସ୍ମିତା ସ୍ୱାଇଁଙ୍କ ସୁନାଗହଣା ଲୁଟି ନେଇଥିବା ଶନିବାର ଅଭିଯୋଗ ହୋଇଛି। ସୂଚନା ମୁତାବକ, ବଡପାରୀ ଗ୍ରାମର ମାନସ ରଞ୍ଜନ ସ୍ୱାଇଁଙ୍କ ସ୍ତ୍ରୀ ମଧୁସ୍ମିତା ବଡପାରୀ ପଞ୍ଚାୟତର ନାଏବ ସରପଞ୍ଚ। ଦୁର୍ବୃତ୍ତମାନେ ଗହଣା ସଫା କରିବା ପାଇଁ ମାନସଙ୍କ ଘରେ ପହଞ୍ଚି ଗହଣା ସଫା କରିବା ପାଇଁ ଅନୁରୋଧ କରିଥିଲେ। ପରେ ମଧୁସ୍ମିତା ଗୋଟିଏ ମଙ୍ଗଳସୂତ୍ର, କାନଫୁଲ ସଫା କରିବା ପାଇଁ ଦେଇଥିଲେ। ପରେ ଦୁର୍ବୃତ୍ତମାନେ ବିଭିନ୍ନ ପ୍ରକାର ଆଳକରି ସୁନାଗହଣା ଲୁଟିନେଇ ପଳାଇଥିଲେ। ଏନେଇ ପରିବାରଲୋକେ ଥାନର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ଖବର ଲେଖା ହେବା ପର୍ଯ୍ୟନ୍ତ ଦୁର୍ବୃତ୍ତଙ୍କ କୌଣସି ସନ୍ଧାନ ମିଳିପାରି ନାହିଁ।

### ବାଇକ୍ ଚୋରି ଅଭିଯୋଗ: ଯୁବକ ଅଟକ

ବୋଲଗଡ଼,୨୬।୮ (ଦେବବ୍ରତ ହୋତା)

ବାଇକ୍ ଚୋରି ଅଭିଯୋଗରେ ଶନିବାର ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ପୋଲିସ ଜଣେ ଯୁବକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଫାଣ୍ଡି ଅଧିକାରୀ ସଂଗ୍ରାମ ପାଇକରାୟଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ରାଜସୁନାଖଳା ବଜାର ଅନ୍ତର୍ଗତ ତ୍ରିନାଥ ଛକରେ ସନ୍ଧ୍ୟାରେ ଜଣେ ଯୁବକ ଅନ୍ୟ ଜଣେ ବ୍ୟକ୍ତିଙ୍କ ବାଇକକୁ ଚୋରି କରି ନେବା ପାଇଁ ଉଦ୍ୟମ କରୁଥିବା ବେଳେ ଧରାପଡ଼ିଯାଇଥିଲା। ଏହା ପରେ ବାଇକ୍ ମାଲିକ ଫାଣ୍ଡିକୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ଯୁବକ ଜଣଙ୍କୁ ଫାଣ୍ଡିରେ ଅଟକ ରଖି ପଚରାଉଚରା ଚଳାଇଛି।

### ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ବ୍ୟବସ୍ଥା ଦାବି

ଟାଙ୍ଗୀ,୨୬।୮ (ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ୨୬ଟି ପଞ୍ଚାୟତକୁ ନେଇ ଗଠିତ। ବ୍ଲକ ମଧ୍ୟରେ ଦୁଇଟି ଥାନା ଟାଙ୍ଗୀ ଓ ନିରାକାରପୁର ରହିଥିବା ବେଳେ ଦୁଇଟି ଫାଣ୍ଡି କୁହୁଡି, ଭୂଷଣ୍ଡପୁର ରହିଛି। ସମସ୍ତ ଥାନାରେ ବର୍ଷକୁ ପ୍ରାୟ ଏକ ହଜାରରୁ ଅଧିକ କେସ ରେକର୍ଡ ହେଉଛି। ଦିନକୁ ଦିନ ଦୁର୍ଘଟଣା, ଅପମୃତ୍ୟୁ ମାମଲା ବୃଦ୍ଧି ପାଇ ଚାଲିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରିବାକୁ ୪୦ କି.ମି. ଦୂର ଖୋର୍ଦ୍ଧା ମେଡିକାଲକୁ ପଠାଇଥାଏ। ଫଳରେ ବ୍ୟବଚ୍ଛେଦ ହୋଇ ଆସି ଅନ୍ତିମ ସଂସ୍କାର ହେବା ବେଳକୁ ଦୀର୍ଘ ସମୟ ଅତିକ୍ରାନ୍ତ ହେଉଛି। ତେଣୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦର ବ୍ୟବସ୍ଥା କରାଯିବାକୁ ସାଧାରଣରେ ଦାବି ହେଉଛି। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ୨୬ଟି ପଞ୍ଚାୟତ ଅଧିବାସୀ ଅନୁରୋଧ କରିଛନ୍ତି।

# ବଦଳିବ ଖୋର୍ଦ୍ଧାଗଡ଼ର ରୂପରେଖ

## ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ

ଖୋର୍ଦ୍ଧା,୨୬।୮ (ପ୍ରଭାତ ପାଣିଗ୍ରାହୀ)



ସ୍ଥାନୀୟ ହାବେଳି ପଡ଼ିଆରେ ଗତ ୨୨ ତାରିଖରେ ଆୟୋଜିତ ଜନଶୁଣାଣି ସମାବେଶରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଯୋଗଦେଇ ପାଇକ ଗବେଷଣା ପ୍ରତିଷ୍ଠାନ ଏବଂ ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର, ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ଘୋଷଣା କରିଥିଲେ। ମାସକ ମଧ୍ୟରେ ଏହାର ସବିଶେଷ ରିପୋର୍ଟ ଦାଖଲ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଖୋର୍ଦ୍ଧାଗଡ଼ ପରିଦର୍ଶନ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଉପସ୍ଥିତ ଥିଲେ। ଜିଲାପାଳ ଗଡ଼ର ବାହାର ପାର୍ଶ୍ୱ ସହିତ ନିକଟରେ ନିର୍ମାଣାଧୀନ ମୁକ୍ତାକାଶ ରଙ୍ଗମଞ୍ଚ ଏବଂ କୁଞ୍ଜବିହାରୀ ମଠ ବୁଲିଥିଲେ। ଖୁବ୍‌ଶୀଘ୍ର ଖୋର୍ଦ୍ଧାଗଡ଼ର ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କୁ ରିପୋର୍ଟ ଦାଖଲ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ତେବେ ଦୀର୍ଘ ବର୍ଷ ପରେ ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର ପାଇଁ ସରକାର ଚିନ୍ତନ କରିଥିବାରୁ ବିଭିନ୍ନ ପାଇକ ସଙ୍ଗଠନ, ପାଇକ ପରିବାରଙ୍କ ଦାୟାଦ ଏବଂ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

ଗବେଷକଙ୍କ ମତରେ, ୧୫୬୮ ମସିହାରେ ଗଜପତି ମୁକୁନ୍ଦଦେବଙ୍କ ନିହତ ପରେ ରାଜ୍ୟରେ ଅରାଜକତା ଦେଖାଯାଇଥିଲା। କଳାପାହାଡ଼ ଉତ୍କଳରେ ଧ୍ୱଂସ ତାଣ୍ଡବ ରଚିବା ଆରମ୍ଭ କରିଥିଲା। ଅନେକ ମଠ, ମନ୍ଦିର ଧ୍ୱଂସ ପାଇଲା। ରମେଇ ରାଉତରାୟ ବରୁଣେଇ ପାଦଦେଶରେ ଜଗନ୍ନାଥପୁର-କଟକ ନାମରେ ୧୫୬୮ରେ ଏକ ନୂତନ ଗଡ଼ ନିର୍ମାଣ କରିଥିଲେ। ରମେଇ ରାଉତରାୟ ଗଜପତି ରାମଚନ୍ଦ୍ର ଦେବ ଭାବେ ପରିଚିତ ହେଲେ। ଗଡ଼ର ପୂର୍ବ ଦିଗରେ ଥିବା ବର୍ତ୍ତମାନର ବଡ଼ତୋଟା ହାଇସ୍କୁଲ ରାଜାଙ୍କର ଅଶ୍ୱାଗାର ବୋଲି ଅନୁମାନ କରାଯାଉଥିବା ଐତିହାସିକମାନେ କୁହନ୍ତି। ଗଡ଼ ମଧ୍ୟରେ ୧୫ ଏକର ପରିମିତ ସ୍ଥାନରେ ରାଣୀ ପୋଖରୀ ରହିଛି। ଏଥିସହିତ ଗଡ଼ ମଧ୍ୟରେ ହନ୍ତେଶ୍ୱରୀ ମନ୍ଦିର ରହିଥିଲା, ଯାହା ଏବେ ଧ୍ୱଂସାଭିମୁଖୀ ଅବସ୍ଥାରେ ରହିଛି।

ପାଇକ ବିଦ୍ରୋହ ଓଡ଼ିଆ ଜାତିର ସ୍ୱାଭିମାନ। ଏ ମାଟି ପାଇକଙ୍କ ଅସୀମ ବୀରତ୍ୱ ପାଇଁ ଗର୍ବ କରେ। ତେବେ ଏହି ପାଇକଙ୍କ ଏକ୍ତୁଡ଼ିଶାଳ ଖୋର୍ଦ୍ଧାଗଡ଼, ଯାହାକି ଲାଲ୍‌ମାଟିର ଗଡ଼ ବୋଲି କୁହାଯାଏ। ପ୍ରଥମେ ଏହି ମାଟିରୁ ଇଂରେଜ ବିରୋଧରେ ସଶସ୍ତ୍ର ସଂଗ୍ରାମ ଡାକରା ଦିଆଯାଇଥିଲା। ମାଟିର ସୁରକ୍ଷା ପାଇଁ ଅନେକ ପାଇକ ବୀରଙ୍କୁ ଜନ୍ମ ଦେଇଥିବା ଏହି ଗଡ଼ ନଷ୍ଟହେବାକୁ ବସିଛି। ଚାରିଆଡ଼େ ଅନାବନା ଗଛଲତା ମାଡ଼ି ଲୁଚିଗଲାଣି। ସ୍ଥାନୀୟ ଜିଲା ପ୍ରଶାସନର ଅବହେଳା ଏବଂ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏହି ଗଡ଼ର ପୁନରୁଦ୍ଧାର ହୋଇପାରୁ ନ ଥିବା ବୁଦ୍ଧିଜୀବୀ, ଗବେଷକମାନେ କହିଛନ୍ତି। ତେବେ ଏହି ଗଡ଼ର ପୁନରୁଦ୍ଧାର ଲାଗି ୫-ଟି ସଚିବଙ୍କ ଘୋଷଣା ପରେ ଲୋକଙ୍କ ମନରେ ଆଶା ସଞ୍ଚରିଛି।




**ବେଗୁନିଆ:** କ୍ରୀଡ଼ାଙ୍ଗନ ଓ କୌଶଳି ତାଲିମ ଶିବିର ଉଦ୍‌ଯାପନୀ ଦିବସରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅନ୍ୟମାନେ।

## ବିଜ୍ଞାନମେଳାରେ ୨୪ ପ୍ରକଳ୍ପ ପ୍ରଦର୍ଶିତ



ପିଲାମାନଙ୍କ ଦ୍ୱାରା ପ୍ରଦର୍ଶିତ ବିଭିନ୍ନ ବିଜ୍ଞାନ ପ୍ରକଳ୍ପ।

ନିରାକାରପୁର,୨୬।୮ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ଥିବା ଡିଏଭି ପବ୍ଲିକ ସ୍କୁଲରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ମୋଟ୍ ୨୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଟ୍ରାଫିକ ସମସ୍ୟା ମୁକ୍ତି, ଜଳବାୟୁ ପ୍ରଦୂଷଣରୁ ମୁକ୍ତି, ଜୈବିକ ପଦ୍ଧତିରେ ଚାଷ, କମ ଖର୍ଚ୍ଚରେ ବିଦ୍ୟୁତ୍ ବ୍ୟବହାର ଆଦି ପ୍ରକଳ୍ପ ପ୍ରଦର୍ଶନ ହୋଇଥିଲା। ପ୍ରକଳ୍ପ ବୁଲି ଦେଖିବା ପାଇଁ ପିଲାମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରସନ୍ନ କୁମାର ଭୋଳ ପୌରାହିତ୍ୟ କରିଥିବା ବେଳେ ସ୍ଥାନୀୟ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ଅଧ୍ୟାପକ ଲକ୍ଷ୍ମୀଧର ସାହୁ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜସ୍ମିନ ଚମ୍ପତିରାୟ, ସ୍ମୃତିମେଧା ଦାଶ, ସୁଜାତା ମହାପାତ୍ର, ଉମାକାନ୍ତ ହରିଚନ୍ଦନ, ସୁମନ୍ତ କୁମାର ସାମନ୍ତରାୟଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକ ଏବଂ ସ୍କୁଲର କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୬ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ଯୋଗାଣ ସହାୟକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ନିରାକାରପୁର,୨୬।୮ (ମାନସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୀ ବ୍ଲକ ଯୋଗାଣ ସହାୟକ ସଂଘ ସଭାପତି ପ୍ରଶାନ୍ତ ଚନ୍ଦ୍ର ପଟ୍ଟନାୟକଙ୍କ ନେତୃତ୍ୱରେ ଶନିବାର ୬ ଦଫା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟଙ୍କୁ ପ୍ରଦାନ କରାଯାଇଛି। ୨ରୁ ୩ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ରାଜ୍ୟ ଯୋଗାଣ ସହାୟକ ସଂଘ ଆଗାମୀ ଦିନରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି। ଯୋଗାଣ ସହାୟକଙ୍କ ଚାକିରି ସ୍ଥାୟିତ୍ୱ ଓ ମାସିକ ଦରମା ୨୫ ହଜାର ଟଙ୍କାକୁ ବୃଦ୍ଧି, ଯୋଗାଣ ସହାୟକଙ୍କ ନାମରେ ପିଡିଏସ୍ ଲାଇସେନ୍ସ ଦିଆଯାଉ, କାର୍ଯ୍ୟରତ ଯୋଗାଣ ସହାୟକଙ୍କୁ ମୃତ୍ୟୁକାଳୀନ ସହାୟତା ରାଶି ଯୋଗାଣ ବିଭାଗରେ ଅନ୍ତର୍ଭୁକ୍ତ କରାଯାଉ ଓ ପଦବୀ ଆସିଷ୍ଟାଣ୍ଟ ସପ୍ଲାଇ ଇନ୍‌ସ୍ପେକ୍ଟରରେ ନାମିତ କରାଯାଉ, ଇ-ପିଓଏସ୍ ଡେଭିସ୍ ପରିଚାଳନାର ପ୍ରୋତ୍ସାହନ ରାଶି ଯୋଗାଣ ସହାୟକଙ୍କୁ ପ୍ରଦାନ, ମାସିକ ପିଡିଏସ୍ ଆବଣ୍ଟନରେ ୨ପ୍ରତିଶତ ନିଅଣ୍ଟକୁ ଭରଣା କରାଯାଉ ଆଦି ଦାବିରେ ଉଲ୍ଲେଖ ରହିଛି। ସୂଚନାଥାଉ କି, ସରକାରଙ୍କ ନିର୍ଦ୍ଦେଶକ୍ରମେ ୨୦୧୩ ମସିହାରେ ପ୍ରଶାସନର ଅନୁମୋଦନ ଦ୍ୱାରା ୪୨୨୫ ଜଣ ଯୋଗାଣ ସହାୟକ ନିଯୁକ୍ତି ପାଇ ପଞ୍ଚାୟତସ୍ତରରେ ପିଡିଏସ୍ କାର୍ଯ୍ୟ କରିଆସୁଛନ୍ତି। ହେଲେ ଅଦ୍ୟାବଧି କର୍ମଚାରୀଙ୍କୁ ସ୍ୱଳ୍ପ ବେତନ ଦିଆଯାଉଥିଲେ ସୁଦ୍ଧା ସେମାନଙ୍କ ଭବିଷ୍ୟତ ପ୍ରତି ଦୃଷ୍ଟି ଦିଆ ନ ଯିବା ବିଡ଼ମ୍ବନାର ବିଷୟ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## କ୍ରୀଡ଼ାଙ୍ଗନା ଓ କୌଶଳି ତାଲିମ ଶିବିର ଉଦ୍‌ଯାପିତ

ବେଗୁନିଆ,୨୬।୮ (ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମା ସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ତିନିଦିନ ଧରି ଚାଲିଥିବା କ୍ରୀଡାଙ୍ଗନା ଓ କୌଶଳି ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ମୋ ସ୍କୁଲ ଅଭିଯାନ ପକ୍ଷରୁ ଆୟୋଜିତ ଶିବିରରେ ବେଗୁନିଆ ବ୍ଲକ ଶିକ୍ଷାଧିକାରୀ ଭାସ୍କର ଲେଙ୍କା ମୁଖ୍ୟ ଅତିଥି, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶାନ୍ତନୁ କୁମାର ପାଇକରାୟ ଅତିଥିଭାବେ ଉପସ୍ଥିତ ଥିଲେ। ୨୯ଟି ଉଚ୍ଚ ବିଦ୍ୟାଳୟର କ୍ରୀଡା ଓ ବିଜ୍ଞାନ ଶିକ୍ଷକମାନେ ଯୋଗଦେଇ ତାଲିମ ନେଇଥିଲେ। କ୍ରୀଡା ପ୍ରଶିକ୍ଷକଭାବେ ପ୍ରଭାତ ନିଶଙ୍କ, ସୌଦାମିନୀ ବେହେରା ଓ କୁଶ ନାୟକ ପ୍ରଶିକ୍ଷଣ ଦେଇଥିଲେ। ସେହିପରି କୌଶଳି ପ୍ରଶିକ୍ଷକ ବିଷ୍ଣୁ ରଞ୍ଜନ ସେଠୀ ଓ ଅଜିତ କୁମାର ପୁରୀ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଉପରେ ପ୍ରଶିକ୍ଷଣ ଦେଇଥିଲେ।

## ବ୍ୟାଙ୍କ ପରିଚାଳିକାଙ୍କ ପରଲୋକ

ବୋଲଗଡ଼,୨୬।୮ (ଦେବବ୍ରତ ହୋତା)

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ରାଜସୁନାଖଳା ଶାଖା ମ୍ୟାନେଜର ତପସ୍ୱିନୀ ରାଉତରାୟଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୫୩ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ଧରି କ୍ୟାନ୍ସର ରୋଗରେ ପୀଡ଼ିତ ଥିବା ବେଳେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ଦକ୍ଷ ବ୍ୟାଙ୍କ ପରିଚାଳିକା ଭାବେ ପରିଚିତ ଥିଲେ। ଶାଶୂଘର ନୟାଗଡ଼ ଜିଲା ଢୋଲମରାରେ ତାଙ୍କର ମୃତଦେହ ସଂସ୍କାର କରାଯାଇଛି।

## ଟ୍ରେନ୍ ଟିକେଟ ଭଡ଼ା ଅସମାନତାକୁ ନେଇ ଅସନ୍ତୋଷ

ଜଟଣୀ,୨୬।୮ (ରବୀନ୍ଦ୍ର ନାଥ ମହାକୁଡ଼)

ଖୋର୍ଦ୍ଧାରୋଡ ରେଳ ଷ୍ଟେଶନଠାରେ ରେଳ ଉପଭୋକ୍ତା ସମିତି ଓଡ଼ିଶା ପକ୍ଷରୁ ରେଲୱେ ପକ୍ଷରୁ ଉପଭୋକ୍ତା ମାରାଣ ନୀତିକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମିତିର ସଭାପତି ଅର୍ଜୁନ ଚରଣ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତଟ ରେଳପଥ ଯାତ୍ରୀ ଭଡାରେ ରହିଥିବା ଅସମାନତାକୁ ନେଇ ଆଲୋଚନା କରାଯାଇଥିଲା। ସୂଚନା ମୁତାବକ, ଭାରତୀୟ ରେଲୱେ ସେବା ଅଧୀନରେ ରହିଥିବା ଦକ୍ଷିଣ ପୂର୍ବ ରେଲୱେ ଜୋନ(କୋଲକାତା)ରେ ପାସେଞ୍ଜର ଟ୍ରେନ ଭଡା ଗୋଟିଏ ଷ୍ଟେଶନରୁ ଅନ୍ୟ ଷ୍ଟେଶନକୁ ୧୦ ଟଙ୍କା ରହିଥିବା ବେଳେ ସେହି ଟ୍ରେନରେ ଯାତ୍ରୀ ଭଡା ସମାନ ସ୍ଥାନକୁ ପୂର୍ବତଟ ରେଳପଥରେ ୩୦ ଟଙ୍କା ଯାତ୍ରୀଙ୍କଠାରୁ ଟିକେଟ ବାବଦରେ ନିଆଯାଉଛି। ଦକ୍ଷିଣ ପୂର୍ବ ରେଳପଥ ଅଧୀନରେ ରହିଥିବା ବାଲେଶ୍ୱର ଷ୍ଟେଶନରୁ ପୂର୍ବତଟ ରେଳପଥ ଅଧୀନରେ ରହିଥିବା କଟକ ଷ୍ଟେଶନକୁ ଆସିବା ପାଇଁ ରେଲୱେ ପକ୍ଷରୁ ଟିକେଟ ବାବଦରେ ୪୦ ଟଙ୍କା ରହିଥିବା ବେଳେ ସେହି ସମାନ ଟ୍ରେନରେ ଭଦ୍ରକରୁ କଟକ ଆସିଲେ ଟିକେଟ ବାବଦରେ ୬୦ ଟଙ୍କା ଯାତ୍ରୀଙ୍କୁ ଦେବାକୁ ପଡୁଛି। ଯାହାକୁ ନେଇ ସାଧାରଣ ଗରିବ ଏବଂ ଡେଲି ପାସେଞ୍ଜରମାନେ ପୂର୍ବତଟ ରେଳପଥକୁ ଦକ୍ଷିଣ ପୂର୍ବ ରେଳପଥ ଅପେକ୍ଷା ଅଧିକ ଟିକେଟ ଅର୍ଥ ଦେଇ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଥିବା ବେଳେ ଏନେଇ ଯାତ୍ରୀ ଅସନ୍ତୋଷ ପ୍ରକାଶ କରୁଛନ୍ତି। ରେଲୱେ ପ୍ରଶାସନର ଏଭଳି ନୀତିକୁ ସମିତିର ସଦସ୍ୟ ଉଦ୍‌ବେଗ ପ୍ରକାଶ କରିବା ସହିତ ସମସ୍ୟାର ସମାଧାନ ପାଇଁ ଗତ ୧୩ ତାରିଖରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଥିବା ସମିତିର ସଭାପତି ଅର୍ଜୁନ ସୂଚନା ଦେଇଛନ୍ତି। ଏହି ବୈଠକରେ ସମିତି ପକ୍ଷରୁ ପ୍ରଶାନ୍ତ ସ୍ୱାଇଁ, ପ୍ରହ୍ଲାଦ ସ୍ୱାଇଁ, ନୀଳମଣି ମିଶ୍ର, ସତ୍ୟନାରାୟଣ ସାହୁ ଏବଂ ଅଜୟ ପରମାଣିକଙ୍କ ସମେତ ବହୁ ସଦସ୍ୟ ଯୋଗଦେଇଥିଲେ।

## କଂଗ୍ରେସ ସଙ୍ଗଠନ ସୁଦୃଢ଼ ପାଇଁ ଅଣ୍ଟା ଭିଡ଼ିଲେ କର୍ମୀ

ବୋଲଗଡ଼,୨୬।୮ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ କଳଙ୍ଗ ପଞ୍ଚାୟତ କଂଗ୍ରେସ ଦଳର ଏକ କର୍ମୀ ସମ୍ମିଳନୀ ପୂର୍ବରୁ ଏକ ପ୍ରାକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ସଭାପତି ଗଙ୍ଗାଧର ଦାଶ ଅଧ୍ୟକ୍ଷତା କରିଥିଲେ। ଆଗାମୀ ସାଧାରଣ ନିର୍ବାଚନ ପାଇଁ ଦଳକୁ ତୃଣମୂଳସ୍ତରରେ ମଜଭୁତ କରିବାକୁ ହେଲେ ଆଗାମୀ କର୍ମୀ ସମ୍ମିଳନୀରେ ବହୁ ସଂଖ୍ୟାରେ କର୍ମୀମାନେ ଅଂଶଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସନ୍ତୋଷ କୁମାର ପୃଷ୍ଟି, ଆଶୋକ ଛୋଟରାୟ, ବନମାଳି ବେହେରା, ସନ୍ତୋଷ ସ୍ୱାଇଁ, ଗୋବିନ୍ଦ ସ୍ୱାଇଁ, ବିନ ଦାସ, ବସନ୍ତ ରଥ, ହେମନ୍ତ ସ୍ୱାଇଁ, କୈଳାସ ସାହୁ, ସର୍ବେଶ୍ୱର ମୁଦୁଲିଙ୍କ ସେମତ ୩୫ଜଣ କର୍ମୀ ଆଲୋଚନାରେ ଭାଗନେଇଥିଲେ। ହାଡିବନ୍ଧୁ ସାହୁ ଧନ୍ୟବାଦ ଦେଇଥିଲେ।

## 'ଶିକ୍ଷା ହିଁ ପ୍ରଗତିର ମୂଳମନ୍ତ୍ର' ଆଲୋଚନାଚକ୍ର

ଖୋର୍ଦ୍ଧା,୨୬।୮ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଗୋଷ୍ଠୀ ମଣ୍ଡଳ ଶିକ୍ଷା ବିଭାଗ ଆନୁକୂଲ୍ୟରେ ବ୍ଲକର ସମସ୍ତ ୧୩୫ଟି ବିଦ୍ୟାଳୟରେ ଶିକ୍ଷା ହିଁ ପ୍ରଗତିର ମୂଳମନ୍ତ୍ର ଶୀର୍ଷକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଷୟବସ୍ତୁକୁ ଆଧାର କରି ଛାତ୍ରୀଛାତ୍ରଙ୍କୁ କ୍ରିୟାଶୀଳ ଓ ଗୁଣାତ୍ମକ ଶିକ୍ଷାର ମାନବୃଦ୍ଧି ପାଇଁ ପ୍ରତି ଶନିବାର ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ଏହି କ୍ରମରେ ନରଣଗଡ଼ କ୍ଲଷ୍ଟର ରାମଚଣ୍ଡୀ, ଶରଧାପୁର, ଜଗନ୍ନାଥପୁର, ନରଣଗଡ଼, ଧବଳପୁର ପ୍ରାଥମିକ ବିଦ୍ୟାଳୟରେ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଗଣତନ୍ତ୍ରର ସୁରକ୍ଷା, ବିକାଶ ତଥା ଜାତିର ସାମଗ୍ରିକ ଉନ୍ନତି ନିମନ୍ତେ ଶିକ୍ଷା ଅପରିହାର୍ଯ୍ୟ। ଯେଉଁ ଦେଶ ଶିକ୍ଷାକ୍ଷେତ୍ରରେ ଯେତିକି ପ୍ରଗତିଶୀଳ ସେ ଦେଶ ସେତିକି ଉନ୍ନତ ଓ ସମୃଦ୍ଧିଶାଳୀ। ଶିକ୍ଷା ଦ୍ୱାରା ଦେଶର ସାମାଜିକ, ଅର୍ଥନୈତିକ ଦୃଢ଼ତା ସୃଷ୍ଟି ହୁଏ। ଜନମତକୁ ଜାଗ୍ରତ କରିବା ପାଇଁ ଶିକ୍ଷା ହିଁ ପ୍ରଧାନ ମାଧ୍ୟମ ବୋଲି ମତପ୍ରକାଶ ପାଇଥିଲା। ଏଥିରେ ଖୋର୍ଦ୍ଧା ବ୍ଲକର ସମସ୍ତ ଆଞ୍ଚଳିକ ସାଧନ ସଂଯୋଜକ ନିଜ କ୍ଲଷ୍ଟରରେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ କ୍ରିୟାଶୀଳ କରିଥିଲେ।

## ରାସ୍ତାରେ ମଇଳା ପାଣି, ଲୋକେ ହଇରାଣ

ଜଟଣୀ,୨୬।୮ (ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନମ୍ବର ୮ ଗୋପବନ୍ଧୁ ଆଦର୍ଶ କଲୋନୀର ଜନସାଧାରଣଙ୍କ ଘରୁ ବାହାରୁଥିବା ମଇଳା ପାଣି ରାସ୍ତାରେ ଜମୁଥିବା ଦେଖିବାକୁ ମିଳିଛି। ଏହି କଲୋନୀରେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ତେବେ କଲୋନୀରେ ଡ୍ରେନ୍ ବ୍ୟବସ୍ଥା ନ ଥିବାରୁ ଲୋକଙ୍କ ଘରୁ ବାହାରୁଥିବା ପ୍ରତିଦିନ ମଇଳା ପାଣି ସ୍ଥାନୀୟ ବାଳିକା ସ୍କୁଲ ରାସ୍ତା ଦେଇ ଉକ୍ତ ୱାର୍ଡର ତଳିଆ ଅଞ୍ଚଳକୁ ଯାଉଛି। ଏପରିକି ପୌର ପରିଷଦ ପକ୍ଷରୁ ରାସ୍ତାପାର୍ଶ୍ୱରେ ନିର୍ମିତ ମୁକ୍ତାକାଶ ବ୍ୟାୟାମଶାଳାକୁ ସ୍ଥାନୀୟ ଲୋକେ ଯାଇପାରୁନଥିବା ଏବଂ ସ୍ୱର୍ଗତ ବନମାଳୀ ଶତପଥୀଙ୍କ ପ୍ରତିମୂର୍ତ୍ତି ଚତୁପାର୍ଶ୍ୱରେ ମଇଳା ପାଣି ଜମି ରହୁଥିବା ସାଧାରଣରେ ଅଭିଯୋଗ ହେଉଛି। ରାସ୍ତାରେ ମଇଳା ପାଣି ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଫଳରେ ଉକ୍ତ ରାସ୍ତାରେ ଯାତାୟାତ କରିଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।



ରାସ୍ତାରେ ଜମି ରହିଥିବା ମଇଳା ପାଣି।

## 'ବାଣପୁର ଥିଲା ଶ୍ରୀଜଗନ୍ନାଥଙ୍କ ନିରାପଦ ଲୀଳାସ୍ଥଳ'

ଖୋର୍ଦ୍ଧା,୨୬।୮ (ପ୍ରଭାତ ପାଣିଗ୍ରାହୀ)



ଅତିଥିମାନେ ବାଣପୁର ଦର୍ପଣ ସୂଚନା ପତ୍ରିକା ଲୋକାର୍ପଣ କରୁଛନ୍ତି।

ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ପୁରୀ ଓ ଭାଷା ସୁରକ୍ଷା ସମ୍ମିଳନୀ ଚିଲିକା ମିଳିତ ଆନୁକୂଲ୍ୟରେ ସାହସପୁରଠାରେ ଶ୍ରୀଜଗନ୍ନାଥଙ୍କ ଗୁପ୍ତ ଲୀଳାକ୍ଷେତ୍ର ନୀଳାଦ୍ରି ପ୍ରସାଦ ଓ ସାହସପୁର ଦଧିବାମନ ମନ୍ଦିର ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପାରିକୁଦ କୃଷ୍ଣପ୍ରସାଦଗଡ଼ର ରାଜା ସନ୍ତୋଷ ମୋହନ ମାନସିଂ ହରିଚନ୍ଦନ ମର୍ଦ୍ଦରାଜ ଭ୍ରମରବର ଦେବ ଉଦ୍‌ଘାଟନ କରି କହିଥିଲେ, ଶ୍ରୀଜଗନ୍ନାଥଙ୍କ ସୁରକ୍ଷାରେ ପ୍ରାଚୀନ ବଙ୍କାଡ଼ଗଡ଼ ରାଜବଂଶ ସହ ବାଣପୁର ବାରଗଡ଼ ଯଥା ଅରାଙ୍ଗ, ଭାଟପଡା, ଛତ୍ରଗଡ଼, ଚମ୍ପାଗଡ଼, ପଞ୍ଚୁପଲ୍ଲୀ ଓ କୁହୁଡି ଆଦି ଗଡର ପାଇକମାନେ ଅହମେଦ ବେଗଙ୍କୁ ମଙ୍ଗଳାଯୋଡ଼ିଠାରେ ପରାସ୍ତ କରିବା ପାଇଁ ପୁରୀ ଗଜପତି ରାଜା ନରସିଂହ ଦେବଙ୍କୁ ସାହାର୍ଯ୍ୟ କରିଥିଲେ। ସମ୍ମାନିତ ବକ୍ତାଭାବେ ଗବେଷକ ମଦନ ମୋହନ ମହାପାତ୍ର, ଡ.ଚନ୍ଦ୍ରଶେଖର ଦାଶ, ଅଧ୍ୟାପକ ସର୍ବେଶ୍ୱର ଷଡ଼ଙ୍ଗୀ, ଡ.ବଳରାମ ଦାଶ, ସ୍ତମ୍ଭକାର ଗୁରୁଚରଣ ଦାସ, ଗବେଷକ ସୁରେଶ କୁମାର ପଟ୍ଟନାୟକ ଓ ସାହିତ୍ୟିକ ରଙ୍କନାଥ ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ । ମୋଗଲ ଆଫଗାନ ଶାସନ ସମୟରେ ଶ୍ରୀଜଗନ୍ନାଥ ସଂସ୍କୃତିକୁ ଧ୍ୱଂସ ପାଇଁ ମୋଗଲ ସୁବେଦାରମାନେ ଶ୍ରୀମନ୍ଦିରକୁ ବାରମ୍ବାର ଆକ୍ରମଣ କରିଛନ୍ତି । ଖ୍ରୀଷ୍ଟାବ୍ଦ ୧୬୦୭ରୁ ୧୭୩୩ ମଧ୍ୟରେ ମାଦଳାପାଞ୍ଜି ପ୍ରମାଣ ଆଧାରରେ ବାଣପୁରର ଅନ୍ଧାର ମହିମ, ଗବପଦର, ବଡ଼ ହନ୍ତୁଆଡ଼ ନୀଳାଦ୍ରି ପ୍ରସାଦ, ବଙ୍କାଡଗଡ, ସାହସପୁର ଓ ଦିବ୍ୟସିଂହପୁର ଆଦି ସ୍ଥାନରେ ମହାପ୍ରଭୁଙ୍କୁ ଗୋପନରେ ରଖାଯାଇଥିଲା । ସାହସପୁର ଦଧିବାମନ ମନ୍ଦିରରେ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନଙ୍କ ସହ ଦଧିବାମନ ମୂର୍ତ୍ତି ରହିଛନ୍ତି । ଏହି ଦଧିବାମନଙ୍କୁ ବଙ୍କାଡ଼ ଗଡ଼ର ଗମ୍ଭୀରା ଦିଅଁ କୁହାଯାଏ ବୋଲି ଅତିଥିମାନେ କହିଥିଲେ। ଟ୍ରଷ୍ଟର ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଏକାଧିକ ଜଗନ୍ନାଥ ସଂସ୍କୃତି ଗବେଷକ ଯୋଗଦେଇଥିଲେ। ଅଧ୍ୟାପକ ଭାରତୀ ଭୂଷଣ ଦାସ ଆଭିମୁଖ୍ୟ ବର୍ଣ୍ଣନା କରିଥିବା ବେଳେ ସାହସପୁର ଟ୍ରଷ୍ଟ ବୋର୍ଡ ସଭାପତି ଅସିତ ବରନ ବଳିୟାରସିଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଗୁପ୍ତ ଲୀଳାକ୍ଷେତ୍ର ବାଣପୁର ଦର୍ପଣ ସୂଚନା ପତ୍ରିକା ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଭାଷା ସୁରକ୍ଷା ସମିଳନୀର ସଭାପତି ରଙ୍କନାଥ ସେଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଡ. ସସ୍ମିତା ମିଶ୍ର, ଇଂ.କେଶବ ଚନ୍ଦ୍ର ପାତ୍ର, ଶେଷଦେବ ମହାରଣା, ଅଧିବକ୍ତା ଭାଗବତ ପ୍ରସାଦ ପଟ୍ଟନାୟକ, ରତିକାନ୍ତ ପ୍ରତିହାରୀ, ରଘୁନାଥ ମହାପାତ୍ର, ସନ୍ଧ୍ୟା ଦେବୀ, ବିଷ୍ଣୁପ୍ରିୟା ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ମା'ଭଗବତୀ କଳା ନିକେତନ କଳାକାରଙ୍କ ଦ୍ୱାରା ଭକ୍ତିସଙ୍ଗୀତ ଏବଂ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଅଶୋକ କୁମାର ମହାନ୍ତି, ତପନ ସେଠି, ପ୍ରଫେସର ଦେବରାଜ ପ୍ରଧାନ, ରଘୁନାଥ ମହାରଣା, ସୋମନାଥ ପ୍ରଧାନ, ସୁଶାନ୍ତ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

କଟକ ସଦର,(ସୁଶାନ୍ତ କୁମାର ଜେନା): ଗଞ୍ଜେଇ ବିକ୍ରି ଅଭିଯୋଗରେ ୪୨ ମୌଜା ପୋଲିସ ଶନିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଝିଙ୍କିରିଆ ଗ୍ରାମର ନିରଞ୍ଜନ ନନ୍ଦ(୫୮)। ତାଙ୍କଠାରୁ ୧ କିଲୋ ୧୫୦ ଗ୍ରାମ୍‌ର ଗଞ୍ଜେଇ ଜବତ କରାଯାଇଛି। ସେ କାଠଯୋଡ଼ି ନଦୀବନ୍ଧର ଝିଙ୍କିରିଆ ନିକଟରେ ଏକ ବ୍ୟାଗ୍‌ରେ ଗଞ୍ଜେଇ ନେଇ ଯାଉଥିବାବେଳେ ପୋଲିସ ହାତରେ ଧରାପଡିଥିଲେ। ଏ ନେଇ ଥାନାରେ ଏକ ମାମଲା(୨୮୯/୨୩) ରୁଜୁ ହୋଇଛି।

**ସଂକ୍ଷେପରେ**

## ସ୍ୱାମୀ, ଶ୍ୱଶୁର, ନଣନ୍ଦ ଗିରଫ

**ମହିଳାଙ୍କୁ ହତ୍ୟା ଅଭିଯୋଗ**

କଟକ,୨୬।୮ (କାର୍ତ୍ତିକ ସାହୁ)

ବାଦାମବାଡି ଥାନା ଅନ୍ତର୍ଗତ ଶଙ୍କରପୁର ଉପର ମଙ୍ଗଳା ସାହିରେ ସୋନାଲିକା ଦାସ ନାମ୍ନୀ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ହେଲେ ଅଧିକ ଯୌତୁକ ଦାବି କରି ଶାଶୁଘର ଲୋକେ ତାଙ୍କୁ ହତ୍ୟା କରିଥିବା ନେଇ ତାଙ୍କ ଭାଇ ସୌମ୍ୟରଞ୍ଜନ ଦାସ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୋଲିସ ସୋନାଲିକାଙ୍କ ସ୍ୱାମୀ ଗୌରାଙ୍ଗ ବେହେରା, ଶ୍ୱଶୁର ଗୁମଣି ବେହେରା (୭୩) ଓ ନଣନ୍ଦ ଚିନୁ ବେହେରା(୩୫)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, କଟକ ସଦର ଥାନା ଅନ୍ତର୍ଗତ ମୁକାମେଶ୍ୱରର ସୋନାଲିକାଙ୍କୁ ୨୦୨୧ ଡିସେମ୍ବର ୧୧ରେ ଗୌରାଙ୍ଗ ବିବାହ କରିଥିଲେ। ତାଙ୍କ ଦେଢବର୍ଷର ଗୋଟିଏ ଝିଅ ରହିଛି। ସୋନାଲିକା ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ଶ୍ୱଶୁରଘର ଲୋକ କହୁଛନ୍ତି। ଅପରପକ୍ଷରେ ସୋନାଲିକାଙ୍କୁ ବାପଘରୁ ଅର୍ଥ ଆଣିବାକୁ ତାଙ୍କ ଶ୍ୱଶୁରଘର ଲୋକ ବାରମ୍ବାର ଚାପ ପକାଇ ନିର୍ଯାତନା ଦେଉଥିଲେ। ପରେ ତାଙ୍କ ମୁହଁକୁ ତକିଆରେ ଚାପି ହତ୍ୟା କରାଯାଇଛି। ଏହାପରେ ତାଙ୍କୁ ଝୁଲାଇ ଦେଇ ଶ୍ୱଶୁରଘର ଲୋକ ଆତ୍ମହତ୍ୟା ରୂପ ଦେଇଥିବା ସୌମ୍ୟରଞ୍ଜନ ଏତଲାରେ ଦର୍ଶାଇଛନ୍ତି। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଛି। ସୋନାଲିକାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ‘ଶିଶୁଙ୍କ ସହ ତଦନ୍ତକାରୀ ସଂସ୍ଥା ଆଲୋଚନା କରନ୍ତୁ’



ଜୁଡିସିଆଲ ଏକାଡେମୀଠାରେ ଆୟୋଜିତ କର୍ମଶାଳାରେ ଉପସ୍ଥିତ ଅତିଥିବୃନ୍ଦ।

**ଶିଶୁ ଯତ୍ନ-ସୁରକ୍ଷା ଶୀର୍ଷକ ରାଜ୍ୟସ୍ତରୀୟ କର୍ମଶାଳା**

କଟକ,୨୬।୮ (କାର୍ତ୍ତିକ ସାହୁ)

ଜୁଭେନାଇଲ୍ ଜଷ୍ଟିସ(ଯତ୍ନ ଓ ସୁରକ୍ଷା) ଆକ୍ଟ ୨୦୧୫ ପ୍ରୟୋଗର ସମ୍ଭାବ୍ୟ ଦିଗଗୁଡ଼ିକ ସମ୍ପର୍କିତ ଏକ ଦିନିକିଆ ରାଜ୍ୟସ୍ତରୀୟ କର୍ମଶାଳା କଟକସ୍ଥିତ ଜୁଡିସିଆଲ ଏକାଡେମୀଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମହିଳା ଓ ଶିଶୁବିକାଶ ବିଭାଗ ଏବଂ ୟୁନିସେଫ୍ ପକ୍ଷରୁ ଓଡ଼ିଶା ହାଇକୋର୍ଟ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମକୁ ହାଇକୋର୍ଟ ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର ଭର୍ଚୁଆଲରେ ଉଦ୍‌ଘାଟନକରି ଶିଶୁ ଯତ୍ନ ଓ ଶିଶୁଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଆଇନରେ ରହିଥିବା ଅସଙ୍ଗତି ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଶୁଙ୍କ ସମ୍ପୃକ୍ତି ଥିବା କେସ୍‌ରେ ତଦନ୍ତକାରୀ ସଂସ୍ଥାଗୁଡ଼ିକ ଶିଶୁମାନଙ୍କ ସହ ଆଲୋଚନା କରିବା ଉଚିତ। ଶିଶୁଙ୍କ ମାମଲାରେ ବିଚାର ବିଭାଗୀୟ ଅଧିକାରୀ ଓ ଜୁଭେନାଇଲ ଜଷ୍ଟିସ୍ ଲେଜିସଲେଚର ଅତ୍ୟନ୍ତ ସମ୍ବେଦନଶୀଳ ହୋଇ କାର୍ଯ୍ୟ କରିବା ଦରକାର। ଏପରି କି ଘରୋଇ ପରିବେଶରେ ଶିଶୁମାନଙ୍କୁ ପଚରାଉଚରା କରିବା ଆବଶ୍ୟକ ବୋଲି ମୁଖ୍ୟ ବିଚାରପତି ଗୁରୁତ୍ୱାରୋପ କରିଥିଲେ।

ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ କେଶବ କୁମାର ଆଇନ୍‌ରେ ଶିଶୁଙ୍କ ପ୍ରତି ରହିଥିବା ଅସଙ୍ଗତି ସମ୍ପର୍କରେ କହିଥିଲେ। ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଚେୟାରପର୍ସନ ମନ୍ଦାକିନୀ କର ଜୁଭେନାଇଲ ଜଷ୍ଟିସ ଆଇନ୍ ପ୍ରୟୋଗରେ ଆୟୋଗର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଜୁଭେନାଇଲ୍ ଜଷ୍ଟିସ କମିଟିର ଚେୟାରମ୍ୟାନ୍ ତଥା ବିଚାରପତି ଦେବବ୍ରତ ଦାଶ ସ୍ୱାଗତ ଭାଷଣ ଦେଇ ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା ଦିଗରେ ଉପରୋକ୍ତ ଆଇନ ବହୁ ଭାବେ ସହାୟକ ହେବ ବୋଲି କହିଥିଲେ। ୟୁନିସେଫ୍‌ର ଓଡ଼ିଶା ମୁଖ୍ୟ କ୍ଷେତ୍ର ଅଧିକାରୀ ଉଇଲିୟମ ହାନଲୋନ୍ ପାରମ୍ପରିକ ପଦ୍ଧତିରୁ ବାହାରି ଶିଶୁଯତ୍ନ ଓ ସୁରକ୍ଷା ଦିଗରେ ବିକଳ୍ପ ବ୍ୟବସ୍ଥା କରାଯିବା ଆବଶ୍ୟକ ବୋଲି କହିଥିଲେ। ପୀଡ଼ିତ ଶିଶୁଙ୍କୁ ସହଯୋଗ ଯୋଗାଇଦେବା ଓ ଶିଶୁଯତ୍ନ ଦିଗରେ ୟୁନିସେଫ୍ ବଦ୍ଧପରିକର ବୋଲି ସେ କହିଥିଲେ। ଜୁଭେନାଇଲ ଜଷ୍ଟିସ କମିଟି ସଦସ୍ୟ ତଥା ବିଚାରପତି ସଙ୍ଗମ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

ବିଭିନ୍ନ ପର୍ଯ୍ୟାୟରେ ଜୁଭେନାଇଲ ଜଷ୍ଟିସ କମିଟି ସଦସ୍ୟ ତଥା ବିଚାରପତି ସାବିତ୍ରୀ ରଥ, ବିଚାରପତି ମୁରାହରି ଶ୍ରୀ ରମଣ, ବିଚାରପତି ସଙ୍ଗମ କୁମାର ସାହୁ, ଶିଶୁ ସୁରକ୍ଷା ବିଶେଷଜ୍ଞ ମାନ୍ନା ବିଶ୍ୱାସ, ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀର ସ୍ୟାନି ଏସ୍, ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା, କାଉନ୍‌ସେଲ୍ ଟୁ ସିକ୍ୟୁର ଜଷ୍ଟିସ ନିର୍ଦ୍ଦେଶକ ନିମିଶା ଶ୍ରୀବାସ୍ତବ, ସିଆଇଡି ଆଇଜି ଶେଫିନ୍ ଅହମେଦ କେ, ଡ. କଳ୍ପନା ପୁରୁଷୋତ୍ତମାନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଠକେଇ ଅଭିଯୋଗରେ ୨ ଗିରଫ

କଟକ ସଦର,୨୬।୮ (ସୁଶାନ୍ତ କୁମାର ଜେନା)

ବିଭିନ୍ନ ଅର୍ଥ ଲଗାଣକାରୀ ସଂସ୍ଥାରୁ ଋଣ କରାଇ ଦେବା ପ୍ରତିଶ୍ରୁତି ଦେଇ ଲକ୍ଷାଧିକ ଟଙ୍କା ଲୋକଙ୍କଠାରୁ ଠକିନେବା ଅଭିଯୋଗରେ କିଶନନଗର ପୋଲିସ ଶନିବାର ୨ ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ କୋଟୁଆଁ ଗ୍ରାମର ରାଜୀବ ଲୋଚନ ପଣ୍ଡା(୪୨), ବିଡ଼ିଡି ଥାନା ଅନ୍ତର୍ଗତ ବାଲିଆ ଛକର ଜଗନ୍ନାଥ ସାହୁ(୪୮)। ବିଭିନ୍ନ ଅର୍ଥ ଲଗାଣକାରୀ ସଂସ୍ଥାରୁ ଋଣ କରାଇ ଏଲ୍‌ସିଡି, ଟ୍ରାକ୍ଟର, ଫ୍ରିଜ୍ ଆଦି ସାମଗ୍ରୀ ସୁଲଭ ଦରରେ କିଣାଇ ଦେବାର ପ୍ରତିଶ୍ରୁତି ଦେଇ ଲୋକଙ୍କଠାରୁ ଆଧାର କାର୍ଡ, ପାନ୍ କାର୍ଡ ଓ ବ୍ୟାଙ୍କ ଜମା ଖାତାର ଜେରକ୍ସ କପି ରାଜୀବ ସଂଗ୍ରହ କରୁଥିଲେ। ପରେ ଋଣଟଙ୍କାରେ ଜିନିଷ କିଣି ଆଉ ସମ୍ପୃକ୍ତ ଲୋକଙ୍କୁ ଦେଉ ନ ଥିଲେ। ପରବର୍ତ୍ତୀ ସମୟରେ ବାଲିଆ ଛକରେ ଥିବା ଏକ ବୈଦ୍ୟୁତିକ ଦୋକାନୀରେ ବିକ୍ରି ପାଇଁ ଦେଇଥିଲେ। ଦୋକାନ ମାଲିକ ଜଗନ୍ନାଥ ଏହାକୁ ସୁଲଭ ଦରରେ ଅନ୍ୟମାନଙ୍କୁ ବିକ୍ରି କରି ରାଜୀବଙ୍କୁ ଟଙ୍କା ଦେଉଥିଲେ। କିସ୍ତି ଖିଲାପ ହେବାରୁ ସମ୍ପୃକ୍ତ ଅର୍ଥ ଲଗାଣକାରୀ ସଂସ୍ଥାର କଲେକ୍ସନ ଏଜେଣ୍ଟ ପ୍ରକୃତ ଋଣ କରିଥିବା ଲୋକଙ୍କ ଘରକୁ ଆସି କିସ୍ତି ଟଙ୍କା ମାଗୁଥିଲେ। ଏହାପରେ ଚଞ୍ଚକତା କରି ସେମାନଙ୍କ ନାମରେ ଋଣ କରାଯାଇଥିବା ଜଣାପଡିଥିଲା। ଫେବୃୟାରୀ ୨୩ରେ କିଶନ ନଗର ଥାନା ଅନ୍ତର୍ଗତ ନାନପୁର ଗ୍ରାମର ସୁଶାନ୍ତ ରାଉତଙ୍କ ସମେତ ଅନ୍ୟ ୧୦ ଜଣ ସ୍ଥାନୀୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୫/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହାପରଠାରୁ ମୁଖ୍ୟ ଅଭିଯୁକ୍ତ ରାଜୀବ ଫେରାର ହୋଇଯାଇଥିଲେ। କୌଣସି ସୂତ୍ରରୁ ଖବରପାଇ ଶୁକ୍ରବାର ରାତିରେ ଯାଜପୁର ଜିଲା କୁଆଖିଆ ଅଞ୍ଚଳରୁ ରାଜୀବଙ୍କୁ ଗିରଫ କରାଯାଇଥିଲା। ସେହିପରି ଶନିବାର ଅନ୍ୟତମ ସହଯୋଗୀ ଜଗନ୍ନାଥଙ୍କୁ ଗିରଫ କରାଯାଇଥିଲା। ଗତ ୫ ବର୍ଷ ଧରି ଏଭଳି ଠକେଇ ଚାଲିଥିବା ପୋଲିସ ସୂତ୍ରରୁ ଜଣାପଡିଛି।

# ଜବରଦସ୍ତ ଚାନ୍ଦା ଆଦାୟକଲେ କାର୍ଯ୍ୟାନୁଷ୍ଠାନ


ଗଣେଶପୂଜା ପ୍ରସ୍ତୁତି ବୈଠକରେ ପୋଲିସ ଅଧିକାରୀ ଓ ଅନ୍ୟମାନେ।

**ଗଣେଶପୂଜା ପ୍ରସ୍ତୁତି ବୈଠକ**

ମଙ୍ଗୁଳି-ଜଗତପୁର,୨୬।୮ (ମାନସ ସାମଲ)

ଜଗତ୍‌ପୁର ଥାନା ପରିସରରେ ଗଣେଶ ପୂଜା ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜଗତ୍‌ପୁର ଥାନା ଅଧିକାରୀ ରବୀନ୍ଦ୍ର ନାଥ ମେହେରଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ କଟକ ଅତିରିକ୍ତ ଡିସିପି ଅନିଲ କୁମାର ମିଶ୍ର ଓ ଜୋନ୍-୧ ଏସିପି ଅରୁଣ କୁମାର ସ୍ୱାଇଁ ଯୋଗଦେଇ ୬୪ଟି ପୂଜା କମିଟିର ସଭାପତି ଓ ସମ୍ପାଦକଙ୍କ ସହ ପୂଜା ସମୟରେ ହେଉଥିବା ଅସୁବିଧା ସମ୍ପର୍କ ଆଲୋଚନା କରିଥିଲେ। ପ୍ରତି ପୂଜା କମିଟି ପୂଜା, ସାଂସ୍କୃତିକ କାର୍ଯ୍ୟକ୍ରମ କିମ୍ବା ଭସାଣି ସମୟରେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ମାଇକ୍ ବଜାଇ ପାରିବ। ସେହିପରି କୌଣସି ବ୍ୟକ୍ତିଙ୍କଠାରୁ ଜୋରଜବରଦସ୍ତ ଚାନ୍ଦା ଆଦାୟ କରିପାରିବେ ନାହିଁ, ଡିଜେ ବଜାଇବେ ନାହିଁ, ମୋଟାମୋଟି ଭାବେ ୬ଟି ବକ୍ସ ବ୍ୟବହାର କରିବେ, ସାଂସ୍କୃତିକ କାର୍ଯ୍ୟକ୍ରମ କିମ୍ବା ଭସାଣି ସମୟରେ ଅଶ୍ଳୀଳ ନୃତ୍ୟ କରିପାରିବେ ନାହିଁ, ଭଲ୍ୟୁଣ୍ଟିୟର୍ସଙ୍କ ପାଇଁ ଆଇକାର୍ଡ ବ୍ୟବସ୍ଥା କରିବାକୁ କୁହାଯାଇଥିଲା। ଯଦି କୌଣସି କମିଟିର ସଦସ୍ୟ କିମ୍ବା ପଦାଧିକାରୀ ଏସବୁ ନିୟମ ଭଙ୍ଗ କରନ୍ତି ତେବେ ସେମାନଙ୍କ ବିରୋଧରେ ପୋଲିସ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଅତିରିକ୍ତ ଡିସିପି, ଜୋନ୍-୧ ଏସିପି ବୈଠକରେ ଉପସ୍ଥିତ ଥିବା ସମସ୍ତ କମିଟିର ସଭାପତି ଓ ସମ୍ପାଦକଙ୍କୁ ଜଣାଇଦେଇଥିଲେ।

# ଦୁର୍ନୀତିମୁକ୍ତ ପଞ୍ଚାୟତ ଦାବିରେ ବିକ୍ଷୋଭ


ଭୋଗରା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

ଖୁଣ୍ଟୁଣୀ, ୨୬।୮ (ସଚ୍ଚିଦାନନ୍ଦ ପଣ୍ଡା)

ପ୍ରତି ପଞ୍ଚାୟତକୁ ଦୁର୍ନୀତି ଓ ଭ୍ରଷ୍ଟାଚାର ମୁକ୍ତ କରିବା ଦାବିରେ ଶନିବାର ଭାଜପା ଖୁଣ୍ଟୁଣୀ ମଣ୍ଡଳ ପକ୍ଷରୁ ଭୋଗରା ଓ ତାଳଭାଗ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମଣ୍ଡଳ ସଭାପତି ଉମେଶ ଚନ୍ଦ୍ର ସାମଲଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଠଗଡ଼ ଭାଜପା ନେତା ବ୍ରଜେନ୍ଦ୍ର ରାୟ ମୁଖ୍ୟ ଅତିଥି, କଟକ ଜିଲା ସାଧାରଣ ସମ୍ପାଦକ ତଥା ଆଡ୍‌ଭୋକେଟ୍ ରାମନାରାୟଣ ମହାନ୍ତି ମୁଖ୍ୟ ବକ୍ତା, ଜିଲା ଉପସଭାପତି ବିଚିତ୍ରାନନ୍ଦ ଜେନା, ସମ୍ପାଦକ ହେମ ମଞ୍ଜରୀ ଭଞ୍ଜଦେଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପଞ୍ଚାୟତଗୁଡିକୁ ଦୁର୍ନୀତି ଓ ଭ୍ରଷ୍ଟାଚାର ମୁକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ କାର୍ଯ୍ୟକାରୀ କରିବାକୁ ଶପଥ ନେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ରାୟ କହିଥିଲେ, ପଞ୍ଚାୟତକୁ ଆସୁଥିବା ୫୦ ଲକ୍ଷ ଟଙ୍କା ପଲ୍ଲିସଭା ନିଷ୍ପତ୍ତି ଅନୁଯାୟୀ ଖର୍ଚ୍ଚ କରାଯାଉ। ଏଥିସହ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଓ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ପାଇଁ ସେ ଦାବି କରିଥିଲେ। ଯଦି ଏହାକୁ କାର୍ଯ୍ୟକାରୀ ନ କରାଯାଏ ତେବେ ଆଗାମୀ ଦିନରେ ଆନ୍ଦୋଳନ ଜୋର୍‌ଦାର କରାଯିବ ବୋଲି ସେ କହିଥିଲେ। ସେହିପରି ମଣ୍ଡଳ ସଭାପତି ସାମଲ ଓ ସମ୍ପାଦକ ସୁବାସ ମହାନ୍ତି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ଏଥିରେ ପୂର୍ବତନ ଜିଲା ପରିଷଦ ପ୍ରାର୍ଥୀ ସନ୍ତୋଷ ବେହେରା, ସମସରପୁର ମଣ୍ଡଳ ସଭାପତି ତପନ ଲେଙ୍କା, ଘଣ୍ଟିଖାଲ ମଣ୍ଡଳ ସଭାପତି ନିର୍ମଳ କୁମାର, ବାବୁଲି ପୂର୍ତ୍ତି, ଭୀମସେନ ପ୍ରଧାନ, ରମାକାନ୍ତ ସେନାପତି, ମିଥୁନ ମଲ୍ଲିକ, ମହିଳା ସଭାନେତ୍ରୀ ଶାନ୍ତିଲତା ମହାରଣା, ଗୋଲାପ ସାହୁ, ଟିଙ୍କିନା ପରିଡ଼ା, ପରେଶ ସାହୁଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ। ଜ୍ଞାନରଞ୍ଜନ ଜେନା ଓ ସ୍ମୃତିରଞ୍ଜନ ରାଉତ ଧନ୍ୟବାଦ ଦେଇଥିଲେ।

## ଡ୍ରିମ୍‌ସ ପଲିଟେକ୍‌ନିକ୍‌ରେ ଅଭିମୁଖୀକରଣ କାର୍ଯ୍ୟକ୍ରମ

କଟକ,୨୬।୮ (ସୁପ୍ରିୟା ପ୍ରିୟଦର୍ଶିନୀ)

ଡ୍ରିମ୍‌ସ ପଲିଟେକ୍‌ନିକ୍‌ରେ ଚଳିତ ଶିକ୍ଷାବର୍ଷରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ପାଇଁ ଅଭିମୁଖୀକରଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ଇଂ. ପ୍ରଦୀପ୍ତ ରଞ୍ଜନ ମହାନ୍ତିଙ୍କ ମାର୍ଗଦର୍ଶନରେ ଆୟୋଜିତ କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟର ସହକାରୀ ପ୍ରାଧାପିକା ଗୋପାଙ୍ଗନା ଦାସ, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧାପକ ନବୀନ କୁମାର, ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ, ଆର୍‌ଏସ୍‌ବି ଶିଳ୍ପସଂସ୍ଥାର ମ୍ୟାନେଜର (ସେଲ୍ସ) ଦିଲୀପ କୁମାର କାୟସ୍ଥ, କଟକ ସତ୍‌ସଙ୍ଗ ବିହାରର ସହ ପ୍ରତିରିତିକ୍ ଡ. ପବିତ୍ର କୁମାର ମର୍କେପ ଏବଂ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହ କ୍ୟାରିୟର ଡେଭଲପମେଣ୍ଟ ସେଲ୍‌ର ନିର୍ଦ୍ଦେଶକ ରମାକାନ୍ତ କାସ୍ତା ଓ ଜିତେନ୍ଦୁ କୁମାର ଶତପଥୀ ସମ୍ମାନିତ ବକ୍ତା ଭାବରେ ଯୋଗଦେଇଥିଲେ। ଶିକ୍ଷାନୁଷ୍ଠାନର ସମୂହର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ ନିମନ୍ତ୍ରିତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନିର୍ଦ୍ଦେଶକ ଇଂ. ପ୍ରଦୀପ୍ତ ରଞ୍ଜନ ମହାନ୍ତି, ଅଧ୍ୟକ୍ଷା ଇଂ. ତପସ୍ୱିନୀ ସାହୁ, ଉପାଧ୍ୟକ୍ଷ ଇଂ. ରାକେଶ ମହାନ୍ତିଙ୍କ ମାର୍ଗଦର୍ଶନରେ ଆୟୋଜିତ କାର୍ଯ୍ୟକ୍ରମକୁ ଅଧାପକ ପୂର୍ଣ୍ଣଚନ୍ଦ୍ର ସାହୁ ଓ ଅଧାପିକା ମୀନାରାଣୀ ସିଂହ ସଂଯୋଜନା କରିଥିଲେ। ବିଭିନ୍ନ ବିଭାଗର ଅଧାପିକା, ଅଧାପକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


କଟକସ୍ଥିତ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶନିବାର ଅନୁଷ୍ଠିତ ସ୍ୱାସ୍ଥ୍ୟସେବା ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

## କବି ରାଧାମୋହନ ଗଡ଼ନାୟକଙ୍କ ଜୟନ୍ତୀ ପାଳିତ

କଟକ,୨୬।୮ (ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ଲେଖକ ସହଯୋଗ ସମିତି ଆନୁକୂଲ୍ୟରେ କବି ରାଧାମୋହନ ଗଡ଼ନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସମିତି ସଭାପତି ଡା. ରବି ରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ପୂର୍ବତନ ସଭାପତି ତରୁଣ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ପ୍ରଫେସର ବାବାଜୀ ପଟ୍ଟନାୟକ ଓ ମୁଖ୍ୟବକ୍ତା ଭାବେ ଅଧାପକ ସୁନାମଣି ରାଉତ ଯୋଗଦେଇଥିଲେ। ସମ୍ପାଦକ ରଘୁନାଥ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଉପଲକ୍ଷେ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ନରସିଂହ ମହାପାତ୍ର, ସରୋଜିନୀ ମିଶ୍ର, କିଶୋର କୁମାର ସାହୁ କବିତା ସଂଯୋଜନା କରିଥିଲେ। ଏଥିରେ ୩୦ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ.ବସନ୍ତ କୁମାରୀ ନନ୍ଦ, ସୁକାନ୍ତି ମହାନ୍ତି, ବିଦ୍ୟୁତ୍ ଲାଲା, କୋକିଳସ୍ୱରା ପାତ୍ର, ନମିତା ମହାନ୍ତି, ଅରୁଣ ଅଗ୍ରୱାଲ, ଅଶ୍ୱିନୀ ସେଠୀ, ଭୁବନାନନ୍ଦ ମହାନ୍ତି, ଗୋପାଳଚନ୍ଦ୍ର ମିଶ୍ର, ନିବାସ ଚନ୍ଦ୍ର ମିଶ୍ର ଅଂଶଗ୍ରହଣ କରିଥିଲେ। ନରସିଂହ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଯୁବତୀଙ୍କୁ ପ୍ରତାରଣା, ଯୁବକ ଗିରଫ

ଚୌଦ୍ୱାର,୨୬।୮ (ଆଶୁତୋଷ ଦାସ)

ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଓ ପରେ ପ୍ରତାରଣା କରିବା ଅଭିଯୋଗରେ ଚୌଦ୍ୱାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଚୌଦ୍ୱାର ଅଞ୍ଚଳର ଜ୍ୟୋତିରଞ୍ଜନ ମଙ୍ଗରାଜ। ପୋଲିସ ସୂଚନା ଅନୁଯାୟୀ, ୫ବର୍ଷ ତଳେ ଫେସ୍‌ବୁକ୍‌ରେ ଜ୍ୟୋତିରଞ୍ଜନଙ୍କ ସହିତ ସମ୍ପୃକ୍ତା ଯୁବତୀଙ୍କର ପରିଚୟ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ମଝିରେ ମଝିରେ ସେମାନେ ହୋଟେଲରେ ରହି ଅନ୍ତରଙ୍ଗ ମୁହୂର୍ତ୍ତ ବିତାଉଥିଲେ। ଏଥିସହ ସେମାନେ ବିଭିନ୍ନ ସ୍ଥାନକୁ ବୁଲିବା ପାଇଁ ଯାଉଥିଲେ। ଉଭୟଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଜ୍ୟୋତିରଞ୍ଜନ ଉଠାଇ ରଖିଥିଲେ। ପରେ ବିଭିନ୍ନ ସମୟରେ ସେ ତାଙ୍କୁ ବ୍ଲାକ୍ ମେଲ୍ କରିବା ସହିତ ତାଙ୍କଠାରୁ ବାରମ୍ବାର ଅର୍ଥ ଦାବି କରୁଥିଲେ। ଯୁବତୀ ଜଣଙ୍କ ବିବାହ କଥା କହିବାରୁ ଜ୍ୟୋତିରଞ୍ଜନ ଆଡେଇ ଦେଉଥିଲେ। ଏ ନେଇ ଯୁବତୀ ଜଣଙ୍କ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୪୧୬/୨୩) ରୁଜୁ କରିଥିଲା।


କଟକ କଳା ବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ଶନିବାର ଶ୍ରଦ୍ଧାଞ୍ଜଳି କ୍ଲବ ପକ୍ଷରୁ ପରିବେଷିତ ନାଟକ ‘ନିଷ୍ପତ୍ତି’ର ଏକ ଦୃଶ୍ୟ।

# ‘ଦେଶର ହିରୋଙ୍କୁ ସମ୍ମାନ ଦେବା ଉଚିତ୍’

କଟକ,୨୬।୮ (କାର୍ତ୍ତିକ ସାହୁ)



କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହ ଅନ୍ୟ ଅତିଥିବୃନ୍ଦ।

**କ୍ରାନ୍ତିତୀର୍ଥ କାର୍ଯ୍ୟକ୍ରମ ଉଦ୍‌ଯାପିତ**

ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଓ ଅଧ୍ୟୟନ ଅନୁଷ୍ଠାନ ଦ୍ୱାରା ଆୟୋଜିତ କ୍ରାନ୍ତିତୀର୍ଥ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହ ସ୍ଥାନୀୟ ଜେ. ଏନ୍. ଷ୍ଟାଡିୟମ୍‌ଠାରେ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ କହିଥିଲେ, ନିଷ୍ଠା ଓ କଠିନ ପରିଶ୍ରମ ଦ୍ୱାରା ଭାରତୀୟ ବୈଜ୍ଞାନିକମାନେ ବ୍ରହ୍ମାଣ୍ଡରେ ନିଜର ଚିହ୍ନ ଛାଡ଼ିବାରେ ସକ୍ଷମ ହୋଇଛନ୍ତି। ଆମେ କେବଳ ନିଜ ଦେଶର ନୁହେଁ, ବରଂ ଅନ୍ୟ ଦେଶର ହିରୋମାନଙ୍କ କଥା ଆଲୋଚନା କରୁ। ସବୁ ଧର୍ମ ଓ ଦୃଷ୍ଟିକୋଣରୁ ସେମାନଙ୍କୁ ସର୍ବଦା ସମ୍ମାନ ଦେବା ଉଚିତ୍। ପୃଥିବୀକୁ ଆମର ମାଆ ପରି ମନେ କରି ପୂଜା କରୁ। ସେହିପରି ବିପ୍ଳବୀ ନାରୀମାନଙ୍କୁ ଓ ଆମର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଦେଶରକ୍ଷା ନିମନ୍ତେ କରିଥିବା ପ୍ରୟାସ ପାଇଁ ପ୍ରତୀକ ଭାବେ ସମ୍ମାନ ଦେବା ଉଚିତ। ଏଥିସହ ଦେଶପ୍ରେମର ବାର୍ତ୍ତା ପ୍ରଚାର କରିବାକୁ ସେ ଆହ୍ୱାନ ଦେଇଥିଲେ। ପଦ୍ମଶ୍ରୀ ପ୍ରଫେସର ଆଦିତ୍ୟ ପ୍ରସାଦ ଦାଶ ଓ ଅଖିଳ ଭାରତୀୟ ଫୁଟବଲ ମହାସଂଘର ସଭାପତି ତଥା ଭାରତୀୟ ଅଲମ୍ପିକ ଆସୋସିଏଶନ୍‌ର କାର୍ଯ୍ୟକାରୀ ସିଇଓ କଲ୍ୟାଣ ଚୌବେ ଆମର ବୀର ସୈନିକଙ୍କୁ ରିୟଲ ହିରୋ ଭାବେ ଉପସ୍ଥାପିତ କରିଥିଲେ। ଏହି ଅବସରରେ ଓଡ଼ିଶାର ହିରୋମାନଙ୍କ ଉପରେ ଏକ ବିରାଟ ପ୍ରଦର୍ଶନୀ ସହିତ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟୟନ ଅନୁଷ୍ଠାନର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ବସ୍‌ଗୁଡ଼ିକର ରହଣି ପାଇଁ ସର୍ଭେ ଆରମ୍ଭ**

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା): ଖଣ୍ଡଗିରି ବରମୁଣ୍ଡାସ୍ଥିତ ଆନ୍ତଃ ରାଜ୍ୟ ବସ୍ ଟର୍ମିନାଲ (ଆଇଏସ୍‌ବିଟି)ର ନିର୍ମାଣ କାର୍ଯ୍ୟ ଚାଲିଛି। ଏଥିପାଇଁ ଏବେ ରାଜ୍ୟର ବିଭିନ୍ନ ଆଡୁ ଆସୁଥିବା ବସ୍‌ଗୁଡ଼ିକର ରହଣି ଓ ପାର୍କିଂ ପାଇଁ ସର୍ଭେ ଆରମ୍ଭ ହୋଇଛି। ଭୁବନେଶ୍ୱରର ବିଭିନ୍ନ ଛକରେ ଏନେଇ ବସ୍‌ର ଡାଟା ରେକର୍ଡ କରାଯାଇଛି। ଏଥିପାଇଁ କମିଶନରେଟ ପୋଲିସର ନବ ନିଯୁକ୍ତ କନଷ୍ଟେବଲଙ୍କୁ ଛକରେ ନିୟୋଜିତ କରାଯାଇଥିଲା। ଡାଟା ସର୍ଭେ ପରେ ସହରରେ ଉପୁଜିଥିବା ଟ୍ରାଫିକ ସମସ୍ୟା ଦୂର କରାଯିବା ସହ ମନ ଇଚ୍ଛା ରାସ୍ତାରେ ରଖୁଥିବା ଗାଡ଼ି ପାଇଁ ଅଧିକ ଛୋଟ ଛୋଟ ବସ୍ ଷ୍ଟପର ବ୍ୟବସ୍ଥା କରାଯିବ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ମାରୱାଡି ଯୁବା ମଞ୍ଚ ପକ୍ଷରୁ ସାଇକ୍ଲୋଥନ୍, ରାମମନ୍ଦିର, ସକାଳ ୬ଟା ୩୦।
- ସୁଇଟ୍‌ଅନ୍ ଫାଉଣ୍ଡେଶନ ପକ୍ଷରୁ ସାଇକେଲ ଇଭେଣ୍ଟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବ୍ରହ୍ମେଶ୍ୱର କଲୋନୀ, ସକାଳ ୭ଟା।
- ୧୪ତମ ଜାତୀୟ ଥାଇବକ୍ସିଂ ଚାମ୍ପିୟନଶିପ, ରାଜ୍ୟ ଜବାହର ବାଲ୍ ଭବନ, ପୋଖରୀପୁଟ, ସକାଳ ୮ଟା।
- ବିଶ୍ୱ ପାକଶାଳା ଦିବସ, ଷ୍ଟେଟ୍ କ୍ୱାଲିଟି କଣ୍ଟ୍ରୋଲ ଲାବରେଟୋରି, ମହର୍ଷି କଲେଜ ରୋଡ଼, ଶହୀଦ ନଗର, ସକାଳ ୯ଟା।
- ସପ୍ତକ ଫାଉଣ୍ଡେଶନ ପକ୍ଷରୁ ଶ୍ରୀ ଦେବରାଜ ସାମନ୍ତରାୟଙ୍କ ୮୫ତମ ଜନ୍ମୋତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ସ୍କିମ ୱାର୍କର୍ସଙ୍କ ପ୍ରଥମ ରାଜ୍ୟ ସମ୍ମିଳନୀ, ନାଗଭୂଷଣ ଭବନ, ଅଶୋକ ନଗର, ପୂର୍ବାହ୍ନ ୧୧ଟା।
- 'ମୋ ପୂଜାରି ଡଟ୍‌କମ୍' ୱେବସାଇଟ୍ ଉଦ୍‌ଘାଟନୀ, ଗିରିଦୁର୍ଗା ମନ୍ଦିର, ଖାରବେଳ ନଗର, ମଧ୍ୟାହ୍ନ ୧୨ଟା ୧୫।
- ଉତ୍କଳ ବିପନ୍ନ ସହାୟତା ସମିତି ପକ୍ଷରୁ ୱାର୍କଶପ, ସମିତି ପରିସର, ମଞ୍ଚେଶ୍ୱର, ଅପରାହ୍ନ ୩ଟା ୧୫।
- ଚିନ୍ତା ଓ ଚେତନା ପକ୍ଷରୁ ୪୬ତମ ବର୍ଷା ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ଶ୍ୱେତ ସଂକେତର ଶ୍ରାବଣ ସାହିତ୍ୟ ଆସର, ରାଜଧାନୀ କଳାସଂସଦ, ସନ୍ଧ୍ୟା ୬ଟା।

# କ୍ୟାପିଟାଲ ହସ୍ପିଟାଲରେ ଖାଦ୍ୟ ବିଶେଷଜ୍ଞ ପଦବୀ ଖାଲି

**ଆସନ୍ତା ମାସରେ ସରୁଛି ସଂସ୍ଥାର ଅବଧି**




ଭୁବନେଶ୍ୱର,୨୬।୮(ଅଭିଜିତ ଦାସ)

ରାଜ୍ୟର ଅନ୍ୟତମ ପ୍ରମୁଖ ଚିକିତ୍ସାଳୟ କ୍ୟାପିଟାଲ ହସ୍ପିଟାଲରେ ଉନ୍ନତମାନର ଚିକିତ୍ସା ସେବା ଯୋଗାଇଦେବା ଲାଗି ରାଜ୍ୟ ସରକାର ପ୍ରୟାସ ଜାରି ରଖିଛନ୍ତି। ଇତି ମଧ୍ୟରେ ମେଡିକାଲ କଲେଜ ଖୋଲାଯିବା ସହ ହସ୍ପିଟାଲର ରୂପରେଖ ବଦଳୁଛି। ହେଲେ ବହୁ ବିଭାଗରେ ଡାକ୍ତର ପଦବୀ ଖାଲି ପଡିଥିବାରୁ ରୋଗୀ ସେବା ପ୍ରଭାବିତ ହେଉଛି। ସେହିଭଳି ଦୁଇବର୍ଷ ହେବ ଏଠାରେ କୌଣସି ଖାଦ୍ୟ ବିଶେଷଜ୍ଞ ନାହାନ୍ତି। ହସ୍ପିଟାଲରେ ରୋଗୀଙ୍କ ସଂଖ୍ୟାକୁ ଦେଖିଲେ ଅତି କମ୍‌ରେ ୩ଜଣ ଖାଦ୍ୟ ବିଶେଷଜ୍ଞଙ୍କ ଆବଶ୍ୟକତା ରହିଥିଲେ ମଧ୍ୟ କେହି ନ ଥିବାରୁ ରୋଗୀଙ୍କୁ ଦିଆଯାଉଥିବା ଖାଦ୍ୟର ମାନ କ'ଣ ତାହା ସ୍ପଷ୍ଟ ହେଉନି। ଅନ୍ୟପକ୍ଷରେ ଗତ ଦୁଇବର୍ଷ ହେବ କ୍ୟାପିଟାଲ ହସ୍ପିଟାଲରେ ଖାଦ୍ୟ ଯୋଗାଣ ଦାୟିତ୍ୱ ନେଇଥିବା ଏନ୍‌ଆଇପିଏସ୍ ସଂସ୍ଥାର ଅବଧି ଆସନ୍ତା ମାସରେ ଶେଷ ହେଉଛି। ନିକଟରେ ରାଜ୍ୟ ସରକାର ଚିକିତ୍ସାଳୟରେ ଚିକିତ୍ସାଧୀନ ରୋଗୀଙ୍କୁ ଦୈନିକ ଦିଆଯାଉଥିବା ଖାଦ୍ୟର ଦର ୩୦ ପ୍ରତିଶତ ବୃଦ୍ଧି କରିଛନ୍ତି। ଉତ୍ତମ ଓ ପୁଷ୍ଟିକର ଖାଦ୍ୟ ଉପରେ ସରକାର ଗୁରୁତ୍ୱ ଦେଉଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରୋଗୀଙ୍କ ଖାଦ୍ୟର ମାନ ଯାଞ୍ଚକୁ ଗୁରୁତ୍ୱ ଦିଆଯାଉନାହିଁ। କ୍ୟାପିଟାଲ ହସ୍ପିଟାଲରେ ଖାଦ୍ୟ ବିଶେଷଜ୍ଞ ପଦ ଖାଲି ପଡିଥିବାବେଳେ ନୂଆ ନିଯୁକ୍ତିରେ ଅହେତୁକ ବିଳମ୍ବ ହୋଇଛି। ଏପର୍ଯ୍ୟନ୍ତ ୮ରୁ ଅଧିକ ଲୋକ ଉକ୍ତ ପଦବୀ ପାଇଁ ଆବେଦନ କରିଥିବାବେଳେ କର୍ତ୍ତୃପକ୍ଷ ଆବେଦନକାରୀଙ୍କ ଦରଖାସ୍ତ ବିଭାଗକୁ ପଠାଇଥିବା ଜଣାପଡ଼ିଛି। ହେଲେ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଉନାହିଁ। କ୍ୟାପିଟାଲ ହସ୍ପିଟାଲ ପିଜିଆଇଏମଇଆର୍ ପରିଣତ ହେବା ପରେ ଦୈନିକ ରୋଗୀ ସଂଖ୍ୟା ୫ ହଜାର ଛୁଇଁଲାଣି। ଏହାସହିତ ଭେଷଜରୁ ଆରମ୍ଭ କରି ଅସ୍ଥିଶଲ୍ୟ ବିଭାଗ ଏବଂ ହୃଦ ବିଭାଗରୁ ନେଇ କର୍କଟ ଆଦି ୧୮ଟି ବିଭାଗରେ ପ୍ରାୟ ୬୦୦ରୁ ଅଧିକ ଶଯ୍ୟା ରହିଛି। ଏହାବାଦ ବି ଅନେକ ରୋଗୀଙ୍କୁ ଅତିରିକ୍ତ ଶଯ୍ୟା ଯୋଗାଇ ଦିଆଯାଉଛି। ଏହି ସବୁ ରୋଗୀ ଦୈନିକ ସକାଳ, ମଧ୍ୟାହ୍ନ ଓ ରାତ୍ରିଭୋଜନ ଗ୍ରହଣ କରୁଛନ୍ତି, ମାତ୍ର ତାହାର ମାନ ଯାଞ୍ଚ କରିବାକୁ ଅଧିକାରୀ ନାହାନ୍ତି। ବିନା ବିଶେଷଜ୍ଞଙ୍କ ଯାଞ୍ଚରେ ୬୦୦ରୁ ଅଧିକ ରୋଗୀଙ୍କୁ ଖାଦ୍ୟ ଦିଆଯାଉଛି। ପୂର୍ବରୁ ଏଠାରେ ଜଣେ ବିଶେଷଜ୍ଞ ଥିବାବେଳେ ଖାଦ୍ୟ ପ୍ରସ୍ତୁତି ପରେ ଖାଦ୍ୟର ମାନ ଯାଞ୍ଚ କରୁଥିଲେ। ଏହାଛଡା ଖାଦ୍ୟ କର୍ମଚାରୀଙ୍କ ସ୍ୱଚ୍ଛତା ସହିତ ମାସିକ ବିଲ, ଖାଦ୍ୟ ପ୍ରସ୍ତୁତିର ଡକ୍ୟୁମେଣ୍ଟ ଓ ଡିସଚାର୍ଜ ସମୟରେ ରୋଗୀ ଆଗକୁ କ'ଣ ଖାଇବେ ପରାମର୍ଶ ଦେଇଥାନ୍ତି। ଦୀର୍ଘଦିନ ହେଲା ଏହି କାର୍ଯ୍ୟ ବନ୍ଦ ରହିଛି। ବର୍ତ୍ତମାନ ଖାଦ୍ୟ ପ୍ରସ୍ତୁତି ଓ ବଣ୍ଟନ ଦାୟିତ୍ୱରେ ଥିବା ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ରଫେସନାଲ ଷ୍ଟଡିଜ୍‌ର ପ୍ରାୟ ୧୫ରୁ ଅଧିକ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଏହି ସଂସ୍ଥାର ଅବଧି ଆସନ୍ତା ମାସରେ ଶେଷ ହେଉଥିବାରୁ ନୂଆ ସଂସ୍ଥା ନିୟୋଜନ ପାଇଁ ନିକଟରେ ଏକ ବୈଠକ ହୋଇଥିଲା। ଏଥିରେ ଟେଣ୍ଡର ପ୍ରକ୍ରିୟା ପାଇଁ ନିଷ୍ପତ୍ତି ନିଆଯାଇଛି। ଆବଶ୍ୟକସ୍ଥଳେ ଉକ୍ତ ସଂସ୍ଥାର ଅବଧି ଏକ ମାସ ବୃଦ୍ଧି କରାଯିବ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ଏନେଇ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡାକ୍ତର ଲକ୍ଷ୍ମୀଧର ସାହୁ କହିଛନ୍ତି, ଏବାବଦରେ ସରକାରଙ୍କୁ ଚିଠି ଲେଖି ଅବଗତ କରିଛୁ। ଖୁବ୍‌ଶୀଘ୍ର ଏକ୍ଷେତ୍ରରେ ନିଯୁକ୍ତି ମିଳିବ ବୋଲି ଜଣାପଡିଛି।

# ଧାରଣାକୁ ଓହ୍ଲାଇଲେ ଥାଲାସେମିଆ ରୋଗୀ



**କ୍ୟାପିଟାଲ ହସ୍ପିଟାଲ**

ଭୁବନେଶ୍ୱର,୨୬।୮(ଅଭିଜିତ ଦାସ)

କ୍ୟାପିଟାଲ ହସ୍ପିଟାଲରେ ଥାଲାସେମିଆ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ମିଳୁନାହିଁ। ଏହାକୁ ବିରୋଧ କରି ଶନିବାର ପୂର୍ବାହ୍ନରେ ବହୁ ସଂଖ୍ୟାରେ ଥାଲାସେମିଆ ରୋଗୀ ଧାରଣା ଦେଇଥିଲେ। ହସ୍ପିଟାଲ କର୍ତ୍ତୃପକ୍ଷ ରୋଗୀଙ୍କୁ ବୁଝାଶୁଝା କରିବା ସହିତ ଏ ଦିଗରେ ଏକ ବୈଠକ କରି ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି। କ୍ୟାପିଟାଲ ହସ୍ପିଟାଲରେ ଦୀର୍ଘଦିନ ଧରି ଥାଲାସେମିଆ ରୋଗୀଙ୍କୁ ଶଯ୍ୟା ମିଳୁ ନାହିଁ। ଏଥିସହ ଆବଶ୍ୟକ ପରୀକ୍ଷା ମଧ୍ୟ ହେଉ ନ ଥିବାରୁ ଶେଷର ରୋଗୀମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହୋଇଥିବା କହିଛନ୍ତି। ସେମାନଙ୍କ କହିବା ଅନୁସାରେ, କ୍ୟାପିଟାଲ ହସ୍ପିଟାଲରେ ୨୦ଟି ଶଯ୍ୟା ଥିଲା। ଏହାକୁ ଏବେ ୧୩ରେ ସୀମିତ ରଖିଛନ୍ତି। ଏହାଦ୍ୱାରା ବହୁ ସଂଖ୍ୟାରେ ରୋଗୀ ଅପେକ୍ଷା କରିବା ସହିତ ହସ୍ପିଟାଲରେ ଭର୍ତ୍ତି ହୋଇ ନ ପାରି ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଦିଗରେ କର୍ତ୍ତୃପକ୍ଷ ତୁରନ୍ତ ବିଚାର କରିବାକୁ ରୋଗୀସମୂହ ଦାବି କରିଛନ୍ତି। ଏହି ଅବସରରେ ବିଧାୟକ ଅନନ୍ତ ନାରାୟଣ ଜେନା କୌଣସି ଏକ କାର୍ଯ୍ୟରେ ହସ୍ପିଟାଲ ଆସିଥିବାବେଳେ ତାଙ୍କୁ ନିଜ ଅସୁବିଧା ସମ୍ପର୍କରେ ରୋଗୀମାନେ ଜଣାଇଥିଲେ। କ୍ୟାପିଟାଲ ହସ୍ପିଟାଲ ଅଧୀକ୍ଷକ ଡାକ୍ତର ଦିଲୀପ ପଣ୍ଡା କହିଛନ୍ତି, ବିଭିନ୍ନ ଦାବି ନେଇ ରୋଗୀ ଅଭିଯୋଗ କରିଛନ୍ତି। ଏହାକୁ ଗୁରୁତ୍ୱର ସହିତ ଗ୍ରହଣ କରାଯାଇ ସମାଧାନ କରାଯିବ।

# ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କଲେ ୫-ଟି ସଚିବ



ପୁରୀ,୨୬।୮(ଅଜିତ ମହାନ୍ତି)

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନ ଶନିବାର ସନ୍ଧ୍ୟାରେ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦର୍ଶନ କରିବା ସହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଚାଲିଥିବା ପରିକ୍ରମା କାର୍ଯ୍ୟର ସମୀକ୍ଷା କରିଥିଲେ। ସନ୍ଧ୍ୟା ପ୍ରାୟ ୮ଟା ସମୟରେ ୫-ଟି ସଚିବ ପାଣ୍ଡିଆନ ପୁରୀରେ ପହଞ୍ଚିବା ପରେ ସିଂହଦ୍ୱାର ଦେଇ ଶ୍ରୀମନ୍ଦିର ପରିସରକୁ ଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ। ପରେ ଭିତରେ ପାର୍ଶ୍ୱଦେବଦେବୀଙ୍କ ଦର୍ଶନ କରିବା ସହ କିଛି ସମୟ ବିତାଇବା ପରେ ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ଏହାପରେ ସେ ଶ୍ରୀମନ୍ଦିର ଚାରିପାଖରେ ଚାଲିଥିବା ପରିକ୍ରମା ମାର୍ଗ କାର୍ଯ୍ୟର ସମୀକ୍ଷା କରିଥିଲେ। ଚାଲିଥିବା କାର୍ଯ୍ୟ ଶୀଘ୍ର ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ୫-ଟି ସଚିବଙ୍କ ସାଥୀରେ ଉପଜିଲାପାଳ ଭବତାରଣ ସାହୁଙ୍କ ସହ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଫ୍ଲାଟ୍ ଦେବା ନାଁରେ ଡାକ୍ତରଙ୍କୁ ଠକେଇ, ଜଣେ ଗିରଫ

ବାଲିଅନ୍ତା,୨୬।୮(ନୀଳମାଧବ ସାହୁ)

ରାଜଧାନୀ ଉପକଣ୍ଠ ହଂସପାଳ ଅଞ୍ଚଳରେ ଏକ ଫ୍ଲାଟ୍ ଦେବା ନାଁରେ ୨୮ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ପାହାଳ ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ଅଞ୍ଚଳର ସୌରଭ ମିଶ୍ର(୩୫)। ଏନେଇ ପୋଲିସ ୨୬୭/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଠକେଇର ଶିକାର ହୋଇଛନ୍ତି ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ହସ୍ପିଟାଲର ଡାକ୍ତର ସତ୍ୟଜିତ୍ ସ୍ୱାଇଁ। ସୌରଭ ଏକ ଭଲ ଫ୍ଲାଟ୍ ଦେବାକୁ କହି ସତ୍ୟଜିତ୍‌ଙ୍କଠାରୁ ଅଗ୍ରିମ ଆକାରରେ କ୍ୟାଶ୍, ଚେକ୍ ଓ ଫୋନ୍ ପେ' ମାଧ୍ୟମରେ ମୋଟ ୨୮.୪୫ ଲକ୍ଷ ଟଙ୍କା ନେଇଥିଲେ। ସତ୍ୟଜିତ୍ କିଣୁଥିବା ଜମିକୁ ରାସ୍ତା ନ ଥିବା ଓ ଉକ୍ତ ଜମିରେ ଅନେକ ଦାବିଦାର ଥିବା ପଞ୍ଜୀକରଣ ସମୟରେ ଜାଣିବାକୁ ପାଇଥିଲେ। ଏଥିସହ ଜମି ଏଗ୍ରିମେଣ୍ଟରେ ଜମି ମାଲିକଙ୍କ ଜାଲ୍ ଦସ୍ତଖତ କରାଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ବ୍ୟକ୍ତି ଜଣକ ଠକାମିର ଶିକାର ହୋଇଥିବା ଜାଣି ପାହାଳ ଥାନାରେ ଅଭିଯୋଗ କରିଥିଲେ।

## ୨ ଭାଇଙ୍କୁ ଆକ୍ରମଣ କଲେ, ପୋଲିସକୁ ପନିକି ଧରି ଗୋଡ଼ାଇଲେ

**୪ ଯୁବକଙ୍କୁ ଉଠାଇ ଆଣିଲା ପୋଲିସ**

ଭୁବନେଶ୍ୱର,୨୬।୮ (ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀ ଭୁବନେଶ୍ୱରରେ ଅସାମାଜିକଙ୍କ ଉତ୍ପାତ ବଢ଼ି ଚାଲିଛି। ଗତ କିଛିଦିନ ତଳେ ଚଢ଼ାଉ କରିବାକୁ ଯାଇଥିବାବେଳେ ଧଉଳି ପୋଲିସକୁ ଆକ୍ରମଣ କରିଥିଲେ। ଏବେ ଶୁକ୍ରବାର ରାତିରେ ୨ ଭାଇଙ୍କୁ ଆକ୍ରମଣ କରିବା ସହ ପୋଲିସକୁ ପନିକି ଧରି ଗୋଡ଼ାଇଛନ୍ତି। ରାତି ପ୍ରାୟ ସାଢେ ୧୨ଟା ବେଳେ ୨ ଭାଇ କଟକ ଫେରୁଥିବାବେଳେ ମଞ୍ଚେଶ୍ୱର ଥାନା ନିକଟସ୍ଥ ଏକ ହୋଟେଲକୁ ଖାଇବାକୁ ଯାଇଥିଲେ। ଏହି ସମୟରେ ୪ଜଣ ଯୁବକ ଆସି ହୋଟେଲ ସମ୍ମୁଖରେ ପାର୍କିଂ ହୋଇଥିବା ତାଙ୍କ କାରକୁ ପିଟିବାରୁ ୨ଭାଇ ସେମାନଙ୍କୁ ପ୍ରତିବାଦ କରିଥିଲେ। ଫଳରେ ଯୁବକମାନେ ସେମାନଙ୍କୁ ଆକ୍ରମଣ କରିଥିଲେ। ନିସ୍ତୁକ ମାଡ଼ ମାରୁଥିବା ଦେଖି ହୋଟେଲର କର୍ମଚାରୀ ଦୌଡି ଆସିବାରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଏନେଇ ଆକ୍ରମଣର ଶିକାର ହୋଇଥିବା ୨ଭାଇ ସ୍ଥାନୀୟ ଥାନାରେ ଏତଲା ଦେଇଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଅଭିଯୁକ୍ତଙ୍କ ଗାଡ଼ିର ନମ୍ବରକୁ ଟ୍ରେସ୍ କରି ଥାନା ଅଧିକାରୀ ସଦଳବଳ ସେମାନଙ୍କୁ ପିଛା କରି ପଥରବନ୍ଧ ବସ୍ତିରେ ରାତି ସାଢେ ୨ ଟାରେ ଚଢ଼ାଉ କରିଥିଲେ। ବହୁ ସମୟର ଛକାପଞ୍ଝା ପରେ ପୋଲିସ ୪ଜଣ ଯୁବକଙ୍କୁ କାବୁ କରି ଥାନାକୁ ଆଣିଥିଲା।

## ନିଶାସକ୍ତ ସ୍ୱାମୀଙ୍କ ଉନ୍ମତ୍ତକାଣ୍ଡ ସ୍ତ୍ରୀଙ୍କୁ ମାଡ଼ମାରି କଟୁରି ଧରି ଗୋଡ଼ାଇଲେ

ଭୁବନେଶ୍ୱର,୨୬।୮(ସୂର୍ଯ୍ୟକାନ୍ତ ବେହେରା): ନିଶାସକ୍ତ ସ୍ୱାମୀଙ୍କ ଉନ୍ମତ୍ତକାଣ୍ଡ। ସ୍ତ୍ରୀଙ୍କୁ ମାଡ଼ ମାରିବା ସହ ହତ୍ୟା କରିବା ଉଦ୍ଦେଶ୍ୟରେ ହାତରେ କଟୁରି ଧରି ବିଚ୍ ରାସ୍ତାରେ ଗୋଡ଼ାଇଛନ୍ତି। ମୈତ୍ରୀବିହାର ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଖବରପାଇ ପିସିଆର୍ ଘଟଣାସ୍ଥଳରେ ପହଞ୍ଚି ସ୍ୱାମୀଙ୍କୁ କାବୁକରି ଥାନାରେ ଅଟକ ରଖିବା ସହିତ କାଉନ୍‌ସେଲିଂ କରି ଛାଡ଼ି ଦେଇଥିବା ଜଣାପଡିଛି । ଘଟଣା ଅନୁଯାୟୀ ସ୍ଥାନୀୟ ଥାନା ବିଡିଏ କଲୋନି ନିକଟ ବସ୍ତିର ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ପାରିବାରିକ କଳହକୁ କେନ୍ଦ୍ରକରି ଆକ୍ରମଣ କରିଥିଲେ। ମହିଳା ଜଣକ ପ୍ରାଣବିକଳରେ ଘରୁ ବାହାରି ରାସ୍ତାରେ ଦୌଡ଼ିଥିବାବେଳେ ସ୍ୱାମୀ କଟୁରି ଧରି ପଛରେ ଗୋଡ଼ାଉଥିଲେ। ସ୍ଥାନୀୟ ଲୋକ ମହିଳାଙ୍କ ସ୍ୱାମୀଙ୍କୁ କାବୁ କରି ଥାନାକୁ ସୂଚନା ଦେଇଥିଲେ। ପିସିଆର୍ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ କାବୁ କରିଥିଲା।

# ପରିବେଶ ସୁରକ୍ଷା ବାର୍ତ୍ତା ନେଇ ସାଇକେଲରେ ଭାରତ ଭ୍ରମଣ

ବାରଙ୍ଗ,୨୬।୮(ଲିଙ୍ଗରାଜ ରାଉତ)

ପରିବେଶ ସୁରକ୍ଷା ବାର୍ତ୍ତା ଦେଇ ଭାରତ ଭ୍ରମଣରେ ବାହାରିଛନ୍ତି କୋଲ୍‌କାତା ପୁରୁଲିଆ ଜିଲାର ଅଶୋକ ମାହାତୋ। ଅଶୋକ ସାଇକେଲ ଯୋଗେ ଯାତ୍ରା ଆରମ୍ଭ କରି ଶନିବାର ସେ ନନ୍ଦନକାନନଠାରେ ପହଞ୍ଚିଛନ୍ତି। ଶିକ୍ଷାକ୍ଷେତ୍ରରେ ଅଶୋକ ପରିବେଶ ଉପରେ ସ୍ନାତକ ଶେଷକରି ପରିବେଶ ସୁରକ୍ଷା ନିମନ୍ତେ ସଚେତନତା ପାଇଁ ଘରୁ ପାଦ ବାହାର କରିଛନ୍ତି। ଗଛ ନ କାଟିବା, ଗଛ ଲଗାଇବା, ପାନୀୟ ଜଳ ସୁରକ୍ଷା ତଥା ସଂରକ୍ଷଣ ଏବଂ ଭବିଷ୍ୟତକୁ ସୁରକ୍ଷିତ ରଖିବା ଆଦି ସ୍ଲୋଗାନ ନେଇ ଆଗେଇ ଚାଲିଛନ୍ତି ଅଶୋକ। ଅଗଷ୍ଟ ୧୫ରେ ପଶ୍ଚିମବଙ୍ଗରୁ ଯାତ୍ରା ଆରମ୍ଭ କରି ଦୀର୍ଘ ୧୨ ଦିନ ପରେ ସେ ଆସି ନନ୍ଦନକାନନରେ ପହଞ୍ଚିଥିଲେ। ସେଠାରେ ପହଞ୍ଚିବା ପରେ ତାଙ୍କୁ ଦେଖି ଅନେକ ଲୋକ ତାଙ୍କର ଏଭଳି ଚିନ୍ତାଧାରାକୁ ପ୍ରଶଂସା କରିଥିଲେ। ସେଠାରେ ରାତ୍ରିଯାପନ କରି ପରଦିନ ସକାଳୁ ପୁଣି ନିଜ ଯାତ୍ରାରେ ବାହାରିଯିବେ ବୋଲି କହିଛନ୍ତି। ପାଗ ଅନୁକୂଳ ରହିଲେ ସେ ଦିନକୁ ୯୦ କିମିରୁ ଅଧିକ ରାସ୍ତା ଅତିକ୍ରମ କରୁଛନ୍ତି। ସମଗ୍ର ଭାରତ ଭ୍ରମଣ ପାଇଁ ତାଙ୍କୁ ପ୍ରାୟ ଏକ ବର୍ଷ ସମୟ ଲାଗିଯିବ ବୋଲି ଅଶୋକ କହିଛନ୍ତି।



# ମା' ଝିଅଙ୍କ ସମେତ ୪ ଗିରଫ

**ପୋଲିସ ଏଏସ୍‌ଆଇଙ୍କୁ ଚାପୁଡ଼ା ମାରିବା ଘଟଣା**

ଭୁବନେଶ୍ୱର,୨୬।୮ (ସୂର୍ଯ୍ୟକାନ୍ତ ବେହେରା)

ରଙ୍ଗ୍‌ରୁଟ୍‌ରେ ବାଇକ୍ ଚଳାଇ ଆସୁଥିବାବେଳେ ବାରଣ କରିବାରୁ ଖାରବେଳନଗର ଥାନା ଏଏସ୍‌ଆଇ ଦେବରାଜ କିଷାନଙ୍କୁ ଚାପୁଡ଼ା ମାରିବା ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ଘଟଣାରେ ପୋଲିସ ମା' ଝିଅଙ୍କ ସମେତ ୪ ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି।

ସୂଚନା ଅନୁଯାୟୀ, ଶୁକ୍ରବାର ଏଏସ୍‌ଆଇ ଦେବରାଜ ଓ ଜଗନ୍ନାଥ ମାଝି ଏକ କାମ ସାରି ରାଜକୁମାର ବସ୍ତିରୁ ଫେରୁଥିଲେ। ଏହି ସମୟରେ ବିଗ୍‌ବଜାର ପଟୁ ସମ୍ପୃକ୍ତ ଯୁବତୀ ଜଣେ ଯୁବକଙ୍କ ସହ ବାଇକ୍‌ରେ ବସି ରଙ୍ଗ୍‌ରୁଟ୍‌ରେ ଆସୁଥିଲେ। ଫଳରେ ପୋଲିସ କର୍ମଚାରୀଦ୍ୱୟ ତାଙ୍କୁ ଅଟକାଇଥିଲେ। ପୋଲିସ କର୍ମଚାରୀଦ୍ୱୟ ସେମାନଙ୍କୁ ତାଗିଦ୍ କରିବା ସମୟରେ ଉକ୍ତ ଯୁବତୀ ଜଣଙ୍କ ହଠାତ୍ ଏଏସ୍‌ଆଇ ଦେବରାଜଙ୍କୁ ଏକ ଚାପୁଡ଼ା ପକାଇଥିଲେ। ଏହି ସମୟରେ ସେଠାରେ ହାତାହାତି ପରିସ୍ଥିତି ଉପୁଜିଥିଲା। ଏପରିକି ଯୁକ୍ତିତର୍କ ବେଳେ ସ୍ଥାନୀୟ ବସ୍ତିରୁ ୧୦ରୁ ଉର୍ଦ୍ଧ୍ୱ ଲୋକ ଓ ଯୁବତୀଙ୍କ ୨ ଭଉଣୀ ଓ ମା ସେଠାକୁ ଆସି ହୋହଲ୍ଲା କରିବା ସହ ଯୁବତୀଙ୍କୁ ସହଯୋଗ କରିଥିଲେ। ଫଳରେ କିଛି ସମୟ ଧରି ସେଠାରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା।

## ନୂତନ ଜ୍ଞାନ କୌଶଳ ସହ ପ୍ରେକ୍ଷାଳୟକୁ ଆସିବ ଚଳଚ୍ଚିତ୍ର ମୁରଲୀ




ଭୁବନେଶ୍ୱର,୨୬।୮(ଶର୍ମିଷ୍ଠା ପାଣିଗ୍ରାହୀ)-ଖୁବ୍‌ଶୀଘ୍ର ୨ଟି ଭାଷାରେ ମୁକ୍ତିଲାଭ କରିବାକୁ ଯାଉଛି ଚଳଚ୍ଚିତ୍ର 'ମୁରଲୀ', ଯେଉଁଥିରେ ପ୍ରଥମଥର ପାଇଁ ୩ଡି ମଡେଲିଙ୍ଗ ଓ ଭିଏଫ୍‌ଏକ୍ସ ଜ୍ଞାନକୌଶଳ ଦେଖିବାକୁ ମିଳିବ। ସିନେମାକୁ ନେଇ ସିନେ ନିର୍ମାତା ଆଶାବାଦୀ ଥିବାବେଳେ ସିନେ ସମୀକ୍ଷକମାନେ କହିଛନ୍ତି, ଏହା ଦର୍ଶକଙ୍କ ମଧ୍ୟରେ ଆଦୃତ ହେବା ସହ ସିନେ ଜଗତରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିପାରିବ। ନିକଟରେ ଏହାର ଟାଇଟଲ ଘୋଷଣା ହୋଇଥିବାବେଳେ ମମତା ଫିଲ୍ମସ୍ ଏବଂ ଦି ନାୟକ ଷ୍ଟୁଡ଼ିଓ ବ୍ୟାନରରେ ଏହି ଚଳଚ୍ଚିତ୍ର ଶୁଟିଂ ହେଉଛି। ପ୍ରଯୋଜନାରେ ଅଛନ୍ତି ଅମାନତ ଦାସ ଓ ଗାମା ସିଗ୍ମା। ନିର୍ଦ୍ଦେଶନା ଦେଉଛନ୍ତି ସନ୍ତୋଷ ବିଶ୍ୱାଳ। ମୂଳ କାହାଣୀ ବାଳକୃଷ୍ଣଙ୍କର ହୋଇଥିବାବେଳେ ଚିତ୍ରନାଟ୍ୟ ଓ ସଂଳାପରେ ଉତ୍ତମ କୁମାର ଅଛନ୍ତି। ଚିତ୍ର ଉତ୍ତୋଳନରେ ବିଶ୍ୱଭୂଷଣ ଥିବାବେଳେ ମୁଖ୍ୟ ଭୂମିକାରେ ଅଛନ୍ତି ଅନୁ ଚୌଧୁରୀ, ବାଳକୃଷ୍ଣ ନାୟକ, ଦିବ୍ୟା ମହାନ୍ତି, ଯୋଗେଶ ଜୋଜୋ ଏବଂ ନବାଗତା ଲିପ୍ସା।

## ପାରିବାରିକ କାହାଣୀ କହିବ ଚଳଚ୍ଚିତ୍ର 'ଏ କେମିତି ବନ୍ଧନ'




ଭୁବନେଶ୍ୱର,୨୬।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଜେମ୍ସ ଫିଲ୍ମସ ବ୍ୟାନରରେ ନିର୍ମାଣ ହେଉଛି ଚଳଚ୍ଚିତ୍ର 'ଏ କେମିତି ବନ୍ଧନ', ଯାହା ଏକ ପାରିବାରିକ କଥାବସ୍ତୁ ଉପରେ ଆଧାରିତ। ଜୀବନ ସଂଗ୍ରାମରେ ବଞ୍ଚିବାକୁ ହେଲେ ପରିବାରକୁ କେମିତି ବିଭିନ୍ନ ସଂଘର୍ଷର ପଥ ଦେଇ ଗତି କରିବାକୁ ପଡ଼ିଛି ଓ କାହାଣୀର ମୁଖ୍ୟ ନାୟକ, ନାୟିକା କେମିତି ତାଙ୍କ ଭାଇଭାଉଜଙ୍କ ମୃତ୍ୟୁ ପରେ ତାଙ୍କ ପିଲାଙ୍କୁ ଆପଣେଇ ନେଇ ସଂଘର୍ଷର ସମ୍ମୁଖୀନ ହେବାକୁ ପଡ଼ିଛି ତାହା ଏହି ସିନେମା ମାଧ୍ୟମରେ ଦେଖିବାକୁ ମିଳିବ। ଏହି କଥା ବସ୍ତୁରେ ଅଭିନେତା ଅମନ୍, ଅଭିନେତ୍ରୀ କୁକିଜ ସ୍ୱାଇଁ ,ଦୀପକ ମହାରଣା, ମାନସ ମିଶ୍ର,ପୂର୍ଣ୍ଣ ପାତ୍ର, ତପନ ସାହୁ, ମୁନ୍ନା ମଲ୍ଲିକ, ସ୍ମିତା ଚକ୍ରବର୍ତ୍ତୀ, କୁହୁ, ମଧୁ ବାରିକ, ସୂର୍ଣ୍ଣଲତା, ରାଜଲକ୍ଷ୍ମୀ, ସତ୍ୟେନ୍ଦ୍ର, ରୁଦ୍ର, ଜ୍ୟୋତିଶ୍ରୀ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଚଳଚ୍ଚିତ୍ରର ନିର୍ଦ୍ଦେଶନା ଭାର ରାକେଶ ସାମଲ ନେଇଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଭାର ବୈଦ୍ୟନାଥ ଦାଶ ନେଇଛନ୍ତି। ପ୍ରଯୋଜନାରେ ଜେମ୍ସ ଓ ପ୍ରଭାତ ବାବୁ ଅଛନ୍ତି । ସହ ପ୍ରଯୋଜକ ଅଛନ୍ତି ସ୍ମିଥ ବାରିକ। ଚଳଚ୍ଚିତ୍ରଟି କଟକ, ଯାଜପୁର ଏବଂ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଶୁଟିଂ ଚାଲିଛି।

# ନୂଆ ଚିନ୍ତାଧାରା ପ୍ରକାଶ କରୁଥିବା ବ୍ୟକ୍ତିଙ୍କୁ ସୁଯୋଗ ଦେବା ଆବଶ୍ୟକ

**ସିଏସ୍‌ଆଇଆର-ଆଇଏମ୍‌ଏମ୍‌ଟିରେ ଇଣ୍ଡିଆ ରିସର୍ଚ୍ଚ ସମାରୋହ**




ଭୁବନେଶ୍ୱର,୨୬।୮(ଅନୁରାଧା ମହାରଣା)

ସ୍ଥାନୀୟ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିରେ ସ୍ପ୍ରିଙ୍ଗର ନେଚର ଓ ଭାରତୀୟ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଇଣ୍ଡିଆ ରିସର୍ଚ୍ଚ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସରକାରୀ ଅଧିକାରୀ, ନୀତି ନିର୍ଦ୍ଧାରକ, ବିଶେଷଜ୍ଞ ଓ ଛାତ୍ରଙ୍କ ସମେତ ଷ୍ଟାର୍ଟଅପ୍ ପ୍ରତିଷ୍ଠାତାଙ୍କ ଉପସ୍ଥିତିରେ ଭାରତର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ଓ ଔଦ୍ୟୋଗିକତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭର୍ଚୁଆଲ ମାଧ୍ୟମରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ତାଙ୍କ ସହିତ ଯୁଗ୍ମସଚିବ ପି.କେ. ବାନାର୍ଜି ଓ ବୈଦେଶିକ ବ୍ୟାପାର ଓ ଶିକ୍ଷା ରାଷ୍ଟ୍ର ମନ୍ତ୍ରୀ ରାଜକୁମାର ରଞ୍ଜନ ସିଂହ ଉପସ୍ଥିତ ଥିଲେ। ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କର ଅଭିଭାଷଣରେ କହିଛନ୍ତି ଯେ ଶିଳ୍ପ, ଏକାଡେମୀ ଏବଂ ସମାଜରେ ଅବଦାନ ତଥା ଜୀବନକୁ ସହଜ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଅନୁସନ୍ଧାନ ମଧ୍ୟରେ ଉନ୍ନତ ସହଯୋଗର ଆବଶ୍ୟକତା ରହିଛି। ସେହିପରି ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ଭୁବନେଶ୍ୱରର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ କହିଛନ୍ତି ଯେ, ନୂଆ ଚିନ୍ତାଧାରା ପ୍ରକାଶ କରୁଥିବା ବ୍ୟକ୍ତିଙ୍କୁ ସୁଯୋଗ ଦେବା ଆବଶ୍ୟକ। ସ୍ପ୍ରିଙ୍ଗର ନେଚରର ରିସର୍ଚ୍ଚ ମାର୍କେଟ ପ୍ରେସିଡେଣ୍ଟ ଷ୍ଟିଭେନ ଇଞ୍ଚକୋମ୍ବେ କହିଥିଲେ ଯେ, ଓପନ ସାଇନ୍‌ସର ଅଧ୍ୟୟନ ଦ୍ୱାରା ଅନୁସନ୍ଧାନର ଯୋଗାଯୋଗକୁ ପୁନଃରୂପ ପ୍ରଦାନ କରିବାରେ ସ୍ପ୍ରିଙ୍ଗର ନେଚରର ଉଦ୍ଦେଶ୍ୟ। ସ୍ପ୍ରିଙ୍ଗର ନେଚର ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଭେଙ୍କଟେଶ ସର୍ବସିଦ୍ଧି କହିଥିଲେ ଯେ, ସର୍ବଭାରତୀୟସ୍ତରରେ ବୈଜ୍ଞାନିକ ଅନୁସନ୍ଧାନର ଅବଦାନ ରଖିବାରେ ସ୍ପ୍ରିଙ୍ଗର ନେଚର ଦ୍ୱିତୀୟ । ଦେଶରେ ଅନୁସନ୍ଧାନ ଓ ନବ ସୃଜନ ପାଇଁ ଏକ ହବ୍ ସୃଷ୍ଟି କରିବାରେ ସାହାଯ୍ୟ କରିବାକୁ ସ୍ପ୍ରିଙ୍ଗର ନେଚର ସରକାରଙ୍କୁ ସହାୟତା ଜାରି ରଖିବ, ଯାହା ଭାରତରେ ଗବେଷଣା ଫଳାଫଳକୁ ବୃଦ୍ଧି କରିବାରେ ସାହାଯ୍ୟ କରିବ ବୋଲି ଭେଙ୍କଟେଶ କହିଥିଲେ। ଏହି କାର୍ଯ୍ୟକ୍ରମରେ ୬୦୦ରୁ ଅଧିକ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

## ସଂକ୍ଷେପରେ

### ପର୍ଯ୍ୟଟନ ନିଗମ କର୍ମଚାରୀ ସଂଘ କାର୍ଯ୍ୟକାରୀ ସଭାପତିଙ୍କୁ ସମ୍ବର୍ଦ୍ଧନା

କୋଣାର୍କ,୨୬।୮ (ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଯାତ୍ରୀ ନିବାସଠାରେ ଶୁକ୍ରବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଉତ୍କଳ ପର୍ଯ୍ୟଟନ ନିଗମ କର୍ମଚାରୀ ସଂଘର ନବ ନିର୍ବାଚିତ କାର୍ଯ୍ୟକାରୀ ସଭାପତି ବେଣୁଧର ପାତ୍ର, ସାଧାରଣ ସମ୍ପାଦକ ଅଭୟ ରାଉତ, ଉପସଭାପତି ନିରଞ୍ଜନ ନାୟକଙ୍କୁ ଉତ୍କଳ ପର୍ଯ୍ୟଟନ ନିଗମ କର୍ମଚାରୀ, କୋଣାର୍କ ଶାଖା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ପର୍ଯ୍ୟଟନ ନିଗମ କର୍ମଚାରୀଙ୍କ କ୍ୟାଡର ସର୍ଭିସ ରୁଲ, ସାମୁଦ୍ରିକ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ସଂସ୍ଥା ଉଡେନ ରେଷ୍ଟୁରାଣ୍ଟର ପୁନଃ କାର୍ଯ୍ୟକ୍ଷମ କରିବା, ରାଜ୍ୟରେ ଥିବା ବିଭିନ୍ନ ୟୁନିଟ୍‌ରେ ଏନ୍‌ଏମ୍‌ଆର୍ କର୍ମଚାରୀଙ୍କୁ ରେଗୁଲାର କରିବାକୁ କାର୍ଯ୍ୟକାରୀ ସଭାପତି ପାତ୍ର ଦାବି କରିଥିଲେ। ଏଥିସହ ରାଜ୍ୟରେ ବିଭିନ୍ନ ପର୍ଯ୍ୟଟନ ସ୍ଥଳରେ ପର୍ଯ୍ୟଟନ ନିଗମ ଅଧୀନରେ ଥିବା ୟୁନିଟ୍‌ଗୁଡ଼ିକୁ ଘରୋଇକରଣ କରିବା ନାମରେ ବିକ୍ରିକୁ ନିଗମ କର୍ମଚାରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ଏହି ଯୋଜନାରୁ ତୁରନ୍ତ ଓହରି ଯିବାକୁ ସେ ଅନୁରୋଧ କରିଥିଲେ। ଏଥିସହ ଏହି ସଂସ୍ଥାକୁ ଲାଭଜନକ ଭାବେ ଗଢି ତୋଳିବାକୁ ଏହାର ଆମୂଳଚୂଳ ପରିଚାଳନା ଗତ ତ୍ରୁଟିକୁ ସୁଧାରି ପୁନଃ ନିଗମ କର୍ମଚାରୀଙ୍କ ଦ୍ୱାରା ପରିଚାଳନା କରିବାକୁ କହିଥିଲେ। ବିଗତ ଦିନରେ ଏହି ୟୁନିଟ୍‌ଗୁଡ଼ିକ ଉପଯୁକ୍ତ ପରିଚାଳନା ଯୋଗୁ ଲାଭଦାୟକ ସଂସ୍ଥାରେ ସୁନାମ ଆଣିଥିବାବେଳେ ଏବେର ତ୍ରୁଟିପୂର୍ଣ୍ଣ ପରିଚାଳନ ବ୍ୟବସ୍ଥା ଏଥିପାଇଁ ଦାୟୀ ହୋଇଛି। ଏ ଦିଗରେ ସରକାର ଦୃଷ୍ଟି ଦେବାକୁ ପାତ୍ର ଅନୁରୋଧ କରିଥିଲେ। ସମ୍ବର୍ଦ୍ଧନା ସଭାକୁ ବରିଷ୍ଠ କର୍ମଚାରୀ ବିରଞ୍ଚି ନାରାୟଣ ମହାନ୍ତି, ସଦାନନ୍ଦ ରାଉତ, ଉତ୍କଳ ପର୍ଯ୍ୟଟନ ନିଗମ କର୍ମଚାରୀ ସଂଘ କୋଣାର୍କ ଶାଖାର ସାଧାରଣ ସମ୍ପାଦକ ପୀର ସେଠ, ବିକାଶ ସ୍ୱାଇଁ ପରିଚାଳନା କରିଥିଲେ।

### ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ନିରାକାରପୁର,୨୬।୮ (ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ଅଞ୍ଚଳରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଲକ୍ଷ୍ମୀକାନ୍ତ ମହାପାତ୍ର ଓ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ରେଣୁବାଳା ଦେବୀଙ୍କୁ ଶନିବାର ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଟାଙ୍ଗୀ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ବିଦ୍ୟାଳୟର ଶୈକ୍ଷିକ ଉନ୍ନତିରେ ତାଙ୍କର କିପରି ଯୋଗଦାନ ରହିଛି, ତାହାର ଭୂୟସୀ ପ୍ରଶଂସା କରିଥିଲେ। ଏହି ଉତ୍ସବରେ ଟାଙ୍ଗୀ ପ୍ରାଥମିକ ଶିକ୍ଷକ ସଂଘ ସଭାପତି କିଶୋର କୁମାର ଦାଶ, ସମ୍ପାଦକ ପ୍ରଦୀପ କୁମାର ପରିଡ଼ା, ସହସମ୍ପାଦକ ଅମ୍ଳାନ୍ ପ୍ରହରାଜ, ସିଆରସିସି ପଞ୍ଚାନନ ଭୁଜବଳ, ରେଙ୍ଗାଟା ସ୍କୁଲର ପ୍ରଧାନ ଶିକ୍ଷକ ଅମର ଜୟସିଂହ, ଭୂଷଣ୍ଡପୁର ସ୍କୁଲର ପ୍ରଧାନ ଶିକ୍ଷକ ଧ୍ରୁଶାସନ ସେଠୀ, ନୀଳାଦ୍ରି ସିଂ, ଶ୍ରୀପ୍ରସାଦ ଦାଶ, ବିଦ୍ୟାଳୟ କମିଟି ସଭାପତି ଉମ୍ବଧର ପରିଡ଼ା, ପ୍ରଭାତୀ ସାହୁ, ରେଣୁବାଳା ବେହେରା, ସଞ୍ଜିତା ଦାଶ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ବିଜୟ କୁମାର ସାହୁ, ପ୍ରସନ୍ନ ଶ୍ରୀଚନ୍ଦନ, ସମରେଶ୍ ବେହେରା, ବିଦ୍ୟାଧର ପ୍ରଧାନ, ଭାଗ୍ୟଲକ୍ଷ୍ମୀ ଦାଶ, ସନ୍ତୋଷ ବେହେରାଙ୍କ ସମେତ ଲଳିତା ପାଟପୁର କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ଶିକ୍ଷାବିତ୍ କମଳ ଲୋଚନ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନୀଳାଦ୍ରି ସିଂ ଅତିଥି ପରିଚୟ ପ୍ରଦାନ ଏବଂ ଶ୍ରୀପ୍ରସାଦ ଦାଶ ଧନ୍ୟବାଦ ଦେଇଥିଲେ।

### ରାଜଯୋଗିନୀ ଦାଦି ପ୍ରକାଶମଣିଙ୍କ ସ୍ମୃତିରେ ବନ୍ଧୁତ୍ୱ ଦିବସ

ସାକ୍ଷୀଗୋପାଳ,୨୬।୮ (ଭରତ ରାଉତ)

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସାକ୍ଷୀଗୋପାଳ ଶାଖା ପକ୍ଷରୁ ସଂସ୍ଥାର ମୁଖ୍ୟ ପ୍ରଶାସିକା ରାଜଯୋଗିନୀ ଦାଦି ପ୍ରକାଶମଣିଙ୍କ ୧୬ତମ ସ୍ମୃତି ଦିବସକୁ ବିଶ୍ୱ ବନ୍ଧୁତ୍ୱ ଦିବସ ଭାବେ ଶୁକ୍ରବାର ସ୍ଥାନୀୟ ଶାଖା ପରିସରରେ ପାଳିତ ହୋଇଯାଇଛି। ଆଜିର ଦିନରେ ଦାଦି ନିଜ ପାର୍ଥିବ ଶରୀରକୁ ତ୍ୟାଗ କରି କରିଥିଲେ। ପ୍ରାରମ୍ଭରେ ଦାଦିଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ତାଙ୍କର ଅମୃତ ବଚନ ପଠନ କରାଯାଇଥିଲା। ଶାଖା ପରିଚାଳିକା ବ୍ରହ୍ମାକୁମାରୀ ସଂଯୁକ୍ତା ଭଉଣୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜଯୋଗିନୀ ଦାଦି ପ୍ରକାଶମଣୀଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମାକୁମାରୀ ମିନା, ସ୍ୱାତି, ବିନୋଦିନୀ ଓ ବ୍ରହ୍ମା କୁମାର ଅଞ୍ଜନ, ବୃନ୍ଦାବନ, ଭରତ ଉପସ୍ଥିତ ଥିଲେ।

# ୬ ଲେନ ରିଙ୍ଗ୍ ରୋଡ୍ କାର୍ଯ୍ୟ ଅଧାପନ୍ତରିଆ

କୋଣାର୍କ,୨୬।୮ (ଜ୍ୟୋତିରାଜ ମହାନ୍ତି)

- ଜମି ଅଧିଗ୍ରହଣ ସମସ୍ୟା ଲାଗିରହିଛି
- ପୂର୍ତ୍ତ ବିଭାଗକୁ ଦାୟିତ୍ୱ ହସ୍ତାନ୍ତର କରିପାରେ ଏନ୍‌ଏଚ୍‌ଆଇ

କୋଣାର୍କରେ ଚନ୍ଦ୍ରଭାଗାଠାରୁ ଲାବଣ୍ୟ ଲଜ୍ ଛକ ପର୍ଯ୍ୟନ୍ତ ଚାଲିଥିବା ୬ଲେନ ରିଙ୍ଗ୍ ରୋଡ୍ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଛି। ରାସ୍ତା ନିର୍ମାଣ ପାଇଁ ଲୋକଙ୍କ ଜମି ଆବଶ୍ୟକ ବେଳେ କେତେଜଣ ଅସହମତି ପ୍ରକାଶ କରୁଥିବାରୁ ଜମିଜମା ସମସ୍ୟା ଲାଗିରହିଛି। ଫଳରେ କାମ ଦାୟିତ୍ୱରେ ଥିବା ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ(ଏନ୍‌ଏଚ୍‌ଏଆଇ) ଏହାର ଅବଶିଷ୍ଟ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ହସ୍ତାନ୍ତର କରିବ ବୋଲି ସୂଚନା ମିଳିଛି। କୋଣାର୍କରେ ସରକାରୀ ଜମିକୁ କେତେଜଣ ମୁଷ୍ଟିମେୟ ବ୍ୟକ୍ତି ଜବରଦଖଲ କରି ନିଜ ଅଧୀନରେ ରଖିଥିବା ବେଳେ ୬ଲେନ ରିଙ୍ଗ ରୋଡ୍ କାର୍ଯ୍ୟ ପାଇଁ ଜିରୋ ଲାଇନ କ୍ଲିୟର ନ ହେବା ଯୋଗୁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁନି ବୋଲି ଏହି ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ଜଣେ ଅଧିକାରୀ କହିଛନ୍ତି। ଖବର ଅନୁଯାୟୀ, କୋଣାର୍କଠାରେ ଦୀର୍ଘ ୧ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏନ୍‌ଏଚ୍‌ଏଆଇ ପକ୍ଷରୁ ଏହି ୬ଲେନ ରିଙ୍ଗ ରୋଡ୍ ନିର୍ମାଣ କାର୍ଯ୍ୟ ସୁରେଶ ଚନ୍ଦ୍ର ସାହୁଙ୍କ ଦ୍ୱାରା କରାଯାଉଥିବା ବେଳେ କୋଣାର୍କ ଅଞ୍ଚଳର କେତେଜଣ ବ୍ୟକ୍ତି ବିଶେଷଙ୍କ ଜାଗା ଦେଇ ରାସ୍ତା ଯାଉଥିବା ବେଳେ ସେମାନଙ୍କୁ ଏନ୍‌ଏଚ୍‌ଏଆଇ ପକ୍ଷରୁ ପ୍ରାୟ ୫କୋଟି ଟଙ୍କାର କ୍ଷତିପୂରଣ ରାଶି ଦିଆଯାଇଛି। ମାତ୍ର ସେଥିରୁ କେତେଜଣ ବ୍ୟକ୍ତି ଏନ୍‌ଏଚ୍‌ଏଆଇ ନାମରେ କୋର୍ଟରେ କେସ୍ କରି ରହିତାଦେଶ କରିଥିବା ବେଳେ ଅନ୍ୟ କେତେଜଣ ନିଜ ଜାଗାର ଉଚିତ ମୂଲ୍ୟ ଦାବି କରି ୬ଲେନ ରାସ୍ତା କାର୍ଯ୍ୟ ପାଇଁ ଜାଗା ଦେଉନାହାନ୍ତି। ଫଳରେ ନିର୍ମାଣ କାର୍ଯ୍ୟ ଅଧା ହୋଇ ପଡ଼ିରହିଛି। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ବିସ୍ଥାପିତମାନଙ୍କୁ ଗୃହ ଉଚ୍ଛେଦ ବାବଦରେ କ୍ଷତିପୂରଣ ରାଶି ପ୍ରଦାନ ସମୟରେ ସେମାନେ ବସବାସ କରୁଥିବା ଜମିକୁ ରାଜସ୍ୱ ବିଭାଗ ପକ୍ଷରୁ ଅଧିଗ୍ରହଣପୂର୍ବକ ନିଜ ଅଧୀନକୁ ନେଇଥିଲେ, ପରେ ଜମି ବାବଦରେ କୋର୍ଟରେ ମାମଲା କରିବାର ସାହସ ଜୁଟାଇବାରେ ସକ୍ଷମ ହୋଇ ନ ଥାନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଏ ନେଇ ଜାତୀୟ ରାଜପଥର ନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ଜେନା କହିଛନ୍ତି, ରାସ୍ତା ନିର୍ମାଣ କାର୍ଯ୍ୟରେ ଏଭଳି ସମସ୍ୟା ଲାଗିରହୁଥିବାରୁ ଅବଶିଷ୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଏନ୍‌ଏଚ୍‌ଏଆଇଙ୍କ ପକ୍ଷରୁ ପୁରୀ ଜିଲା ପୂର୍ତ୍ତ ବିଭାଗକୁ ଦାୟିତ୍ୱ ହସ୍ତାନ୍ତର କରାଯିବ। ୬ଲେନ ରିଙ୍ଗ ରୋଡର ଅବଶିଷ୍ଟ କାର୍ଯ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ରିଟେଣ୍ଡର କରାଯାଇ ଜିରୋ ଲାଇନ କ୍ଲିୟର ପରେ କାର୍ଯ୍ୟାରମ୍ଭ କରାଯିବ ବୋଲି ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି।



ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ମଣପଡା ପଞ୍ଚାୟତରେ ବିଭିନ୍ନ ଦାବି ନେଇ ଶନିବାର ଗ୍ରାମବାସୀଙ୍କ ଶୋଭାଯାତ୍ରା ।

## ମଣପଡ଼ା ପଞ୍ଚାୟତରେ ଦୁର୍ନୀତି ବିରୋଧରେ ପଦଯାତ୍ରା

ବ୍ରହ୍ମଗିରି, ୨୬।୮ (ସ୍ୱାଧୀନ ଚମ୍ପତିରାୟ)

ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ମଣପଡା ପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ହୋଇ ଥିବା ଦୁର୍ନୀତିକୁ ନେଇ ଶନିବାର ସ୍ଥାନୀୟ ଲୋକେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ପଦଯାତ୍ରା କରିଥିଲେ। ଉକ୍ତ ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟରେ ବ୍ୟାପକ ଅନିୟମିତତା ସହ ଅର୍ଥଆତ୍ମସାତ ହୋଇଥିବାରୁ ସ୍ଥାନୀୟ ଲୋକେ ଏହାର ପ୍ରତିବାଦ କରିଥିଲେ। ଏଥିସହ ସରପଞ୍ଚ, ଯନ୍ତ୍ରୀ ଓ ଭିଏଲ୍‌ଡବ୍ଲ୍ୟୁଙ୍କ ବହିଷ୍କୃତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଏକ ପଦଯାତ୍ରାରେ ବାହାରି ମଣପଡା ଛକରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉକ୍ତ ପଞ୍ଚାୟତର ଶତାଧିକ ଲୋକଙ୍କ ସହିତ ପୂର୍ବତନ ସରପଞ୍ଚ ସୁଶାନ୍ତ ଜେନା, ସୁରଥ ଦଳାଇ, ସୁମନ୍ତ ପରିଡା ପ୍ରମୁଖ ସାମିଲ ଥିଲେ।

## ବିନା ଲେ ଆଉଟରେ ପ୍ଲଟିଂ ବ୍ୟବସାୟ ଅଭିଯୋଗ

ପୁରୁଣା ଭୁବନେଶ୍ୱର,୨୬।୮ (ସୁବାସ ଚନ୍ଦ୍ର ପ୍ରଧାନ)

ଉତ୍ତରା ଫାଣ୍ଡି ଅଞ୍ଚଳର ଲକ୍ଷ୍ମୀନାରାୟଣପୁର. ବିଲିପଡ଼ା ଜେନାସାହି, ମାଟିଆପଡ଼ା ମୌଜାରେ ଜଣେ ବିଲ୍ଡର ଚାଷଜମିକୁ ଘରବାରି କିସମ କରି ପ୍ଲଟିଂ କରୁଛନ୍ତି। ଏପରିକି ବିନା ଲେ ଆଉଟରେ ପ୍ଲଟିଂ ଜମିକୁ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ପ୍ରାୟ ୩ଶହ ଏକରରୁ ଊର୍ଦ୍ଧ୍ୱ ଚାଷଜମି କିଣି ଘରବାଡ଼ି ନିର୍ମାଣ କରିବାରୁ ପ୍ରାୟ ୭ଟି ଚକନାଳି, ୩ଟି କାଡ଼ା ନାଳି, ୨ଚକନାଳି ଏକପ୍ରକାର ନ ଥିବା ଗ୍ରାମବାସୀଙ୍କ ପକ୍ଷରୁ ପିପିଲି ବିଧାୟକ ରୁଦ୍ର ପ୍ରସାଦ ମହାରଥୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଠାରେ ଅନ୍ୟ ଚାଷ ଜମିଗୁଡ଼ିକରେ ଘରବାରି କିସମ ବନ୍ଦ କରାଯିବା ସହ ଚକନାଳିଗୁଡ଼ିକ ଉଦ୍ଧାର କରାଯାଇ ଜଳ ନିଷ୍କାସନ କରାଯିବାକୁ ଅଭିଯୋଗରେ ଉଲ୍ଲେଖ କରାଯାଇଛି। ବିଲ୍ଡର ଏଥିରେ ଚାଷୀଙ୍କୁ ସହଯୋଗ ନ କରନ୍ତି ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କଲେ ୫-ଟି ସଚିବ


୫-ଟି ସଚିବ ଭି.କେ. ପାଣ୍ଡିଆନ୍ ପ୍ରକଳ୍ପ କାର୍ଯ୍ୟ ପରିଦର୍ଶନ କରୁଛନ୍ତି ।

ପୁରୀ,୨୬।୮ (ଅଜିତ ମହାନ୍ତି)

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନ ଶନିବାର ସନ୍ଧ୍ୟାରେ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦର୍ଶନ କରିବା ସହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଚାଲିଥିବା ପରିକ୍ରମା କାର୍ଯ୍ୟର ସମୀକ୍ଷା କରିଥିଲେ। ସନ୍ଧ୍ୟା ପ୍ରାୟ ୮ଟା ସମୟରେ ୫-ଟି ସଚିବ ପାଣ୍ଡିଆନ ପୁରୀରେ ପହଞ୍ଚିବା ପରେ ସିଂହଦ୍ୱାର ଦେଇ ଶ୍ରୀମନ୍ଦିର ପରିସରକୁ ଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ। ପରେ ଭିତରେ ପାର୍ଶ୍ୱଦେବଦେବୀଙ୍କ ଦର୍ଶନ କରିବା ସହ କିଛି ସମୟ ବିତାଇବା ପରେ ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ଏହାପରେ ସେ ଶ୍ରୀମନ୍ଦିର ଚାରିପାଖରେ ଚାଲିଥିବା ପରିକ୍ରମା ମାର୍ଗ କାର୍ଯ୍ୟର ସମୀକ୍ଷା କରିଥିଲେ। ଚାଲିଥିବା କାର୍ଯ୍ୟ ଶୀଘ୍ର ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ୫-ଟି ସଚିବଙ୍କ ସାଥୀରେ ଉପଜିଲାପାଳ ଭବତାରଣ ସାହୁଙ୍କ ସହ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପ୍ରତିଶ୍ରୁତି ପରିବାରର ଦ୍ୱିତୀୟ ବାର୍ଷିକ ଉତ୍ସବ

ପୁରୀ,୨୬।୮ (ଅଜିତ ମହାନ୍ତି)

ପ୍ରତିଶ୍ରୁତି ପରିବାର ଦ୍ୱିତୀୟ ବାର୍ଷିକ ଉତ୍ସବ ଶନିବାର ହିଞ୍ଜଳ ଜାଗା କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ପୁରୀ ସଦର ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ, ସମସ୍ତ ପ୍ରତିଶ୍ରୁତି ପରିବାରର ବ୍ୟକ୍ତିମାନଙ୍କୁ ସମାଜରେ ଉଲ୍ଲେଖନ୍ୟ ଉନ୍ନତି ନିମନ୍ତେ ଧନ୍ୟବାଦ୍ ପ୍ରଦାନ କରିବା ସହିତ, ସଦା ସର୍ବଦା ସମାଜ ମଙ୍ଗଳ କାର୍ଯ୍ୟକ୍ରମରେ ପ୍ରତିଶ୍ରୁତି ଅନୁଷ୍ଠାନ ସହିତ ଜଡିତ ରହିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମଧୁସୁଦନ ସିଂହାରୀ, ରବିନାରାୟଣ ଦାସ, ସନାତନ ଦାଶ, ଅନିଲ ସାହୁ, ସୁଦଶା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅନୁଷ୍ଠାନର ସଭାପତି ପଦ୍ମହରଣ ମହାପାତ୍ର, ସମ୍ପାଦିକା ପ୍ରିୟଙ୍କା ମହାପାତ୍ର, ଉପ ସଭାପତି କମିଳିନି ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ଅନୁଷ୍ଠାନର ସଭାପତି ମତବ୍ୟକ୍ତ କରି କହିଥିଲେ, ପ୍ରତିଶ୍ରୁତି ଏକ ଶବ୍ଦ ନୁହେଁ ଏହା ସମାଜ ପ୍ରତି ତାର ସଂକଳ୍ପ କିଛି କର୍ତ୍ତବ୍ୟ କରିବା ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ପ୍ରତିଶ୍ରୁତି ପରିବାର ସହ ସମ୍ପାଦକ ଜୟକୃଷ୍ଣ ଦାସ, ରାଜେଶ୍ୱରୀ ଡୋରା, ଚନ୍ଦନା ମହାପାତ୍ର, ସ୍ୱର୍ଣ୍ଣଲତା, ମଧୁସ୍ମିତା, ଲିନାରାଣୀ, ସୁଚିତ୍ରା, ସଂଯୁକ୍ତା, ସୁଜାତା ସୁରେନ୍ଦ୍ର ମହାପାତ୍ରଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ସହଯୋଗ ପ୍ରଦାନ କରିଥିଲେ।

# ପାଇପ୍ ପକାଇବା ପରେ ଖୋଳା ସ୍ଥାନ ସମାନ ପାଇଁ ଦାବି

ସାକ୍ଷୀଗୋପାଳ,୨୬।୮ (ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

**ପାନୀୟ ଜଳଯୋଗାଣ ପାଇଁ ଖୋଳାଯାଇଥିଲା**

ରାଜ୍ୟ ସରକାର (ଡ୍ରିଙ୍କ୍ ଟୁ ହୋମ୍) ମାଧ୍ୟମରେ ସାଧାରଣ ଲୋକଙ୍କ ଘରକୁ ପାଇପ୍ ଦ୍ୱାରା ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ସତ୍ୟବାଦୀର କରାଯାଇଥିବା ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟ ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବା ବେଳେ ଅଞ୍ଚଳର ଅନେକ ଗ୍ରାମକୁ ଏହି ଯୋଜନା ଦ୍ୱାରା ପାନୀୟ ଜଳ ଯୋଗାଇ ଦେବା ପାଇଁ ଏକ ଠିକାଦାର ସଂସ୍ଥା ପକ୍ଷରୁ କାମ କରାଯାଉଛି। ବିଳମ୍ବରେ ହେଲେ ମଧ୍ୟ ରାଜ୍ୟ ସରକାରଙ୍କ ଏହି ଯୋଜନାକୁ ପ୍ରାଥମିକତା ଦିଆଯାଉଥିବାରୁ ଅଞ୍ଚଳବାସୀ ସ୍ୱାଗତ କରିବା ସହ ଶୀଘ୍ର କାର୍ଯ୍ୟ ସରିଲେ ଯୋଜନାର ଲାଭ ଉଠାଇବା ପାଇଁ ଚାହିଁ ରହିଛନ୍ତି। ମାତ୍ର କାମ କରୁଥିବା ସଂସ୍ଥାର ଖାମଖିଆଲ ମନୋଭାବ ଯୋଗୁ ୧୦ରୁ ଊର୍ଦ୍ଧ୍ୱ ଦିନ ହେବ ରାସ୍ତାକୁ ଖୋଳି ପାଇପ୍ ପକାଇ ଦେଇଥିଲେ ମଧ୍ୟ ସେ ସ୍ଥାନକୁ ସମାନ ତଥା ସମତଳ କରୁ ନାହାନ୍ତି। ଫଳରେ ଉକ୍ତ ସ୍ଥାନ ଦେଇ ଯାତାୟାତ କରୁଥିବା ବ୍ୟକ୍ତିବିଶେଷ କରି ବୟସ୍କ ଓ ସ୍କୁଲ ପିଲା ଦୁର୍ଘଟଣାର ଶିକାର ହେଉଥିବା ଅଭିଯୋଗ ହେଉଛି। ଅନ୍ୟପଟେ ବର୍ଷା ହେବାରୁ ଖୋଳାଯାଇଥିବା ସ୍ଥାନରୁ ମାଟି ବାଲି ଗୋଡ଼ି ଧୋଇ ରାସ୍ତା କଦର୍ଥ କରିଦେଇଛି। ରାଜ୍ୟ ସରକାରଙ୍କ ଏହି ଯୋଜନାକୁ ଶୀଘ୍ର ସରିବା ଓ ପାଇପ୍ ପଡ଼ିସାରିଥିବା ରାସ୍ତାକୁ ଶୀଘ୍ର ସମତଳ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅନିତା ରାଜ ପଣ୍ଡା କୁହନ୍ତି, ଏକାସଙ୍ଗେ ବିଭିନ୍ନ ଗ୍ରାମରେ କାର୍ଯ୍ୟ ହେଉଛି। ଯେଉଁ ଗ୍ରାମର ପାଇପ୍ ପଡ଼ିବା ପାଇଁ ଖୋଳାଯାଉଛି, ସେ ସ୍ଥାନ ସମାନ କରିବା ପାଇଁ କିଛି ଦିନ ସମୟ ଲାଗିବ। ତେଣୁ ଲୋକମାନେ ସୁରକ୍ଷିତ ଭାବେ ଯାତାୟାତ କରନ୍ତୁ। ସେହିଭଳି ଉକ୍ତ ସଂସ୍ଥାର ସୁପରଭାଇଜର କହିଥିଲେ, କାମ କରିବା ପାଇଁ ବିଦ୍ୟୁତ୍‌ର ସମସ୍ୟା ହେଉଛି। ଯେଉଁ ଅଞ୍ଚଳ ଦେଇ ମାଟି ତଳେ ପାଇପ୍ ଯାଉଛି ସେ ଗ୍ରାମର ଲୋକେ ବିଦ୍ୟୁତ୍ ଦେବା ପାଇଁ ସହଯୋଗ କରୁନାହାନ୍ତି, ଯାହାଦ୍ୱାରା କାମ କରିବାରେ ଅସୁବିଧା ହେବା ସହ ବିଳମ୍ବ ହେଉଛି। ଅନ୍ୟପଟେ ବିଦ୍ୟୁତ୍ ପାଇଁ ବିଭାଗ ପକ୍ଷରୁ ବ୍ୟବସ୍ଥା ନ କରି ଲୋକଙ୍କଠାରୁ ନେବାକୁ ସାଧାରଣ ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି।

# ସାକ୍ଷୀଗୋପାଳ କଲେଜରେ ବିପର୍ଯ୍ୟୟ ମୁକାବିଲା କର୍ମଶାଳା

ସାକ୍ଷୀଗୋପାଳ,୨୬।୮ (ଭରତ ରାଉତ)

ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ସାକ୍ଷୀଗୋପାଳସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତିମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଏକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଦିନିକିଆ କର୍ମଶାଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗର ମୁଖ୍ୟ ପ୍ରଫେସର ବି. କେ. ହୋତା ଏବଂ ରୁଷା କୋଡିନେଟର ପ୍ରଫେସର ଏସ.କେ. ବଡମାଲି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ସତ୍ୟ ଶିବ ସୁନ୍ଦର ମିଶ୍ର, ରୁଷା କୋଡିନେଟର ପ୍ରଫେସର ରତ୍ନାକର ସାହୁ, ଜାତୀୟ ସେବା ଯୋଜନା ଅଧିକାରୀ ଡ. ଶଙ୍କର୍ଷଣ ପ୍ରଧାନଙ୍କ ସହିତ ସରପଞ୍ଚ ଚିନ୍ମୟ ରାଉତ ଏବଂ ମେଜର ନିରୁ ନାୟକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ମହାବିଦ୍ୟାଳୟ ପରିସରରେ ଓଡ୍ରାଫ ଟିମ୍ ମକ୍‌ଡ୍ରିଲ କରାଯାଇଥିଲା। ପ୍ରୋଗାମ ସଂଯୋଜିକା ଅନନ୍ୟା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ସାମାଜିକ ସୁରକ୍ଷାକୁ ନେଇ ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

ଜଟଣୀ,୨୬।୮ (ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ୱାର୍ଡ ନମ୍ବର ୭ ଅନ୍ତର୍ଗତ ଗୋପବନ୍ଧୁ ଆଦର୍ଶ କଲୋନୀରେ ସାମାଜିକ ସୁରକ୍ଷାକୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଟଣୀ ତାଲୁକା ଆଇନ ସହାୟତା କମିଟି ଏବଂ ଜଟଣୀ ବାର୍ ଆସୋସିଏଶନର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିଭିଲଜଜ୍ ଜୁନିୟର ଡିଭିଜନ କମ୍ ଜେଏମଏଫସି କୋର୍ଟ ଜଟଣୀର ବିଚାରପତି ହିତାଶ୍ରୀ ବେହେରାଙ୍କ ଅଧକ୍ଷତାରେ ଅତିଥିଭାବେ ଜଟଣୀ ପୌରକାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି, ଜଟଣୀ ବାର୍ ଆସୋସିଏଶନ ସଭାପତି ଅଧିବକ୍ତା ନିରଞ୍ଜନ ପଣ୍ଡା, ବାର୍ ସମ୍ପାଦକ ବିଜୟ କୁମାର ମହାପାତ୍ର, ସରକାରୀ ଅଧିବକ୍ତା ମାନସ କୁମାର ସୁବୁଦ୍ଧି, ଅଧିବକ୍ତା ସୁଶାନ୍ତ ସୁବୁଦ୍ଧି, ଅଧିବକ୍ତା ଚିତନ ଦଳେଇ, ଅଧିବକ୍ତା ପ୍ରଦୀପ ଜେନା, ନରେଶ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ଉପରେ ଉପସ୍ଥିତ ଜନସାଧାରଣଙ୍କୁ ଅତିଥି ମହାନ୍ତି କହିଥିଲେ। ଅଧିବକ୍ତା ସୌମ୍ୟରଞ୍ଜନ ସେଠୀ ଏବଂ ଚିତ୍ତନ ଦଳେଇ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧିବକ୍ତା ମାନସ କୁମାର ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

# ଆଇନ ସଚେତନତା ଶିବିର

ନିମାପଡ଼ା,୨୬।୮ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା କୋର୍ଟ ତାଲୁକ ଆଇନ ସେବା କମିଟି ପକ୍ଷରୁ ଏକ ଆଇନ ସଚେତନତା ଶିବିର ଓ ସାମାଜିକ କଲ୍ୟାଣ ଯୋଜନା ସମ୍ପର୍କୀତ ଏକ କର୍ମଶାଳା ଶନିବାର ନିମାପଡ଼ା ଜବରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଅତିରିକ୍ତ ଜିଲା ଦୌରାଜଜ୍(ଏଡିଜେ) ଲୋକାନାଥ ସାହୁ, ସବ୍‌ଜଜ୍ ସଂଘମିତ୍ରା ବିଶ୍ୱାଳ, ମୁନସିଫ ସୌମ୍ୟ ରଏ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ (ଜେଏମ୍‌ଏଫ୍‌ସି ୧) ମିଳନ ତାଣ୍ଡି, ଜେଏମ୍‌ଏଫ୍‌ସି-୨ ବ୍ରଜେଶ ମିଶ୍ର, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ମଲ୍ଲିକ, ତାଲୁକ ଆଇନ ସେବା କମିଟିର(ରିଟେଣ୍ଡର) ଅନୁବନ୍ଧିତ ଆଇନଜୀବୀ ଜୟଶ୍ରୀ ପ୍ରଧାନ, ଅତିରିକ୍ତ ବିଡିଓ ପ୍ରିୟଦର୍ଶିନୀ ବରାଳ ପ୍ରମୁଖ ଯୋଗ ଦେଇଥିଲେ। ଆଇନ ବ୍ୟବସ୍ଥା ଆଇନର ବିଭିନ୍ନ ଦିଗ ଓ ସଫଳ ରୂପାୟନ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିବା ସହ ଏ ଦିଗରେ ଜନସଚେତନତା ସୃଷ୍ଟି କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠିର ବହୁ ମହିଳା, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି, ବୁଦ୍ଧିଜୀବୀ ଯୋଗଦେଇଥିଲେ। ଆଇନକାନୁନ, ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ କରାଯାଇ ଜନସଚେତନତା ସୃଷ୍ଟି କରାଯିବା ଏହି ଶିବିର ଓ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।



ଶିବିରରେ ମଞ୍ଚାସୀନ ବିଚାରପତି(ଜଜ୍) ଓ ଅତିଥିବୃନ୍ଦ।

# ଅସରାଏ ବର୍ଷାରେ ବିଭିନ୍ନ ସ୍ଥାନ ଜଳମଗ୍ନ


ପୁରୀ ସ୍ୱର୍ଗଦ୍ୱାର ରାସ୍ତାରେ ବର୍ଷାଜଳ ଜମି ରହିଛି ।

ପୁରୀ,୨୬।୮ (ଅଜିତ ମହାନ୍ତି)

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଶନିବାର ପୁରୀରେ ପ୍ରବଳ ବର୍ଷା ହୋଇଛି। ଅପରାହ୍ନ ସମୟରେ କିଛି ସମୟ ଧରି ଗ୍ଆକାଶ କଳା ହାଣ୍ଡିଆ ହେବା ସହ ମୁଷଳ ଧରଣର ବର୍ଷା ଲାଗିରହିଥିଲା। ଫଳରେ ପୁରୀ ସହରର କିଛି ଅଞ୍ଚଳ ଏବଂ ବିଶେଷ କରି ତଳିଆ ଅଞ୍ଚଳରେ ଆସ୍ତେ ଆସ୍ତେ ବର୍ଷାଜଳ ଜମିବାକୁ ଦେଖିବାକୁ ମିଳିଥିଲା। ଅନେକ ଶ୍ରଦ୍ଧାଳୁ ବର୍ଷାସତ୍ତ୍ୱେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଯାଇଥିଲେ। ବର୍ଷାରେ ଭିଜି ମଧ ଅନେକ ଶ୍ରଦ୍ଧାଳୁ ସିଂହଦ୍ୱାର ସମ୍ମୁଖରେ ଠିଆହୋଇ ପତିତପାବନଙ୍କ ଦର୍ଶନ କରିଥିଲେ। ବର୍ଷା କାରଣରୁ ବଡ଼ଦାଣ୍ଡର ଅନେକ ଅଞ୍ଚଳ, ସମୁଦ୍ରକୂଳ ରାସ୍ତା ଏବଂ ପୁରୀର ତଳିଆ ଅଞ୍ଚଳରେ ବର୍ଷାଜଳ ଜମି ରହିଥିଲା। ସମୁଦ୍ରକୂଳ ରାସ୍ତାରେ ପ୍ରବଳ ପାଣି ଜମି ରହିବାରୁ ଯାତାୟାତରେ ପର୍ଯ୍ୟଟକମାନଙ୍କୁ ସମସ୍ୟା ପରିଲକ୍ଷିତ ହୋଇଥିଲା। ସେହିପରି ବର୍ଷାଜଳ ସହ ଡ୍ରେନ୍ ପାଣି ମଧ ସମୁଦ୍ରରେ ମିଶୁଥିବା ଦେଖିବାକୁ ମିଳିଛି। ସେହିପିରି ବର୍ଷା କାରଣରୁ ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟ ପରିସରରେ ପାଣି ଜମି ରହିଥିଲା।

## କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପାଣି

କଣାସ,୨୬।୮ (ବିଭୂତି ଭୂଷଣ ତ୍ରିପାଠୀ)

କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାର ବିକାଶ ପାଇଁ କୋଟି କୋଟି ଟଙ୍କାରେ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବରୁ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳୁଛି। ବର୍ଷା ହେଲେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆଣ୍ଠୁଏ ପାଣି ଜମି ରହୁଥିବାରୁ ରୋଗୀ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ଖବର ନେବାରେ ଜଣାପଡିଛି ବର୍ଷାଜଳ ନିଷ୍କାସନ ପାଇଁ କୌଣସି ସୁବିଧା ନ ଥିବାବେଳେ ଡାକ୍ତରଖାନା ସମ୍ମୁଖ ଖାଲୁଆ ହୋଇଥିବାରୁ ପାଣି ଜମି ରହୁଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି।


ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରେ ଜମି ରହିଛି ପାଣି ।

## ସଂକ୍ଷେପରେ

### କେନାଲରେ ବୁଡ଼ି ଦିବ୍ୟାଙ୍ଗ ଯୁବତୀ ମୃତ

ନିଶ୍ଚିନ୍ତକୋଇଲି, ୨୬।୮
(ଅଶୋକ କୁମାର ମହାପାତ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ବୁହାଳୋ ପଞ୍ଚାୟତର ବରପଡା ଗ୍ରାମରେ କେନାଲରେ ବୁଡ଼ିଯିବାରୁ ଶନିବାର ଜଣେ ଦିବ୍ୟାଙ୍ଗ ଯୁବତୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ମାଧବାନନ୍ଦ ସାହୁଙ୍କ ଦିବ୍ୟାଙ୍ଗ କନ୍ୟା ସ୍ୱର୍ଣ୍ଣଲତା(୩୦)। ସେ ତାଙ୍କ ଘର ନିକଟରେ ଥିବା ଏକ କେନାଲରେ ଶୌଚ ହେଉଥିବାବେଳେ ପାଣିରେ ବୁଡି ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ କେନାଲରେ ଖୋଜାଖୋଜି କରି ପାଣିରେ ଭାସୁଥିବା ଅବସ୍ଥାରେ ଉଦ୍ଧାର କରିଥିଲେ। ତାଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ ୧୪/୨୦୨୩) ରୁଜୁ କରାଯାଇଛି।

### ମହାନଦୀରେ ବୁଡ଼ି ବୃଦ୍ଧ ମୃତ

ବଡ଼ମ୍ବା, ୨୬।୮(ମାୟାଧର ମଲ୍ଲିକ)

ମହାନଦୀରେ ବୁଡ଼ିଯିବାରୁ ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଗ୍ରାମର ଜଣେ ବୃଦ୍ଧଙ୍କ ଶନିବାର ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ଉପରସାହିର ବାସୁଦେବ ବେହେରା(୬୨)। ସେ ସବୁଦିନ ଭଳି ଅପରାହ୍ନ ସମୟରେ ନଦୀକୁ ଶୌଚ ହେବାକୁ ଯାଇଥିଲେ। ଅସାବଧାନତାବଶତଃ ଗୋଡ଼ ଖସିଯିବାରୁ ମହାନଦୀ ପାଣିରେ ବୁଡ଼ିଯାଇଥିଲେ। ଏନେଇ ବଡ଼ମ୍ବା ଅଗ୍ନିଶମ ବିଭାଗରେ ଖବର ଦିଆଯାଇଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପାଣିରୁ ବାସୁଦେବଙ୍କୁ ବାହାର କରି ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ବାସୁଦେବଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ବଡମ୍ବା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୪/୨୩)ରୁଜୁ କରିଛି।

### ଚିତ୍ରୋତ୍ପଳା ନଦୀରେ କୁମ୍ଭୀର: ଲୋକେ ଆତଙ୍କିତ

ନିଶ୍ଚିନ୍ତକୋଇଲି,୨୬।୮(ଅଶୋକ କୁମାର ମହାପାତ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଜନାର୍ଦ୍ଦନପୁର ପଞ୍ଚାୟତ ମାରଡା ଗ୍ରାମ ନିକଟ ଚିତ୍ରୋତ୍ପଳା ନଦୀ ଶଯ୍ୟାରେ ଶନିବାର ଏକ କୁମ୍ଭୀର ଦେଖିବାକୁ ମିଳିଛି। ଏନେଇ ସ୍ଥାନୀୟ ଲୋକେ ଭୟଭୀତ ହୋଇଯାଇଛନ୍ତି। ଜଣେ ବ୍ୟକ୍ତି ନଦୀକୁ ଶୌଚ ହେବା ନିମନ୍ତେ ଯାଇଥିଲା ବେଳେ କୁମ୍ଭୀରକୁ ଦେଖି ଚିତ୍କାର କରିଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ପାଟି କରିବାରୁ କୁମ୍ଭୀରଟି ନଦୀ ମଝିକୁ ଚାଲିଯାଇଥିଲା।

### ୨ ଚୋରା ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ

ବାଙ୍କୀ,୨୬।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ଡମପଡ଼ା ତହସିଲ୍ ପକ୍ଷରୁ ଶନିବାର ତାଳବସ୍ତ ଅଞ୍ଚଳରେ ଚଢ଼ାଉ କରାଯାଇଛି। ଏହି ଅବସରରେ ୨ଟି ଚୋରା ମାଙ୍କଡା ପଥର ବୋଝେଇ ଗାଡିଜବତ କରାଯାଇଛି। ଏହାପରେ ଉକ୍ତ ଗାଡ଼ିକୁ ତାଳବସ୍ତ ଫାଣ୍ଡି ଅଧିକାରୀଙ୍କ ଜିମା ଦିଆଯାଇଛି। ଡମପଡ଼ା ତହସିଲଦାର ପ୍ରମୋଦ ନାୟକଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା।

### ଗୋରୁବୋଝେଇ ଗାଡ଼ିକୁ ଧରିଲେ ଗ୍ରାମବାସୀ

ବାରଙ୍ଗ,୨୬।୮(ଲିଙ୍ଗରାଜ ରାଉତ)

ଗୋଡ଼ିସାହି ଫାଣ୍ଡି ଅଧୀନ ନରାଜ ବଙ୍ଗଳା ଛକଠାରେ ଗୋଚାଲାଣବେଳେ ଶନିବାର ଭୋର ସମୟରେ ଗ୍ରାମବାସୀ ଏକ ପିକ୍ଅପ୍ ଭ୍ୟାନ୍‌କୁ ଧରିଛନ୍ତି। କୌଶଳକ୍ରମେ ଗୋଚାଲାଣକାରୀ ଖସି ପଳାଇ ଯାଇଥିବାବେଳେ ଗାଡ଼ିରେ ଥିବା ୮ ଗୋରୁ ମଧ୍ୟରୁ ଗୋଟିକର ମୃତ୍ୟୁ ଘଟିଛି। ଖବରପାଇ ଫାଣ୍ଡି ପୋଲିସ ଗାଡ଼ିକୁ ଜବତ କରି ୩୧୩/୨୩ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ପୋଲିସ ମୃତ ଗାଈକୁ ଜବତ କରିବା ସହ ପ୍ରାଣୀଧନ ଚିକିତ୍ସକ ଶୁଭଲକ୍ଷ୍ମୀ ସାହୁ, ଶିବପ୍ରସାଦ ସ୍ୱାଇଁ ପହଞ୍ଚି ବ୍ୟବଚ୍ଛେଦ କରିଥିଲେ। ଏକ ପିକ୍ଅପ୍ ଭ୍ୟାନ୍ ଗୋରୁ ବୋଝେଇ କରି ଆସୁଥିବା ସ୍ଥାନୀୟ ଗ୍ରାମର କିଛି ଯୁବକ ଏହା ଦେଖିଥିଲେ। ପରେ ସଙ୍ଘବଦ୍ଧ ହୋଇ ସମସ୍ତେ ଭ୍ୟାନ୍‌କୁ ରୋକିଥିଲେ। ସେ ସମୟରେ ଗାଡ଼ିଚାଳକଙ୍କ ସହ ଅନ୍ୟ ଜଣେ କୌଶଳକ୍ରମେ ଖସି ପଳାଇ ଯାଇଥିଲେ।

# କାଗଜକଲମରେ ସୀମିତ ପରିମଳ ବ୍ୟବସ୍ଥା

- ବ୍ୟାପୁଛି ଡେଙ୍ଗୁ, ମ୍ୟାଲେରିଆ
- ଅଭିଯୋଗ ସତ୍ତ୍ୱେ ପଦକ୍ଷେପ ନିଆଗଲାନି
- କାଉନ୍‌ସିଲର, ସ୍ଥାନୀୟ ଲୋକେ ଆବର୍ଜନା ସଫାକଲେ

ମଙ୍ଗୁଳି-ଜଗତପୁର,୨୬।୭(ମାନସସାମଲ)

କଟକ ଜିଲାରେ ଡେଙ୍ଗୁ ଓ ମ୍ୟାଲେରିଆ କାୟା ବିସ୍ତାର କରିଛି। ଗତ ୧୦ ଦିନ ମଧ୍ୟରେ ଚୌଦ୍ୱାର ଅଞ୍ଚଳରେ ଏକାଧିକ ଲୋକ ଡେଙ୍ଗୁ ଓ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଛନ୍ତି। ଚୌଦ୍ୱାର ପୌରାଞ୍ଚଳର ପ୍ରତ୍ୟେକ ୱାର୍ଡରେ ମଇଳା ପାଣି ଓ ନାଳ ନର୍ଦ୍ଦମାରେ କୁଢ଼ କୁଢ଼ ଆବର୍ଜନା ଦୀର୍ଘଦିନ ହେବ ଗଦା ହୋଇରହିଛି। ଏହା ପରିବେଶକୁ ଦୂଷିତ କରିବା ସହ ମଶାବଂଶ ବୃଦ୍ଧିରେ ସହାୟକ ହୋଇଛି। ଏନେଇ କେତେଜଣ କାଉନସିଲର ଓ ସ୍ଥାନୀୟ ଅଞ୍ଚଳର ଶତାଧିକ ଯୁବକ ଗତ ୨୨ ତାରିଖରେ ପୌର ନିର୍ବାହୀ ଅଧିକାରୀ ଏବଂ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଉଭୟ ଅଧିକାରୀ ତୁରନ୍ତ ପଦେକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ୨୩ ତାରିଖରେ ବିଧାୟକ ସୌଭିକ୍ ବିଶ୍ୱାଳ, ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ନିକଟରେ ମଧ୍ୟ ଅଭିଯୋଗ ହୋଇଥିଲା। ୨୪ରେ ମଶାଧୂଆଁ ଛଡାଯିବା ସହ ଅଳିଆ ସଫା ପୌରପାଳିକା ପକ୍ଷରୁ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ହେଲେ ପୌରପାଳିକା ପକ୍ଷରୁ କୌଣସି ପଦେକ୍ଷପ ନ ନିଆଯିବାରୁ ଶନିବାର ସ୍ଥାନୀୟ ଅଞ୍ଚଳର ୨୦ରୁ ଉର୍ଦ୍ଧ୍ୱ ଯୁବକଙ୍କ ସମେତ ୨ଜଣ କାଉନସିଲର ଅର୍ଥ ସଂଗ୍ରହକରି ପ୍ରତ୍ୟେକ ୱାର୍ଡରେ ଥିବା ଡ୍ରେନ୍‌ରୁ ଆବର୍ଜନା ଉଠାଇ ଟ୍ରାକ୍ଟର ଯୋଗେ ସ୍ଥାନାନ୍ତର କରିବା ସହ ଘାସ, ବୁଦା କାଟି ସଫା କରିଥିଲେ।


ସ୍ଥାନୀୟ ଯୁବକ ଓ କାଉନସିଲର ସଫେଇ କରୁଛନ୍ତି।

୧ନଂ. ୱାର୍ଡ କାଉନସିଲର ଲିଲିବାଳା କହିଛନ୍ତି, ପୌରପାଳିକାରେ କୋଟି କୋଟି ଟଙ୍କା ପଡି ରହିଛି। କାଉନସିଲ୍ ବୈଠକରେ ଉପରୋକ୍ତ ସମସ୍ୟାର ସମାଧାନ ପାଇଁ ବାରମ୍ବାର ଦାବି କରିଛୁ। କିନ୍ତୁ ବୈଠକରେ ଡେଙ୍ଗୁ ଓ ମ୍ୟାଲେରିଆ ନିରାକରଣ ପାଇଁ ଆଲୋଚନା କରାଯାଇ କେବଳ କାଗଜକଲମରେ ପରିମଳ ବ୍ୟବସ୍ଥା ସୀମିତ ରହିଯାଉଛି ବୋଲି ସେ କହିଥିଲେ। ଅପରପକ୍ଷରେ ସ୍ଥାନୀୟ ଲୋକେ କେତେଦିନ ହାତରୁ ଅର୍ଥ ଖର୍ଚ୍ଚ କରି ସଫା କରିପାରିବେ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୌରପାଳିକା ପକ୍ଷରୁ ଡେଙ୍ଗୁ ଓ ମ୍ୟାଲେରିଆକୁ ରୋକିବା ପାଇଁ ପଦେକ୍ଷପ ନ ନିଆଯାଏ ଆଗାମୀ ଦିନରେ ଭୟାନକ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ପ୍ରକାଶ ପାଇଛି। ଏହି ସଫେଇ କାର୍ଯ୍ୟରେ ୧୧ନଂ. ୱାର୍ଡ କାଉନସିଲର ବିନୋଦିନୀ ରାଉତରାୟ, ସୌମ୍ୟ ରଞ୍ଜନ ନାୟକ, ଚିତ୍ତରଞ୍ଜନ ବେହେରା, ଅକ୍ଷୟ କୁମାର ସାହୁ, ସର୍ମଜିତ ଦଳାଇ, ଚିତ୍ତରଞ୍ଜନ ଜେନା, ରମାକାନ୍ତ ସାହୁ, ସତ୍ୟରଞ୍ଜନ ସିଂ, ହିମାଂଶୁ ସାହୁ ପ୍ରମୁଖ ସାମିଲ ଥିଲେ।

ଏ ସଂକ୍ରାନ୍ତରେ ପୌରାଧକ୍ଷା ସାମଲ କହିଛନ୍ତି, ଡେଙ୍ଗୁ ଓ ମ୍ୟାଲେରିଆ ପାଇଁ ଆମେ ସଚେତନ ରହିଛୁ। ମେଶିନ ଖରାପ ଥିବାରୁ ପ୍ରତ୍ୟେକ ୱାର୍ଡରେ ମଶାଧୂଆଁ ଦିଆଯାଇପାରୁନାହିଁ। ଆସନ୍ତା ୨ ଦିନ ମଧ୍ୟରେ ପୌରପାଳିକା ପକ୍ଷରୁ ୪ଟି ମଶାଧୂଆଁ ମେଶିନ କିଣାଯିବ। ଏହାପୂର୍ବରୁ ଭଡା ସୂତ୍ରରେ ମେଶିନ ଆଣି ମଶାଧୂଆଁ ଦିଆଯିବା ବ୍ୟବସ୍ଥା କରାଯିବ। ଏଥିସହ ଆବର୍ଜନା ହଟାଇବା ପାଇଁ ପ୍ରତି ୱାର୍ଡରେ ସ୍ୱଚ୍ଛସାଥୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଆରଏମ୍‌ସି ପଡ଼ିଆରେ ଖୋଲିବ ନୂତନ ସାପ୍ତାହିକ ହାଟ

- ଉପକୃତ ହେବେ ୧୫ ପଞ୍ଚାୟତବାସୀ
- ବୁଧବାର, ଶନିବାର ଖୋଲିବାକୁ ନିଷ୍ପତ୍ତି

ନିଶ୍ଚିନ୍ତକୋଇଲି,୨୬।୮
(ଅଶୋକ କୁମାର ମହାପାତ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ କୋଲଣପୁର ପଞ୍ଚାୟତ ଅନ୍ତର୍ଗତ କୁଲିଆସ୍ଥିତ କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ହାତରୁ କଟକ ଜିଲାର ସର୍ବବୃହତ ନିଶ୍ଚିନ୍ତକୋଇଲି ହାଟ ଚାଲିଯିବା ପରେ ଆରଏମ୍‌ସି ପଡିଆରେ ଏକ ସାପ୍ତାହିକ ହାଟ ଖୋଲିବା ପାଇଁ କମିଟି ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଏହା ଉଭୟ ଖାଉଟି ଓ ବ୍ୟବସାୟୀଙ୍କ ପାଇଁ ଉପଯୋଗୀ ହୋଇପାରିବେ। ଏହି ହାଟ ଦ୍ୱାରା ଆଖ ପାଖର ୧୫ ପଞ୍ଚାୟତର ଲୋକେ ଉପକୃତ ହୋଇପାରିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଏହି ହାଟର ସୁପରିଚାଳନା ନିମନ୍ତେ ଶନିବାର ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି କ୍ଷେତ୍ର ପରିଦର୍ଶକ କିଶୋର ଦାସ ସଭାପତିତ୍ୱ କରିଥିଲେ।


ବୈଠକରେ ଯୋଗଦେଇଥିବା ନିୟନ୍ତ୍ରିତ ବଜାର କମିଟି ସଦସ୍ୟ ଓ ଅନ୍ୟମାନେ।

ଏହି ହାଟ ପ୍ରତି ସପ୍ତାହର ବୁଧବାର ଓ ଶନିବାର ଖୋଲାଯିବା ପାଇଁ ନିଷ୍ପତ୍ତି ହୋଇଛି। ହାଟର ସ୍ଥାୟିତ୍ୱ ଓ ସୁପରିଚାଳନା ନିମନ୍ତେ ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀ, ଚାଷୀ ଓ ସର୍ବୋପରି ଖାଉଟିମାନଙ୍କୁ ଆମନ୍ତ୍ରଣ କରାଯିବା ସହ ସେମାନଙ୍କ ନିମନ୍ତେ ପାନୀୟ ଜଳ,ଖାଦ୍ୟ ଓ ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା କରାଯିବ। ସ୍ଥାନୀୟ ଅଞ୍ଚଳ ଏକ କୃଷି ବହୁଳ ଅଞ୍ଚଳ ହୋଇଥିବାରୁ ଏଠାରେ ଏକ ଶୀତଳ ଭଣ୍ଡାର ସ୍ଥାପନ କରିବାକୁ ସରକାରଙ୍କ ନିକଟରେ ଦାବି କରାଯାଇଥିଲା। ଏଥିସହ ଖୁବ ଶୀଘ୍ର ହାଟ ଖୋଲିବାକୁ ସ୍ଥିର ହୋଇଥିଲା। ଏହି ପ୍ରସ୍ତୁତି ବୈଠକରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ପୂର୍ବତନ ସରପଞ୍ଚ ଯତୀନ୍ଦ୍ରନାଥ ଜେନା, ଜିମ୍ପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଜ୍ଞାନରଞ୍ଜନ ରାଉତ, କେନ୍ଦୁପାଟଣା ସରପଞ୍ଚ ପ୍ରଗତିପ୍ରଭା ମହାନ୍ତି, କୋଲଣପୁର ସରପଞ୍ଚ ଗୋପବନ୍ଧୁ ସେଠୀ, ବାରିଗୋଳ ସରପଞ୍ଚ ଶିବ ପ୍ରସାଦ ବେହେରା, ପୂର୍ବତନ ସରପଞ୍ଚ ନୃସିଂହ ଚରଣ ବିଶ୍ୱାଳ, ବରାଦୋ ସମିତି ସଭ୍ୟ ଶୁଭଶ୍ରୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ବୈଠକକୁ ସଫଳ କରାଇବାରେ କର୍ମଚାରୀ ଭଗବାନ ଦାସ, ସେକ୍ ମହମ୍ମଦ ଇଦ୍ରିସ, ବ୍ରଜମୋହନ ପଣ୍ଡା,ସୋମନାଥ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

### ଟାଟା ପିକଅପ୍ ଭ୍ୟାନ ଧକ୍କାରେ ଜଣେ ମୃତ

ମାଣିଆବନ୍ଧ,୨୬।୮
(ଅଖିଳ କୁମାର ସାହୁ)

ବଡ଼ମ୍ବା ବ୍ଲକ ମାଣିଆବନ୍ଧ ଥାନା ଅଧୀନ ମହୁଲିଆ ଗ୍ରାମ ଲକ୍ଷ୍ମୀଧରପୁର ସାହିଠାରେ ଏକ ଟାଟା ପିକ୍ଅପ୍ ଭ୍ୟାନ ଧକ୍କାରେ ଶୁକ୍ରବାର ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗାଁର ପ୍ରଭାକର ମାଟି (୫୮)। ଏ ନେଇ ପୋଲିସ ଏକ ମାମଲା (ନଂ.୮୦/୨୩) ରୁଜୁ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ପ୍ରଭାକର ଘର ପାଖରେ ଠିଆ ହୋଇଥିଲେ। ଏହି ସମୟରେ ଦ୍ରୁତଗତିରେ ନୂଆପାଟଣା ପଟୁ ଆସୁଥିବା ପିକଅପ୍ ଭ୍ୟାନଟି ପ୍ରଭାକରଙ୍କୁ ଧକ୍କା ଦେଇ ପଳାଇଯାଇଥିଲା। ସ୍ଥାନୀୟ ଯୁବକମାନେ ଉକ୍ତ ଗାଡ଼ିକୁ ପିଛା କରି କାବୁ କରିବା ସହ ଚାଳକଙ୍କୁ ଥାନାରେ ଜିମା ଦେଇଥିଲେ। ଅପରପକ୍ଷେ ଗୁରୁତର ଅବସ୍ଥାରେ ପ୍ରଭାକରଙ୍କୁ ପ୍ରଥମେ ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରଭାକରଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ଯୁବକମାନେ ଉକ୍ତ ଗାଡ଼ିକୁ ପିଛା କରି କାବୁ କରିବା ସହ ଚାଳକଙ୍କୁ ଥାନାରେ ଜିମା ଦେଇଛନ୍ତି। ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିଛି। ଶନିବାର ଗ୍ରାମ ଶ୍ମଶାନରେ ପ୍ରଭାକରଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ମହିଳା ସମାନତା ଦିବସ

ଭୁବନେଶ୍ୱର,୨୬।୮(ଅନୁରାଧା ମହାରଣା)

ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ମହିଳା ସମାନତା ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ବାଳିକା ମାନଙ୍କ ପାଇଁ ପାଠ୍ୟକ୍ରମ ଭିତ୍ତିକ ବିଜ୍ଞାନ ଅଧିବେଶନ, ବିଜ୍ଞାନ ପ୍ରକଳ୍ପ କର୍ମଶାଳା, ଉପସ୍ଥାପନା-ଦକ୍ଷତା ବିକାଶ ଏବଂ ଚନ୍ଦ୍ରାୟଣ -୩ ଉପରେ କୁଇଜ ପ୍ରତିଯୋଗିତା ଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭୁବନେଶ୍ୱରର ଭିନ୍ନ ଭିନ୍ନ ବିଦ୍ୟାଳୟରୁ ୩୦ ଜଣ ମନୋନୀତ ଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହିତ ବିଜ୍ଞାନ ପ୍ରକଳ୍ପ 'ହାତ-ଆଖିର ସମନ୍ୱୟ' ଏବଂ 'ଟେଟ୍ରୋମିନୋସ' ପ୍ରସ୍ତୁତ କରିଥିଲେ। ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ତରଫରୁ ବିଜ୍ଞାନ ପ୍ରକଳ୍ପ ତିଆରି କରିବା ପାଇଁ ସମସ୍ତ ପ୍ରକାରର ଉପକରଣ ଏବଂ ପ୍ରସ୍ତୁତି ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରାଯାଇଥିଲା । ଛାତ୍ରୀମାନଙ୍କ ଦ୍ୱାରା ସ୍ୱ-ପ୍ରସ୍ତୁତ ବିଜ୍ଞାନ ପ୍ରକଳ୍ପ ମାଧ୍ୟମରେ ଉପସ୍ଥାପନା ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ପ୍ରଦାନ କରଯାଇଥିଲା। ଛାତ୍ରୀମାନଙ୍କ ମନକୁ ପ୍ରତିପୋଷଣ ଏବଂ ସମ୍ବେଦନଶୀଳ କରିବା ପାଇଁ ବିଜ୍ଞାନ ପରୀକ୍ଷା, ପ୍ରକଳ୍ପ ଗଠନ ଏବଂ ପ୍ରଦର୍ଶନ ପାଇଁ ଏକ ପ୍ଲାଟଫର୍ମ ଯୋଗାଇବା ସହିତ ବୈଜ୍ଞାନିକ ମନ ଭାବନା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମ ଶେଷରେ ଚନ୍ଦ୍ରଯାନ -୩ ଉପରେ କୁଇଜ ପ୍ରତିଯୋଗିତା ସହ ସମସ୍ତ ଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ଏବଂ ନିଜ ପ୍ରସ୍ତୁତ ପ୍ରକଳ୍ପ ଦ୍ୱାରା ସମ୍ମାନିତ କରାଯାଇଥିଲା। ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ପ୍ରକଳ୍ପ ସଂଯୋଜକ କପିଲ ଜେନ ଏହି ପ୍ରକାର କାର୍ଯ୍ୟକ୍ରମ ନିଶ୍ଚିତ ଭାବରେ ଛାତ୍ରୀମାନଙ୍କ ମଧ୍ୟରେ ବୈଜ୍ଞାନିକ ମାନସିକତା ବୃଦ୍ଧି, ବିଜ୍ଞାନ ଭିତ୍ତିକ କାର୍ଯ୍ୟକଳାପରେ ବାଳିକାମାନଙ୍କର ଅଂଶଗ୍ରହଣକୁ ଆହୁରି ଅଧିକ କରିବା ସହିତ ବାଳିକା ମାନଙ୍କୁ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ ଜଡିତ ହେବାକୁ ପ୍ରେରଣା ପ୍ରଦାନ କରିବ ବୋଲି କହିଥିଲେ। ଶିକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ମାର୍ଣ୍ଣିଙ୍କ ତତ୍ତ୍ୱାବଧାନରେ ରଜତ ରଂଜନ ସୂତାର, ଆରତୀରାଣୀ ମିଶ୍ର ଏବଂ କେନ୍ଦ୍ରର ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ମାହାଙ୍ଗାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଅଭିଯୋଗ


ମାହାଙ୍ଗାରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ମାହାଙ୍ଗା,୨୬।୮(ଯଯାତି ସିଂହ)

**କଂଗ୍ରେସ ପକ୍ଷରୁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ୯ ଦଫା ଦାବିପତ୍ର**

ମାହାଙ୍ଗା ବ୍ଲକ ନିର୍ବାଚନମଣ୍ଡଳୀ କଂଗ୍ରେସ କମିଟି ପକ୍ଷରୁ ମାହାଙ୍ଗାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ନେଇ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ଶୃଙ୍ଖଳା କମିଟିର ସଦସ୍ୟ ତଥା ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଏକ ଶୋଭାଯାତ୍ରାରେ ଛତ୍ରତୋଟାଠାରୁ ବାହାରି ମାହାଙ୍ଗା ଥାନାରେ ପହଞ୍ଚି ଥିଲେ। ସେମାନେ ମାହାଙ୍ଗା ଥାନା ଆଇଆଇସି ବିଜୟ କୁମାର ମଲିକଙ୍କ ଜରିଆରେ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲଙ୍କୁ ୯ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଅବସରରେ କଂଗ୍ରେସ ନେତା ଦେବେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ଏଥିରେ ନୂଆପଡା ବିଧାୟକ ଅଧିରାଜ ପାଣିଗ୍ରାହୀ, ରାଜ୍ୟ ଯୁବ କଂଗ୍ରେସ କମିଟି ସଭାପତି ଆସିଫ ନୱାଜ, କଟକ ଜିଲା କଂଗ୍ରେସ କମିଟି ସଭାପତି ମାନସ ରଞ୍ଜନ ଚୌଧୁରୀ, କଟକ ଜିଲା ସାଧାରଣ ସମ୍ପାଦକ ଭାସ୍କର ଚନ୍ଦ୍ର ବେହେରା, ଓପିସିସି ସାଧାରଣ ସମ୍ପାଦକ ମହମ୍ମଦ ଇମାଦ, କଟକ ଜିଲା କଂଗ୍ରେସ ଶୃଙ୍ଖଳା କମିଟି ସଦସ୍ୟ ପ୍ରବୀଣ କାନୁନୁଗୋ, ଆଇନଜୀବୀ ପ୍ରଦୀପ୍ତ ଭୂୟାଁ, ମାହାଙ୍ଗା ବ୍ଲକ କଂଗ୍ରେସ କମିଟି ସଭାପତି ଅଲେଖ ପ୍ରସାଦ ସ୍ୱାଇଁ, ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ କମିଟି ସଭାପତି ରମାକାନ୍ତ ବେହେରା, ବ୍ଲକ ଯୁବ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ଖଟୁଆଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

### ରାସ୍ତାରେ ଟଳିପଡ଼ିଲେ ବୃଦ୍ଧ

ସାଲେପୁର,୨୬।୮(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ ଅନ୍ତର୍ଗତ କୋଲଣପୁର ଗ୍ରାମର କୁଳମଣି ସାମଲ(୮୦) ଶନିବାର ମଧ୍ୟାହ୍ନରେ ସ୍ଥାନୀୟ କେନାଲକୁ ଗାଧୋଇବାକୁ ଯାଇଥିଲେ। ସେଠାରୁ ଘରକୁ ଫେରୁଥିବାବେଳେ କୌଣସି କାରଣରୁ ତଳେ ପଡ଼ି ଅଚେତ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ କୁଳମଣିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ଦି ଓଡ଼ିଶା ଇଞ୍ଜିନିୟର୍ସ ଫୋରମ୍‌ର ଜାତୀୟ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

କଟକ,୨୬।୮ (କାର୍ତ୍ତିକ ସାହୁ)

ଦି ଓଡ଼ିଶା ଇଞ୍ଜିନିୟର୍ସ ଫୋରମ ପକ୍ଷରୁ ଦକ୍ଷ ବିଦ୍ୟୁତ୍ ବଣ୍ଟନରେ ହିତାଧିକାରୀଙ୍କ ଭୂମିକା ଶୀର୍ଷକ ଜାତୀୟ ଆଲୋଚନାଚକ୍ର କଟକ ସାରଳା ଭବନଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଟାଟା ପାୱାର କମ୍ପାନୀର କେନ୍ଦ୍ରାଞ୍ଚଳ, ଓଡ଼ିଶା ମୁଖ୍ୟ ଇଂ. ଅରବିନ୍ଦ ସିଂହ ଏହାକୁ ଉଦ୍‌ଘାଟନ କରି ଦକ୍ଷ ବିଦ୍ୟୁତ୍ ବଣ୍ଟନ କ୍ଷେତ୍ରରେ ବିଭିନ୍ନ ହିତାଧିକାରୀଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅମିୟ କୁମାର ରଥ ଓ ମୁଖ୍ୟବକ୍ତା ଭାବେ ବେଙ୍ଗାଲୁରୁସ୍ଥିତ କେନ୍ଦ୍ରୀୟ ଶକ୍ତି ଗବେଷଣା ପ୍ରତିଷ୍ଠାନର ପୂର୍ବତନ ମହାନିର୍ଦ୍ଦେଶକ ପ୍ରଫେସର ଅଶୋକ ତ୍ରିପାଠୀ ଯୋଗଦେଇଥିଲେ। ବିଶିଷ୍ଟ ଅତିଥି ପ୍ରଫେସର ସତ୍ୟଦର୍ଶୀ ମିଶ୍ର ବିଦ୍ୟୁତ୍ ବଣ୍ଟନ କମ୍ପାନୀ ଉପଭୋକ୍ତାଙ୍କ ପାଇଁ ସନ୍ତୋଷଜନକ ବିତରଣ ବ୍ୟବସ୍ଥା କରିବାକୁ ଆହ୍ୱାନ ଦେଇଥିଲେ। ଫୋରମ୍‌ର ସଭାପତି ଇଂ. ପ୍ରଭାକର ସ୍ୱାଇଁ ଅଧ୍ୟକ୍ଷତା କରି ସମ୍ପ୍ରତି ଦେଶରେ ବିଦ୍ୟୁତ୍ ଉତ୍ପାଦନ କ୍ଷମତା, ଚାହିଦା ଓ ବିନିଯୋଗ ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ବୈଷୟିକ ଅଧିବେଶନରେ ଡ. ପ୍ରିୟବ୍ରତ ପଟ୍ଟନାୟକ, ଇଂ. ବିଜୁ ସ୍ୱାଇଁ, ଇଂ. ବିରଞ୍ଚି ନାରାୟଣ ମିଶ୍ର ପ୍ରମୁଖ ଆଲୋଚନା କରିଥିଲେ। ଫୋରମ୍‌ର କାର୍ଯ୍ୟକାରୀ ସଭାପତି ଇଂ. ବିମଳ ଚନ୍ଦ୍ର ଦାଶ ବୈଷୟିକ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଇଂ. କ୍ଷୀରୋଦ ଚନ୍ଦ୍ର ମହାପାତ୍ର ଅତିଥି ପରିଚୟ ଓ କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ପ୍ରଭାତ କୁମାର ପାଢ଼ୀ ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ରାଜ୍ୟ ତଥା ଦେଶରୁ ବହୁ ଇଞ୍ଜିନିୟର ଆଲୋଚନାଚକ୍ରରେ ଯୋଗଦେଇଥିଲେ। ଉପାଧ୍ୟକ୍ଷ ଇଂ. ଶିଶିର କୁମାର ସାହୁ ଓ କୋଷାଧ୍ୟକ୍ଷ ଇଂ. ପବିତ୍ର ମୋହନ ସାହୁ ଧନ୍ୟବାଦ ଦେଇଥିଲେ।

### ଜିଲା ଗଠନ ପାଇଁ ପ୍ରତି ଗ୍ରାମରେ ହେବ ସଚେତନତା କାର୍ଯ୍ୟକ୍ରମ

ବାଲକାଟୀ,୨୬।୮(ମନୋଜ ମଣ୍ଡଳ)

ଭୁବନେଶ୍ୱରକୁ ରାଜସ୍ୱ ଜିଲା ଗଠନ ଦାବି ନେଇ ଏକ ପ୍ରସ୍ତୁତି ବୈଠକ ବାଲକାଟୀସ୍ଥିତ ଦୁର୍ଲଭା ଦେବୀ ମନ୍ଦିରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ରାଜନେତା ସନ୍ତୋଷ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବହୁ ଯୁବନେତା ଓ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ଜିଲା ଗଠନ ଦାବିକୁ ସମର୍ଥନ ଜଣାଇ ଆନ୍ଦୋଳନକୁ ଆଗେଇ ନେବାକୁ ପ୍ରସ୍ତାବ ଉପସ୍ଥାପିତ ହୋଇଥିଲା। ପ୍ରତି ଗ୍ରାମରେ ସଚେତନତା ସଭାମାନ କରାଇ ଏହି ଯଥାର୍ଥ ଦାବିକୁ ଗଣତାନ୍ତ୍ରିକ ଉପାୟରେ ସରକାରଙ୍କଠାରେ ଉପସ୍ଥାପନ କରିବାକୁ ଯୋଜନା ପ୍ରସ୍ତୁତ ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମବାୟବିତ ଧୀରେନ କର, ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦୀ, କୃଷ୍ଣଚନ୍ଦ୍ର ଜେନା, ରସାନନ୍ଦ ପରିଡ଼ା, କପିଳ ମହାରଣା, ସମିତି ସଭ୍ୟ ଗଙ୍ଗାଧର ମହାରି, ପୂର୍ବତନ ଓକିଲ ସଂଘ ସଭାପତି ରବୀନ୍ଦ୍ର ସାମନ୍ତରାୟ, ନିର୍ମଳ ଚନ୍ଦ୍ର ରଥ, ବେଣୁଧର ଭୋଇ, ସୁରେଶ ଦାସ, ଯୋଗୀନାଥ ନାୟକ, ଅକ୍ଷୟ ଛୋଟରାୟ ପ୍ରମୁଖ ଯୋଗଦେଇ ନିଜ ମତ ଉପସ୍ଥାପନ କରିଥିଲେ। ବାଲିପାଟଣା ପ୍ରେସ୍ କ୍ଲବ ସଭାପତି ପ୍ରାରମ୍ଭରେ ଆନ୍ଦୋଳନର ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ଯୁବନେତା ସୁବ୍ରତ ମହାନ୍ତିଙ୍କ ନେତୃତ୍ୱରେ ଅନେକ ଯୁବକ ଯୁବ ବନ୍ଧୁ ଯୋଗ ଦେଇ କାର୍ଯ୍ୟକ୍ରମର ସଫଳତାରେ ସହଯୋଗ କରିଥିଲେ।

# 'ଯୁବପିଢ଼ି ସମାଜସେବାରେ ବ୍ରତୀ ହେବାକୁ ଆହ୍ୱାନ



ସମାରୋହରେ ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ, ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସ ନାୟକ ଓ ଅନ୍ୟ ଅତିଥିମାନେ।
(ଫଟୋ-ମନୋରଞ୍ଜନ ମିଶ୍ର)

ଭୁବନେଶ୍ୱର,୨୬।୮
(ଅନୁରାଧା ମହାରଣା)

**ମଦର ଟେରେସା ଜୟନ୍ତୀ ସମାରୋହ**

ଆଶା କିରଣ ଫାଉଣ୍ଡେଶନ ପକ୍ଷରୁ ୟୁନିଟ-୯ସ୍ଥିତ ଲୋହିଆ ଏକାଡେମୀଠାରେ ଶନିବାର ମଦର ଟେରେସା ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଡ. ସୁଶାନ୍ତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱରର ପୂର୍ବତନ ଏମ୍‌ପି ତଥା ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ, ମୁଖ୍ୟବକ୍ତା ଭାବେ ମୋ କଲେଜ ଅଧ୍ୟକ୍ଷ ତଥା ଅଭିନେତା ଆକାଶ ଦାସ ନାୟକ, ବିଶିଷ୍ଟ ଅତିଥି ଭାବେ ଜାମୁକୋଳି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୂରଲୀଧର ପରିଡ଼ା ଓ ଜିହୋବା ଗ୍ରୁପ୍‌ର ଅଧ୍ୟକ୍ଷ ନୃସିଂହନାଥ ନନ୍ଦ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ଉତ୍କଳ କେଶରୀ ବିଶ୍ୱାଳ, ଆବାହକ ତପନ କୁମାର ପଣ୍ଡା, ଚିତ୍ତରଞ୍ଜନ ବାଗ ପ୍ରମୁଖ ଯୋଗଦେଇ ମଦର ଟେରେସାଙ୍କ ଉପରେ ଆଲୋକପାତ କରିଥିଲେ। ଯୁବପିଢ଼ି ସମାଜସେବାରେ ନିଜକୁ ସାମିଲ କରିବା ସହ ଏଥିପାଇଁ ବ୍ରତୀ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଡାକ୍ତର ସୌମ୍ୟକାନ୍ତ ସାହୁ, ଭଗବାନ ଦାଶ, ସାମ୍ବାଦିକତା କ୍ଷେତ୍ରରେ ବରିଷ୍ଠ ସାମ୍ବାଦିକ ସୁକାନ୍ତ କୁମାର ରାଉତ, ଅବିନାଶ ଷଡ଼ଙ୍ଗୀ ଓ ଅନ୍ୟମାନଙ୍କୁ 'ମଦର ଟେରେସା ସେବା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏହା ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ରାଜ୍ୟ ସଂଯୋଜକ କାଳିଚରଣ ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୬।୮।୨୦୨୩

| | |
|---|---|
| ୪,୩୦,୨୭୬ ଟଙ୍କା | |
| ସୁନା | ୬.୪୫୦ ଗ୍ରାମ୍ |
| ରୁପା | ୨୪.୮୫୦ ଗ୍ରାମ୍ |

# ଚିନ୍ତା ବଢ଼ାଉଛି ଡେଙ୍ଗୁ ରୋଗୀଙ୍କ ସଂଖ୍ୟା

ପୁରୀ, ୨୬।୮ (ଅଜିତ୍ ମହାନ୍ତି)



■ଜାନୁୟାରୀରୁ ଏଯାଏ ଜିଲାରେ ୨୮୫ ଆକ୍ରାନ୍ତ ଚିହ୍ନଟ

■ପ୍ରତିଦିନ ୨୫୦ ନମୁନା ଟେଷ୍ଟ ହେଉଛି

ରାଜ୍ୟର ବିଭିନ୍ନ ଜିଲାରେ ଆସ୍ତେ ଆସ୍ତେ ଡେଙ୍ଗୁର ପ୍ରଭାବ ବୃଦ୍ଧି ପାଇବାରେ ଲାଗିଛି। ତେବେ ପୁରୀରେ ମଧ୍ୟ ଡେଙ୍ଗୁର ପ୍ରଭାବ ଦେଖିବାକୁ ମିଳିଛି। ଗତ କିଛିଦିନ ମଧ୍ୟରେ ଜିଲାରେ ବଢ଼ି ଚାଲିଛି ଡେଙ୍ଗୁ ରୋଗୀଙ୍କ ସଂଖ୍ୟା। ସଦର ମୁଖ୍ୟ ଚିକିତ୍ସାଳୟରେ ଅଧିକରୁ ଅଧିକ ଡେଙ୍ଗୁ ଆକ୍ରାନ୍ତ ପହଞ୍ଚିବାରେ ଲାଗିଛନ୍ତି। ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଥିବାବେଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ପର୍ଯ୍ୟାପ୍ତ ଶଯ୍ୟା ନ ଥିବା ଅଭିଯୋଗ ହୋଇଛି। ସେହିପରି ଡେଙ୍ଗୁ ଆକ୍ରାନ୍ତଙ୍କୁ ଚିହ୍ନଟ କରିବା ପାଇଁ ହେଉଥିବା ପରୀକ୍ଷାରେ ଆବଶ୍ୟକ ଅନୁଯାୟୀ ଭିତ୍ତିଭୂମି ନ ଥିବାରୁ ଟେଷ୍ଟିଂରେ ଅଧିକ ସମୟ ଲାଗୁଥିବା ଅଭିଯୋଗ ହେଉଛି। ପୁରୀ ଭଳି ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ ସ୍ଥଳୀରେ ଡେଙ୍ଗୁ ରୋଗର ମୁକାବିଲା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ଖାମଖିଆଲି ନୀତି ଗ୍ରହଣ କରୁଥିବା ନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବର୍ତ୍ତମାନ ପୁରୀ ପୌରାଞ୍ଚଳରେ ବଢ଼ିବଢ଼ି ଚାଲିଛି ଡେଙ୍ଗୁ ରୋଗୀଙ୍କ ସଂଖ୍ୟା। ପୁରୀ ଜିଲା ସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଅନୁସାରେ ଗତ ଜାନୁୟାରୀ ମାସରୁ ଅଗଷ୍ଟ ୨୬ ସୁଦ୍ଧା ୨୮୫ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇସାରିଲେଣି। ତେବେ ହଠାତ ଗତ ଏକମାସ ହେବ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଥିବା ଦେଖିବାକୁ ମିଳିଛି। ଡେଙ୍ଗୁ ଆକ୍ରାନ୍ତଙ୍କ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ମାତ୍ର ୬ଟି ବେଡ୍ ରହିଛି। ପର୍ଯ୍ୟାପ୍ତ ବେଡ୍ ନ ଥିବାରୁ ଡେଙ୍ଗୁ ରୋଗୀମାନେ ଉପଯୁକ୍ତ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଫଳରେ ଅନେକ ଡେଙ୍ଗୁ ରୋଗୀ ବାଧହୋଇ ଘରୋଇ ହସ୍ପିଟାଲମୁହାଁ ହେଉଛନ୍ତି। ପୁରୀ ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀ ହୋଇଥିବା ବେଳେ ଡେଙ୍ଗୁ ଆକ୍ରାନ୍ତଙ୍କୁ ଉପଯୁକ୍ତ ଚିକିତ୍ସା ନ ମିଳିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ସୁଜାତା ମିଶ୍ର କହିଛନ୍ତି, ଗତ ଜାନୁୟାରୀ ମାସରୁ ଏପର୍ଯ୍ୟନ୍ତ ଜିଲାରେ ୨୮୫ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ତେବେ ଯେତିକି ପରିମାଣରେ ରୋଗୀ ଚିହ୍ନଟ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ୫୦ ଶତକଡା ଜିଲାର ଅଧିବାସୀ ହୋଇଥିବା ବେଳେ ବାକି ଜିଲା ବାହାରର ଅଟନ୍ତି, ଯେଉଁମାନେ ପୁରୀରେ ରହି କାର୍ଯ୍ୟ କରୁଛନ୍ତି। ତେବେ ଡେଙ୍ଗୁ ରୋଗୀଙ୍କ ଚିକିତ୍ସା ପାଇଁ ମେଡିକାଲରେ ୬ଟି ବେଡ୍ କାର୍ଯ୍ୟକ୍ଷମ ରହିଛି। ଅପରପକ୍ଷେ ଲାବରେ ପ୍ରତ୍ୟେକ ଦିନ ଟେଷ୍ଟ କରାଯାଇ ଡେଙ୍ଗୁ ଚିହ୍ନଟ କରାଯାଉଛି। ପ୍ରତ୍ୟେକ ଦିନ ୨୫୦ରୁ ୩୦୦ ହାରାହାରି ନମୁନାର ଟେଷ୍ଟ କରାଯାଉଛି। ଟେଷ୍ଟରୁ ପ୍ରାୟ ଦିନକୁ ୨୦ରୁ ଅଧିକ ଡେଙ୍ଗୁ ବାହାରୁଥିଲେ। ତେବେ ଏବେ ଏହା କମିବାରେ ଲାଗିଛି। ଶୁକ୍ରବାର ଟେଷ୍ଟରେ ୧୧ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଯେପରି ଡେଙ୍ଗୁ ଅଧିକ ନ ହେବ ସେଥିପାଇଁ ପୌରସଂସ୍ଥା ପକ୍ଷରୁ ଲୋକମାନଙ୍କୁ ସଚେତନ କରାଯାଉଛି। ଡାକବାଜି ଯନ୍ତ୍ର ସାହାଯ୍ୟରେ ସହରବାସୀଙ୍କୁ ସଚେତନ କରାଯାଉଛି। ମଶାରି ଟାଣି ଶୋଇବା, ଦେହକୁ ଘୋଡାଇ ରଖିବା, ବିଶେଷ କରି ସକାଳେ ଓ ସନ୍ଧ୍ୟାରେ ସଜାଗ ରହିବା, ନିଜ ଘର ଏବଂ ଚାରିପାଖକୁ ସଫା କରିବା, ପାଣି ନ ଜମିବାକୁ ସୂଚନା ଦିଆଯାଉଛି। ସେହିପରି ମଶାଙ୍କ ସଂଖ୍ୟାକୁ କମାଇବା ପାଇଁ ନାଳ ଏବଂ ଡ୍ରେନରେ ମଶାମରା ତେଲ ପକାଯାଉଛି। ପାଗ ଶୁଖିଲା ହେବା ପରେ ମଶାଧୂଆଁ ଛଡ଼ାଯିବ। ଲୋକମାନେ ସଚେତନ ରହିଲେ ଡେଙ୍ଗୁ ବ୍ୟାପିବାରୁ ନିଜକୁ ରକ୍ଷା କରିପାରିବେ। ଯଦି କାହାଘରେ ଡେଙ୍ଗୁ ରୋଗୀ ଅଛନ୍ତି ସେମାନଙ୍କୁ ଦିନରେ ମଧ୍ୟ ମଶାରି ମଧ୍ୟରେ ରଖନ୍ତୁ। ସମସ୍ତଙ୍କ ସହଯୋଗରେ ଡେଙ୍ଗୁର ନିୟନ୍ତ୍ରଣ କରିହେବ। ଅପରପକ୍ଷେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟରେ ଡେଙ୍ଗୁ ରୋଗୀଙ୍କ ଚିକିତ୍ସା ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ନାଳ ନର୍ଦ୍ଦମାର ସଫେଇ, ମଶାମରା ତେଲ ସିଞ୍ଚନ କରିବା ପାଇଁ ପୁରୀ ପୌରପାଳିକାକୁ ନିର୍ଦ୍ଦେଶ ଦିଆଯାଇଛି। ଲୋକମାନଙ୍କୁ ସଚେତନ କରାଇବା ପାଇଁ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଜନସାଧାରଣ ମଧ୍ୟ ନିଜ ପ୍ରତି ସଚେତନ ହେବା ଆବଶ୍ୟକ ବୋଲି ଜିଲାପାଳ କହିଛନ୍ତି।

# ହ୍ୟୁମ୍ୟାନ ରାଇଟ୍ ଫ୍ରଣ୍ଟ ଇଣ୍ଡିଆର ରାଜ୍ୟସ୍ତରୀୟ ବୈଠକ




ବୈଠକରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ ।

ପୁରୀ, ୨୬।୮ (ଅଜିତ ମହାନ୍ତି)

ହ୍ୟୁମ୍ୟାନ ରାଇଟ୍ ଫ୍ରଣ୍ଟ ଇଣ୍ଡିଆର ଶନିବାର ସ୍ଥାନୀୟ ୟୁଥ୍ ହଷ୍ଟେଲରେ ଦୁଇ ଦିନିଆ ରାଜ୍ୟସ୍ତରୀୟ ଯୋଜନା ଓ ପର୍ଯ୍ୟାଲୋଚନା ବୈଠକ ଆରମ୍ଭ ହୋଇଯାଇଛି। ଏହି ବୈଠକରେ ହ୍ୟୁମ୍ୟାନ ରାଇଟ୍ ଫ୍ରଣ୍ଟ ଇଣ୍ଡିଆର ରାଜ୍ୟ ଚେୟାରମ୍ୟାନ ତଥା ନ୍ୟାଶନାଲ ହ୍ୟୁମାନ ରାଇଟ କୋର ଗ୍ରୁପ ସଦସ୍ୟ ମନୋଜ ଜେନା ଉପସ୍ଥିତ ରହି ସଦସ୍ୟମାନଙ୍କୁ ମାନବ ଅଧିକାର ଓ ଏହାର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ନିରପେକ୍ଷ ତଦନ୍ତ କରି ପୀଡ଼ିତଙ୍କୁ ନ୍ୟାୟ ଦେବା ଦରକାର ବୋଲି ମତବ୍ୟକ୍ତ କରିଥିଲେ। ସେହିପରି ସକାରାତ୍ମକ ଭାବେ କାର୍ଯ୍ୟ କରି ମାନବ ଅଧିକାର ରକ୍ଷା କରି ସମାଜର ମଙ୍ଗଳ କରିବାକୁ ଜେନା ସଦସ୍ୟମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ବୈଠକର ପ୍ରଥମ ଦିନରେ ରାଜ୍ୟର ବିଭିନ୍ନ ଜିଲାର ହ୍ୟୁମାନ ରାଇଟ ଫ୍ରଣ୍ଟର କମିଟି ଗତ ବର୍ଷର ସଫଳ କାର୍ଯ୍ୟ ବିଷୟରେ ପ୍ରକାଶ କରିଥିଲେ। ଏହାବ୍ୟତୀତ ଜିଲାସ୍ତରରେ ମାନବ ଅଧିକାର ପାଇଁ ବିଭିନ୍ନ କ୍ଷେତ୍ରରେ କିପରି ଲଢ଼ିବାକୁ ପଡୁଛି ଏହି ବିଷୟରେ ଆଲୋଚନା କରାଯାଇଥିଲା। ଜିଲା ସ୍ତରରେ ଲୋକଙ୍କ ସମସ୍ୟା ଓ ଏହାର ନିରାକରଣ ପାଇଁ ସଦସ୍ୟମାନେ କିପରି ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଅଭିଯୋଗ କରିବା ଏବଂ ଦରକାର ପଡ଼ିଲେ ଆଇନର ଆଶ୍ରୟ ନେଇ ସମସ୍ୟାର ସମାଧାନ କରିବା ବିଷୟରେ ଆଲୋଚନା କରିଥିଲେ। ଏହାଛଡା ସଦସ୍ୟମାନଙ୍କୁ ଟ୍ରେନିଂ କାର୍ଯ୍ୟକ୍ରମ କରାଯାଇଥିଲା। ତେବେ ବୈଠକରେ ରାଜ୍ୟ କୋଡିନେଟର ରାଜୀବ ପଟ୍ଟନାୟକ ଓ ମନୀଷା ଦାସ ପଟ୍ଟନାୟକ ଯୋଗଦେଇ ସଦସ୍ୟମାନଙ୍କୁ ମାନବ ଅଧିକାର କିପରି କ୍ଷୁର୍ଣ୍ଣ ହେଉଛି, ଏହାର ନିରାକରଣ ପାଇଁ କିପରି ଓ କେଉଁ ଅଧିକାରୀଙ୍କୁ ଅଭିଯୋଗ କରାଯିବ, ସେ ବିଷୟରେ ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ଦୁଗ୍ଧ ଶୀତଳଭଣ୍ଡାର ନିର୍ମାଣ ପାଇଁ ଚାଷୀଙ୍କ ଦାବି

କଣାସ, ୨୬।୮ (ବିଭୂତି ଭୂଷଣ ତ୍ରିପାଠୀ)

ପୁରୀ ଜିଲାର ଚିଲିକା ଉପକୂଳରେ ଅବସ୍ଥାପିତ କଣାସ ବ୍ଲକରେ ଦୁଗ୍ଧ ଶୀତଳଭଣ୍ଡାର ନ ଥିବାରୁ ଦୁଗ୍ଧଚାଷୀ ଗୋ ଚାଷ ପ୍ରତି ମୁହଁ ଫେରାଉଥିବା ଜଣାପଡ଼ିଛି। ଖବର ନେବାରେ ଜଣାପଡ଼ିଛି, ପୁରୀ ଜିଲାର ୧୧ ବ୍ଲକ ମଧ୍ୟରୁ ୧୦ଟି ବ୍ଲକରେ ଦୁଗ୍ଧ ଶୀତଳଭଣ୍ଡାର ନିର୍ମାଣ ହୋଇଛି। ହେଲେ ଏକମାତ୍ର କଣାସରେ ଦୁଗ୍ଧ ଶୀତଳଭଣ୍ଡାର ନ ଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଫଳରେ କୌଣସି କମ୍ପାନୀ କ୍ଷୀର ନେଉ ନ ଥିବାରୁ ଚାଷୀ ଶାଗମାଛ ଦରରେ କ୍ଷୀର ବିକ୍ରି କରି ବହୁ କ୍ଷତି ସହୁଛନ୍ତି, ଯାହାଦ୍ୱାରା ଚାଷୀ ଗୋପାଳନ ଉପରୁ ଆସ୍ଥା ତୁଟାଇ ଦେଉଛନ୍ତି। ପୂର୍ବରୁ କଣାସ ବ୍ଲକର ବିନ୍ଧଣ, ଜାଗୁଲେଇପଦର, ସାନଓରା, ବଡ଼ଓରା, ପାଇକମରା, ମନ୍ଦାରବସ୍ତ, କଣାସ, ବ୍ରହ୍ମପଡ଼ା, ବନ୍ଧମୁଣ୍ଡା, ଆଳିବାଡ଼, କରମଳା, ଅଇନିପୁର ଗ୍ରାମର କେତେକ ଚାଷୀ ମେଳିହୋଇ ୧୩ଟି ଦୁଗ୍ଧ ସମବାୟ ସମିତି ଗଠନ କରିଥିଲେ। ବେକାରି ସମସ୍ୟା ବୃଦ୍ଧିହେତୁ ଯୁବକମାନେ ଗାଈ, ଛେଳି, କୁକୁଡ଼ା ଚାଷ କରିବାକୁ ମନ ବଳାଉଥିବାବେଳେ କୌଣସି ସରକାରୀ ସହାୟତା ମିଳୁ ନ ଥିବାରୁ ବେକାର ଯୁବକଙ୍କ ମନୋବଳ ଭାଙ୍ଗିପଡୁଛି। ବ୍ୟାଙ୍କ ବେକାର ଯୁବକଙ୍କୁ ଋଣ ଦେବାକୁ ଟାଳଟୁଳ ନୀତି ଗ୍ରହଣ କରୁଥିବାରୁ ଯୁବକଙ୍କ ଚାଷ ପ୍ରତି ମନ ବଳୁନାହିଁ। ତୁରନ୍ତ କଣାସ ବ୍ଲକରେ ଏକ ଦୁଗ୍ଧ ଶୀତଳଭଣ୍ଡାର ନିର୍ମାଣ କରିବାକୁ ଚାଷୀ ଦାବି କରିଛନ୍ତି।

### ସାଧୁସନ୍ଥ ସମ୍ମିଳନୀ, ଗୁରୁପୂଜନ

ପୁରୀ, ୨୬।୮ (ଅଜିତ ମହାନ୍ତି)

ଜଗତ୍‌ସିଂହପୁର ମାଟିର ସାମାଜିକ କର୍ମୀ, ସୁସଂଗଠକ ପୂର୍ଣ୍ଣଚନ୍ଦ୍ର ପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ସେନାପତି ବଗିଚାସ୍ଥିତ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀ ଆଶ୍ରମ ପରିସରରେ ସାଧୁସନ୍ଥ ସମ୍ମିଳନୀ ଓ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥ ମହିମା ରାଷ୍ଟ୍ରୀୟ ପ୍ରଚାରକ ବାବା ସତ୍ୟାନନ୍ଦ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମହନ୍ତ ରାମକୃଷ୍ଣ ଦାସ, କଟକୀ ମଠ ମହନ୍ତ ଡ.ବିଜୟ ନାରାୟଣ ରାମାନୁଜ ଦାସ, ଦିବଙ୍ଗତ ପାତ୍ରଙ୍କ ସହଧର୍ମିଣୀ ସୌଭାଗିନୀ ରାୟ, ଗୀତିକାର ବିଜୟ ମିଶ୍ର, ଭାଷାବିତ୍ ଡ. କୈଳାସ ଚନ୍ଦ୍ର ଚିକାୟତରାୟ, ସାହିତ୍ୟିକ ଶ୍ୟାମପ୍ରକାଶ ସେନାପତି ପ୍ରମୁଖ ଥିଲେ। ସମ୍ପଦ ପାତ୍ର ଓ ସନ୍ଦୀପ ପାତ୍ର ପରିଚାଳନା କରିଥିଲେ।

### ୩ ଦିନ ଧରି ପାଳନ ହେବ ରାଧାଷ୍ଟମୀ ଉତ୍ସବ

କଣାସ, ୨୬।୮ (ବିଭୂତି ଭୂଷଣ ତ୍ରିପାଠୀ)

ପ୍ରତିବର୍ଷ ପରି ଆସନ୍ତା ସେପ୍ଟେମ୍ବର ୨୧, ୨୨ ଓ ୨୩ ଏହି ୩ ଦିନ ଧରି ରାଧାଷ୍ଟମୀ ଉତ୍ସବ ପାଳନ ହେବ। ଏନେଇ ସାକ୍ଷୀଗୋପାଳର ଗୋପୀନାଥ ମନ୍ଦିରଠାରେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ସୁକାନ୍ତ କିଶୋର ସାମନ୍ତରାୟ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକ ପ୍ରାରମ୍ଭରୁ ପୂର୍ବବର୍ଷର ଆୟବ୍ୟୟ ବିବରଣୀ ପାଠ କରାଯିବା ସହିତ ପୂର୍ବ ବୈଠକର ବିବରଣୀ ପଠନ କରାଯାଇ ଦୃଢ଼ୀକରଣ କରାଯାଇଥିଲା। ଚଳିତ ବର୍ଷ ୩ ଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବା ସହିତ ରାଜ୍ୟ ଓ ରାଜ୍ୟ ବାହାରୁ ଆସୁଥିବା କଳାକାରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ଯଜ୍ଞ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସୁପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିଲା। ବୈଠକରେ ପ୍ରଫୁଲ୍ଲ ବିଶ୍ୱନାଥ ମହାପାତ୍ର, ଚିତେନ ମହାପାତ୍ର, ଲୋକନାଥ ବାରିକ, ବିଜୟ ମହାପାତ୍ର, ବିକ୍ରମ ପଣ୍ଡା, ସୁଶାନ୍ତ ରଥ, ବିଜୟ ପରିଡ଼ା, ଖବରଦାତା ଶ୍ରୀକାନ୍ତ ପଟ୍ଟଯୋଶୀ, ବିଭୂତି ଭୂଷଣ ତ୍ରିପାଠୀ ପ୍ରମୁଖ ବୈଠକରେ ଯୋଗଦେଇଥିଲେ।




ପୁରୀଠାରେ ଅନୁଷ୍ଠିତ ଜାତୀୟସ୍ତରୀୟ ଡାର୍ଟ ଚାମ୍ପିୟନଶିପ ଅବସରରେ ଉପସ୍ଥିତ ଅତିଥିଙ୍କ ଗହଣରେ ପୁରସ୍କୃତ ପ୍ରତିଯୋଗୀ ।

# ଜେଲ ଅନ୍ତେବାସୀଙ୍କୁ ଚେସ୍ ପ୍ରଶିକ୍ଷଣ

ପୁରୀ, ୨୬।୮ (ଅଜିତ୍ ମହାନ୍ତି)

ଜେଲରେ ଥିବା ଅନ୍ତେବାସୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ସହ ସେମାନଙ୍କୁ ମାନସିକ ବିକାଶ କରିବା ଦିଗରେ ଆଇଓସିଏଲ୍ ପକ୍ଷରୁ ଚେସ୍ ଖେଳର ପ୍ରଶିକ୍ଷଣ ଦିଆଯାଉଛି। କଟକ, ଭୁବନେଶ୍ୱର ଭଳି ପୁରୀ-କୋଣାର୍କ ମେରାଇନ୍ ରାସ୍ତାରେ ଥିବା ପୁରୀ ଜିଲା କାରାଗାରରେ ମଧ୍ୟ ଆଇଓସିଏଲ୍ ତରଫରୁ ନିର୍ଦ୍ଦିଷ୍ଟ କୋଚ୍‌ଙ୍କ ଦ୍ୱାରା ଅନ୍ତେବାସୀମାନଙ୍କୁ ଚେସ୍ ଖେଳର ପ୍ରଶିକ୍ଷଣ ଦିଆଯାଉଛି। ପ୍ରଶିକ୍ଷଣ ପରେ ପୁରୀ, ଚୌଦ୍ୱାର, ଝାରପଡ଼ା ଓ ବ୍ରହ୍ମପୁର ଅନ୍ତେବାସୀମାନଙ୍କ ମଧ୍ୟରେ ଅନଲାଇନରେ ଚେସ୍ ଖେଳାଯିବା ସହ ସେମାନଙ୍କ ମଧ୍ୟରୁ ୪ଜଣ ଜାତୀୟ ସ୍ତରୀୟ ଚେସ୍ ପ୍ରତିଯୋଗିତାରେ ଭାଗ ନେବେ। ତେବେ ପୁରୀ ଜିଲା କାରାଗାରରେ ସମୁଦାୟ ୧୮ଜଣ ଅନ୍ତେବାସୀ ଚେସ୍ ଖେଳ ପାଇଁ କୋଚିଂ ନେଉଛନ୍ତି। ଅନ୍ୟପଟେ ଆଇଓସିଏଲ୍‌ର ଏଭଳି ପଦକ୍ଷେପକୁ ପୁରୀ ଜିଲା କାରାଗାରର ଜେଲର ସ୍ୱାଗତ କରିଥିବା ବେଳେ ଜେଲରେ ଥିବା ଅନ୍ତେବାସୀମାନେ ପ୍ରତିଯୋଗିତାରେ ସଫଳତା ପାଇବେ ବୋଲି ଆଶା ରଖିଛନ୍ତି ଉଭୟ କୋଚ୍ ଓ ଜେଲର। ତେବେ ଏ ନେଇ ପୁରୀ କାରାଗାରର ଜେଲର ଅକ୍ଷକ କୁମାର ଜେନା କହିଛନ୍ତି, ଆଇଓସିଏଲ୍‌ର ଏପରି କାର୍ଯ୍ୟକ୍ରମ ବଡ଼ ତଥା ଭଲ ପଦକ୍ଷେପ। ଏପରି କାର୍ଯ୍ୟକୁ ଆମେ ସ୍ୱାଗତ କରୁଛୁ। ଏପରି ପଦକ୍ଷେପ ଦ୍ୱାରା ଅନ୍ତବାସୀମାନେ ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ସହାୟକ ହେବ। ତେବେ ପ୍ରଶିକ୍ଷକମାନେ ଆସି ଅନ୍ତେବାସୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ଏହି ପ୍ରଶିକ୍ଷଣ ଆସନ୍ତା ମାସ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ସେପ୍ଟେମ୍ବର ୧୧ରୁ ପ୍ରତିଯୋଗିତା ଆରମ୍ଭ ହେବ। ପ୍ରତିଯୋଗିତା ଅନ୍‌ଲାଇନ ମାଧ୍ୟମରେ ଖେଳାଯିବ। ତେବେ ପ୍ରତିଯୋଗିତାକୁ ନେଇ ଅନ୍ତେବାସୀମାନେ ବେଶ୍ ଖୁସି ଓ ଉତ୍ସାହିତ ରହିଛନ୍ତି। ପ୍ରଥମେ ଜେଲ ତରଫରୁ ରାଜ୍ୟ ସ୍ତରରେ ଖେଳିବେ। ଉକ୍ତ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଅନ୍ତେବାସୀମାନେ ଜାତୀୟସ୍ତରରେ ଖେଳିବେ।

# ସାକ୍ଷୀଗୋପାଳଙ୍କ ଝୁଲଣ ଯାତ ଆରମ୍ଭ



ଝୁଲଣ ଯାତରେ ଯୁବତୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

ସାକ୍ଷୀଗୋପାଳ, ୨୬।୮
(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)

ପରମ୍ପରାକ୍ରମେ ସାକ୍ଷୀଗୋପାଳ ମନ୍ଦିର ଝୁଲଣ ମଣ୍ଡପରେ ଶ୍ରୀସାକ୍ଷୀଗୋପାଳ ଠାକୁରଙ୍କ ଝୁଲଣଯାତ୍ରା ଶନିବାର ଶ୍ରାବଣ ମାସ ଶୁକ୍ଳ ଦଶମୀ ତିଥିରେ ଶନିବାର ଆରମ୍ଭ ହୋଇଛି। ସନ୍ଧ୍ୟାରେ ରେଙ୍ଗ ବେରଙ୍ଗ ଜରି ଓ କାଗଜରେ ପ୍ରସ୍ତୁତ ବିଭିନ୍ନ କିସମର କାଗଜ ଫୁଲ, ଲତା, ସଖୀ, କୃଷ୍ଣ, ବଳରାମ, ରୋହିଣୀ, ଜସୋଦା, ଭୀମ, ଦୁଶାଃସନ, ପକ୍ଷୀ ପଶୁଙ୍କର ପ୍ରତିକୃତି ଝୁଲଣ କୁଞ୍ଜରେ ସ୍ଥାନିତ କରାଯାଇଛି। ଝୁଲଣ ମଣ୍ଡପରେ ଆକର୍ଷଣୀୟ ଆଲୋକ ସଜ୍ଜା ସାଙ୍ଗକୁ ଗୋଟିପୁଅ ନୃତ୍ୟ ପରିବେଷଣ ସେଠାରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରୁଛି। ଠାକୁରଙ୍କ ସନ୍ଧ୍ୟାଧୂପ ବେଶ ଶେଷ ହେବା ପରେ ବିଜେ ପ୍ରତିମା ମଦନମୋହନଙ୍କୁ ସିଂହାରୀ ସେବାୟତ ଅଶୋକ ଖୁଣ୍ଟିଆ ଝୁଲଣ କୁଞ୍ଜକୁ ବିଜେ କରିଥିଲେ। ପୂଜାପଣ୍ଡା ସେବକ ବିଜୟ ମହାପାତ୍ର ଝୁଲଣ କୁଞ୍ଜରେ ମଦନମୋହନଙ୍କୁ ଭୋଗ, ଆଳତି ଓ ଉପଚାର କରିଥିଲେ। ବଡ଼ସିଂହାର ଧୂପ ସରିବା ପରେ ବିଜେ ପ୍ରତିମା ଝୁଲଣକୁଞ୍ଜରୁ ଫେରିଥିଲେ। ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ସପ୍ତାହେ ବ୍ୟାପି ଝୁଲଣ ଯାତ୍ରା ପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିବ ବୋଲି ଜଣାପଡିଛି।

# କେନାଲ ଜମି ଜବରଦଖଲ ଅଭିଯୋଗ

ସାକ୍ଷୀଗୋପାଳ, ୨୬।୮
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ଅଞ୍ଚଳରେ ଥିବା ସରକାରୀ ଜମିଗୁଡ଼ିକୁ ଧୀରେ ଧୀରେ ଅସାମାଜିକ ବ୍ୟକ୍ତିମାନେ ଜବରଦଖଲ କରିନେବାରେ ଲାଗିଛନ୍ତି। ସେଥିରେ ବେଆଇନ ପ୍ରାଚୀର ନିର୍ମାଣ ସହିତ ବାସଗୃହ ନିର୍ମାଣ କରିବା ଭଳି ଗୁରୁତର ଅଭିଯୋଗ ହେଉଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଅସାଧୁ ବ୍ୟକ୍ତିମାନେ ମନଇଚ୍ଛା କାର୍ଯ୍ୟ କରିଚାଲିଛନ୍ତି। ସୂଚନା ଅନୁଯାୟୀ,

ସତ୍ୟବାଦୀ ଜଳସେଚନ ବିଭାଗ ଅଧୀନରେ ଥିବା କାଦୁଆ ପଞ୍ଚାୟତର ଚଉଦବାଟିଆଠାରୁ କାଦୁଆ ମୌଜା ମଧ୍ୟରେ ଥିବା ସାତସଙ୍ଗ ମାଇନର କେନାଲର ସରକାରୀ ଜମିକୁ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଜବରଦଖଲ କରିବା ସହ ଉକ୍ତ ଜମିକୁ ପୋତି ସେଠାରେ ବଗାୟତ କରିଛନ୍ତି ବୋଲି ସ୍ଥାନୀୟବାସୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏପରିକି ଉକ୍ତ ବ୍ୟକ୍ତି ଜଣକ କେନାଲ ପାର୍ଶ୍ୱରେ ଥିବା ପାଣିନାଳକୁ ସମ୍ପୂର୍ଣ୍ଣ ପୋତି ଦେଇଛନ୍ତି। ଫଳରେ ସେହି ସ୍ଥାନ ଦେଇ ଚଉଦବାଟିଆ ମୌଜାରେ ଥିବା ଚାଷ ଜମିକୁ କେନାଲ ପାଣି ମାଡ଼ି ପାରୁ ନ ଥିବାବେଳେ ବର୍ଷାଦିନେ ଉଦ୍‌ବୃତ୍ତ ବର୍ଷାଜଳ ସେହି ସ୍ଥାନ ଦେଇ ନିଷ୍କାସନ ମଧ୍ୟ ହୋଇପାରୁ ନାହିଁ। ଫଳରେ ସେ ଅଞ୍ଚଳରେ ଖରିଫ ସମୟରେ ଅଧିକ ଜଳ ଜମି ରହିବା ଯୋଗୁ ଚାଷଜମିର କାର୍ଯ୍ୟ ପ୍ରଭାବିତ ହେବା ସହ ଉକ୍ତ ମୌଜାରେ ଥିବା ଜନଜାତି ସମ୍ପ୍ରଦାୟର ୮ଟି ପରିବାର ଲୋକଙ୍କ ଘରେ ପାଣି ପଶିବାରୁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଗତ ୨୧।୯।୨୦୨୧ରେ ଚଉଦବାଟିଆ ଗ୍ରାମର ବିଜୁ ପାତ୍ର, ସୁବାସ ଚନ୍ଦ୍ର ପାତ୍ର, ଗୋଲକ ପାତ୍ର, ଉପେନ୍ଦ୍ର ଚୌଧୁରୀ, ଦାମୋଦର ଭୋଇ ପ୍ରମୁଖ ବିଭାଗୀୟ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ କିଛି ସୁଫଳ ନ ମିଳିବାରୁ ବୁଧବାର ଉକ୍ତ ସମସ୍ୟା ନେଇ ମାନବିକ ଅଧିକାର କର୍ମୀ ପ୍ରଫୁଲ୍ଲ ପାତ୍ର ପୁଣି ସାକ୍ଷୀଗୋପାଳ ଜଳସେଚନ ବିଭାଗର ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।



ଜଳ ନିଷ୍କାସନ ନ ହୋଇ ଚାଷଜମି ଜଳମଗ୍ନ।

ଏ ନେଇ ବିଭାଗୀୟ ଅଧିକାରୀ ତନୁଜ କୁମାର ରାଉତ କହିଛନ୍ତି, ଏହି ଅଭିଯୋଗ ସମ୍ପର୍କରେ କନିଷ୍ଠଯନ୍ତ୍ରୀ ସୁଶାନ୍ତ କୁମାର ଦୋରାଙ୍କୁ ଅନୁଧ୍ୟାନ କରିବା ସହିତ ଯଥାଶୀଘ୍ର ଠିକ୍ ତଥ୍ୟ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ପାଣି ନିଷ୍କାସନ ହୋଇ ନ ପାରି ଚାଷଜମି ନଷ୍ଟ

ତଥ୍ୟ ସଂଗ୍ରହ କରି ରିପୋର୍ଟ ଦେବା ପରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସତ୍ୟବାଦୀ ଥାନା ଓ ତହସିଲଦାରଙ୍କ ନିକଟକୁ ପଠାଇବୁ। ଏହାପରେ ସେମାନେ ଯାହା କାର୍ଯ୍ୟାନୁଷ୍ଠାନ ନେବେ। ଏହିଭଳି ସତ୍ୟବାଦୀ ଅଞ୍ଚଳର କରଡି ମାଇନର କେନାଲର ବାମପାର୍ଶ୍ୱରେ କେନାଲ ଜମି ଉପରେ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର ପଟ୍ଟନାୟକିୟା ସାହିର ଜଣେ ବ୍ୟକ୍ତି ଗୃହ ନିର୍ମାଣ କରିଥିଲେ। ଏ ନେଇ ଜଳସେଚନ ବିଭାଗ ପକ୍ଷରୁ ଏକ ନୋଟିସ (ନମ୍ବର୧୬/୮ ) ୨।୮।୨୨ ତାରିଖରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦିଆଯାଇଥିଲା। ସେ ଉକ୍ତ ନିର୍ମାଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ ଭାଙ୍ଗିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ଏଯାଏ ହୋଇ ନାହିଁ। ଏହି ସବୁ ଦିଗ ପ୍ରତି ସ୍ଥାନୀୟ ଜଳସେଚନ ବିଭାଗ ଯଦି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନ ନିଏ, ତେବେ ଆଗାମୀ ଦିନରେ ଏହି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଅଭିଯୋଗକାରୀ ପ୍ରଫୁଲ୍ଲ ପାତ୍ର ପ୍ରକାଶ କରିଛନ୍ତି।





**ପୁରୀରେ ଝୁଲଣ ଯାତ ଆରମ୍ଭ:** ଜଗନ୍ନାଥ ବଲ୍ଲଭ ମଠରେ ରାଧାକୃଷ୍ଣ ଝୁଲଣରେ ବିରାଜମାନ । ଉତ୍ତରପାର୍ଶ୍ୱ ମଠ । ରାଧାବଲ୍ଲଭ ମଠ ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୮ | Press Regd. No. R.N. 21326/74 Postal Regd. No. BN/42/21-23. | ଭୁବନେଶ୍ୱର, ରବିବାର, ୨୭ ଅଗଷ୍ଟ, ୨୦୨୩ | Bhubaneswar, Sunday, August 27, 2023

# ଭାରତୀୟ ମହିଳା ଦୃଷ୍ଟିବାଧିତ ଦଳକୁ ସ୍ୱର୍ଣ୍ଣ

**ବର୍ମିଂହାମ୍, ୨୬।୮ (ପି.ଟି.)**

ଭାରତୀୟ ଦୃଷ୍ଟି ବାଧିତ ମହିଳା କ୍ରିକେଟ ଦଳ ଆଇବିଏସ୍ଏ ୱାର୍ଲ୍ଡ ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ରଚିଛି। ଶନିବାର ଅନୁଷ୍ଠିତ ଫାଇନାଲରେ ଦଳ ଅଷ୍ଟ୍ରେଲିଆକୁ ୯ ଉଇକେଟରେ ପରାସ୍ତ କରିଛି। ଭାରତ ପ୍ରଥମେ ଅଷ୍ଟ୍ରେଲିଆକୁ ନିର୍ଦ୍ଧାରିତ

## ଆଇବିଏସ୍ଏ ୱାର୍ଲ୍ଡ ଗେମ୍ସ

୨୦ ଓଭରରେ ୧୧୪/୮ରେ ସୀମିତ କରିଦେଇଥିଲା। ମାତ୍ର ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହେବାପରେ ଭାରତ ୪୨ ରନର ବିଜୟ ଲକ୍ଷ୍ୟକୁ ୩.୩ ଓଭରରେ ୧ଉଇକେଟ ବିନିମୟରେ ହାସଲ କରିନେଇଥିଲା। ଚଳିତ ବର୍ଷର ଇଣ୍ଟରନ୍ୟାଶନାଲ ବ୍ଲାଇଣ୍ଡ ସ୍ପୋର୍ଟ୍ସ ଫେଡେରେଶନ ୱାର୍ଲ୍ଡ ଗେମ୍ସ (ଆଇବିଏସ୍ଏ)ରେ ପ୍ରଥମ ଥର ଦୃଷ୍ଟିବାଧିତ କ୍ରିକେଟକୁ ସାମିଲ କରାଯାଇଛି। ୱାର୍ଲ୍ଡ ଗେମ୍ସର ଏହା ଥିଲା ପ୍ରଥମ ଫାଇନାଲ।


ଆଇବିଏସ୍ଏ ୱାର୍ଲ୍ଡ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ମହିଳା ଦୃଷ୍ଟିବାଧିତ ଦଳ।

ଟୁର୍ନାମେଣ୍ଟରେ ଭାରତୀୟ ଦଳ ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରି ଖେଳି ଆସିଛି। ଅଗଷ୍ଟ ୨୦ରେ ପ୍ରଥମ ମ୍ୟାଚରେ ଅଷ୍ଟ୍ରେଲିଆକୁ ୫୯/୬ରେ ସୀମିତ କରିଦେବା ପରେ ବିଜୟ ଲକ୍ଷ୍ୟକୁ ମାତ୍ର ୨ ଉଇକେଟ ବିନିମୟରେ ହାସଲ କରିନେଇଥିଲା। ପରେ ଇଂଲଣ୍ଡ ବିପକ୍ଷ ମୁକାବିଲାରେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୨ ଉକେଟ ବିନିମୟରେ ବିଶାଳ ୨୬୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଗଙ୍ଗୱା ଏଚ୍ ଆକର୍ଷଣୀୟ ବ୍ୟାଟିଂ କରି ୬୦ ବଲ୍‌ରୁ ୧୧୭ ରନ କରିଥିଲେ। ଇଂଲଣ୍ଡ ଏହି ମ୍ୟାଚ ୧୮୫ ରନରେ ହାରିଯାଇଥିଲା। ଭାରତ ଏହାର ପ୍ରଭାବୀ ପ୍ରଦର୍ଶନ ଜାରି ରଖି ଗତ ବୁଧବାର ଅଷ୍ଟ୍ରେଲିଆକୁ ୧୬୩ ରନରେ ପରାସ୍ତ କରିଥିଲା।

# ଆହାନ ମିଶ୍ରଙ୍କୁ ଡବଲ ଟାଇଟଲ

**ଭୁବନେଶ୍ୱର, ୨୬।୮ (ସରୋଜ ଜେନା)**

ରାଜ୍ୟର ପ୍ରତିଭାବାନ ଟେନିସ୍ ଖେଳାଳି ଆହାନ ମିଶ୍ର ମେଣ୍ଢାଶାଳରେ ଅନୁଷ୍ଠିତ ୧୬ ବର୍ଷରୁ କମ୍ ଟ୍ୟାଲେଣ୍ଟ ସିରିଜ୍‌ରେ ଡବଲ୍ ଟାଇଟଲ୍ ବିଜୟୀ ହୋଇଛନ୍ତି। ଉଭୟ ବାଳକ ସିଙ୍ଗଲ୍ସ ଓ ଡବଲ୍ସରେ ଆହାନ ଟାଇଟଲ ହାସଲ କରିଛନ୍ତି। ବାଳକ ସିଙ୍ଗଲ୍ସ ଫାଇନାଲରେ ସେ ୬-୧ ଓ ୬-୦ରେ ଅଂଶୁମାନ ଆଚାର୍ଯ୍ୟଙ୍କୁ ପରାସ୍ତ କରିଛନ୍ତି। ସେହିପରି ବାଳକ ଡବଲ୍ସରେ ସେ ସ୍ୱୟମ୍ ସାହୁଙ୍କ ସହ ମିଶି ଟାଇଟଲ ହାସଲ କରିଥିଲେ। ଆହାନ-ସ୍ୱୟମ ଯୋଡି ଫାଇନାଲରେ ସୁତବ୍ୟ କୁମାର ଓ ଜଗତ ପତିଙ୍କୁ ୬-୩ ଓ ୬-୦ ସେଟ୍‌ରେ ପରାସ୍ତ କରିଥିଲେ। ଓଡ଼ିଶା ଟେନିସ ଏକାଡେମୀରେ ପ୍ରଶିକ୍ଷିତ ଆହାନଙ୍କ ଖେଳ ଦିନକୁ ଦିନ ଉନ୍ନତ ହେବାରେ ଲାଗିଛି। ଆଗାମୀ ଦିନରେ ସେ ଆହୁରି ଉନ୍ନତି କରିବେ ବୋଲି କୋଚ୍ ସନ୍ତୋଷ କୁମାର ମଲିକ୍ ସୂଚନା ଦେଇଛନ୍ତି। କେନ୍ଦ୍ରୀୟ ଜିଏସ୍‌ଟି ଡେପୁଟି କମିଶନର ବିଜୟ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚାମ୍ପିୟନ ଓ ରନର ଅପ୍ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ରେଫରି ଭାବରେ ସିଦ୍ଧାର୍ଥ ଦାସ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।


ଆହାନ ମିଶ୍ର

**ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍**

## ଫାଇନାଲରେ ଭାରତୀୟ ପୁରୁଷ ରିଲେ ଦଳ

**ବୁଦାପେଷ୍ଟ, ୨୬।୮ (ପି.ଟି.)**

ହଙ୍ଗେରୀର ବୁଦାପେଷ୍ଟରେ ଅନୁଷ୍ଠିତ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛି ଭାରତୀୟ ପୁରୁଷ ରିଲେ ଦଳ। ଏସିଆନ୍ ରେକର୍ଡ ଭାଙ୍ଗିବା ସହିତ ଭାରତୀୟ ୪ଗୁଣା୪୦୦ମି. ରିଲେ ଦଳ ଫାଇନାଲରେ ପ୍ରବେଶ କରିଛି। ମହମ୍ମଦ ଅନସ ୟାହିୟା, ଆମୋଜ ଜାକବ୍, ମହମ୍ମଦ ଆଜମଲ ଭରିୟାଥୋଡି ଓ ରାଜେଶ ରମେଶଙ୍କ ଯୋଡି ୨ ମିନିଟ ୫୯ ସେକେଣ୍ଡ ଓ ୫ ମିନିଟର ସମୟ ନେଇଥିଲେ। ହିଟ-୧ରେ ଭାରତୀୟ ଦଳ ଆମେରିକା ପଛକୁ ରହିଥିଲା। ଆମେରିକା ଖେଳାଳି ୨:୫୮.୪୭ ସେକେଣ୍ଡର ସମୟ ନେଇଥିଲେ। ଭାରତୀୟ ପୁରୁଷ ରିଲେ ଦଳ ବର୍ତ୍ତମାନ ଏସିଆର ଦ୍ରୁତତମ ରହିଥିବା ବେଳେ ଜାତୀୟ ରେକର୍ଡ ମଧ୍ୟ ଭାଙ୍ଗିଛି। ଆମେରିକୀୟ ଖେଳାଳିଙ୍କୁ ଭାରତୀୟ ରିଲେ ଦଳ କଡା ଟକ୍କର ଦେଇଥିବା ବେଳେ ବର୍ତ୍ତମାନ ପଦକ ଫେଭରିଟ୍ ମଧ୍ୟ ହୋଇଛି। ଭାରତ ଓଭରଅଲ ଦ୍ୱିତୀୟ ସ୍ଥାନରେ ରହି ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଗ୍ରେଟ୍‌ବ୍ରିଟେନ୍ ୨:୫୯.୪୨ ସେକେଣ୍ଡର ଟାଇମିଂ ସହିତ ତୃତୀୟ ଓ ଜାମାଇକା ୨:୫୯.୮୨ ସେକେଣ୍ଡର ଟାଇମିଂ ସହ ପଞ୍ଚମ ସ୍ଥାନରେ ରହିଥିଲା।

# ପ୍ରଣୟଙ୍କୁ ବ୍ରୋଞ୍ଜ ପଦକ


ଏଚ୍. ଏସ୍. ପ୍ରଣୟ

**କୋପେନହାଗେନ୍, ୨୬।୮ (ପି.ଟି.)**

ଭାରତର ଏଚ୍. ଏସ୍. ପ୍ରଣୟ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ତାଙ୍କ ସେମିଫାଇନାଲ ମ୍ୟାଚ ହାରିଯାଇଛନ୍ତି। ତେବେ ସେ ପ୍ରଥମ ଥର ଏହି ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଶନିବାର ଏକ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ଥାଇଲାଣ୍ଡର ତଥା ବିଶ୍ୱର ୩ ନମ୍ବର ମାନ୍ୟତାପ୍ରାପ୍ତ କୁନ୍‌ଲାଭଟ୍ ଭିଦିତ ଶରଣ ୧୮-୨୧, ୨୧-୧୩, ୨୧-୧୪ରେ ହରାଇ ଦେଇଛନ୍ତି। ଏହି ବିଜୟ ସହ କୁନ୍‌ଲାଭଟ୍ କ୍ରମାଗତ ଦ୍ୱିତୀୟ ଥର ଏହି ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ପରାଜୟ ସତ୍ତ୍ୱେ ପ୍ରଣୟ ୫ମ ଭାରତୀୟ ପୁରୁଷ ସିଙ୍ଗଲ୍ସ ଖେଳାଳି ହିସାବରେ ବିଶ୍ୱ ଚାମ୍ପିୟନଶିପ୍‌ରେ ଏକ ପଦକ ହାସଲ କରିପାରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ପଦକ ଜିତିଥିବା ଅନ୍ୟ ଭାରତୀୟମାନେ ହେଲେ କିଡାମ୍ବି ଶ୍ରୀକାନ୍ତ (ରୌପ୍ୟ), ଲକ୍ଷ୍ୟ ସେନ୍ (ବ୍ରୋଞ୍ଜ), ବି. ସାଇ ପ୍ରଣିଥ୍ (ବ୍ରୋଞ୍ଜ) ଓ ପ୍ରକାଶ ପାଦୁକୋନ୍ (ବ୍ରୋଞ୍ଜ)। ଦୁଇଥର

**ବିଶ୍ୱ ଚାମ୍ପିୟନଶିପ୍**

ଅଲିମ୍ପିକ ପଦକ ବିଜେତା ପି.ଭି. ସିନ୍ଧୁ ସିଙ୍ଗଲ୍ସରେ ୫ ପଦକ ଜିତିଛନ୍ତି। ତନ୍ମଧ୍ୟରେ ୨୦୧୯ରେ ଏକ ସ୍ୱର୍ଣ୍ଣ ସାମିଲ। ସାଇନା ନେହ୍ୱାଲ (ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ) ଦୁଇ ପଦକ ହାସଲ କରିଥିବା ବେଳେ ମହିଳା ଡବଲ୍ସରେ ଜ୍ୱାଲା ଗୁଟ୍ଟା ଓ ଅଶ୍ୱିନୀ ପୋନାପ୍ପା ୨୦୧୧ରେ ଏକ ବ୍ରୋଞ୍ଜ ଜିତିଥିଲେ। ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ୨୦୨୨ରେ ଏକ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ନିକଟରେ ମାଲେସିଆ ମାଷ୍ଟର୍ସ ଟାଇଟଲ ଜିତିବା ସହ ଚଳିତ ସିଜନରେ ଅଷ୍ଟ୍ରେଲିଆନ ଓପନ ଜିତିଥିବା ୯ମ ସିଡ୍ ପ୍ରଣୟ ଦିନକ ପୂର୍ବେ ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ଭିକ୍ଟର ଏକ୍ସେଲସେନ୍‌ଙ୍କୁ ହରାଇ ଦେଇଥିଲେ। ଶନିବାର ୭୬ ମିନିଟର ମ୍ୟାଚରେ ତାଙ୍କ ପ୍ରଦର୍ଶନରେ ସ୍ଥିରତା ବଜାୟ ରଖିପାରି ନ ଥିଲେ। ଫଳରେ ତାଙ୍କୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଥିଲା।

**ଡବ୍ଲ୍ୟୁଏଫ୍ଆଇ ବାସନ୍ଦ ପ୍ରସଙ୍ଗ**

## ପରସ୍ପରକୁ ଦୋଷାରୋପ କଲେ ବ୍ରିଜ୍‌ଭୂଷଣ, ଭିନେଶ

**ଗୋଣ୍ଡା, ୨୬।୮ (ପି.ଟି.)**

ନିର୍ବାଚନ ବନ୍ଦ ହେବା କାରଣରୁ ଭାରତୀୟ ରେସ୍‌ଲିଂ ମହାସଂଘ (ଡବ୍ଲ୍ୟୁଏଫ୍ଆଇ)କୁ ବାସନ୍ଦ କରିଛି ୟୁନାଇଟେଡ୍ ୱାର୍ଲ୍ଡ ରେସଲିଂ (ୟୁଡବ୍ଲ୍ୟୁଡବ୍ଲ୍ୟୁ)। ଏହି ବାସନ୍ଦ ଘଟଣାକୁ ନେଇ ପରସ୍ପରକୁ ଦୋଷାରୋପ କରିଛନ୍ତି ବିଦାୟୀ ଡବ୍ଲ୍ୟୁଏଫ୍ଆଇ ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂ ଓ ରେସ୍‌ଲର ଭିନେଶ ଫୋଗଟ। ଅଗଷ୍ଟ ୧୨ ତାରିଖରେ ନିର୍ବାଚନ ତାରିଖ ଧାର୍ଯ୍ୟ କରାଯାଇଥିବା ବେଳେ ହରିୟାଣା କୁସ୍ତି ସଂଘ ପକ୍ଷରୁ ଆଗତ ମାମଲାର ବିଚାର କରି ପଞ୍ଜାବ ଓ ହରିୟାଣା ହାଇକୋର୍ଟ ରହିତାଦେଶ ଲାଗୁ କରିଥିଲେ। ଶୁକ୍ରବାର ଭିନେଶ ଟୁଇଟ୍ କରି ବ୍ରିଜ୍‌ଭୂଷଣଙ୍କୁ ମାଫିଆ ବୋଲି ସମ୍ବୋଧନ କରିଥିଲେ। ଜଣେ ମାଫିଆଙ୍କ ପାଇଁ ଭାରତୀୟ ଖେଳାଳି ମାନେ ଜାତୀୟ ପତାକା ଅଧୀନରେ ଖେଳିବାରୁ ବଞ୍ଚିତ ହେବେ ବୋଲି ଭିନେଶ ଲେଖିଥିଲେ। ଶନିବାର ବିଜେପି ଏମ୍‌ପି ବ୍ରିଜ୍‌ଭୂଷଣ ଏକ ଖବରଦାତା ସମ୍ମିଳନୀ କରି ଏହାର ଜବାବ ଦେଇଥିଲେ। ଏହି ଧାରଣାଜୀବୀ ରେସ୍‌ଲର ମାନେ ଡବ୍ଲ୍ୟୁଏଫ୍ଆଇ ବାସନ୍ଦ ପାଇଁ ଦାୟୀ। ଏମାନେ କୁସ୍ତି ଓ କୁସ୍ତିଯୋଦ୍ଧାଙ୍କୁ ଲଜ୍ଜିତ କରିଛନ୍ତି। ଚଳିତ ଥର ହରିୟାଣା କୁସ୍ତି ସଂଘ ପକ୍ଷରୁ ନିର୍ବାଚନ ରୋକିବାକୁ ପ୍ରୟାସ କରାଯାଇଛି। ହରିୟାଣା କୁସ୍ତି ସଂଘରେ କିଏ କାହାକୁ ସମର୍ଥନ କରେ ସମସ୍ତଙ୍କୁ ଜଣା ବୋଲି ବ୍ରିଜ୍‌ଭୂଷଣ କହିଛନ୍ତି।

# ଗ୍ରାଁ. ପ୍ରି. ବ୍ୟାଡ୍‌ମିଣ୍ଟନ ଲିଗ୍ ସିଜନ-୨ ସ୍ଥଗିତ

**ବେଙ୍ଗାଲୁରୁ, ୨୬।୮ (ପି.ଟି.)**

ଗ୍ରାଁ. ପ୍ରି. ବ୍ୟାଡ୍‌ମିଣ୍ଟନ ଲିଗ୍ (ଜିପିବିଏଲ୍)ରୁ ବହୁ ଖେଳାଳି ଓହରିଯିବାରୁ ରବିବାରଠାରୁ ଆରମ୍ଭ ହେବାକୁଥିବା ଏହି ପ୍ରତିଯୋଗିତାକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ସ୍ଥଗିତ ରଖାଯାଇଛି। ଲିଗ୍ କମିଶନର ପ୍ରଶାନ୍ତ ରେଡ୍ଡୀ ଶନିବାର ଏ ବିଷୟରେ ସୂଚନା ଦେଇଛନ୍ତି। ଲିଗ୍‌ର ଆୟୋଜନ ପାଇଁ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବାଇ) ଆବଶ୍ୟକ ଅନୁମତି ପ୍ରଦାନ କରି ନ ଥିଲା। 'ବାଇ'କୁ ବୁଝାଇବା ଲାଗି ଆମର ସମସ୍ତ ପ୍ରୟାସ ବିଫଳ ହୋଇଥିଲା। ଖୁବ୍ ଶୀଘ୍ର ଏହି ସମସ୍ୟାର ସମାଧାନ ହେବ। ଜିପିବିଏଲ୍ ଏକ ବଡ଼ ଆକାରରେ ପ୍ରତ୍ୟାବର୍ତ୍ତନ କରିବ ବୋଲି ରେଡ୍ଡୀ ପ୍ରକାଶ କରିଛନ୍ତି। ଶୁକ୍ରବାର କର୍ନାଟକ ହାଇକୋର୍ଟର ଏକ ଡିଭିଜନ ବେଞ୍ଚ୍ ଜିପିବିଏଲ୍ ଆୟୋଜନ ସପକ୍ଷରେ ରାୟ ଦେଇଥିଲେ। ମାତ୍ର 'ବାଇ' ଶୁକ୍ରବାର ବିଳମ୍ବିତ ରାତିରେ ଅଗଷ୍ଟ ୨୨ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ଆଧାରରେ ଏକ ସର୍କୁଲାର ଜାରି କରିଥିଲା। ଖେଳାଳି, କୋଚିଂ ଓ ଟେକ୍‌ନିକାଲ ଷ୍ଟାଫ୍ କୌଣସି ଅଣସ୍ୱୀକୃତିପ୍ରାପ୍ତ ଟୁର୍ନାମେଣ୍ଟ କିମ୍ବା ଲିଗ୍‌ରେ ଭାଗ ନେଇପାରିବେ ନାହିଁ ବୋଲି ଏଥିରେ ଉଲ୍ଲେଖ କରାଯାଇଥିଲା। କର୍ନାଟକ ହାଇକୋର୍ଟ ପିଟିଶନଟିର ଉଚିତ ବିଚାର କରି ନାହାନ୍ତି। ମାମଲାର ଚୂଡ଼ାନ୍ତ ଶୁଣାଣି ସେପ୍ଟେମ୍ବର ୧୨କୁ ଧାର୍ଯ୍ୟ କରାଯାଇଛି। ସେପ୍ଟେମ୍ବର ୧୨ ରାୟ ଯଦି ଜିପିବିଏଲ୍ ଏବଂ ଏହାର ଆୟୋଜକଙ୍କ ବିପକ୍ଷରେ ଯାଏ ତେବେ ଖେଳାଳି ଓ ଅନ୍ୟ ଷ୍ଟାଫ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ। ଟୁର୍ନାମେଣ୍ଟରେ ମିଥୁନ ମଞ୍ଜୁନାଥ ଓ ବି. ସାଇ ପ୍ରଣିଥଙ୍କ ସମେତ ଦେଶର କେତେଜଣ ଟପ୍ ଖେଳାଳି ଅଂଶଗ୍ରହଣ କରିଥାନ୍ତେ। ଅଗଷ୍ଟ ୫ରେ ହୋଇଥିବା ଖେଳାଳି ନିଲାମିରେ ମିଥୁନଙ୍କୁ ଚେନ୍ନାଇ ସୁପରଷ୍ଟାର୍ଜ ୧୪.୫ ଲକ୍ଷ ଟଙ୍କାରେ କ୍ରୟ କରିଥିବା ବେଳେ ପ୍ରଣିଥଙ୍କୁ ନର୍ଥଇଷ୍ଟ ରାଇନୋଜ୍ ୧୦ଲକ୍ଷ ଟଙ୍କାରେ ନେଇଥିଲା।






# ଅମନ, ଆକାଶଙ୍କୁ ବିଶ୍ୱ ଚାମ୍ପିୟନଶିପ୍ ଯୋଗ୍ୟତା

**ପଟିଆଲା, ୨୬।୮ (ପି.ଟି.)**

ରେସ୍‌ଲିଂ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଟ୍ରାଏଲ୍ସ ପଟିଆଲାରେ ଅନୁଷ୍ଠିତ ହେଉଛି। ପ୍ରଥମ ଦିନରେ ଗ୍ରୀକୋ ରୋମାନ ଫର୍ମାଟରେ ସମୁଦାୟ ୨୦ ଜଣ ଖେଳାଳି ଯୋଗ୍ୟତା ଅର୍ଜନ କରିଥିଲେ। ଦ୍ୱିତୀୟ ଦିନରେ ଅଲିମ୍ପିକ୍ସ ପଦକ ବିଜେତା ଦୀପକ ପୁନିଆ ଓ ବଜରଙ୍ଗ ପୁନିଆ ଟ୍ରାଏଲ୍ସରେ ଯୋଗ ଦେଇ ନ ଥିବା ବେଳେ ଅମନ ଶେରାୱତ ଓ ଆକାଶ ଦହିୟା ବିଶ୍ୱ କୁସ୍ତି ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ୫୭ କିଗ୍ରା ବର୍ଗରେ

## ରେସ୍‌ଲିଂ ଟ୍ରାଏଲ୍ସ

ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଅମନ ଫାଇନାଲରେ ଆକାଶ ତୋଡକରଙ୍କୁ ପରାସ୍ତ କରିଛନ୍ତି। ଅନ୍ୟପକ୍ଷରେ ୬୧ କିଗ୍ରା ଫାଇନାଲରେ ଆକାଶ ନୀରଜ କୁମାରଙ୍କୁ ପରାସ୍ତ କରିଛନ୍ତି। ୬୫ କିଗ୍ରା ଓଜନ ବର୍ଗରୁ ବଜରଙ୍ଗ ପୁନିଆ ଓହରି ଯାଇଥିବା ବେଳେ ଅନୁଜ କୁମାର ଯୋଗ୍ୟତା ଅର୍ଜନ କରିଛନ୍ତି। କେବଳ ବଜରଙ୍ଗ ନୁହନ୍ତି ବରଂ ଯନ୍ତର ମନ୍ତରରେ ଧାରଣାରେ ବସିଥିବା ଜିତେନ୍ଦର କିନ୍‌ହା, ସାକ୍ଷୀ ମଲିକଙ୍କ ସ୍ୱାମୀ ସତ୍ୟବ୍ରତ କାଡିୟାନ୍ ମଧ୍ୟ ଏହି ଟ୍ରାଏଲ୍ସରେ ଭାଗ ନେଉନାହାନ୍ତି।

ଅନ୍ୟପକ୍ଷରେ ଏସିଆନ୍ ଗେମ୍ସ ଟ୍ରାଏଲ୍ସ ବିଜେତା ବିଶାଳ କାଳୀରମଣଙ୍କୁ ଶକ୍ତ ଧକ୍କା ଲାଗିଛି। ଏସିଆନ୍ ଟ୍ରାଏଲ୍ସ ବିଜୟୀ ହୋଇଥିବା ବେଳେ ବଜରଙ୍ଗଙ୍କୁ ଚୟନ କରାଯାଇ ତାଙ୍କୁ ସବ୍‌ଷ୍ଟିଚ୍ୟୁଟ ଭାବରେ ରଖାଯାଇଥିଲା। ବର୍ତ୍ତମାନ ଅନୁଜଙ୍କଠାରୁ ପରାଜିତ ହୋଇ ବିଶାଳଙ୍କ ବିଶ୍ୱ ଚାମ୍ପିୟନଶିପ୍ ଅଂଶଗ୍ରହଣ ଉପରେ ମଧ୍ୟ ଆଶଙ୍କା ଦେଖାଦେଇଛି। ୭୦ କିଗ୍ରା ଓଜନ ବର୍ଗରେ ମୁଲାୟମ ଯାଦବ ବିଶ୍ୱ ଚାମ୍ପିୟନଶିପ୍ ଟିକେଟ ହାସଲ କରିଥିବା ବେଳେ ୭୪ କିଗ୍ରା ଇଭେଣ୍ଟରେ ନବୀନ ଯୋଗ୍ୟତା ହାସଲ କରିଛନ୍ତି। ୭୯ କିଗ୍ରା ଇଭେଣ୍ଟରେ ରୋହିତ ଗୁଲିୟାଙ୍କୁ ପରାସ୍ତ କରି ସଚିନ ମୋରେ ଯୋଗ୍ୟତା ହାସଲ କରିଛନ୍ତି। ୮୬ କିଗ୍ରା ବର୍ଗରେ ଦୀପକଙ୍କ ଅନୁପସ୍ଥିତିରେ ସନ୍ଦୀପ ସିଂ, ୯୨ କିଗ୍ରା ବର୍ଗରେ ପୃଥ୍ୱୀରାଜ ପାଟିଲ ଓ ୯୭ କିଗ୍ରା ବର୍ଗରେ ସାହିଲ ବିଜୟୀ ହୋଇଛନ୍ତି। ୧୨୫ କିଗ୍ରା ଓଜନ ବର୍ଗରେ ସୁମିତ ମଲିକ ବିଜୟୀ ହୋଇଛନ୍ତି। ଆସନ୍ତା ସେପ୍ଟେମ୍ବର ୧୬ ତାରିଖରେ ସର୍ବିୟାର ବେଲଗ୍ରେଡରେ ବିଶ୍ୱ ଚାମ୍ପିୟନଶିପ୍ ଆୟୋଜିତ ହେବ। ଭାରତୀୟ ରେସ୍‌ଲିଂ ମହାସଂଘ ଉପରେ ବ୍ୟାନ ଲାଗିଥିବାରୁ ଭାରତୀୟ ଖେଳାଳିମାନେ ନ୍ୟୁଟ୍ରାଲ ଖେଳାଳି ଭାବେ ଅଂଶଗ୍ରହଣ କରିବେ। ବିଦେଶରେ ପ୍ରଶିକ୍ଷଣ ନେବା ପାଇଁ ଦୁଇ ଅଲିମ୍ପିଆନ୍ ବଜରଙ୍ଗ ପୁନିଆ ଓ ଦୀପକ ପୁନିଆ ଟ୍ରାଏଲ୍ସରୁ ଓହରି ଯାଇଛନ୍ତି। ବଜରଙ୍ଗ ଏସିଆନ ଗେମ୍ସ ପ୍ରସ୍ତୁତି ପାଇଁ ଓହରିଥିବା ବେଳେ ସେ କିର୍ଗିଜସ୍ତାନରେ ଅଭ୍ୟାସ କରିବେ। ଅନ୍ୟପକ୍ଷରେ ଦୀପକ ରୁଷିଆରେ ଅଭ୍ୟାସ କରୁଛନ୍ତି।



୫୭ କିଗ୍ରା ଓଜନ ବର୍ଗରେ ବିଶ୍ୱ ଚାମ୍ପିୟନଶିପ୍ ଯୋଗ୍ୟତା ଅର୍ଜନ କରିଥିବା ଅମନ ଶେରାୱତ(ମଝି)।






4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ